NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
3 FEBRUARY 2026
ମଙ୍ଗଳବାର
୩ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 258 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୫୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


# ଓଡ଼ିଶାରେ ରାଷ୍ଟ୍ରପତି

## ଆଜି ଯାଜପୁର, ବାଲେଶ୍ୱର, ପୁରୀ ଗସ୍ତ

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**



ଓଡ଼ିଶାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ୬ ଦିନିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନମବନ୍ଦରରେ ପହଞ୍ଚିବା ପରେ ରାଷ୍ଟ୍ରପତିଙ୍କୁ ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମେୟର ସୁଲୋଚନା ଦାସଙ୍କ ସହ ଅନେକ ନେତୃବୃନ୍ଦ ଭବ୍ୟ ସ୍ୱାଗତ କରିଥିଲେ। ପରେ ବିମାନବନ୍ଦରରୁ ରାଷ୍ଟ୍ରପତି ସିଧାସଳଖ ଲୋକଭବନରେ ପହଞ୍ଚିଥିଲେ। ଯେଉଁଠାରେ ରାଷ୍ଟ୍ରପତି ରାତ୍ରୀଯାପନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଲୋକସେବା ଭବନ ଆଖପାଖ ଅଞ୍ଚଳକୁ 'ନୋ-ଫ୍ଲାଇ ଜୋନ୍' ଘୋଷଣା କରାଯାଇଥିବା ବେଳେ ସମସ୍ତ ଅଞ୍ଚଳକୁ ହାଇ ଆଲର୍ଟରେ ରଖାଯାଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ମୋଟ ୩୨ ପ୍ଲାଟୁନ୍ ସୁରକ୍ଷା ବଳ ନିଯୁକ୍ତ କରାଯାଇଛି।

ପ୍ରକାଶ ଯେ ଓଡ଼ିଶାର ୫ଟି ଜିଲ୍ଲା ଯାଜପୁର, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର ଓ ମୟୂରଭଞ୍ଜରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଯାଜପୁର ଯିବାର କାର୍ଯ୍ୟକ୍ରମ ରହିଛି। ସକାଳ ୮.୩୦ରେ ଲୋକଭବନରୁ ବାହାରି ହେଲିକପ୍ଟର ଯୋଗେ ୯.୩୦ରେ ଯାଜପୁର ସ୍ଥିତ ନୂଆ ପ୍ରଶାସନିକ ଭବନ ଗ୍ରାଉଣ୍ଡରେ ପହଞ୍ଚିବେ। ୯.୫୦ରେ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରରେ ପହଞ୍ଚିବେ। ୧୦.୦୦ଟାରେ ନାଭିଗୟାରେ ପହଞ୍ଚି ପିଣ୍ଡଦାନ କରିବା ସହ ମା' ବିରଜାଙ୍କ ଦର୍ଶନ କରିବେ। ବିରଜା ମନ୍ଦିରରେ ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ବିତାଇବେ ରାଷ୍ଟ୍ରପତି। ସେଠାରୁ ବାହାରି ୧୨ଟା ୪୦ରେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଯିବେ। ବିଶ୍ୱବିଦ୍ୟାଳୟ ୧୨ତମ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଭେଟିବେ। ପରେ ସନ୍ଧ୍ୟା ୬.୦୦ଟା ସୁଦ୍ଧା ପୁରୀ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବା ସହ ପୁରୀ ଲୋକ ଭବନ ଯାଇ ରାତ୍ରୀଯାପନ କରିବେ। ୪ ତାରିଖରେ ରାଷ୍ଟ୍ରପତି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ ସାରି ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବେ ରାଷ୍ଟ୍ରପତି। ଏହାପରେ ପୁରୀରୁ ସିଧା ଯିବେ ମୟୂରଭଞ୍ଜ ରାଇରଙ୍ଗପୁର। ବିଶାଳ ସାଧାରଣ ସଭାକୁ ସମ୍ବୋଧନ କରି ଜନ୍ମମାଟିରେ ଲୋକଙ୍କୁ ଭେଟିବେ ରାଷ୍ଟ୍ରପତି। ଏକାଧିକ ପ୍ରକଳ୍ପର ଉଦଘାଟନ ଓ ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି। ▶▶ ୫

### ଯାଜପୁରରେ ୪୮ ସ୍କୁଲ୍ ଛୁଟି

**ମଙ୍ଗଳବାର ଯାଜପୁରରେ ୪୮ ସ୍କୁଲ୍ ଛୁଟି। ଯାଜପୁର ପୌରାଞ୍ଚଳର ୪୮ ସରକାରୀ ଓ ବେସରକାରୀ ସ୍କୁଲ୍ ବନ୍ଦ ରହିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସ୍କୁଲ ଛୁଟି ଘୋଷଣା କରିଛନ୍ତି।**

## ରେଳ ଭିତ୍ତିଭୂମି ପାଇଁ ଅଜାଡ଼ି ଦେଲେ କେନ୍ଦ୍ର ସରକାର

# ଓଡ଼ିଶା ପାଇଁ ୧୦,୯୨୮ କୋଟି

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**



- ଓଡ଼ିଶା ପାଇଁ ସର୍ବକାଳୀନ ସର୍ବାଧିକ ଅନୁଦାନ
- ଇଷ୍ଟ-ୱେଷ୍ଟ ଫ୍ରେଡ୍ କରିଡର୍‌ରେ ଯୋଡ଼ି ହେବ ଓଡ଼ିଶା
- ଓଡ଼ିଶା ହାତୀଙ୍କ ସୁରକ୍ଷା ପାଇଁ ଲାଗିବ ଏଆଇ ଥର୍ମାଲ୍ କ୍ୟାମେରା
- ମୋହନ ସରକାର ଆମକୁ ସହଯୋଗ କରୁଛନ୍ତି:ରେଳମନ୍ତ୍ରୀ

କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ରେକର୍ଡ଼ ପରିମାଣର ଅର୍ଥାତ ୧୦ ହଜାର ୯୨୮ କୋଟି ଟଙ୍କା ରହିଛି। ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ଚଳିତ ସାଧାରଣ ବଜେଟ୍-୨୦୨୬ରେ ଏହି ଟଙ୍କା ବରାଦ ହୋଇଛି। ଓଡ଼ିଶା ପାଇଁ ବାର୍ଷିକ ହାରାହାରି ରେଳ ବଜେଟ ଆବଣ୍ଟନ ୨୦୦୯-୧୪ ଅବଧିରେ ଏହା ୮୩୮ କୋଟିରୁ ବୃଦ୍ଧି ପାଇ ୨୦୨୬-୨୭ ମସିହାରେ ୧୦,୯୨୮ କୋଟିକୁ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି, ଯାହା ପ୍ରାୟ ୧୩ ଗୁଣ ଅଧିକ। ସୋମବାର ରେଳ ବଜେଟ୍ ନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହାଦ୍ୱାରା ଓଡ଼ିଶା ନିଶ୍ଚିତ ଭାବେ ଏକ ପ୍ରଗତିଶୀଳ ଏବଂ 'ସମୃଦ୍ଧ ରାଜ୍ୟ'ରେ ପରିଣତ ହୋଇପାରିବ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୯୦ ହଜାର ୬୫୯ କୋଟିର ପ୍ରକଳ୍ପ ଚାଲୁ ରହିଛି। ଇଷ୍ଟ-ୱେଷ୍ଟ ଫ୍ରେଡ୍ କରିଡରରୁ ଓଡ଼ିଶାକୁ ବଡ଼ ଫାଇଦା ମିଳିବ। ଇଷ୍ଟ-ୱେଷ୍ଟ ଫ୍ରେଡ୍ କରିଡର ଓଡ଼ିଶା ଦେଇ ଯିବ। ଏହା ଛତିଶଗଡ଼, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର ଦେଇ ଗୁଜରାଟରେ ପହଞ୍ଚିବ। ଓଡ଼ିଶାର ଶିଳ୍ପ ବିକାଶରେ ଇଷ୍ଟ-ୱେଷ୍ଟ ଫ୍ରେଡ୍ କରିଡର ବଡ଼ ଭୂମିକା ନିଭାଇବ । ଗତ ୧୧ ବର୍ଷରେ ଓଡ଼ିଶାରେ ୨ ହଜାର ୨ ଶହ କିମି ନୂଆ ଟ୍ରାକ୍ ତିଆରି ହୋଇଛି । ଯାହା ସମଗ୍ର ମାଲେସିଆରେ ଥିବା ଟ୍ରେନ୍ ଟ୍ରାକ୍ ଠାରୁ ଅଧିକ ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଓଡ଼ିଶାରେ ୬ଟି ଲେଖାଏଁ ବନ୍ଦେ ଭାରତ, ଅମୃତ ଭାରତ ଏକ୍ସପ୍ରେସ୍ ଚାଲିଛି। ଯାହା ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବା ସହ ସାଧାରଣ ଜନତାଙ୍କ ଯାତ୍ରାକୁ ଅଧିକ ସୁଗମ ଓ ଆରାମଦାୟକ କରିଛି। ଏଥିସହ ଓଡ଼ିଶାରେ ଶତ ପ୍ରତିଶତ ▶▶ ୫

## 'ଓଡ଼ିଶାର ପ୍ରଗତି ପଥକୁ ପ୍ରଶସ୍ତ କରିବ'

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାର ପ୍ରଗତି ଓ ଭିତ୍ତିଭୂମି ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛନ୍ତି। କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶାର ରେଳ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ ପାଇଁ ୧୦,୯୨୮ କୋଟି ଟଙ୍କାର ଐତିହାସିକ ଅନୁଦାନ ପ୍ରଦାନ କରାଯାଇଛି, ଯାହା 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ରେକର୍ଡସଂଖ୍ୟକ ଅନୁଦାନ ରାଜ୍ୟର ପ୍ରଗତି ପଥକୁ ପ୍ରଶସ୍ତ କରିବ ବୋଲି କହିଛନ୍ତି ▶▶ ୫

## 'ସମୃଦ୍ଧ ଓଡ଼ିଶା ଗଠନ ସଂକଳ୍ପ ଆହୁରି ସୁଦୃଢ଼ ହେବ'

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**



ବଜେଟ୍‌ରେ ଓଡ଼ିଶାକୁ ଅଧିକ ଅର୍ଥ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ପ୍ରଧାନମନ୍ତ୍ରୀ, କେନ୍ଦ୍ର ଅର୍ଥ ମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଅଶେଷ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ, ଚଳିତ ବଜେଟ୍‌ରେ ଅନୁମୋଦିତ 'ପୂର୍ବ-ପଶ୍ଚିମ ପରିବହନ କରିଡର' ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ରରେ ଏକ ନୂତନ ଯୁଗର ସୂତ୍ରପାତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ। କେବଳ ଭିତ୍ତିଭୂମି ନୁହେଁ, ବରଂ ପରିବେଶ ଓ ବନ୍ୟପ୍ରାଣୀ ସଂରକ୍ଷଣ ▶▶ ୫

# ନୂଆ ରୂପ ପାଇବ ମିଶନ୍ ଶକ୍ତି

## ମିଳିବ ସ୍ମାର୍ଟଫୋନ୍, ବଦଳିବ ଡ୍ରେସ୍‌କୋଡ୍

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**



ନୂଆ ରୂପ ପାଇବ ମିଶନ ଶକ୍ତି। ବଦଳିବ ଡ୍ରେସ୍ କୋଡ୍। ଉତ୍କଳ ଦିବସରୁ ଲାଗୁ ହେବ ନୂଆ ଡ୍ରେସ୍ କୋଡ୍। ମିଶନ ଶକ୍ତି ମହିଳାଙ୍କୁ ଆଇଡି କାର୍ଡ ସହ ସ୍ମାର୍ଟ ଫୋନ୍ ମିଳିବ। ମିଶନ ଶକ୍ତି ମହିଳାଙ୍କୁ ଦିଆଯିବାକୁ ଥିବା ଶାଢୀରେ ରହିବ ଓଡ଼ିଆ ଅସ୍ମିତାର ଝଲକ। ସୋମବାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି।


### ଏସ୍ଏଚ୍‌ଜିକୁ ୧୯୭. ୬୬ କୋଟି ସୁଧ ଫେରସ୍ତ

ସୋମବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ଠାରେ 'ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ' କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ୍ ଉପରେ କାମ କରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ବ୍ୟାଙ୍କ ଋଣ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ନିଜ ଉଦ୍ୟୋଗକୁ ଆଗେଇ ନେଇପାରୁଛନ୍ତି। ଏହା ସହ ଋଣରେ ▶▶ ୫

## ମୋଦୀଙ୍କ ସହ ଟ୍ରମ୍ପ କଥା ହେବାର କିଛି ସମୟ ମଧ୍ୟରେ...

# ଭାରତ ଉପରୁ ଟାରିଫ୍ ହ୍ରାସ କଲା ଆମେରିକା

**ନୂଆଦିଲ୍ଲୀ, ୱାଶିଂଟନ୍, ୨।୨/ଏଜେନ୍ସି:**



### ଥିଲା ୨୫%, ହେଲା ୧୮%

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ବିଳମ୍ବିତ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିବାର କିଛି ସମୟ ମଧ୍ୟରେ ଭାରତ ପାଇଁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଭାରତ ଉପରେ ଯେଶାକୁ ତେସା ନୀତି ଅନ୍ତର୍ଗତ ଆମେରିକା ଲାଗୁ କରିଥିବା ୨୫% ରେସିପ୍ରୋକାଲ୍ ଶୁଳ୍କକୁ ୭% ହ୍ରାସ କରିଛି। ଟ୍ରମ୍ପ ନିଜେ ନିଜ ସୋସିଆଲ ମିଡିଆ ଟ୍ରୁଥ୍' ଆକାଉଣ୍ଟରେ ଏସମ୍ପର୍କରେ ପୋଷ୍ଟ କରିଛନ୍ତି। ଟ୍ରମ୍ପ କହିଛନ୍ତି, ଭାରତ ସହ ବ୍ୟବସାୟିକ ସମ୍ପର୍କକୁ ସୁଧାରିବାର ସମୟ ଆସିଯାଇଛି। ବିଶେଷକରି ଭାରତ ଏବେ ଯେତେବେଳେ ରୁଷ୍ ଠାରୁ ତୈଳ କିଣିବା ପ୍ରକ୍ରିୟାକୁ ବନ୍ଦ କରିଛି ସେତେବେଳେ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର ହେବା ସମ୍ଭାବନା ବ୍ୟାପକ ହୋଇଛି। ମୋଦୀଙ୍କ ସହ ଆଜିର ଆଲୋଚନା ପରେ ଏକ ସକାରାତ୍ମକ ଅନୁଭୂତି ସହ ଭାରତ ଉପରୁ ରେସିପ୍ରୋକାଲ୍ ଶୁଳ୍କକୁ ୧୮%କୁ ହ୍ରାସ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ସବୁଠୁ ବଡ଼କଥା ହେଉଛି ଟ୍ରମ୍ପ ଏହି ନିଷ୍ପତ୍ତିକୁ ଜରୁରିକାଳୀନ ପରିସ୍ଥିତିରେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଆଗାମୀ ଦିନରେ ଭାରତ ଇରାନ୍ ଓ ରୁଷ୍ ପ୍ରତିବଦଳରେ ଭେନେଜୁଏଲା ଠାରୁ ତୈଳ କ୍ରୟ କରିବ ବୋଲି ମଧ୍ୟ ଟ୍ରମ୍ପ ନିଜ ହ୍ୟାଣ୍ଡେଲ୍‌ରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷେ ଟ୍ରମ୍ପଙ୍କ ଏପ୍ରକାର ଘୋଷଣା ପରେ ଭାରତ ଉପରେ ଏବେ କେବଳ ୧୮% ଆମେରିକୀୟ ରେସିପ୍ରୋକାଲ୍ ଶୁଳ୍କ ହିଁ ବଳବତ୍ତର ରହିବ। ପ୍ରକାଶ, ରେସିପ୍ରୋକାଲ୍ ଶୁଳ୍କର ଅର୍ଥ ଯେଶାକୁ ତେସା ଶୁଳ୍କ। ଭାରତ ଆମେରିକୀୟ ସାମଗ୍ରୀ ଉପରେ ସଂଗ୍ରହ କରୁଥିବା ଶୁଳ୍କକୁ ଦୃଷ୍ଟିରେ ରଖି ଟ୍ରମ୍ପ ୩୧ ଜୁଲାଇ ୨୦୨୫ରେ ଭାରତ ଉପରେ ମଧ୍ୟ ୨୫% ଶୁଳ୍କ ଲାଗୁ କରିବା ନେଇ ଘୋଷଣା କରିଥିଲେ। ଅଗଷ୍ଟ ୧, ୨୦୨୫ରୁ ଏହା ପ୍ରଭାବୀ ଭାବେ କାର୍ଯ୍ୟକାରୀ ହୋଇଥିଲା, ଯାହାକୁ ଏବେ ୧୮% କରିଛନ୍ତି ଟ୍ରମ୍ପ। ଅନ୍ୟପକ୍ଷେ ଆମେରିକା ପୂର୍ବରୁ ରୁଷ୍ ଠାରୁ ତୈଳ କ୍ରୟ କରୁଥିବା ଅଭିଯୋଗ ଆଳରେ ଭାରତ ଉପରେ ୨୫%ର ଅତିରିକ୍ତ ଶୁଳ୍କ ଲାଗୁ କରିଛି। ଏହି ଶୁଳ୍କ ନେଇ ବର୍ତ୍ତମାନ ସୁଦ୍ଧା ଆମେରିକା ପକ୍ଷରୁ କିମ୍ବା ଟ୍ରମ୍ପଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଆସିନାହିଁ। ▶▶ ୫

## ଆଇଏଫ୍ଏସ୍‌ସ୍ତରରେ ଅଦଳବଦଳ

# ସନତ କୁମାର ନନ୍ଦନକାନନ ନିର୍ଦ୍ଦେଶକ

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**

୨୦୧୨ ବ୍ୟାଚ୍ ଆଇଏଫ୍ଏସ୍ ଅଧିକାରୀ ସନତ କୁମାର ଏନ୍‌ଙ୍କୁ ନନ୍ଦନକାନନ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏନେଇ ଆଜି ଜଙ୍ଗଲ, ପରିବେଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ପୂର୍ବରୁ ଉପନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ସନତ କୁମାର ଏନ୍ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ନୂଆ ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ସମ୍ଭାଳିବେ। ସେହିପରି ୨୦୦୧ ବ୍ୟାଚ୍‌ର ଆଇଏଫ୍ଏସ୍ ଅଧିକାରୀ ତଥା ପୂର୍ବତନ ନିର୍ଦ୍ଦେଶକ ମନୋଜ ଭି ନାୟରଙ୍କୁ ଏସ୍‌ପିସିବି ମେମ୍ବର ସେକ୍ରେଟାରୀ ଦାୟିତ୍ୱ ମିଳିଛି। ଏଥିସହ ମନୋଜ ଭି. ନାୟର ମଧ୍ୟ ବନ୍ୟପ୍ରାଣୀ ଅତିରିକ୍ତ ସିସିଏଫ୍ ଦାୟିତ୍ୱ ତୁଲାଇବେ। ସେହିପରି ୨୦୦୧ ବ୍ୟାଚ୍ ଆଇଏଫ୍ଏସ୍ ଅଧିକାରୀ ଜି ରାଜେଶଙ୍କୁ ଓଏଫ୍ଏସ୍‌ଡିସି, ପିଡି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଲଘୁ ଖଣିଜ ଉପରେ ବଢ଼ିଲା ଅତିରିକ୍ତ ଶୁଳ୍କ

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**

ବାଲି ଓ ପଥର ମାଫିଆଙ୍କୁ ରାଜ୍ୟ ସରକାର ଶକ୍ତ ଝଟକା ଦେଇଛନ୍ତି। ଲଘୁ ଖଣିଜ ଉପରେ ସରକାର ଅତିରିକ୍ତ ଶୁଳ୍କ ବୃଦ୍ଧି କରିଛନ୍ତି। ରାଜ୍ୟରେ ବେଆଇନ୍ ଖଣି ଖନନ ଉପରେ ରୋକ ଲଗାଇବା ଏବଂ ରାଜସ୍ୱ ବୃଦ୍ଧି ପାଇଁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ ଅନୁଯାୟୀ, ରାଜ୍ୟ ସରକାର ଅତିରିକ୍ତ ଶୁଳ୍କକୁ ରୟାଲଟିର ଦୁଇ ଗୁଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବେଆଇନ୍ ଖଣି କାରବାର ଓ ତଥ୍ୟ ଲୁଚାଇବା, ବାଲି, ପଥର, ମୋରମ ଓ ଲାଟେରାଇଟ୍ ଭଳି ଲଘୁ ଖଣିଜ କ୍ଷେତ୍ରରେ ହେଉଥିବା ଚୋରା କାରବାର ଏବଂ ରୟାଲଟି ଫାଙ୍କିବା ପ୍ରଥାକୁ ରୋକିବା ପାଇଁ ଏହି କଠୋର ନିୟମ ଅଣାଯାଇଛି । ପୂର୍ବରୁ କୌଣସି ଶକ୍ତ ଆର୍ଥିକ ଜୋରିମାନା ନଥିବାରୁ ଉଲ୍ଲଂଘନକାରୀମାନେ ବାରମ୍ବାର ନିୟମ ଭାଙ୍ଗୁଥିଲେ। ଲଘୁ ଖଣିଜ କ୍ଷେତ୍ରରୁ ହେଉଥିବା ▶▶ ୫

# ନୂଆ ଏନ୍ଏସିରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

## ସୀମା ପୁନଃ ନିର୍ଦ୍ଧାରଣ ଏବଂ ସଂରକ୍ଷଣ ପ୍ରକ୍ରିୟା ପାଇଁ ଚିଠି

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:**

ନୂଆ ଏନ୍ଏସି ଏବଂ ପୌରପାଳିକାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସୀମା ପୁନଃ ନିର୍ଦ୍ଧାରଣ ଏବଂ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବାକୁ ୧୮ ଜିଲ୍ଲାପାଳଙ୍କୁ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ୩୫ଟି ନୂତନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଛନ୍ତି। ୨୮ଟି ନୂତନ ଭାବରେ ଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୭ଟି ନୂତନ ପୌରପାଳିକା ପାଇଁ ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ ପ୍ରକ୍ରିୟାକୁ ତୁରନ୍ତ ଶେଷ କରିବାକୁ ଶ୍ରୀ ଡାକୁଆ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକ୍ରିୟା ଶେଷ ▶▶ ୫

## ରାୟଗଡ଼ାରେ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ୬୦୦ କୋଟିର ୧୦୯ ପ୍ରକଳ୍ପ ଶୁଭାରମ୍ଭ

**ଭୁବନେଶ୍ୱର,ରାୟଗଡ଼ା୨।୨/ଏନ୍ଏନ୍ଏସ୍:**



### ୨୨ ଉଦ୍‌ଘାଟିତ, ୮୭ ଭିତ୍ତିପ୍ରସ୍ତର


### ମା ମଝିଘରିଆଣୀ ମନ୍ଦିରର ଉନ୍ନତିକରଣ ପାଇଁ ୩୭ କୋଟି

### ଶିକ୍ଷାନୁଷ୍ଠାନରେ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ

ସୋମବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାୟଗଡ଼ା ଜିଲ୍ଲାପାଇଁ ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୦୯ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୩୬୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୮୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର କରାଯାଇଛି। ଏସବୁ ପ୍ରକଳ୍ପ ମଧ୍ୟରେ ସଡ଼କ, ସେତୁ, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ, ମହିଳା ସଶକ୍ତିକରଣ ଭଳି ଅନେକ ଭିତ୍ତିଭୂମି ଉନ୍ନୟନ ମୂଳକ ପ୍ରକଳ୍ପ ରହିଛି। ଏଥିସହିତ ୩୭ କୋଟି ଟଙ୍କା ବିନିଯୋଗରେ ମା' ମଝିଘରିଆଣୀ ମନ୍ଦିରର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶିଳାନ୍ୟାସ କରିଛନ୍ତି। ରାୟଗଡ଼ା ଠାରେ ସୁଭଦ୍ରା ଶକ୍ତି ମେଳା-୨୦୨୬ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଆହୁରି ମଧ୍ୟ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିଧାୟକ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଦାବି ଅନୁଯାୟୀ ଜିଲ୍ଲାର ସମସ୍ତ ବ୍ଲକରେ ଖୁବ୍ ଶୀଘ୍ର ଇନ୍‌ଡୋର୍ ଷ୍ଟାଡିୟମ୍ କାମ ଆରମ୍ଭ ହେବ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାର ସୁଦୃଢୀକରଣ ହେବ ଏବଂ ରାୟଗଡ଼ାରେ ▶▶ ୫

# ଦଲାଇ ଲାମାଙ୍କୁ 'ଗ୍ରାମୀ' ପୁରସ୍କାର


**ଲସ୍ ଆଞ୍ଜେଲ୍ସ, ଧର୍ମଶାଳା,୨।୨/ଏଜେନ୍ସି:**



ବୌଦ୍ଧ ଧର୍ମଗୁରୁ ଦଲାଇ ଲାମା ତାଙ୍କର ବିଶ୍ୱସ୍ତରୀୟ ସମ୍ମାନର ଲମ୍ବା ତାଲିକାରେ ଆଉ ଏକ ଅପ୍ରତ୍ୟାଶିତ କୃତୀତ୍ୱକୁ ଯୋଡ଼ିଛନ୍ତି। ୯୦ ବର୍ଷୀୟ ଦଲାଇ ଲାମାଙ୍କୁ ଅନ୍ତର୍ଜାତୀୟସ୍ତରରେ ଅନ୍ୟତମ ସମ୍ମାନ ଭାବେ ବିବେଚନା କରାଯାଉଥିବା 'ଗ୍ରାମୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଦଲାଇ ଲାମା ନିଜ ଅଡିଓ ପୁସ୍ତକ ବା ଆଲବମ୍ 'ମେଡିଟେସନ୍: ଦି ରିଫ୍ଲେକ୍ସନ୍ସ ଅଫ୍ ହିଜ୍ ହୋଲିନେସ୍ ଦି ଦଲାଇ ଲାମା'ର ସରଳ ତଥା ଶୁଦ୍ଧ ନାରେସନ୍ ଏବଂ ଷ୍ଟୋରୀଟେଲିଙ୍ଗ ରେକର୍ଡିଂ ପାଇଁ ଏହି ସମ୍ମାନ ହାସଲ କରିଛନ୍ତି। ୬୮ତମ ବାର୍ଷିକ ଗ୍ରାମୀ ପୁରସ୍କାର ଉତ୍ସବରେ ଦଲାଇ ଲାମାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ରିପୋର୍ଟ ଅନୁସାରେ ଏହି ଆଲବମ୍‌ରେ ଦଲାଇ ଲାମାଙ୍କ ମନନଶୀଳତା, କରୁଣା, ସମନ୍ୱୟ ଏବଂ ଶାରୀରିକ ଏବଂ ମାନସିକ ସୁସ୍ଥତା ଉପରେ ଅନେକ ବର୍ଷ ଧରି ସଂଗୃହୀତ ଚିନ୍ତାଧାରାର ରେକର୍ଡିଂଗୁଡ଼ିକୁ ଏକତ୍ର କରାଯାଇଛି। ପ୍ରତ୍ୟେକ ବର୍ଷ ଆମେରିକା ସ୍ଥିତ ରେକର୍ଡିଂ ଏକାଡେମୀ ପକ୍ଷରୁ ସଂଗୀତ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନକାରୀ ତଥା ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଅର୍ଥାତ୍ ସଂଗୀତ କଳାକାର ଓ ବୈଷୟିକ ବୃତ୍ତିଗତଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଏହା ପ୍ରଦାନ କରାଯାଇଥାଏ। ▶▶ ୫

## ସାହିତ୍ୟ ଓ ସଙ୍ଗୀତର ଯୁଗଳବନ୍ଦୀ

### ପୁସ୍ତକ 'ପୀଡ଼ା' ଓ ସଙ୍ଗୀତ 'ଶୀତୁଆ ସନ୍ଧ୍ୟା' ଲୋକାର୍ପିତ




**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ସାହିତ୍ୟ ଓ ସଙ୍ଗୀତର ଯୁଗଳବନ୍ଦୀ କାର୍ଯ୍ୟକ୍ରମ। ବିଧାୟକ ଡଃ ଅରୁଣ କୁମାର ସାହୁଙ୍କ ରଚିତ ଜୀବନଧର୍ମୀ ପୁସ୍ତକ ପୀଡ଼ା ଓ ସୁଗମ ସଙ୍ଗୀତ ଶୀତୁଆ ସନ୍ଧ୍ୟାର ଲୋକାର୍ପଣ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ଶିକ୍ଷାବିତ୍ ମନୋରଞ୍ଜନ ସାହୁ ଏବଂ ମହାନ ଚଇତି ନୃତ୍ୟ ଗୁରୁ ପଦ୍ମଶ୍ରୀ ଡଃ ଉତ୍ସବ ଚରଣ ଦାସ। ଚିରାଚରିତ ଭିଡ଼ରୁ ବାହାରି କିଛି ଭିନ୍ନ କରିବାର ଝୁଙ୍କ ଅରୁଣଙ୍କୁ ଏକ ନିଆରା ପରିଚୟ ପ୍ରଦାନ କରିଛି। ଦୁଃସ୍ଥ, ଅସହାୟ, ନୋଚାଲାଖିର ଜୀବନକୁ ଭିନ୍ନ ଏକ ଢଙ୍ଗରେ ପରିବେଷଣ କରି ପୀଡ଼ା ପୁସ୍ତକକୁ ଜୀବନଧର୍ମୀ କରିଛନ୍ତି ଡଃ ସାହୁ। ଦ୍ୱେଷ, ଅସୂୟା, ନକାରାତ୍ମକତାରୁ ଊର୍ଦ୍ଧ୍ୱକୁ ଉଠି ଦୃଢ଼ ମାନବବାଦର ଏକ ଦୃଢ଼ ପ୍ରତୀକ ଭାବେ ଉଭା ହୋଇଛି ଏହି ପୁସ୍ତକ। ସେହିପରି ବେହାଲ ବର୍ଷା ସଙ୍ଗୀତର ଅହେତୁକ ସଫଳତା ପରେ ଅରୁଣଙ୍କ କଲମରୁ ଝରି ଆସିଛି ଶୀତୁଆ ସନ୍ଧ୍ୟା, ଯାହାକୁ ସଙ୍ଗୀତରେ ସଜେଇଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଓ ଗାଇଛନ୍ତି ଉଦୀୟମାନ ଯୁବ କଣ୍ଠଶିଳ୍ପୀ ଚିରାଗଦୀପ। ଉପସ୍ଥାପକ ଅଂଶୁମାନ ଜେନା ଏହି ସଫଳ ଉତ୍ସବର ସଞ୍ଚାଳନ କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

## ସନ୍ଥ ଶିରୋମଣି ଗୁରୁ ରବି ଦାସଜୀଙ୍କ ଜୟନ୍ତୀ

**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୪୯ତମ ଜୟନ୍ତୀ ଜୟଦେବ ନିର୍ବାଚନ ମଣ୍ଡଳୀ ପମ୍ପାଲୋ ସେବା ବସ୍ତିଠାରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକ ଯୋଗ ଦେଇ କହିଛନ୍ତି ଯେ, ସନ୍ଥ ରବି ଦାସ ଜୀ କହୁଥିଲେ 'ମନ୍ ଚଙ୍ଗା ତୋ କଠୌତି ମେଁ ଗଙ୍ଗା'। ସୋମବାର ବିଜେପି ନେତୃତ୍ୱାଧୀନ ସନ୍ଥ ରବି ଦାସ ଜୀଙ୍କୁ ଆଦର୍ଶ ଭାବେ ଗ୍ରହଣ କରି 'ସବ୍‌କା ସାଥ୍ ସବ୍‌କା ବିକାଶ ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଗେଇ ନେଇଛି। ୮୦ କୋଟି ଲୋକଙ୍କୁ ମାଗଣା ରାସନ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନଳ ଓ ଜଳ ଯୋଜନା ଏସବୁ ମାଧ୍ୟମରେ ସନ୍ଥ ରବି ଦାସ ଜୀଙ୍କ 'ବେଗମପୁରା' ସ୍ୱପ୍ନକୁ ସାକାର କରାଯାଇଛି । ସପ୍ତାହବ୍ୟାପୀ ସମସ୍ତ ନିର୍ବାଚନ ମଣ୍ଡଳୀରେ ପାଳନ ହେବ ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ଜୟନ୍ତୀ। ଏହି ଅବସରରେ ଅନୁସୂଚୀତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ମଲ୍ଲିକ, ବରିଷ୍ଠ ନେତା ଶିବ ମଲ୍ଲିକ, ପବିତ୍ର ଭୋଇଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ୩ ରେଷ୍ଟୁରାଣ୍ଟ୍‌ରେ ଅବକାରୀ ଚଢ଼ଉ

**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ରାଜଧାନୀର ୩ଟି ଏସି ହୋଟେଲ ଓ ରେଷ୍ଟୁରାଣ୍ଟ୍‌ରେ ଅବକାରୀ ବିଭାଗ ଚଢ଼ଉ କରିଛି। ସେଠାରୁ ମଦ ଜବତ କରିବା ସହ ରେଷ୍ଟୁରାଣ୍ଟ୍ ମାଲିକଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ସୋମବାର ଭୁବନେଶ୍ୱରରେ ଥିବା ହଙ୍ଗର ହ୍ୟାକର, ଯୌକ ରେଷ୍ଟୁରାଣ୍ଟ୍ ଏବଂ ମାଓ୍ୱା ରେଷ୍ଟୁରାଣ୍ଟ୍‌ରେ ଅବକାରୀ ବିଭାଗ ଅଚାନକ ଚଢ଼ଉ କରିଥିଲା। ଚଢ଼ଉ ବେଳେ ହଙ୍ଗର ହ୍ୟାକରରୁ ୭.୫ଲିଟର ବିଦେଶୀ ମଦ ଏବଂ ମାଓ୍ୱା ରେଷ୍ଟୁରାଣ୍ଟ୍‌ରୁ ୧୫ଲିଟର ବିୟର ଜବତ କରାଯାଇଥିଲା। ହଙ୍ଗର ହ୍ୟାକରର ମାଲିକ ଏମଡି ଶୋବନି ଖାନଙ୍କ ସହ ମାଓ୍ୱା ରେଷ୍ଟୁରାଣ୍ଟ୍‌ର ମାଲିକ କିଶୋର ଚନ୍ଦ୍ର ରାଉତଙ୍କୁ ଅବକାରୀ ବିଭାଗ କରିଥିଲା।

## କିନ୍ନର ଅଞ୍ଜଳି ହତ୍ୟାକାଣ୍ଡ ଘଟଣା

# କ୍ୟାପିଟାଲ୍ ହସ୍ପିଟାଲ୍ ଛକ ଅବରୋଧ





**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ପିପିଲି ଥାନା ଅନ୍ତର୍ଗତ ସିଫା (ଉଓରଇ) ନିକଟରେ ଘଟିଥିବା କିନ୍ନର ଅଞ୍ଜଳିଙ୍କ ବିଭତ୍ସ ହତ୍ୟାକାଣ୍ଡକୁ ନେଇ ଆଜି ରାଜଧାନୀରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା, ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଏବଂ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଶତାଧିକ କିନ୍ନର ଆଜି କ୍ୟାପିଟାଲ ହସ୍ପିଟାଲ ଛକରେ ରାସ୍ତାରୋକ କରିଛନ୍ତି। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବା ସହ ସହରର ମୁଖ୍ୟ ମାର୍ଗରେ ଶତାଧିକ ଗାଡ଼ି ଅଟକି ରହିଥିଲା।

ଗତକାଲି ପିପିଲି ଥାନା ସିଫା ନିକଟରୁ କିନ୍ନର ଅଞ୍ଜଳିଙ୍କ ରକ୍ତାକ୍ତ ଶବ ଉଦ୍ଧାର କରାଯାଇଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଏହି ଘଟଣାରେ ସ୍ଥାନୀୟ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ କିନ୍ନର ସଙ୍ଗଠନ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ପୁଲିସ ଉପରେ ଭରସା ନଥିବାରୁ ଘଟଣାର ନିରପେକ୍ଷ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଆନ୍ଦୋଳନକାରୀମାନେ ଜିଦ୍ ଧରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ବଢ଼ିବାରୁ ବରିଷ୍ଠ ପୁଲିସ ଅଧିକାରୀମାନେ ପହଞ୍ଚି କିନ୍ନରମାନଙ୍କୁ ବୁଝାସୁଝା କରିଥିଲେ। ପୁଲିସ ପକ୍ଷରୁ କୁହାଯାଇଛି ଯେ, ଘଟଣାର ତଦନ୍ତ ପାଇଁ ସ୍ୱେଶାଲ ଟିମ୍ ଗଠନ କରାଯାଇଛି ଏବଂ ଅଭିଯୁକ୍ତଙ୍କୁ ଖୁବଶୀଘ୍ର କାବୁ କରାଯିବ। ପରିସ୍ଥିତିକୁ ନଜରରେ ରଖି କ୍ୟାପିଟାଲ ହସ୍ପିଟାଲ ପରିସର ଓ ଆଖପାଖ ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। କିନ୍ନରମାନେ ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେଇଛନ୍ତି।

## ନାଇଜେରିଆରେ ଓଡ଼ିଆ ସମାଜ ସଂଗଠନର ବାର୍ଷିକ ସାଂସ୍କୃତିକ ଉତ୍ସବ



**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ନାଇଜେରିଆର ଓଡ଼ିଆ ସମାଜ ସଂଗଠନର ବାର୍ଷିକ ସାଧାରଣ ସଭା ସହିତ ସାଂସ୍କୃତିକ ଉତ୍ସବ ଗତ ୧ ତାରିଖ ଲାଗୋସଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୦୬ ମସିହାରେ ଗଢ଼ାଯାଇଥିବା ଏହି ଓଡ଼ିଆ ସମାଜ ସଙ୍ଗଠନରେ ୪୦୦ରୁ ଅଧିକ ସଭ୍ୟ / ସଭ୍ୟା ଅଛନ୍ତି। ଏହି ଅନୁଷ୍ଠାନର ପ୍ରଚେଷ୍ଟାରେ ୨୦୧୭ରେ ଲାଗୋସଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମନ୍ଦିର ପ୍ରତିଷ୍ଠା କରାଯାଇଛି।

ଆଧ୍ୟାତ୍ମିକ ଓ ପାରମ୍ପରିକ ଭଜନ ଏବଂ ଓଡ଼ିଶୀ ନୃତ୍ୟରେ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଓଡ଼ିଆ ସମାଜର ପ୍ରତିଭାବାନ୍ ଗାୟକ, କଳାକାର ତଥା ନୃତ୍ୟଶିଳ୍ପୀମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଥମେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲାବେଳେ ସମ୍ପାଦକ ସତ୍ୟନାରାୟଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଶ୍ୱରଞ୍ଜନ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଭାରତର କନ୍‌ସୁଲେଟ୍ ଜେନେରାଲ କାନନ ଚୋକୋଲିଙ୍ଗମ ଓଡ଼ିଆ ସମାଜର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ବ୍ୟବସାୟ, ପର୍ଯ୍ୟଟନ ତଥା ବିଜ୍ଞାନ କ୍ଷେତ୍ରରେ ଓଡ଼ିଆ ସମାଜର ଅବଦାନକୁ ସାଧୁବାଦ ଦେଇଥିଲେ। ଚାନଚେରୀର ମୁଖ୍ୟ ଏନ୍ ମହେଶ ଓଡ଼ିଆ ସମାଜର ବିଭିନ୍ନ ଆଧ୍ୟାତ୍ମିକ ତଥା ସାମାଜିକ ସେବା କାର୍ଯ୍ୟ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ବର୍ଷତମାମ ଓଡ଼ିଆ ରଚନା, ବକ୍ତୃତା, ସଂଗୀତ, ନୃତ୍ୟ, ନିଉଜ, ଖେଳକୁଦ ଆଦି ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ସମାଜ ସଂଗଠନ ତରଫରୁ ବର୍ଷ ତମାମ ବିଭିନ୍ନ ପର୍ବପର୍ବାଣୀ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଓଡ଼ିଆ ଦିବସ ଇତ୍ୟାଦି ଅତି ଆଡ଼ମ୍ବର ସହକାରେ ପାଳନ କରାଯାଏ। ସୁଦୂର ନାଇଜେରିଆର ଥିବା ଓଡ଼ିଆ ପରିବାରର ସଭ୍ୟମାନେ ଓଡ଼ିଆ ଅସ୍ମିତାକୁ ବଜାୟ କରିପାରିଥିବାର ଏହି ଉତ୍ସବରେ ପ୍ରତିଫଳିତ ହୋଇଥିଲା। ଶେଷରେ ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ ଓଡ଼ିଆ ସମାଜ ତରଫରୁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ସାଇ ଆଙ୍ଗନକୁ ମିଳିଲା ନମ୍ବର ଓ୍ୱାନ୍ ପ୍ରି ସ୍କୁଲ୍ ଆଓ୍ୱାର୍ଡ




**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ଏଜୁକେଶନ୍‌ଓ୍ୱାର୍ଲ୍ଡ ଇଣ୍ଡିଆ ର୍ୟାଙ୍କିଙ୍ଗ୍୨୦୨୬ ସାଇ ଆଙ୍ଗନ୍‌କୁ ଲଗାତର ଅଷ୍ଟମ ଥର ପାଇଁ ଭୁବନେଶ୍ୱରର ନମ୍ବର-୧ ପ୍ରି ସ୍କୁଲ ଭାବରେ ବିବେଚିତ କରାଯାଇଛି। ବେଙ୍ଗାଲୁରୁରେ ଆୟୋଜିତ ଆନୁଷ୍ଠାନିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସାଇ ଆଙ୍ଗନ୍ ସ୍କୁଲର୍ ପ୍ରିନ୍ସିପାଲ୍ ରଶ୍ମୀ ପାଣ୍ଡେ ଏହି ପୁରସ୍କାର ଗ୍ରହଣ କରିଥିଲେ। ସାଇ ଆଙ୍ଗନ୍ ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଏକ ଅଂଶ। କୋମଳମତି ଶିଶୁ ମାନଙ୍କୁ ଶିକ୍ଷାଦାନରେ ସାଇ ଆଙ୍ଗନର ଅସାଧାରଣ ପ୍ରଚେଷ୍ଟାକୁ ଭିତ୍ତିକରି ଏହି ସମ୍ମାନ ପ୍ରଦାନ କରାଯାଇଛି। ଉନ୍ନତମାନର ଶିକ୍ଷା ପ୍ରଣାଳୀ ମାଧ୍ୟମରେ ଗୋଟିଏ ଛୋଟ ପିଲାର ମୂଳଦୁଆ ଦୃଢ଼ିଭୂତ ହେବାସହିତ ତା'ର ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇଥାଏ। ସାଇ ଆଙ୍ଗନ୍‌କୁ ଏହି ମାନ୍ୟତା ମିଳିବା ପରେ ସାଇ ଇଣ୍ଟରନ୍ୟାସନାଲ୍ ଚେୟାରପର୍ସନ୍ ଡଃ ଶିଳ୍ପୀ ସାହୁ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ଉଚ୍ଚମାନର ଭିତ୍ତିଭୂମି, ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଧ୍ୟାନ, ନେତୃତ୍ୱନେବାର କୌଶଳ, ଗୁଣବତ୍ତା ଶିକ୍ଷା ଓ ସ୍ୱଚ୍ଛତା ଆଦିକୁ ବିଶେଷ ଧ୍ୟାନ ଦିଆଯାଇଥିଲା। ଏହି ସମ୍ମାନସ୍ପଦ ପୁରସ୍କାର ପାଇଁ ସାଇ ଇଣ୍ଟରନ୍ୟାସନାଲ୍‌ର ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହା ଏକ ଗର୍ବ ଏବଂ ଗୌରବର ବିଷୟ ବୋଲି କହିଥିଲେ।

## ରେଳବାଇ କ୍ଷେତ୍ରରେ ଓଡ଼ିଶାକୁ ବଜେଟ୍‌ରେ ଅବହେଳା କରାଯାଇଛି: ଭକ୍ତ ଦାସ

**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ବଡ଼ ଦାବି ସତ୍ତ୍ୱେ ଓଡ଼ିଶା ପାଇଁ ଚଳିତ ବର୍ଷ ରେଳ ବଜେଟ୍ ରେ ସେମିତି କିଛି ଆଖିଦୃଶିଆ ବ୍ୟବସ୍ଥା କରାଯାଇ ନାହିଁ ଏବଂ କେନ୍ଦ୍ର ସରକାର ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବେ ଚଳିତ ବଜେଟରେ ରେଳବାଇ କ୍ଷେତ୍ରକୁ ଅବହେଳା କରିଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କଡ଼ା ସମାଲୋଚନା କରିଛନ୍ତି।

ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ, ଚଳିତ ବର୍ଷ ଓଡ଼ିଶାକୁ ବଜେଟରେ ୧୦,୯୨୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଲଗାତାର ଭାବେ ଗତ ତିନି ବର୍ଷ ଧରି କେନ୍ଦ୍ରର ରେଳ ବଜେଟରେ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଛି। କେନ୍ଦ୍ର ସରକାର ଓଡିଶାକୁ ୨୦୨୫ ବଜେଟ୍ ରେ ୧୦,୫୯୯ କୋଟି ଟଙ୍କା ବଣ୍ଟନ କରିଥିବା ବେଳେ ୨୦୨୪ ବଜେଟ୍ ରେ ୧୦,୫୮୬ କୋଟି ଟଙ୍କା ପ୍ରଦାନ କରିଥିଲେ। ତେଣୁ କେନ୍ଦ୍ରର ମୋଦୀ ସରକାର ଓଡିଶାକୁ ରେଳବାଇ କ୍ଷେତ୍ରରେ ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି ବୋଲି ଯେଉଁ ବାହାସ୍ଫୋଟ ମାରିଛନ୍ତି ତାହା ସମୁଦ୍ରକୁ ଶଙ୍ଖେ ଭଳିଆ ହୋଇଛି। ସେହିଭଳି ଶ୍ରୀ ଦାସ ତାଙ୍କ ବିବୃତ୍ତିରେ କହିଛନ୍ତି ଯେ, ଅନେକ ବର୍ଷ ପଛରେ ରହିଯାଇଥିବା ତାଳଚେର-ବିମଳାଗଡ଼ ନୂଆ ରେଳପଥ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆଜି ସୁଦ୍ଧା ଶେଷ ହୋଇପାରୁ ନାହିଁ। ଓଡ଼ିଶାରେ ୧୫୪ କିଲୋମିଟର ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ, ଯାହା କି କୋଇଲା ସମୃଦ୍ଧ ଅଞ୍ଚଳକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା, ତାହା ୨୦୦୩-୦୪ରେ ଅନୁମୋଦିତ ହୋଇଥିଲା। ଏହା ପୂର୍ବରୁ ଏହା କଂଗ୍ରେସ ସରକାରଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ ଦୁଇ ଦଶନ୍ଧିରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଏହି ରେଳପଥ କାମ ଏ ଯାଏ ସଂପୂର୍ଣ୍ଣ ହୋଇପାରି ନାହିଁ। ଅନୁଗୁଳ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ଜମି ଅଧିଗ୍ରହଣ କରି ପାରୁ ନଥିବାରୁ ତଥା ସରକାରୀ ଜମି ବିଭାଜନରେ ବିଳମ୍ବ ହେବାରୁ ଏହି ପ୍ରକଳ୍ପ କଚ୍ଛପ ଗତିରେ ଏବେ ବି ଚାଲିଛି। ଚଳିତ ବଜେଟରେ ପ୍ରସ୍ତାବିତ ପୂର୍ବ-ପଶ୍ଚିମ ମାଲବାହୀ କରିଡର ଓଡ଼ିଶାର ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି। ସେହିଭଳି କେନ୍ଦ୍ର ରେଳମନ୍ତ୍ରୀ କହିଛନ୍ତି ଯେ ଗତ ୧୧ ବର୍ଷରେ ରାଜ୍ୟରେ ପ୍ରାୟ ୨,୨୦୦ କିଲୋମିଟର ନୂଆ ରେଳପଥ ନିର୍ମାଣ ହୋଇଛି, ଯାହା ମାଲେସିଆର ମୋଟ ରେଳପଥ ଦୈର୍ଘ୍ୟଠାରୁ ଅଧିକହେବ।କିନ୍ତୁ ସେ ଭୁଲି ଯାଉଛନ୍ତି, ଓଡିଶାରେ ଆଜି ବି ବହୁ ଅଂଚଳ ରେଳବାଇ କ୍ଷେତ୍ରଠାରୁ ଅପହଞ୍ଚ ଦୂରରେ ରହିଛି। ପୁରୁଣା ରେଳପଥ ଓ ରେଳ ଷ୍ଟେସନଗୁଡିକର ନିର୍ମାଣ ତଥା ସଂପ୍ରସାରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରି ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରୀ କହିଛନ୍ତି, ଅମୃତ ଷ୍ଟେସନ ଯୋଜନାରେ ଓଡ଼ିଶାର ୫୯ଟି ରେଳ ଷ୍ଟେସନକୁ ସମ୍ପୂର୍ଣ୍ଣ ପୁନର୍ବିକାଶ ପାଇଁ ଚୟନ କରାଯାଇଛି। ଷ୍ଟେସନ ଆଧୁନିକୀକରଣ ପାଇଁ ମୋଟ ୨,୪୩୯ କୋଟି ଟଙ୍କାର ବ୍ୟୟ ନିର୍ଦ୍ଧାରଣ କରାଯାଇଛି। ଛଅଟି ଷ୍ଟେସନରେ ପୁନର୍ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି କଟକ ୨ୟ ପ୍ରବେଶ, ବାରିପଦା, ବରପାଲି, ବିମଳଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର। ଏହା ବ୍ୟତୀତ ରାଜ୍ୟରେ ୬୩୨ଟି ଫ୍ଲାଇଓଭର ଏବଂ ଅଣ୍ଡରପାସ ନିର୍ମାଣ ହୋଇଛି। କବଚ ରେଳ ସୁରକ୍ଷା ବ୍ୟବସ୍ଥା ଅଧୀନରେ ୭୭୨ ରୁଟ୍ କିଲୋମିଟର ପାଇଁ କାର୍ଯ୍ୟ କିମ୍ବା ଟେଣ୍ଡର ପ୍ରକ୍ରିୟା ଚାଲିଛି, ଯେତେବେଳେ ୨,୯୨୨ ରୁଟ୍ କିଲୋମିଟର ଅନୁମୋଦିତ ହୋଇଛି। ତେବେ ଏହି ସମସ୍ତ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ତାଳଚେର-ବିମଳାଗଡ ରେଳପଥ ନିର୍ମାଣଭଳି ଘୁଞ୍ଚିବ ନାହିଁ ତ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି ।

## ପୂର୍ବତନ ସାଂସଦ ସୁଶୀଳା ତିରିଆଙ୍କ ପରଲୋକରେ କଂଗ୍ରେସର ଶୋକ




**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜନୀତିର ଅନ୍ୟତମ ବଳିଷ୍ଠ ଚେହେରା, ପୂର୍ବତନ ସାଂସଦ ତଥା ପୂର୍ବତନ ସିଡବ୍ଲ୍ୟୁସି ମେମ୍ବର ମିସ୍ ସୁଶୀଳା ତିରିଆଙ୍କର ଗତକାଲି ରାତିରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

ଆଜି ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ ଭବନ ପରିସରରେ ସୁଶୀଳା ତିରିଆଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଦଳର ବହୁ ବରିଷ୍ଠ ନେତା ଓ କର୍ମୀ କଂଗ୍ରେସ ଭବନ ସମ୍ମୁଖରେ ଏକତ୍ରିତ ହୋଇ ସ୍ୱର୍ଗତ ତିରିଆଙ୍କୁ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜଣେ ନିଷ୍ପାପର ନାରୀନେତ୍ରୀ ଭାବେ ସେ ଦଳକୁ ସୁଦୃଢ଼ କରିବା ସହ ଦଳୀୟ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମିସ୍ ସୁଶୀଳା ତିରିଆ ଜଣେ ଅନୁଭବୀ ସଂସଦୀୟ ପ୍ରତିନିଧି ଥିଲେ ଏବଂ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦୀର୍ଘ ବର୍ଷ ଧରି ଜନସାଧାରଣଙ୍କ ସେବା କରିଆସୁଥିଲେ। ତାଙ୍କର ଅକାଳ ବିୟୋଗ କଂଗ୍ରେସ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ସ୍ମୃତି ଚାରଣ କରି ଦଳୀୟ ନେତାମାନେ କହିଛନ୍ତି ଯେ, ଓଡ଼ିଶା ଜଣେ ଦକ୍ଷ ତଥା ସ୍ପଷ୍ଟବାଦୀ ନାରୀନେତ୍ରୀଙ୍କୁ ହରାଇଲା। ସୋସିଆଲ ମିଡିଆ ଏବଂ ବିଭିନ୍ନ ମହଲରୁ ତାଙ୍କ ଅମର ଆତ୍ମାର ସଦଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଯାଇଛି।

## ଓ୍ୱାର୍କ ଇଣ୍ଟିଗ୍ରେଟେଡ୍ ଲର୍ଣ୍ଣିଂ ପ୍ରୋଗ୍ରାମ୍ ଶୁଭାରମ୍ଭ

**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ଭବିଷ୍ୟତ ପାଇଁ ପ୍ରସ୍ତୁତ ବୈଷୟିକ ଦକ୍ଷତା ନିର୍ମାଣ ଏବଂ ନିରନ୍ତର ବୃତ୍ତିଗତ ବିକାଶକୁ ସକ୍ଷମ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଟାଟା ପାଓ୍ୱାର ନେତୃତ୍ୱାଧୀନ ଓଡ଼ିଶା ଡ଼ିସକମ୍‌ଗୁଡ଼ିକ ଗତ ଜାନୁଆରୀ ୩୧ ତାରିଖରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟ ସହଯୋଗରେ ନିଜର କର୍ମଚାରୀମାନଙ୍କ ପାଇଁ 'ଓ୍ୱାର୍କ ଇଣ୍ଟିଗ୍ରେଟେଡ୍ ଲର୍ଣ୍ଣିଂ ପ୍ରୋଗ୍ରାମ' (ଡବ୍ଲ୍ୟୁଆଇଏଲ୍‌ପି)ର ଶୁଭାରମ୍ଭ କରିଛି। ଏହି କାର୍ଯ୍ୟକ୍ରମଟି ଇଲେକ୍ଟ୍ରାଲ୍‌ରେ ଡିପ୍ଲୋମା କରିଥିବା କର୍ମଚାରୀମାନେ ନିଜର ଚାକିରି ବଜାୟ ରଖିବା ସହିତ ଇଲେକ୍ଟ୍ରିକାଲ୍‌ରେ ବି.ଟେକ୍ କରିବା ପାଇଁ ସହାୟତା କରିବାକୁ ପ୍ରସ୍ତୁତ କରାଯାଇଛି।

ଏହି ପଦକ୍ଷେପ ଟାଟା ପାଓ୍ୱାର ପରିଚାଳିତ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ସମଗ୍ର ପରିଚାଳନା କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳକୁ ସୁଦୃଢ଼ କରିବା ଉପରେ ରହିଥିବା ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ଏହି କାର୍ଯ୍ୟକ୍ରମ ପ୍ରତି ପ୍ରତିକ୍ରିୟା ଅତ୍ୟନ୍ତ ଉତ୍ସାହଜନକ ରହିଛି ଏବଂ ଚାରୋଟିଯାକ ଡ଼ିସକମ ର କର୍ମଚାରୀଙ୍କଠାରୁ ପ୍ରବଳ ଆଗ୍ରହ ପ୍ରକାଶ ପାଇଛି। ଏକ କଠୋର ଚୟନ ପ୍ରକ୍ରିୟା ପରେ ମୋଟ ୮୦ ଜଣ ଅଂଶଗ୍ରହଣକାରୀଙ୍କୁ ଚୂଡ଼ାନ୍ତ କରାଯାଇଛି, ଯେଉଁଥିରେ ପ୍ରତ୍ୟେକ ଡ଼ିସକମ୍‌ରୁ ସମାନ ପ୍ରତିନିଧିତ୍ୱ ରହିଛି, ଯାହାକି ସମସ୍ତ ସେବାଯୋଗାଣ ଅଞ୍ଚଳରେ ସନ୍ତୁଳିତ ଦକ୍ଷତା ବିକାଶକୁ ସୁନିଶ୍ଚିତ କରୁଛି। ନିଜର ଶୈକ୍ଷିକ ଯାତ୍ରା ଆରମ୍ଭ କରିଥିବା ଏହି ପ୍ରଥମ ବ୍ୟାଚ୍, ଡ଼ିସକମ ଗୁଡିକର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ଓ୍ୱାର୍କ ଇଣ୍ଟିଗ୍ରେଟେଡ୍ ଲର୍ଣ୍ଣିଂ ପ୍ରୋଗ୍ରାମ୍‌ଟି ଶ୍ରେଣୀଗୃହ ଶିକ୍ଷା ସହିତ ବି ଦ୍ୟୁତ ସେବା କ୍ଷେତ୍ରର ବାସ୍ତବ ଅଭିଜ୍ଞତାକୁ ମିଶ୍ରଣ କରି ତିଆରି କରାଯାଇଛି। ଏହା ଅଂଶଗ୍ରହଣକାରୀମାନଙ୍କୁ ଶ୍ରେଣୀଗୃହର ଶିକ୍ଷାକୁ ସିଧାସଳଖ ଫିଲ୍ଡ ଅପରେସନ୍, ନେଟଓ୍ୱାର୍କ ମ୍ୟାନେଜମେଣ୍ଟ, ସୁରକ୍ଷା ନିୟମାବଳୀ ଏବଂ ନୂତନ ଡିଜିଟାଲ ବିତରଣ ପ୍ରଯୁକ୍ତିବିଦ୍ୟାରେ ପ୍ରୟୋଗ କରିପାରିବେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଡଃ ସରଣଜିତ ସିଂ, କିଟ୍‌ର ପ୍ରତିନିଧିମଣ୍ଡଳୀ, ଡଃ ରଣବୀର ଚକ୍ରବର୍ତ୍ତୀ ଚିଫ୍ ବିଜନେସ ଏଚଆର (ଟି ଆଣ୍ଡ ଡି କ୍ଲଷ୍ଟର), ଅରବିନ୍ଦ ସିଂ, ସିଇଓ, ଟିପିସିଓଡିଏଲ, ଓଡିଶା ଡ଼ିସକମ୍‌ଗୁଡ଼ିକର ଚିଫ୍ ବିଜ୍‌ନେସ୍ ଏଚ୍‌ଆର୍ ଶ୍ୟାମ ସୁନ୍ଦର ଚୌଧୁରୀ, ଟିପିସିଓଡିଏଲ୍‌ର ଏଚ୍‌ଆର୍ ହେଡ୍ କେ. ରବି ଆଚାରୀ ଏବଂ ରମେନ୍ଦ୍ର ବଣିକ, ଟିପିଏନଓଡିଏଲ୍‌ର ହେଡ୍ – ଏଚ୍‌ଆର୍, ଆଇଆର୍, ଇଏସ ଏବଂ ଆଡମିନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟାଟା ପାଓ୍ୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜ୍‌ନେସ୍, ଗଜାନନ କାଲେ କହିଥିଲେ ଯେ, କର୍ମଚାରୀଙ୍କ କଲ୍ୟାଣ ଏବଂ ଅଭିବୃଦ୍ଧି ଦିଗରେ ସଂଗଠନର ପ୍ରୟାସର ଏହି ପଦକ୍ଷେପ ଏକ ପ୍ରମୁଖ ମାଇଲଖୁଣ୍ଟ। ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଆଗାମୀ ଯାତ୍ରା ପାଇଁ ଶୁଭକାମନା ଜଣାଇଛନ୍ତି।

## ବଜେଟ୍ ଓଡ଼ିଶାବାସୀଙ୍କୁ ନିରାଶ କରିଛି: ଗଣେଶ୍ୱର

**ଭୁବନେଶ୍ୱର,୨।୨/ଏନ୍‌ଏନ୍‌ଏସ୍:** ବଜେଟ ଓଡ଼ିଶାବାସୀଙ୍କୁ ନିରାଶ କରିଛି। ଓଡ଼ିଶା କ୍ଷେତ୍ରରେ ଯାହା କୁହାଯାଉଛି ତାହା ହେଉନି ବୋଲି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି। ଅଧିକ ଲାଭ ବଦଳରେ ଅଧିକ କ୍ଷତି ମିଳିବ। ନୂତନ କିଛି ନାହିଁ ଦଶ ବର୍ଷ ତଳର କଥା। ସାମଗ୍ରିକ ବଜେଟ ଦେଖିଲେ ବଜେଟରେ ମଧ୍ୟବିତ, ନିମ୍ନ ମଧ୍ୟବିତ ଲୋକଙ୍କ ପାଇଁ କୌଣସି ଆଶା ନାହିଁ। ବେକାରୀ ସମସ୍ୟା ଆବଶ୍ୟକୀୟ ଆନ୍ତରାରିକା ଯୋଜନା ବା ଦୁରଦୃଷ୍ଟି ହେଉନାହିଁ। ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଘୋଷଣା କରାଯାଇଛି ଆମର ବୌଦ୍ଧ କୀର୍ତ୍ତି ଅଛି କାହିଁକି ଓଡ଼ିଶା କଥା ଭୁଲିଗଲେ ଏହା ଅଣଦେଖା। ସମସ୍ତ ସାମର୍ଥ ଥାଇ ବିଚାର କରାଗଲା ନାହିଁ। ରେଳ କରିଡର ୭ଟା ହେବ। ଓଡ଼ିଶା ପଛୁଆ ରେଳ କ୍ଷେତ୍ରରେ ଏହା ଚରମ ଅବହେଳା। ଦେଶ ଦୃଷ୍ଟିରୁ ବଜେଟ ସାଧାରଣ ଜନତାଙ୍କୁ ନିରାଶ କରିଛି। ରାଜ୍ୟ ଦୃଷ୍ଟିରୁ ଅନେକ ଦିଗ ପ୍ରତି ଅଣଦେଖା କରାଯାଇଛି। ନବୀନ ବାବୁ ସ୍ରଷ୍ଟା। ସେଥିପାଇଁ ଓଡ଼ିଶା କିପରି ତାଳ ଦେଇ ଅନ୍ୟ ରାଜ୍ୟ ତୁଳନାରେ ଆଗକୁ ଯିବ ନିଜ ବଜେଟରେ ମେଟ୍ରୋ ପାଇଁ ଯୋଜନା କରିଥିଲେ ତାକୁ ଆଗକୁ ନେଲେ ନାହିଁ। ବନ୍ଦ କରିଦିଆଗଲା। ଆମେ କରିବୁ କଲେ କରାଯାଉ ନାହିଁ କାହିଁକି। ଭୁବନେଶ୍ୱର ମେଟ୍ରୋ ଚଳାଚଳ ନ କରିବା ଆମ ଦୁର୍ଭାଗ୍ୟ। ଅଶ୍ୱିନୀ ବୈଷ୍ଣବଙ୍କଠାରୁ ଅଧିକ ଆଶା କିନ୍ତୁ ମିଳୁନି। ବିଜେପି ତାଙ୍କ ଧର୍ମ କରିବ ଆମେ କହିବୁ ଓଡ଼ିଶାକୁ କେମିତି ଅବହେଳା କରାଯାଉଛି ବୋଲି ସେ କହିଛନ୍ତି।

ନିତିଦିନ NITIDIN







ଭୁବନେଶ୍ୱରରେ ପହଞ୍ଚିବା ପରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

### ବିଜେଡି ପୁଣି ଉଠାଇଲା '୧୭ସି ଫର୍ମ' ପ୍ରସଙ୍ଗ

# ନିର୍ବାଚନର ୧୯ ମାସ ପରେ ବି ୱେବ୍‌ସାଇଟ୍ ହୋଇନି ଅପ୍‌ଲୋଡ୍

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:** ସାଧାରଣ ନିର୍ବାଚନ ୨୦୨୪ରେ ବିଭିନ୍ନ ଅନିୟମିତତାକୁ ନେଇ ବିଜୁ ଜନତା ଦଳ ତରଫରୁ ଦେଶର ନିର୍ବାଚନ କମିସନରଙ୍କୁ ଦୁଇ ଦୁଇ ଥର ଭେଟି ଲିଖିତ ଭାବରେ ପଚରା ଯାଇଥିବା ବିଭିନ୍ନ ଅସମାହିତ ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ମିଳିପାରି ନାହିଁ ବୋଲି ବିଜେଡି ତରଫରୁ ପୁଣିଥରେ ଦୋହରା ଯାଇଛି। ସୋମବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ଼ ସଂତୃପ୍ତ ମିଶ୍ର ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର ଏହି ପ୍ରସଙ୍ଗ ଉଠାଇଛନ୍ତି। ଡ଼ ସଂତୃପ୍ତ ମିଶ୍ର କହିଥିଲେ ନିର୍ବାଚନରେ ପ୍ରତି ବୁଥ୍‌ରେ ପଡ଼ିଥିବା ଭୋଟ ସଂଖ୍ୟାର ତଥ୍ୟ ଫର୍ମ ୧୭ସିରେ ମିଳିଥାଏ। ଅନେକ ଜାଗାରେ ପଡ଼ିଥିବା ଭୋଟ ଓ ଗଣତି ହୋଇଥିବା ଭୋଟ ମଧ୍ୟରେ ତାରତମ୍ୟ ରହୁଥିବାରୁ ଆମେ ଫର୍ମ ୧୭ସି ପାଇଁ ଆବେଦନ କରିଥିଲୁ, କିନ୍ତୁ ତାହା ପ୍ରଦାନ କରାଗଲା ନାହିଁ। ଦଳ ତରଫରୁ ନିର୍ବାଚନ କମିସନଙ୍କୁ ଲେଖାଯାଇଥିବା ପତ୍ରରେ ଏହାକୁ ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା। କିନ୍ତୁ କିଛି ଆସନରେ ନିର୍ବାଚନ ମାମଲା ଚାଲିଥିବା କାରଣରୁ ଏହା ଦିଆଯାଇ ପାରିବ ନାହିଁ ବୋଲି କମିସନ ଉତ୍ତର ଦେଇଥିଲେ। କିନ୍ତୁ ମାତ୍ର ୨୮ଟି ଆସନରେ ନିର୍ବାଚନ ମାମଲା ଚାଲିଥିବା ବେଳେ ଅନ୍ୟ ଆସନଗୁଡ଼ିକର ଫର୍ମ ୧୭ସି କାହିଁକି ପ୍ରଦାନ କରାଯିବ ନାହିଁ, ସେନେଇ କୌଣସି ଉତ୍ତର ରଖି ନଥିଲେ। ସେହିପରି କିଛି ସ୍ଥାନରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା କିପରି ଅଧିକ ଭୋଟ ଗଣତି ହୋଇପାରିଲା, ସେ ସମ୍ବନ୍ଧରେ ମଧ୍ୟ ନିର୍ବାଚନ କମିସନର କୌଣସି ଉତ୍ତର ରଖିନାହାନ୍ତି। ନିର୍ବାଚନ କମିସନ ତାଙ୍କ ଉତ୍ତରରେ ଜଣାଇଥିଲେ ଯେ, ଯେଉଁଠାରେ କଣ୍ଟ୍ରୋଲ ୟୁନିଟରେ ଥିବା ଭୋଟ ସଂଖ୍ୟା ଫର୍ମ ୧୭ ସିରେ ଲେଖାଯାଇଥିବା ଭୋଟ ସଂଖ୍ୟା ସହିତ ତାଳମେଳ ଖାଏ ନାହିଁ, ତାହେଲେ ସେହି ଭୋଟ ଗଣତି କରାଯାଏ ନାହିଁ। କିନ୍ତୁ କେତୋଟି ସ୍ଥାନରେ ଏପରି ହୋଇଛି, ତାହା ନିର୍ବାଚନ କମିସନ ସ୍ପଷ୍ଟ କରିନାହାନ୍ତି। ନିର୍ବାଚନ କମିସନ ଦେଇଥିବା ଉତ୍ତର ଅନୁଯାୟୀ, ମକ ପୋଲ ବେଳେ ପଡ଼ିଥିବା ଭୋଟ ଗୁଡ଼ିକ ଡିଲିଟ୍ ହୋଇନଥିଲେ, ସେହି ଇଭିଏମରେ ପଡ଼ିଥିବା ଭୋଟ୍ ଗୁଡ଼ିକୁ ମଧ୍ୟ ଗଣତି କରାଯାଏ ନାହିଁ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମାନଙ୍କ ତ୍ରୁଟି ଯୋଗୁଁ, ଜଣେ ନାଗରିକର ଭୋଟକୁ ଗଣତି ନକରିବା ମଧ୍ୟ ତାର ମତ ଦେବାର ଅଧିକାରକୁ କ୍ଷୁଣ୍ଣ କରିବା ସଦୃଶ୍ୟ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସେହିପରି ଭୋଟିଂ ସମୟରେ ଇଭିଏମ୍ ମେସିନରେ ତ୍ରୁଟି ଦେଖାଯାଏ, ଯେଉଁଥିପାଇଁ ସେଠାରେ ଆଉ ଏକ ମେସିନ ଲଗାଯାଏ। କିନ୍ତୁ ତ୍ରୁଟି ଦେଖାଯିବା ପୂର୍ବରୁ କେତେ ଭୋଟ ପଡିଥିଲା ତାହାର କୌଣସି ବିବରଣୀ ପ୍ରଦାନ କରାଯାଉ ନାହିଁ। ଡ଼ ମିଶ୍ର କହିଥିଲେ, ବିଜେଡି ଆହୁରି ଏକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥିଲା, ଯାହା ହେଉଛି ସନ୍ଧ୍ୟା ୫ଟା ଭୋଟ ଶେଷ ପାଇଁ ଥିବା ନିର୍ଦ୍ଧାରିତ ସମୟରେ କମିସନଙ୍କ ତରଫରୁ



ପ୍ରଦାନ କରାଯାଇଥିବା ଭୋଟ ସଂଖ୍ୟା କିପରି ଭାବେ ଅହେତୁକ ବୃଦ୍ଧି ପାଉଛି ? କାରଣ ଗତ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାର ସମସ୍ତ ୨୧ଟି ସଂସଦୀୟ କ୍ଷେତ୍ରରେ ଓ ୩୮ଟି ବିଧାନସଭା କ୍ଷେତ୍ରରେ ୭ରୁ ୩୦% ଭୋଟ ବୃଦ୍ଧି ପାଇଥିଲା, ଯାହା ପୂର୍ବ ନିର୍ବାଚନ ଗୁଡିକରେ ଦେଖିବାକୁ ମିଳି ନଥିଲା। ନିର୍ବାଚନ କମିସନ ଏହି ପ୍ରଶ୍ନ ସମ୍ବନ୍ଧରେ ସ୍ପଷ୍ଟ କରିନାହାନ୍ତି। ଏହାଛଡା ଇଭିଏମରେ ନିୟମିତ ବ୍ୟବଧାନରେ ଅଡିଟ୍ କରିବା ପାଇଁ ରାଜନୈତିକ ଦଳ ମାନଙ୍କୁ ସୁଯୋଗ ଦିଆଯାଉ, ଯାହା ଫଳରେ ସ୍ୱଚ୍ଛତା ବୃଦ୍ଧି ପାଇବ। କିନ୍ତୁ ନିର୍ବାଚନ କମିସନ ଏ ସମ୍ବନ୍ଧରେ ମଧ୍ୟ କୌଣସି ଉତ୍ତର ରଖି ନାହାନ୍ତି।

ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗତ ନିର୍ବାଚନ ଅନୁଷ୍ଠିତ ହେବାର ୧୯ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ବାଚନ କମିସନ ଫର୍ମ ୧୭ସିକୁ ତାଙ୍କ ୱେବସାଇଟରେ ଅପ୍ଲୋଡ୍ କଲେ ନାହିଁ। ନିର୍ବାଚନରେ ଅନିୟମିତତା ହୋଇଛି ବୋଲି ଯେଉଁ ଅଭିଯୋଗ ହୋଇଆସୁଛି, ତାକୁ ପ୍ରମାଣିତ କରିବା ପାଇଁ ଫର୍ମ ୧୭ସି ହିଁ ଏକମାତ୍ର ଅସ୍ତ୍ର। ସମ୍ଭବତଃ ସେହି କାରଣରୁ ନିର୍ବାଚନ କମିସନର ଫର୍ମ ୧୭ସି ପ୍ରଦାନ କରିବା ପାଇଁ ବା ଏହାକୁ ୱେବସାଇଟରେ ଅପ୍ଲୋଡ୍ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ତେଣୁ ନିର୍ବାଚନ କମିସନ ଏ ସମ୍ବନ୍ଧରେ ସ୍ପଷ୍ଟ ଉତ୍ତର ରଖିବା ସହିତ ଦେଶବାସୀଙ୍କ ମନରୁ ସନ୍ଦେହ ଦୂର କରିବା ଉଚିତ ବୋଲି ଡ଼ ସାମନ୍ତସିଂହାର କହିଥିଲେ।

### ବିଜେଡି ଓଡ଼ିଶା ରାଜନୀତିର ଅସ୍ତଗାମୀ ରାଜନୈତିକ ଦଳ

# ଅବସାଦକୁ ଲୁଚାଇବା ପାଇଁ ମିଥ୍ୟା ବୟାନବାଜି

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:** ଓଡ଼ିଶାବାସୀଙ୍କ ଦ୍ୱାରା ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ପ୍ରତ୍ୟାଖ୍ୟାନ ହେବା ପରେ ଉକ୍ତ ଦଳର ନେତାମାନେ ମାନସିକ ଅବସାଦରେ ଅଛନ୍ତି। ସେ ଦୃଷ୍ଟିରୁ ସେମାନେ କ'ଣ ବୟାନବାଜି କରୁଛନ୍ତି ଜାଣି ପାରୁନାହାନ୍ତି। ବିଜେଡି ଓଡ଼ିଶା ରାଜନୀତିର ଅସ୍ତଗାମୀ ରାଜନୈତିକ ଦଳ ହେବାକୁ ଯାଉଛି, ଏହାର ପ୍ରତିଫଳନ ତାର ବିଭିନ୍ନ ବୟାନବାଜିରୁ ଦେଖିବାକୁ ମିଳିଛି। ସୋମବାର ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଏଭଳି କଟାକ୍ଷ କରିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ନିର୍ବାଚନର ଦୀର୍ଘଦିନ ପରେ ବିଜେଡି ଏବେ ଇଭିଏମ୍ ଓ ୧୭ସି ଫର୍ମ ପ୍ରସଙ୍ଗ ଉଠାଇଛି। ଯେବେଠାରୁ ଇଭିଏମ୍ ଦେଶରେ ଲାଗୁହୋଇଛି, ତା'ପରଠାରୁ ହୋଇଥିବା ୫ ନିର୍ବାଚନରୁ ୪ଟିରେ ବିଜେଡି ବିଜୟୀ ହୋଇଛି। ଜିତିବାବେଳେ ସେମାନେ ଇଭିଏମ୍ ଉପରେ କୌଣସି ପ୍ରଶ୍ନ କରୁ ନ ଥିବାବେଳେ ଏବେ ହାରିବା ପରେ ଭୁଲ୍ ବୋଲି କହି ମିଛରେ କାହିଁକି ପ୍ରଳାପ କରୁଛି ତାର ଉତ୍ତର ବିଜେଡି ଦେଉ। ନିର୍ବାଚନରେ ଭୋଟ୍‌ଦାନ ବେଳେ ଯେଉଁମାନେ ବୁଥ୍‌ରେ ଏଜେଣ୍ଟ ଥାନ୍ତି ସେମାନେ ଉକ୍ତ ବୁଥ୍‌ରେ ଥିବା ପ୍ରିଜାଇଡିଂ ଅଧିକାରୀଙ୍କଠାରୁ ୧୭ସି ଫର୍ମ ଆଣିଥାନ୍ତି। ଗତ ସାଧାରଣ ନିର୍ବାଚନରେ ପାଖାପାଖି ୩୭,୮୦୦ ବୁଥ୍ ଥିଲା। ସେସମୟରେ ଏସମସ୍ତ ବୁଥ୍‌ରେ ବିଜେଡିର ୩୭,୮୦୦ ଏଜେଣ୍ଟ ରହିବା କଥା। ଆଉ ଯଦି ଲୋକସଭା, ବିଧାନସଭାକୁ ମିଶାଇ ଦିଆଯାଏ ତାହେଲେ ପ୍ରାୟ ୭୫,୦୦୦ ଏଜେଣ୍ଟ ବିଭିନ୍ନ ବୁଥ୍‌ରେ ରହିବା କଥା। ମାତ୍ର କୌଣସି ବୁଥ୍‌ରେ ଜଣେ କେହି ଏଜେଣ୍ଟ ୧୭ସି ଫର୍ମ କାହିଁକି ମିଳିଲା ନାହିଁ ବୋଲି ପ୍ରଶ୍ନ ଉଠାଇଲେ ନାହିଁ। ନିର୍ବାଚନ ଶେଷ ହେବାର ଅନେକ ଦିନ ପରେ ଏବଂ ହାରିଯିବା ପରେ ଏବେ ଏହି ପ୍ରଶ୍ନ ଉଠାଇବା କେତେଦୂର ଠିକ୍ ତାହା ଓଡ଼ିଶାବାସୀ ବିଚାର



କରିବେ। ବିଜେଡି ପୁଣି ଆରୋପ ଲଗାଇଛି ଯେ, ସରକାରୀ କର୍ମଚାରୀଙ୍କୁ ଲଗାଇ ବିଜେପି ନିର୍ବାଚନରେ ବିଜୟୀ ହୋଇଛି। ୨୦୨୪ ମସିହା ପୂର୍ବରୁ ଓଡ଼ିଶାରେ ବିଜେଡିର ସରକାର ଥିଲା। ସେତେବେଳେ ଓଡ଼ିଶା ସରକାରଙ୍କ କର୍ମଚାରୀମାନେ ନିର୍ବାଚନକୁ ପରିଚାଳନା କରୁଥିଲେ। ସେତେବେଳେ କିପରି ବିଜେଡି ନିର୍ବାଚନ ଜିତୁଥିଲା ? ଯେଉଁ କର୍ମଚାରୀମାନେ ନିର୍ବାଚନକୁ ପରିଚାଳନା କରନ୍ତି, ସେମାନେ କୌଣସି ଦଳ ହିସାବରେ କାର୍ଯ୍ୟ କରନ୍ତି ନାହିଁ। କାରଣ ରାଜନୈତିକ ଦଳଗୁଡ଼ିକର ସରକାର ଆସେ ଏବଂ ଯାଏ, ମାତ୍ର କର୍ମଚାରୀମାନେ ସ୍ଥାୟୀ ରହିଥାନ୍ତି। ଏପ୍ରକାର କର୍ମଚାରୀଙ୍କ ଉପରେ ଆକ୍ଷେପ କରିବା ନିଜ ପରାଜୟର ଦୋଷ ସେମାନଙ୍କ ଉପରେ ଲଦିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଯଦି ବିଜେଡି ପାଖରେ କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ତଥ୍ୟ ରହିଛି, ତାହାକୁ ସାର୍ବଜନୀନ କରିବା ଆବଶ୍ୟକ। ମାତ୍ର ବିଜେଡି କୌଣସି ତଥ୍ୟ ନ ଦେଇ ମଝିରେ ମଝିରେ ଗଣମାଧ୍ୟମ ସମ୍ମୁଖରେ ବିଳିବିଳି ହେଉଛି ବିଜେଡି ଏପ୍ରକାର ନାଟକ କରୁଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# କୋର୍ଟରେ ହାଜର ହେଲେ ୧୫ ଅଭିଯୁକ୍ତ

**ବ୍ରହ୍ମପୁର,୨।୨/ଏନ୍ଏନ୍ଏସ୍:** ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଜି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ୧୫ ଜଣ ଅଭିଯୁକ୍ତ ବ୍ରହ୍ମପୁର ଜିଲ୍ଲା କୋର୍ଟରେ ହାଜର ହୋଇଥିଲେ। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ବିଜେଡି ନେତା ମଦନ ଦଳାଇ ଅସୁସ୍ଥତା କାରଣରୁ ଅଦାଲତକୁ ଆସିପାରିନଥିଲେ। ସମସ୍ତ ଅଭିଯୁକ୍ତ ଅଦାଲତରେ ହାଜର ହୋଇନଥିବାରୁ ଜିଲ୍ଲା ଜଜ୍ ଆସନ୍ତା ୬ ତାରିଖକୁ ପୁଣି ଥରେ ଦିନ



ଧାର୍ଯ୍ୟ କରି ସମସ୍ତ ଅଭିଯୁକ୍ତଙ୍କୁ ହାଜର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି। ଆଗାମୀ ଦିନରେ ଏହି ମାମଲାର ବିଚାର ଏଡିଜେ-୩ କୋର୍ଟରେ ହେବା ସହ ଚାର୍ଜଫ୍ରେମ ହୋଇ ବିଚାରଣ ଆରମ୍ଭ ହେବ ବୋଲି ସେ କହିଛନ୍ତି। ପୂର୍ବରୁ ଏହି ମାମଲାର ଅଭିଯୁକ୍ତମାନେ ଅଦାଲତରେ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇଥିଲା। କିଛି ଦିନ ତଳେ ଏସଡିଜେଏମ୍ ଅଦାଲତରେ ଏହି ମାମଲାର କମିଟମେଣ୍ଟ ହୋଇ ମାମଲାଟି ଜିଲ୍ଲା ଅଦାଲତକୁ ଆସିଥିଲା। ଆଜି ସମସ୍ତ ଅଭିଯୁକ୍ତଙ୍କୁ ଜିଲ୍ଲା ଅଦାଲତରେ ହାଜର ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ସେହି କ୍ରମରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଥିବା ୧୫ ଜଣ ଅଭିଯୁକ୍ତ ଓ ଫୁଲବାଣୀ ମଣ୍ଡଳ କାରାଗାରରେ ରହୁଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆଣି ଅଦାଲତରେ ହାଜର କରାଯାଇଥିଲା। ଏହି ସମୟରେ ଜିଲ୍ଲା ଅଦାଲତ ପରିସରରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଅଦାଲତରେ ହାଜର ହୋଇ ଅଭିଯୁକ୍ତମାନେ ପୁଣି ଥରେ ଜେଲକୁ ଫେରିଥିଲେ।

ପ୍ରକାଶଥାଉକି, ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପିତବାସ ପଣ୍ଡାଙ୍କୁ ଗତ ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ଦିନ ତାଙ୍କ ବୈକୁଣ୍ଠନଗରସ୍ଥିତ ଘର ଠାରୁ କିଛି ଦୂରରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ପୁଲିସ ସାର୍ପସୁଟର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ ସମେତ ପୂର୍ବତନ ବିଧାୟକ, ପୂର୍ବତନ ମେୟରଙ୍କୁ ମିଶାଇ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା।

# ଇଗ୍ନୋର ନାମଲେଖା, ପୁନଃପଞ୍ଜିକରଣ ଅବଧି ବୃଦ୍ଧି

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ରେ ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃପଞ୍ଜିକରଣ ପ୍ରକ୍ରିୟା ଘୋଷଣା କରାଯାଇଛି। ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ଫେବୃଆରୀ ୧୫ ତାରିଖକୁ ବୃଦ୍ଧି କରାଯାଇଛି। ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋର ୱେବ୍‌ସାଇଟ୍ ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ଇଗ୍ନୋ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।




# ପୋଖରୀରେ ବୁଡ଼ି ଭାଇ, ଭଉଣୀ ମୃତ

**ଯାଜପୁର,୨।୨/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ସମସରପୁର ଗ୍ରାମରେ ପୋଖରୀରେ ବୁଡ଼ି ଭାଇ ଓ ଭଉଣୀଙ୍କ ମୃତ୍ୟୁ ହେବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ଦୁଇ ଜଣ ଚନ୍ଦ୍ରଶେଖର ଗୁରୁଙ୍କ ପୁଅ ଶଙ୍କର ଗୁରୁ( ୧୦) ଓ ଝିଅ ପାର୍ବତୀ ଗୁରୁ (୧୨)। ଉଭୟ ସୋମବାର ଦ୍ୱିପହରରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜା ଖୋଜି କରିବା ପରେ ଗାଁଠୁ ଅଳ୍ପ ଦୂରରେ ଥିବା ଏକ ପୋଖରୀରେ ଚପଲ ଭାସୁଥିବା ଦେଖି ଲୋକଙ୍କ ସନ୍ଦେହ ହୋଇଥିଲା। ସ୍ଥାନୀୟ ଲୋକେ ପୋଖରୀ ମଧ୍ୟରେ ଖୋଜି ଭାଇ ଭଉଣୀଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସଦର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଭାଇଭଉଣୀଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗଣଶିକ୍ଷା ବିଭାଗ ପକ୍ଷରୁ ନୋଡାଲ୍ ଅଧିକାରୀ ନିଯୁକ୍ତ

**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:** ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ସମସ୍ତ ୩୦ଟି ଜିଲ୍ଲା ପାଇଁ ନୋଡାଲ ଅଧିକାରୀ-ସହ-ପରାମର୍ଶଦାତାଙ୍କୁ ନିଯୁକ୍ତ କରିଛି। ଏହି ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ସୁଗମ କାର୍ଯ୍ୟାନ୍ୱୟନ ଏବଂ କ୍ଷେତ୍ରସ୍ତରୀୟ ତଦାରଖ ସୁନିଶ୍ଚିତ କରିବେ। ଏହା ସହିତ ନିୟମିତ କ୍ଷେତ୍ର ପରିଦର୍ଶନ ଏବଂ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା କରି ବିଭାଗର ବିଭିନ୍ନ ଯୋଜନା ଓ ପଦକ୍ଷେପଗୁଡିକର ନିରନ୍ତନ ନିରୀକ୍ଷଣ କରିବେ।

ତେବେ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଅନନ୍ୟା ଦାସଙ୍କୁ ଖୋର୍ଦ୍ଧା ଜିଲ୍ଲା ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଗିରିଶ ଚନ୍ଦ୍ର ସିଂହଙ୍କୁ ଗଜପତି, ମୃଣାଳ କାନ୍ତି ଦାସଙ୍କୁ ବୌଦ୍ଧ, ନିୟତି ପଟ୍ଟନାୟକଙ୍କୁ ଢ଼େଙ୍କାନାଳ, ସ୍ମିତା ରାଉତଙ୍କୁ ନୟାଗଡ ମନୋଜ କୁମାର ପାଢ଼ୀଙ୍କୁ ସୁନ୍ଦରଗଡ଼, ଶିବାଶିଷ ଧଳଙ୍କୁ କେନ୍ଦୁଝର, ବୀରେନ୍ଦ୍ର କୋରକୋରାଙ୍କୁ କୋରାପୁଟ, ଶ୍ରୀକାନ୍ତ ତରାଇଙ୍କୁ କନ୍ଧମାଳ, ବାଳମୁକୁନ୍ଦ ଭୂୟାଁଙ୍କୁ କଳାହାଣ୍ଡି, ଭଗବାନ ବେହେରାଙ୍କୁ ବଲାଙ୍ଗୀର, ସୁମିତା ଦାସଙ୍କୁ କଟକ ଜିଲ୍ଲାରେ ନୋଡାଲ ଅଧିକାରୀ-ସହ-ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ସେହିପରି ଦୁର୍ଗା ପ୍ରସାଦ ମହାପାତ୍ରଙ୍କୁ ସମ୍ବଲପୁର, ଦିପ୍ତିରାଣୀ ସାହୁଙ୍କୁ ପୁରୀ, ଯଦୁମଣି ମହଲାଙ୍କୁ ମୟୂରଭଞ୍ଜ, ଲୋପାମୁଦ୍ରା ମହାନ୍ତିଙ୍କୁ ଜଗତସିଂପୁର, ସମ୍ବିତ କୁମାର ନାୟକଙ୍କୁ ଝାରସୁଗୁଡା, ଭବାନୀ ପ୍ରସାଦ ମିଶ୍ରଙ୍କୁ ସୋନପୁର, ସଙ୍ଗୀତା ବେହେରାଙ୍କୁ ନବରଙ୍ଗପୁର, ସୁମିତା ସାହୁଙ୍କୁ ଭଦ୍ରକ, ରମେଶ ଚନ୍ଦ୍ର ସେଠୀ ନୂଆପଡା, ଶୁଭ୍ରବାଳା ବେହେରାଙ୍କୁ ଅନୁଗୁଳ, ନିବେଦିତା ପାଣିଙ୍କୁ ଦେବଗଡ଼, ଜସ୍ମିନ ପଟ୍ଟନାୟକଙ୍କୁ ଗଞ୍ଜାମ, ସରୋଜ କୁମାର ବେହେରାଙ୍କୁ ରାୟଗଡା, ଲୋପାମୁଦ୍ରା ପଣ୍ଡାଙ୍କୁ କେନ୍ଦ୍ରାପଡ଼ା, ରାଜଶ୍ରୀ ପଟ୍ଟନାୟକଙ୍କୁ ବରଗଡ଼, ଅମିତା ପଟ୍ଟନାୟକଙ୍କୁ ଯାଜପୁର, ବନ୍ଦନା ମହାପାତ୍ରଙ୍କୁ ବାଲେଶ୍ୱର ଓ ଅମୂଲ୍ୟ କୁମାର ପ୍ରଧାନଙ୍କୁ ମାଲକାନଗିରି ଜିଲ୍ଲା ଲାଗି ନିଯୁକ୍ତ କରାଯାଇଛି।

### ରକ୍ତମୁଖା ସାଜିଛି ପାକିସ୍ତାନ ସେନା

## ୧୯୦ ବଲୁଚ୍ ବିଦ୍ରୋହୀ ନିହତ

**କ୍ୱେଟା, ୨।୨।/ଏଜେନ୍ସି:** ପାକିସ୍ତାନୀ ସଶସ୍ତ୍ର ବାହିନୀ ଏବେ ରକ୍ତମୁଖା ସାଜିଛି। ବଲୁଚିସ୍ତାନ ପ୍ରଦେଶରେ ଅନେକ ଆକ୍ରମଣ ପଛରେ ଥିବା ବିଚ୍ଛିନ୍ନତାବାଦୀ (ବିଏଲଏ)ଙ୍କୁ ଖୋଜି ଖୋଜି ମାରୁଛି ପାକ୍ ସେନା। ରିପୋର୍ଟ ଅନୁସାରେ ପାକିସ୍ତାନୀ ସେନା ଓ ବିଦ୍ରୋହୀଙ୍କ ଭିତରେ ଗୁଳିବିନିମୟ ଘଟି ଗତ ଦୁଇ ଦିନ ମଧ୍ୟରେ ବଲୋଚ ବିଦ୍ରୋହୀ, ସାଧାରଣ ନାଗରିକ ଓ ସୁରକ୍ଷା ବାହିନୀଙ୍କ ସମେତ ୧୯୦ରୁ ଅଧିକ ଲୋକ ନିହତ ହୋଇଛନ୍ତି। ବଲୁଚ ପ୍ରଦେଶର



ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ବିଦ୍ରୋହୀମାନେ ବ୍ୟାଙ୍କ, ଜେଲ୍, ପୁଲିସ୍ ଷ୍ଟେସନ୍ ଓ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଅତି କମ୍‌ରେ ୩୧ ଜଣ ସାଧାରଣ ନାଗରିକ ଓ ୧୭ ଜଣ ସୁରକ୍ଷା କର୍ମୀଙ୍କୁ ହତ୍ୟା କରିବାର ଗୋଟିଏ ଦିନ ପରେ ପାକିସ୍ତାନ ସେନା ଏବେ କମ୍ବିଂ ଅପରେସନ ଚଳାଇଛନ୍ତି। ଏଥିରେ ଅତି କମ୍‌ରେ ୧୪୫ ଜଣ ବିଏଲଏ ସଦସ୍ୟ ନିହତ ହୋଇଛନ୍ତି। ସେହିପରି ଗତ ଦୁଇ ଦିନ ଧରି ସମଗ୍ର ପ୍ରଦେଶରେ ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ସଡ଼କ ଯାତାୟାତ ବ୍ୟାହତ ହୋଇଛି ଓ ରେଳ ସେବା ସ୍ଥଗିତ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟ ଏକ ରିପୋର୍ଟ ଅନୁସାରେ ପାକିସ୍ତାନ ପକ୍ଷରୁ ବିଏଲ୍ଏଙ୍କୁ ଭାରତର ସମର୍ଥନ ଥିବା ଏବଂ ପାକିସ୍ତାନରେ ଘଟୁଥିବା ଆତଙ୍କବାଦୀ କାର୍ଯ୍ୟକଳାପରେ ଭାରତର ହାତ ଥିବା ନେଇ ଯେଉଁ ଅଭିଯୋଗ କରାଯାଇଆସୁଛି ଭାରତ ଏହାକୁ ଖଣ୍ଡନ କରିଛି।

### ଅଜିତ୍ ପୱାରଙ୍କ ଶେଷକୃତ୍ୟ ସମୟରେ ଲୁଟ୍ ଅଭିଯୋଗ

## ୩୦ ଲକ୍ଷ ମୂଲ୍ୟର ସୁନା ଅଳଙ୍କାର ଲୁଟିନେଲେ

**ମୁମ୍ବାଇ, ବାରାମତୀ, ୨।୨/ଏଜେନ୍ସି:** ଏନ୍‌ସିପି ମୁଖ୍ୟ ଅଜିତ ପୱାରଙ୍କ ଶେଷକୃତ୍ୟ ସମୟରେ ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ଚେନ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ୍ ରିପୋର୍ଟ ଅନୁସାରେ ଅଜିତ୍ ପୱାରଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ହଜାର ହଜାର ସଂଖ୍ୟକ ଲୋକେ ରୁଣ୍ଡ ହୋଇଥିବା ବେଳେ ପ୍ରାୟ ୧୫ଜଣଙ୍କ ଠାରୁ ସୁନା ଅଳଙ୍କାର ବିଶେଷକରି ସୁନା ଚେନ୍ ଚୋରି ହୋଇଛି। ଭିଡର ଫାଇଦା ଉଠାଇ ଲୁଟେରାମାନେ ଏହି ୧୫ଜଣଙ୍କୁ ଲୁଟିଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ ବୟାନ୍ ଅନୁସାରେ ଚୋରି ହୋଇଥିବା ଅଳଙ୍କାରର ମୋଟ ମୂଲ୍ୟ ୨୫ ଲକ୍ଷରୁ ୩୦ ଲକ୍ଷ ଟଙ୍କା ମଧ୍ୟରେ ଆକଳନ କରାଯାଉଛି। ଉଲ୍ଲେଖନୀୟ ଯେ, ଅନ୍ତିମ ସଂସ୍କାର ଦିନ ବାରାମତୀରେ ପ୍ରାୟ ୮,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଏହାସତ୍ତ୍ୱେ ଅପରାଧୀମାନେ ଏପ୍ରକାର ଅପରାଧ ଘଟାଇବାରେ ସଫଳ ହୋଇଛନ୍ତି।

ଜାନୁଆରୀ ୨୮ ତାରିଖରେ ଏକ ବିମାନ ଦୁର୍ଘଟଣାରେ ଉପମୁଖ୍ୟମନ୍ତ୍ରୀ ଅଜିତ ପୱାରଙ୍କ ଦୁଃଖଦ ମୃତ୍ୟୁ ହୋଇଥିବା ବେଳେ ୨୯ ତାରିଖ ସକାଳ ସମୟରେ ତାଙ୍କର ଶେଷକୃତ୍ୟ ବାରାମତୀର ବିଦ୍ୟା ପ୍ରତିଷ୍ଠାନ ପଡ଼ିଆରେ ପୂର୍ଣ୍ଣ ରାଜ୍ୟ ସମ୍ମାନ ସହିତ ସମ୍ପନ୍ନ ହୋଇଥିଲା। ସାରା ମହାରାଷ୍ଟ୍ରରୁ ଲୋକମାନେ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ବହୁ ସଂଖ୍ୟାରେ ପହଞ୍ଚିଥିଲେ ଏବଂ ସମଗ୍ର ସହର ଶୋକରେ ବୁଡ଼ି ଯାଇଥିଲା। ତେବେ ଏହି ଘଟଣାରେ କିଛି ସନ୍ଦିଗ୍ଧ ଚୋରଙ୍କୁ ଧରିବାରେ ଉପସ୍ଥିତ ଲୋକେ ସଫଳ ହୋଇଥିଲେ। ପରେ ଏମାନଙ୍କୁ ପୁଲିସ୍‌କୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣା ବାରାମତୀ ବାସିନ୍ଦାଙ୍କ ମଧ୍ୟରେ ବ୍ୟାପକ କ୍ରୋଧ ସୃଷ୍ଟି କରିଛି।

## ଜାନୁଆରୀରେ ଜିଏସ୍‌ଟି ସଂଗ୍ରହ ୧,୯୩,୩୮୪ କୋଟି

**ନୂଆଦିଲ୍ଲୀ, ୨।୨/ଏଜେନ୍ସି:** ଫେବ୍ରୁଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୬-୨୭ ଅର୍ଥ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଥିବା ବେଳେ ଅନ୍ୟପକ୍ଷେ ଗତ ଜାନୁଆରୀରେ ଜିଏସ୍‌ଟି ସଂଗ୍ରହ ପରିମାଣ ସମ୍ପର୍କୀତ ତଥ୍ୟ ସାମ୍ନାକୁ ଆସିଥିଲା। ଜାନୁଆରୀରେ ମୋଟ୍ ୧,୯୩,୩୮୪ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ୨୦୨୫ ଏହି ସମୟ ବେଳକୁ ଅର୍ଥାତ୍ ଜାନୁଆରୀରେ ସଂଗୃହୀତ ଜିଏସ୍‌ଟି ପରିମାଣ ବା ଆଦାୟ ରାଶି ୧,୮୨,୦୯୪ କୋଟି ଟଙ୍କା ରହିଥିଲା। ତେଣୁ ଗତବର୍ଷ ଜାନୁଆରି ତୁଳନାରେ ଚଳିତବର୍ଷ ଜାନୁଆରିରେ ଜିଏସ୍ ?ଟି ଆଦାୟ ରାଶି ୬.୨% ଅଧିକ ରହିଥିବା




ସ୍ପଷ୍ଟ ହୋଇଛି। ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ଯୋଗୁଁ ଜିଏସ୍‌ଟି ଆଦାୟ ପରିମାଣ ବୃଦ୍ଧି ପାଇଛି। ୨୦୨୬ ଜାନୁଆରୀରେ ନିଟ୍ ଜିଏସ୍‌ଟି ରାଶି ୧,୭୦,୭୧୯ କୋଟି ଟଙ୍କା ରହିଥିବା ବେଳେ ଏହା ଗତବର୍ଷ ଜାନୁଆରୀର ନିଟ୍ ଜିଏସ୍‌ଟି ତୁଳନାରେ ୭.୬% ଅଧିକ। ପ୍ରକାଶ, ଚଳିତ ଆର୍ଥିକବର୍ଷର ଏପ୍ରିଲରୁ ଜାନୁଆରୀ ମଧ୍ୟରେ ମୋଟ ଜିଏସ୍‌ଟି ଆଦାୟ ରାଶି ୮.୩% ବୃଦ୍ଧିପାଇ ୧୮,୪୩,୪୨୩ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଉପରୋକ୍ତ ସମୟ ମଧ୍ୟରେ ନିଟ୍ ଜିଏସ୍‌ଟି ଆଦାୟ ରାଶି ୬.୮ ପ୍ରତିଶତ ବୃଦ୍ଧି ଘଟି ୧୫,୯୫,୭୫୨ କୋଟି ଟଙ୍କାରେ ପହଞ୍ଚିଛି। ତେବେ ଜାନୁଆରୀରେ କ୍ଷତିପୂରଣ ସେସ୍‌ରେ ପ୍ରାୟ ୫୫.୬% ହ୍ରାସ ପରିଲକ୍ଷିତ ହୋଇଛି ଯାହାକି ଗତବର୍ଷ ଜାନୁଆରୀରେ ଏହା ୧୩,୦୦୯ କୋଟି ଟଙ୍କା ରହିଥିବା ବେଳେ ଚଳିତବର୍ଷ ଜାନୁଆରୀରେ ଏହା ୫୭୬୮ କୋଟି ଟଙ୍କାରେ ରହିଛି।

### ଚର୍ଚ୍ଚାରେ ମୁକୁନ୍ଦ ନରଭାଣେଙ୍କ ଆତ୍ମଜୀବନୀ ‘ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି’

# ଅପ୍ରକାଶିତ ବହିକୁ ନେଇ ଲୋକସଭାରେ ଝଡ଼

**ନୂଆଦିଲ୍ଲୀ, ୨।୨/ଏଜେନ୍ସି:** ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ଭାରତୀୟ ସ୍ଥଳ ସେନା ମୁଖ୍ୟ ଭାବରେ କାର୍ଯ୍ୟ କରିଥିବା ପୂର୍ବତନ ସେନା ମୁଖ୍ୟ ଜେନେରାଲ୍ ମନୋଜ ମୁକୁନ୍ଦ ନରଭାଣେଙ୍କ ଆତ୍ମଜୀବନୀ ‘ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି’କୁ ନେଇ ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ସଂସଦରେ ହଙ୍ଗାମା ଦେଖିବାକୁ ମିଳିଛି। ପ୍ରକାଶ, ନରଭାଣେଙ୍କ ଉପରେ ଲିଖିତ ଏହି ପୁସ୍ତକ ବର୍ତ୍ତମାନ ସୁଦ୍ଧା ଅପ୍ରକାଶିତ ରହିଛି। ଅନ୍ୟପକ୍ଷେ ଆଜି ଯେତେବେଳେ ଗୃହରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ବଜେଟ୍ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଆରମ୍ଭ ହୋଇଥିଲା ଠିକ୍ ଏହି ସମୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ଅପ୍ରକାଶିତ ପୁସ୍ତକରୁ ‘ଗଲୱାନ୍’ ଓ ‘ଡୋକଲାମ୍’ ସୀମା ବିବାଦ ପ୍ରସଙ୍ଗରେ କିଛି ତଥ୍ୟ ଉପସ୍ଥାପନ କରିବାକୁ ଚାହିଁଥିଲେ। ସେ ଅଭିଯୋଗ କରିଥିଲେ ଯେ, ସୀମାରେ ଚୀନ୍ ଟ୍ୟାଙ୍କ୍ ପ୍ରବେଶ କରିବା ସମୟରେ ରାଜନୈତିକ ନେତୃତ୍ୱ ନିଷ୍ପତ୍ତି ନେଇପାରିନଥିଲେ ଏବଂ ସମସ୍ତ ଦାୟିତ୍ୱ ସେନା ଉପରେ ଛାଡ଼ି ଦିଆଯାଇଥିଲା। ଯେତେବେଳେ ଚୀନ୍ ଟ୍ୟାଙ୍କ୍







ଭାରତୀୟ ସୀମାରେଖା ନିକଟତର ହେବା ସମୟରେ ୫୬ ଇଞ୍ଚର ଛାତି କୁଆଡେ ଯାଇଥିଲା ବୋଲି ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆକ୍ଷେପ କରି କହିଥିଲେ। ଏହି ସମୟରେ ବାଚସ୍ପତି ଓମ୍ ବିର୍ଲା ମଧ ମାଇକ୍ ବନ୍ଦ କରାଇଦେଇଥିଲେ।

ଏସବୁ ମଧ୍ୟରେ ରାହୁଲ ଗାନ୍ଧୀ ଯେତେବେଳେ ଏହି ଅପ୍ରକାଶିତ ପୁସ୍ତକର କିଛି ଅଂଶକୁ ସଂସଦରେ ପଢ଼ିବାକୁ ଚେଷ୍ଟା କରିଥିଲେ ସେତେବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଗୃହମନ୍ତ୍ରୀ ଅମିତ ଶାହ ଏହାକୁ ଜୋରଦାର ବିରୋଧ କରିଥିଲେ। ଏହି ବିବାଦ ଯୋଗୁ ଗୃହର କାର୍ଯ୍ୟଧାରା ବାଧାପ୍ରାପ୍ତ ହେବା ସହ ଏକାଧିକ ବାର ମୁଲତବୀ ରଖାଯାଇଥିଲା। ରାଜନାଥ ସିଂହ ଏହାକୁ ବିରୋଧ କରି କହିଥିଲେ ଯେ, ଯେଉଁ ପୁସ୍ତକ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ, ତାହାର ତଥ୍ୟକୁ ସଂସଦରେ ଗ୍ରହଣ କରାଯାଇପାରିବ ନାହିଁ। ଅନ୍ୟପଟେ, ଜେନେରାଲ୍ ନରଭାଣେଙ୍କ ଏହି ପୁସ୍ତକ ଗତ ଦେଢ଼ ବର୍ଷ ହେବ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମତି ଅପେକ୍ଷାରେ ରହିଛି। ଏଥିରେ ‘ଅଗ୍ନିପଥ’ ଯୋଜନା ଓ ସୀମା ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଥିବାରୁ ଏହାକୁ ନେଇ ବିତର୍କ ଜାରି ରହିଛି। ରାହୁଲ ପ୍ରଶ୍ନ କରିଛନ୍ତି ଯେ, ସେନା ମୁଖ୍ୟଙ୍କ ଅନୁଭୂତିକୁ ନେଇ ସରକାର କାହିଁକି ଭୟଭୀତ ଅଛନ୍ତି? ଏପ୍ରକାର ଏକ ପୁସ୍ତକ ପ୍ରକାଶିତ ହେବା ଦ୍ୱାରା ଦେଶର ଜନସାଧାରଣ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାସ୍ତବିକ ରୂପକୁ ଜାଣିଯିବେ ବୋଲି ସରକାର ଭୟ କରୁଛନ୍ତି କି? ବାରମ୍ବାର ବିରୋଧ ସତ୍ତ୍ୱେ ରାହୁଲ ପ୍ରାୟ ୪୬ ମିନିଟ୍ ପାଇଁ ନିଜ ସ୍ଥାନରେ ଛିଡା ହୋଇ କହିବା ଜାରି ରଖିଲେ। ଏହା ପରେ, ବାଚସ୍ପତି ଲୋକସଭାକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନ ୩ଟାରେ ଲୋକସଭା କାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ମାତ୍ରେ ରାହୁଲ କହିବା ଆରମ୍ଭ କରିଥିଲେ। କିନ୍ତୁ ହଟ୍ଟଗୋଳ ଯୋଗୁଁ, କାର୍ଯ୍ୟଧାରା କେବଳ ୯ ମିନିଟ୍ ପରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ସେହିପରି ଅପରାହ୍ନ ୪ଟାରେ କାର୍ଯ୍ୟଧାରା ପୁନର୍ବାର ଆରମ୍ଭ ହେବା ମାତ୍ରେ ପୁଣି ଥରେ ହଟ୍ଟଗୋଳ ହୋଇଥିଲା ଏବଂ ୧୧ ମିନିଟ୍ ପରେ କାର୍ଯ୍ୟଧାରା ମଙ୍ଗଳବାର ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

ସୂଚନାଯୋଗ୍ୟ, ନରଭାଣେ ନିଜ ଆତ୍ମଜୀବନୀ ‘ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି’ରେ ଚୀନ୍ ସହ ‘ଗଲୱାନ୍’ ଓ ‘ଡୋକଲାମ୍’ ସୀମା ବିବାଦ ଭଳି ଅନେକ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଏହି ପୁସ୍ତକ ଏବେ ପ୍ରକାଶନ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ମିଳିବା ଅପେକ୍ଷାରେ ରହିଛି। ରାହୁଲ ଏହି ପ୍ରସଙ୍ଗ ଉଠାଇବା ସମୟରେ ରାଜନାଥ ସିଂହ ରାହୁଲ ଗାନ୍ଧୀଙ୍କୁ ୧୧ ଥର, ଶାହ ୭ ଥର ବାଧା ଦେଇଥିଲେ। ଏହା ବ୍ୟତୀତ, ତାଙ୍କୁ କିରେନ ରିଜିଜୁ ଦୁଇଥର ଏବଂ ଅନୁରାଗ ଠାକୁର ୬ ଥର ବାଧା ଦେଇଥିଲେ। ଏହାପରେ ଏନଡିଏ ଏବଂ ବିରୋଧୀ ଦଳ ଲୋକସଭାରେ ହଙ୍ଗାମା ସୃଷ୍ଟି କରିଥିଲେ।

### ନିର୍ବାଚନ କମିଶନଙ୍କୁ ମମତାଙ୍କ ଚେତାବନୀ

## ଦିଲ୍ଲୀରେ ହେବ ଏସ୍‌ଆଇଆର୍ ଲଢ଼େଇ



**ନୂଆଦିଲ୍ଲୀ, ୨।୨/ଏଜେନ୍ସି:** ଏସ୍‌ଆଇଆର୍ (ସ୍ପେଶାଲ ଇନଟେନସିଭ ରିଭିଜନ୍) ପ୍ରସଙ୍ଗରେ ସୋମବାର ନୂଆଦିଲ୍ଲୀ ସ୍ଥିତ ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏକ କଳା ରଙ୍ଗର ଶାଲ୍ ଘୋଡେଇ ହୋଇଥିବା ମମତା ଏହି ଅବସରରେ ନିର୍ବାଚନ ଆୟୋଗଙ୍କୁ ଚେତାବନୀ ମଧ ଦେଇଥିବା ସୂଚନା ମିଳିଛି। ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ କଡା ଚେତାବନୀ ଦେଇ ମମତା କହିଛନ୍ତି, ଯଦି ଆଗାମୀ ଦିନରେ ନିର୍ବାଚନ ଆୟୋଗ ଏସ୍‌ଆଇଆର୍ ପ୍ରସଙ୍ଗରେ ଦାବି ମୁତାବକ କାର୍ଯ୍ୟକ୍ରମ ଗ୍ରହଣ ନକରନ୍ତି ତେବେ ଦିଲ୍ଲୀରେ ଏକ ବଡ଼ ଧରଣର ଏସ୍‌ଆଇଆର୍ ଲଢ଼େଇ ହେବ। ମମତା କହିଛନ୍ତି ଯେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଦିଲ୍ଲୀ ଆଣି ନିର୍ବାଚନ କମିଶନଙ୍କ ସମ୍ମୁଖରେ ପରେଡ୍ କରାଇବେ।

ମମତା ଅଭିଯୋଗ କରିଛନ୍ତି ଯେ, ଏସ୍‌ଆଇଆର୍ ଆଳରେ ପଶ୍ଚିମବଙ୍ଗରେ ପ୍ରକୃତ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଉଛି। କେବଳ ସେତିକି ନୁହେଁ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମମତା ଆଉ ଏକ ବଡ଼ ଅଭିଯୋଗ ମଧ ନିର୍ବାଚନ ଆୟୋଗଙ୍କ ବିରୋଧରେ କରିଛନ୍ତି। ମମତା କହିଛନ୍ତି, ନିର୍ବାଚନ ଆୟୁକ୍ତ ଏବେ ସ୍ୱଚ୍ଛ ତଥା ସ୍ୱୟଂଶାସିତ ଭାବେ କାମ କରୁନାହିଁ ବରଂ ଏହା କେନ୍ଦ୍ରୀୟ ବିଜେପିର ଏକ ଆଇଟି ସେଲ୍ ଭାବେ କାମ କରୁଛି। ଏଭଳି ଏକ ଭ୍ରଷ୍ଟ ନିର୍ବାଚନ ଆୟୋଗ ସେ ପୂର୍ବରୁ କେବେ ଦେଖିନାହାନ୍ତି ବୋଲି ମମତା କହିଛନ୍ତି। ମମତା ଏହି ପରିପ୍ରେକ୍ଷୀରେ ପ୍ରଶ୍ନ କରିଛନ୍ତି ଯେ, ବିଜେପି ଶାସିତ ଆସାମରେ ବେଆଇନ ଅନୁପ୍ରବେଶ ଏକ ବଡ଼ ସମସ୍ୟା ହୋଇଥିବା ବେଳେ ଏଠାରେ କାହିଁକି ଏସ୍‌ଆଇଆର୍ କାର୍ଯ୍ୟକାରୀ କରାଯାଉନାହିଁ। ଅନ୍ୟପକ୍ଷେ ପଶ୍ଚିମବଙ୍ଗକୁ ହିଁ କାହିଁକି କେବଳ ଟାର୍ଗେଟ୍ କରାଯାଉଛି? ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ମଏଠାରେ ରାଜନୈତିକ ବାତାବରଣକୁ ଖରାପ କରିବା ଉଦ୍ଦେଶ୍ୟରେ ଏସବୁ କରାଉଛି। ମମତାଙ୍କ ଅଭିଯୋଗ ଅନୁଯାୟୀ, ଏସ୍‌ଆଇଆର୍ ବ୍ୟବସ୍ଥା ଜରିଆରେ ବିରୋଧୀ ଦଳର ସମର୍ଥକ ଓ ସାଧାରଣ ନାଗରିକଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯାଉଛି। ଏହା ଏକ ‘ରାଜନୈତିକ ଷଡ଼ଯନ୍ତ୍ର’। ପ୍ରକାଶ, ମମତାଙ୍କ ଦଳ ଟିଏମ୍‌ସି ଏବେ ଏହି ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କିନ୍ତୁ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ତାଲିକାରୁ ଭୂତ ଭୋଟରଙ୍କୁ ବାଦ୍ ଦେବା ପାଇଁ ଏହା ଏକ ଜରୁରୀ ପଦକ୍ଷେପ ବୋଲି ଦର୍ଶାଇଛି।

### ସୁପ୍ରିମ୍‌କୋର୍ଟଙ୍କ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ସ୍ପଷ୍ଟୀକରଣ

## ଲଦାଖକୁ ନେପାଳ, ବାଂଲାଦେଶ କରିବାକୁ ଚାହୁଁଛନ୍ତି ୱାଙ୍ଗଚୁକ୍

**ନୂଆଦିଲ୍ଲୀ, ୨।୨/ଏଜେନ୍ସି:** ଲେହ ଠାରେ ଘଟିଥିବା ହିଂସାତ୍ମକ ଆନ୍ଦୋଳନ ପଛରେ ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ୍ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ସମ୍ପୃକ୍ତି ରହିଛି। ୱାଙ୍ଗଚୁକ, ଲଦାଖରେ ନେପାଳ, ଶ୍ରୀଲଙ୍କା ଏବଂ ବାଂଲାଦେଶ ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଷଡଯନ୍ତ୍ର କରିଥିଲେ। ସୁପ୍ରିମକୋର୍ଟଙ୍କ ସମ୍ମୁଖରେ ଆଜି ଏଭଳି କିଛି ଯୁକ୍ତି ରଖିଛନ୍ତି କେନ୍ଦ୍ର ସରକାର।



ୱାଙ୍ଗ୍‌ଚୁକ୍‌ଙ୍କୁ ଅଟକ ରଖାଯିବା ଘଟଣାକୁ କେନ୍ଦ୍ରକରି ସୁପ୍ରିମକୋର୍ଟରେ ଏକ ମାମଲା ଦାୟର କରାଯାଇଥିବା ବେଳେ ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଜଷ୍ଟିସ୍ ପ୍ରସନ୍ନ ବି ଭାରାଲେଙ୍କ ଖଣ୍ଡପୀଠ ଆଜି ଏହା ଉପରେ ଶୁଣାଣି କରିଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ନିଜ ପକ୍ଷ ରଖି କହିଛନ୍ତି ଯେ, ୱାଙ୍ଗଚୁକ୍‌ଙ୍କ ଭାଷଣ ଜନସାଧାରଣଙ୍କୁ ଭଡକାଇବା ପାଇଁ ଉଦ୍ଦିଷ୍ଟ ରହିଥିଲା। ଏହାଦ୍ୱାରା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ବିଶେଷ କରି ସୀମାନ୍ତ ଅଞ୍ଚଳ ଭାବେ ଲଦାଖର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ତାଙ୍କୁ ଅଟକ ରଖାଯିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କୋର୍ଟରେ ଯୁକ୍ତି ବାଢ଼ିଥିଲେ। ମେହେଟ୍ଟା କହିଛନ୍ତି, ୱାଙ୍ଗଚୁକ ନିଜ ଭାଷଣରେ ଯୁବପିଢ଼ିଙ୍କୁ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାରେ ହୋଇଥିବା ହିଂସାତ୍ମକ ଆନ୍ଦୋଳନ ଓ ରାଜନୈତିକ ଅସ୍ଥିରତାର ଉଦାହରଣ ଦେଇ ଲଦାଖକୁ ମଧ ସେହି ଦିଗକୁ ଠେଲି ଦେବାକୁ ପ୍ରୟାସ କରୁଥିଲେ। ୱାଙ୍ଗଚୁକ୍ ସାମ୍ପ୍ରଦାୟିକ ଓ ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ବଢ଼ାଉଥିଲେ। ଅତି ଚତୁରତାର ସହ ନିଜର ଉତ୍ତେଜନାମୂଳକ ମନ୍ତବ୍ୟ ଉପରେ ଗାନ୍ଧିବାଦୀ ବିଚାରଧାରାର ଏକ ପରଦା ଘୋଡ଼ାଇ ରଖିଥିଲେ। ଜାତୀୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ମଧ୍ୟରେ କାହାକୁ ମଧ ବିଷ ଓଗାଳିବାକୁ ଅନୁମତି ଦିଆଯାଇପାରିବ ନାହିଁ। ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୨୦୨୫ରେ ଲଦାଖରେ ହୋଇଥିବା ହିଂସାତ୍ମକ ଆନ୍ଦୋଳନ ପରେ ୱାଙ୍ଗଚୁକଙ୍କୁ ଗିରଫ କରାଯାଇ ଯୋଧପୁର ଜେଲରେ ରଖାଯାଇଛି।

## ସିନ୍ଧୁ ଜଳ ଚୁକ୍ତି ପ୍ରସଙ୍ଗ: ଆଇସିଜେ ଆଦେଶ ମାନିବନି ଭାରତ

**ନୂଆଦିଲ୍ଲୀ, ହେଗ୍, ୨।୨/ଏଜେନ୍ସି:** ସିନ୍ଧୁ ଜଳ ଚୁକ୍ତିନାମା ଉପରେ ଅନ୍ତର୍ଜାତୀୟ କୋର୍ଟ (ଆଇସିଜେ)ଙ୍କ ଏକ ମଧ୍ୟସ୍ଥତା କୋର୍ଟ ଦେଇଥିବା ଆଦେଶକୁ ମଧ ଭାରତ ସ୍ୱୀକାର କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଫଳରେ ପାକିସ୍ତାନ ଭାରତ ବିରୋଧରେ ଯେଉଁ ନ୍ୟାୟିକ ଚାଲ୍ ଖେଳିଥିଲା ତାହା ଏବେ ବିଫଳ ହୋଇଯାଇଛି। ଆଇସିଜେଙ୍କ ନିର୍ଦ୍ଦେଶନାମା ଉପରେ ଭାରତ ନିଜ ପକ୍ଷ ରଖି କହିଛି ଯେ, ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ଭାରତର ବାର୍ତ୍ତା ସ୍ପଷ୍ଟ ରହିଛି। ଭାରତ ସିନ୍ଧୁ ଜଳ ଚୁକ୍ତିକୁ ଖାରଜ କରିଥିବା ନିଷ୍ପତ୍ତିରେ ଅଟଳ ରହିଛି ଏବଂ ଏହା ଜାରି ରହିବ। ଚୁକ୍ତିନାମା ଭୂମିଗତ ବାସ୍ତବତାଠାରୁ ପୃଥକ୍ ଭାବରେ କାର୍ଯ୍ୟ କରିପାରିବ ନାହିଁ ବୋଲି ଭାରତ ଦର୍ଶାଇଛି। ଏପରି କହିବା ସହ ସିନ୍ଧୁ ଜଳ ଚୁକ୍ତି ସହ ଜଡିତ ପ୍ରସଙ୍ଗରେ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତର ଆଦେଶକୁ ଭାରତ ସ୍ପଷ୍ଟ ଭାବରେ ଗ୍ରହଣ କରିବାକୁ ମନା କରିଦେଇଛି।


ଭାରତର ସିନ୍ଧୁ ଜଳ ଚୁକ୍ତି ବାତିଲ କରିବା ପ୍ରସଙ୍ଗରେ ପାକିସ୍ତାନ ହେଗ୍ ସ୍ଥିତ ଅନ୍ତର୍ଜାତୀୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆଇସିଜେ ସିନ୍ଧୁ ଜଳ ଚୁକ୍ତିନାମା ଅଧୀନରେ ନୂତନ ଶୁଣାଣି ଏବଂ ଦସ୍ତାବିଜ ଆଦେଶ ସହିତ ଆଗକୁ ବଢୁଥିବା ବେଳେ, ନିକଟରେ ଅନ୍ତର୍ଜାତୀୟ ଅଦାଲତ ସିନ୍ଧୁ ଜଳ ବିବାଦ ପରିପ୍ରେକ୍ଷୀରେ ଭାରତକୁ ଏହାର ଜଳ ବିଦ୍ୟୁତ୍ କେନ୍ଦ୍ରର କାର୍ଯ୍ୟକ୍ଷମ ରେକର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହାଦ୍ୱାରା ଏହାକୁ ପରବର୍ତ୍ତୀ ଶୁଣାଣିରେ ବ୍ୟବହାର କରାଯାଇପାରିବ। ଆସନ୍ତା ୯ ତାରିଖ ସୁଦ୍ଧା ଏହି ଦସ୍ତାବିଜ ହସ୍ତାନ୍ତର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଅନ୍ୟପକ୍ଷେ ଭାରତ ଦର୍ଶାଇଛି ଯେ, ଏହି ମଧ୍ୟସ୍ଥତା ଅଦାଲତ ବେଆଇନ ପ୍ରକ୍ରିୟାରେ ଗଠନ ହୋଇଛି ଏବଂ ଭାରତ ଏହାର ଆଦେଶକୁ ସ୍ୱୀକୃତି ଦିଏ ନାହିଁ। ସୁତରାଂ ଏବେ ଜାରି ରହିଥିବା ଶୁଣାଣି ପ୍ରକ୍ରିୟାରେ ଭାରତ କୌଣସି କାଉଣ୍ଟର ମେମୋରିଆଲ୍ ଦାଖଲ କରିନାହିଁ କିମ୍ବା ଏଥିରେ ଅଂଶଗ୍ରହଣ କରିବାର କୌଣସି ସୂଚନା ଦେଇନାହିଁ। ସୂଚନାଯୋଗ୍ୟ, ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆନୁଷ୍ଠାନିକ ଭାବେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ସେବେଠାରୁ ପାକିସ୍ତାନ ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ସ୍ତରରେ ନିଜ ପକ୍ଷ ରଖି ଭାରତକୁ ବଦନାମ୍ କରିବାକୁ ଚକ୍ରାନ୍ତ ଜାରି ରଖିଛି।

### ମଣିପୁରରେ ରାଜନୈତିକ ହଲ୍‌ଚଲ୍

## ୧୨ରେ ଶେଷ ହେବ ରାଷ୍ଟ୍ରପତି ଶାସନ: ସରକାର ଗଠନ କରିବାକୁ ଏନ୍‌ଡିଏ ଆଗଭର

**ନୂଆଦିଲ୍ଲୀ,ଇମ୍ଫାଲ, ୨।୨/ଏଜେନ୍ସି:** ମଣିପୁରରେ ଗତ ଏକ ବର୍ଷ ଧରି ଲାଗୁ କରାଯାଇଥିବା ରାଷ୍ଟ୍ରପତି ଶାସନର ଅବଧି ଆସନ୍ତା ୧୨ ତାରିଖରେ ଶେଷ ହେବ। ସୁତରାଂ ଏଥର ଏଠାରେ ସରକାର ଗଠନ କରିବାକୁ ସବୁ ରାଜନୈତିକ ଦଳ ଚଳଚଞ୍ଚଳ ହୋଇ ଉଠିଛନ୍ତି। ବିଶେଷକରି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଏଠାରେ ସରକାର ଗଠନ କରିବାକୁ ଜୋରଦାର ପ୍ରୟାସ ଆରମ୍ଭ କରିଦେଇଛି। ମୋଟାମୋଟି ଭାବେ କହିବାକୁ ଗଲେ ମଣିପୁରରେ ଏବେ ଏକରକମ ରାଜନୈତିକ ହଲ୍‌ଚଲ୍ ଦେଖିବାକୁ ମିଳୁଛି।

ରିପୋର୍ଟ ଅନୁସାରେ ରାଷ୍ଟ୍ରପତି ଶାସନ କାର୍ଯ୍ୟକାଳ ଶେଷ ହେବା ପରେ ପରେ ରାଜ୍ୟରେ ଏକ ସ୍ଥିର ସରକାର ପାଇଁ ରାଜ୍ୟବାସୀ ସ୍ୱପ୍ନ ଦେଖୁଛନ୍ତି। ଏହାକୁ ପାଥେୟ କରି ମଣିପୁରରେ ଏକ ଲୋକାଦୃତ ସରକାର ପୁନଃସ୍ଥାପିତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ, ବିଜେପିର କେନ୍ଦ୍ରୀୟ ନେତୃତ୍ୱ ମଣିପୁରର ସମସ୍ତ ଏନ୍‌ଡିଏ ବିଧାୟକଙ୍କୁ ଦିଲ୍ଲୀ ଡକାଇ ଏକ ବୈଠକ କରିବା ପୂର୍ବକ ମଣିପୁରର ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ମଣିପୁର ବିଜେପି ସଭାପତି ଅଧିରାଜମାୟୁମ୍ ଶାରଦା ଦେବୀ ଓ ୨୦ ରୁ ଅଧିକ ବିଜେପି ବିଧାୟକ ସାମିଲ ହୋଇଥିବା ସୂଚନା ମିଳିଛି। ଏନ୍‌ଡିଏର ସହଯୋଗୀ ଦଳ ନ୍ୟାସନାଲ ପିପୁଲ୍ସ ପାର୍ଟି ଓ ନାଗା ପିପୁଲ୍ସ ଫ୍ରଣ୍ଟର ବିଧାୟକମାନଙ୍କୁ ମଧ ଆଲୋଚନାରେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରାଯାଇଥିଲା। ବିଜେପି ରାଜ୍ୟ ୟୁନିଟ୍



ସଭାପତି ଦିଲ୍ଲୀ ଯିବା ପୂର୍ବରୁ ଇମ୍ଫାଲ ବିମାନବନ୍ଦରରେ ସୂଚନା ଦେଇ କହିଥିଲେ ଯେ, ରାଜ୍ୟରେ ଖୁବ୍ ଶୀଘ୍ର ଏକ ସ୍ଥିର ସରକାର ଗଠନ ହେବ। ତେବେ ରାଜ୍ୟର ଦାୟିତ୍ୱ କିଏ ନେବ ଅର୍ଥାତ୍ ଏନ୍‌ଡିଏ ଦଳର ନେତା ଭାବେ କିଏ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବେ ସେନେଇ ସେ କିଛି ବି ସୂଚନା ଦେଇନାହାନ୍ତି। ଲାମସାଙ୍ଗ ବିଧାୟକ ଏସ. ରାଜେନ ସିଂହ କହିଛନ୍ତି, ମଣିପୁରରେ ଏନ୍‌ଡିଏ ସରକାର ଗଠନ ହେବାର ସମ୍ଭାବନା ଥିଲେ ମଧ ରାଜ୍ୟର ବର୍ତ୍ତମାନର ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପରେ କେନ୍ଦ୍ରୀୟ ନେତୃତ୍ୱ ମୁଖ୍ୟମନ୍ତ୍ରୀ ପଦ ପାଇଁ ଯୋଗ୍ୟବ୍ୟକ୍ତିଙ୍କୁ ଚୟନ କରିବେ।

ଅନ୍ୟପକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ. ବୀରେନ ସିଂହ ବୈଠକ ସମ୍ପର୍କରେ ସକାରାତ୍ମକ ମନୋଭାବ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ସମସ୍ତ ସହଯୋଗୀଙ୍କୁ ନିମନ୍ତ୍ରଣ କରାଯାଇଥିବାରୁ ସେ ଏକ ଭଲ ଫଳାଫଳ ଆଶା କରୁଛନ୍ତି। ପ୍ରକାଶ, ୬୦ ଜଣିଆ ସଦସ୍ୟ ବିଶିଷ୍ଟ ମଣିପୁର ବିଧାନସଭାରେ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ୍ ନଂ ଏବେ ଏନ୍‌ଡିଏ ସପକ୍ଷରେ ରହିଛି। ସରକାର ଗଠନ ପାଇଁ ୩୧ ଜଣ ବିଧାୟକଙ୍କ ଆବଶ୍ୟକତା ରହିଛି। ସମ୍ପ୍ରତିର ବିଧାନସଭାରେ ବିଜେପିର ୩୭ ବିଧାୟକ ଥିବା ବେଳେ ସହଯୋଗୀ ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ର ୬ ବିଧାୟକ ଓ ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)ର ୫ ବିଧାୟକ ଅଛନ୍ତି।ମଣିପୁରରେ ସରକାର ଗଠନ ପ୍ରକ୍ରିୟା ଏପରି ଏକ ସମୟରେ ହେବାକୁ ଯାଉଛି ଯେତେବେଳେ କି ରାଜ୍ୟରେ ମୈତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟ ସାମ୍ପ୍ରଦାୟିକ ବା ଜାତିଗତ ହିଂସା ଚରମ ସୀମାରେ ରହିଛି। ମେ’ ୨୦୨୩ ପରଠାରୁ, ରାଜ୍ୟରେ ମୈତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସାରେ ୨୬୦ରୁ ଅଧିକ ଲୋକଙ୍କର ଜୀବନ ଯାଇଛି। ହଜାର ହଜାର ଲୋକ ଭିଟାମାଟିରୁ ବେଘର ହୋଇଛନ୍ତି। ଗତ ବର୍ଷ ଫେବ୍ରୁଆରୀ ୧୩ରେ ଏନ. ବୀରେନ ସିଂହଙ୍କ ଇସ୍ତଫା ପରେ କେନ୍ଦ୍ର ସରକାର ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରି ବିଧାନସଭାକୁ ସ୍ଥଗିତ ରଖିଥିଲେ। ବର୍ତ୍ତମାନର ବିଧାନସଭାର କାର୍ଯ୍ୟକାଳ ୨୦୨୭ରେ ଶେଷ ହେବାକୁ ଯାଉଛି।

## ରୁପା ମୂଲ୍ୟ ୬୨୫୧ ଟଙ୍କା ହ୍ରାସ

**ନୂଆଦିଲ୍ଲୀ, ୨।୨/ଏଜେନ୍ସି:** ବଜେଟ୍ ଉପସ୍ଥାପନ ହେବାର ଗୋଟିଏ ଦିନ ପରେ ଅର୍ଥାତ୍ ଆଜି ଦିନରେ ରୂପା ମୂଲ୍ୟ ହ୍ରାସ ପାଇଛି। ଇଣ୍ଡିଆ ବୁଲିଆନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଏଜେ) ଅନୁଯାୟୀ, ଏକ କିଲୋ ରୂପା ୬,୨୫୧ ଟଙ୍କା ହ୍ରାସ ପାଇ ୨,୫୯,୫୦୦ ଟଙ୍କା ହୋଇଛି। ପୂର୍ବରୁ ଏହା ୨,୬୫,୭୫୧ ଟଙ୍କା ଥିଲା। ତିନୋଟି ବ୍ୟବସାୟିକ ଦିନରେ ରୂପାର ମୂଲ୍ୟ ୧.୨୦ ଲକ୍ଷ ଟଙ୍କା ହ୍ରାସ ପାଇଛି। ଅନ୍ୟପକ୍ଷେ ଆଜି ଦିନରେ ସୁନା ମୂଲ୍ୟରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିଥିଲେ ମଧ ଏହା ସୀମିତ ରହିଛି। ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୪୯ ଟଙ୍କା ବୃଦ୍ଧି ପାଇ ୧,୪୮,୭୪୬ ଟଙ୍କା ହୋଇଛି। ପୂର୍ବରୁ, ଗତ ଦୁଇଟି ବ୍ୟବସାୟିକ ଦିନରେ ଏହାର ମୂଲ୍ୟ ୨୬,୦୦୦ ଟଙ୍କା ହ୍ରାସ ପାଇଥିଲା। ବିଶେଷଜ୍ଞଙ୍କ ମତରେ, ସୁନା ଏବଂ ରୂପାର ମୂଲ୍ୟରେ ହ୍ରାସ ଲାଭ ବୁକିଂ ଯୋଗୁଁ ହୋଇଛି।



## ଜମ୍ମୁ କାଶ୍ମୀରରେ ମୃଦୁ ଭୂକମ୍ପ

**ଶ୍ରୀନଗର, ୨।୨।/ଏଜେନ୍ସି:** ସୋମବାର ଜମ୍ମୁ କାଶ୍ମୀରରେ ବଡ ଧରଣର ଭୂକମ୍ପ ଝଟକା ଅନୁଭୂତ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସକାଳ ୫ଟା ୩୫ ସମୟରେ ଜମ୍ମୁ ଏବଂ କାଶ୍ମୀରର ବାରମୁଲ୍ଲା ଜିଲ୍ଲାରେ ୪.୬ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ବାରାମୁଲ୍ଲାରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳୀ ରହିଥିବା ଜଣାପଡିଛି। ଭୂକମ୍ପ ଅନୁଭୂତ ହେବା ପରେ ବାରାମୁଲାର ସ୍ଥାନୀୟ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା କୌଣସି କ୍ଷୟକ୍ଷତି ନେଇ ସୂଚନା ମିଳିନାହିଁ।

ନିତିଦିନ NITIDIN



# ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ପୁରୀରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ





**ପୁରୀ,୨।୨/ଏନ୍ଏନ୍ଏସ୍:** ଆସନ୍ତାକାଲି ଅପରାହ୍ଣରେ ପୁରୀ ଗସ୍ତ ରେ ଆସୁଛନ୍ତି ଦେଶର ପ୍ରଥମ ନାଗରିକ ମାନ୍ୟବର ପ୍ରେସିଡେଣ୍ଟ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ପୁରୀ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ପୋଲିସ ବ୍ରିଫିଂ ହୋଇଛି। କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଓ ଏସପି ପ୍ରତୀକ ସିଂହ ବ୍ରିଫିଂ କରିଛନ୍ତି। ୩୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ମହାମହିମଙ୍କ ସୁରକ୍ଷା ଦାୟିତ୍ୱ ରେ। ଆଜି ଅପରାହ୍ନରେ କାରକେଡ୍ ରିହରସାଲ ହେଲିପାଡ଼, ଲୋକଭବନ, ଶ୍ୱେତଗଙ୍ଗା ପୁଷ୍କରିଣୀ, ଶ୍ରୀମନ୍ଦିର ଭିତରେ ଓ ବାହାରେ ରହିବ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ହୋଇଛି। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

କଡା ସୁରକ୍ଷା ମଧ୍ୟରେ ରହିବ ପୁରୀ ସହର। ରୁଟ ପ୍ଲାନିଂ ଶେଷ ହୋଇଛି। ବ୍ଲୁ ବୁକ୍ ସୁରକ୍ଷା ଅନୁଯାୟୀ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩ ତାରିଖ ଅପରାହ୍ନ ୫ ଟାରେ ରାଷ୍ଟ୍ରପତି ପୁରୀରେ ପହଞ୍ଚି ଲୋକଭବନ ଯିବେ। ତେଣୁ ଲୋକଭବନ କୁ ସୁନ୍ଦର ଆଲୋକମାଳରେ ସଜାଯାଇଛି। ସ୍ୱତନ୍ତ୍ର ସୁରକ୍ଷା ୟୁନିଟ, ଆଣ୍ଟି ଡ୍ରୋନ ୟୁନିଟ, ଆଣ୍ଟି ସାବୋଟେଜ ଚେକ, ବୋମା ନିଷ୍କ୍ରିୟକାରୀ ଦଳ ,ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ସହରରେ ରାତ୍ରିକାଳୀନ ନାକା ଓ ଚେକିଂକୁ କଡାକଡି କରାଯାଇଛି। ରାଷ୍ଟ୍ରପତି ୪ ତାରିଖ ସକାଳ ୭ ଟା ରେ ଶ୍ୱେତଗଙ୍ଗା ପୁଷ୍କରିଣୀ ଯାଇ ପିଣ୍ଡଦାନ କରିବେ। ସକାଳ ୭.୪୦ ରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ।ରାଷ୍ଟ୍ରପତିଙ୍କ ଗସ୍ତ କାରକେଡ ସମସ୍ତ ରୁଟ୍ ରେ ସାଧାରଣ ଯାତାୟାତ ବନ୍ଦ ରହିବ। ରୁଟ ଲାଇନ ଏରିଆକୁ ବିଭିନ୍ନ ଜୋନରେ ବିଭକ୍ତ କରାଯାଇଛି। ପ୍ରତି ଜୋନ ଦାୟିତ୍ୱରେ ବରିଷ୍ଠ ପୋଲିସ ଅଧିକାରୀ ମୁତୟନ ରହିବେ। ଶ୍ୱେତଗଙ୍ଗା, ବାଲି ସାହି ରାସ୍ତା, ଶ୍ରୀମନ୍ଦିର ଓ ବାହାରେ କଡା ସୁରକ୍ଷା ବ୍ୟବସ୍ଥା ରହିବ। ପୁରୀ ବାସୀ ,ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଯିବା ,ଆସିବା ପାଇଁ ବିକଳ୍ପ ରୁଟ୍ ର ବ୍ୟବସ୍ଥା କରାଯାଇଛି। ହସ୍ପିଟାଲ ଛକରୁ ସମସ୍ତ ଯାନବାହାନକୁ ଡାଇଭଟ କରାଯିବ। ତେବେ ୪ ତାରିଖ ସକାଳ ୭ ଟା ରେ ରାଷ୍ଟ୍ରପତି କଡା ସୁରକ୍ଷା ମଧ୍ୟରେ ଶ୍ୱେତଗଙ୍ଗା ଯାଇ ପିଣ୍ଡଦାନ କରିବେ। ତେଣୁ ନୂଆ ରୂପ ପାଇଛି ଶ୍ୱେତଗଙ୍ଗା ପୁଷ୍କରିଣୀ। ପୁଷ୍କରିଣୀକୁ ସଂପୂର୍ଣ୍ଣ ବିଶୋଧନ କରାଯାଇଛି। ବ୍ଲିଚିଂ ପାଉଡର, ଚୂନ ଓ ଫିଟିକିରି ପକାଯାଇ ପାଣି ସଫା କରାଯାଇଛି। ସେହିପରି ଶ୍ୱେତଗଙ୍ଗା ପୁଷ୍କରିଣୀରୁ ଆବର୍ଜନା, ଶିଉଳି ସଫା କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ୱେତଗଙ୍ଗା ପୁଷ୍କରିଣୀର ଗୋଟିଏ କୋଣରେ ସ୍ନାନ ସହ ପିଣ୍ଡଦାନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିପରି ରାଷ୍ଟ୍ରପତି ଓ ତାଙ୍କ ପରିବାର ଲୋକେ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ସାବତ ନିଯୋଗର ବିପିନ ପଣ୍ଡା ପିଣ୍ଡଦାନ କରିବେ। ସାଧାରଣ ମଣିଷ ଯେଭଳି ଅସ୍ଥି ବିସର୍ଜନ ଓ ପିଣ୍ଡଦାନ କରିଥାଏ ସେହିପରି ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ପିଣ୍ଡଦାନ କାର୍ଯ୍ୟ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରି ରଖାଯାଇଛି।ଶ୍ୱେତଗଙ୍ଗା ପୁଷ୍କରିଣୀର ଚତୁଃ ପାର୍ଶ୍ୱରେ ରୁଟ ଟପ୍ ସୁରକ୍ଷା ବ୍ୟବସ୍ଥା ରହିବ। କେବଳ ପିଣ୍ଡଦାନ ପାଇଁ ରାଷ୍ଟ୍ରପତି ଭବନରୁ ଅନୁମତି ପାଇଥିବା ୩ ଜଣଙ୍କ ସହ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଉପସ୍ଥିତ ରହିବେ। ରାଷ୍ଟ୍ରପତି ଶ୍ୱେତଗଙ୍ଗା ପୁଷ୍କରିଣୀକୁ ପିଣ୍ଡଦାନ କରିବାକୁ ଆସିବାର ଯଥେଷ୍ଟ ପୂର୍ବରୁ ଶ୍ରୀମନ୍ଦିରରୁ ବାଲିସାହି ଦେଇ ସ୍ୱର୍ଗଦ୍ୱାରକୁ ସଂଯୋଗ କରୁଥିବା ରାସ୍ତା ସଂପୂର୍ଣ୍ଣ ଭାବେ ସିଲ ହେବ। ତେବେ ଶ୍ୱେତଗଙ୍ଗାରେ କଣ ପାଇଁ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବେ। କଣ ରହିଛି ଶ୍ୱେତଗଙ୍ଗାରେ ମାହାତ୍ମ୍ୟ। ବନାରସରେ ଯେପରି ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ତୀର୍ଥ ଅଛି ପୁରୀରେ ମଧ୍ୟ ପଞ୍ଚ ତୀର୍ଥ ପୁଷ୍କରୀରେ ରହିଛି। ବିଶ୍ୱାସ ରହିଛି ଶ୍ରୀକ୍ଷେତ୍ରରେ ପଞ୍ଚ ତୀର୍ଥ ପୁଷ୍କରିଣୀରେ ସ୍ନାନ କଲେ ଆଉ ମଣିଷର ପୁନର୍ଜନ୍ମ ହୁଏ ନାହିଁ। ପିଣ୍ଡଦାନ ଓ ବୁଡ଼ ପକାଇଲେ ମୁକ୍ତି ମିଳେ। ପବିତ୍ର ଶ୍ୱେତଗଙ୍ଗା ପୁଷ୍କରିଣୀ ଗଙ୍ଗା ନଦୀ ସହ ସଂଯୋଗ ଥିବାର ଅନେକ ଜନଶ୍ରୁତି ରହିଛି। ତେବେ ମାନ୍ୟବର ପ୍ରେସିଡେଣ୍ଟଙ୍କ ସ୍ୱାଗତ ପାଇଁ ପୁରୀ ସଜେଇ ହେବାସହ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି ଏବେ କେବଳ ମହାମହିମଙ୍କ ଆଗମନକୁ ଅପେକ୍ଷା।

## ଦିଲ୍ଲୀରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଛାତ୍ରଙ୍କ କୃତିତ୍ୱ



**ସାଲେପୁର,୨।୨/ଏନ୍ଏନ୍ଏସ୍:** ସାଲେପୁର ପିଏମଶ୍ରୀ ସାଲେପୁର ହାଇସ୍କୁଲ ଏନ.ସି.ସି ର ୯ମ ଶ୍ରେଣୀର ଛାତ୍ର ସ୍ୱୟଂସିଦ୍ଧ ମହାନ୍ତି ଗତ ୨୬ ତାରିଖ ସାଧାରଣ ତନ୍ତ୍ର ଦିବସରେ ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ପ୍ୟାରେଡରେ ଓଡିଶାରୁ ଯୋଗଦେଇ ଥିଲେ। ସେଠାରେ ଉଚ୍ଚ କୋଟିର ପ୍ୟାରେଡ ପ୍ରଦର୍ଶନ କରି ସ୍ୱୟଂ ସିଦ୍ଧ ରାଜ୍ୟର ଗୌରବ ବଜାଇ ରଖିବା ସହିତ ପିଏମଶ୍ରୀ ସାଲେପୁର ହାଇସ୍କୁଲକୁ ଗୌରବାନିତ କରିଛନ୍ତି। ଆସନ୍ତା ଫେବୃଆରୀ ୩ ତାରିଖ ଦିନ ଓଡ଼ିଶାର ମହାମହିମ ରାଜ୍ୟପାଳ ସ୍ୱୟଂସିଦ୍ଧଙ୍କୁ ସ୍ୱର୍ଣ୍ଣ ପଦକ ସହିତ ନଗଦ ୧୦ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଦେବେ ବୋଲି ପିଏମଶ୍ରୀ ସାଲେପୁର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପରିଡା ପ୍ରକାଶ କରିଛନ୍ତି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ଟାଙ୍ଗିଛକ,୨।୨/ଏନ୍ଏନ୍ଏସ୍:** ଟାଙ୍ଗିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଗତ ୩୧ ଜାନୁୟାରୀରେ ତାଙ୍କ ସରକାରୀ ଚାକିରିରୁ ଅବସରପରେ ନୂତନ ଅଧ୍ୟକ୍ଷ ଭାବେ ଉକ୍ତ ମହାବିଦ୍ୟାଳୟର ମନସ୍ତତ୍ୱ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡଃ ଅଶୋକ କୁମାର ବିଶ୍ୱାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡଃ ବିଶ୍ୱାଳ ଉକ୍ତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଡଃ ବିଶ୍ୱାଳ ନୂତନ ଅଧ୍ୟକ୍ଷ ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନେ ଫୁଲତୋଡା ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ।

## ଫାଇନାନ୍ସ ଟଙ୍କା ଆଦାୟ ନାଁରେ ଠକେଇ କରି ଅଡୁଆରେ ଯୁବକ



**ଓଡ଼ଗାଁ,୨।୨/ଏନ୍ଏନ୍ଏସ୍:** ଲୋକଙ୍କୁ ବିଭିନ୍ନ ଉପାୟରେ ଠକିବାକୁ କିଏ କେତେ ତରିକା ଆପଣାଉଛନ୍ତି।ଓଡ଼ଗାଁ ଆଦର୍ଶ ଅନ୍ତର୍ଗତ ଥାନା କୁରାଳ ପଞ୍ଚାୟତ ଦଣ୍ଡୋର ଗ୍ରାମରେ ଫାଇନାନ୍ସ ଟଙ୍କା ଆଦାୟ କରିବାକୁ ଯାଇ ଜଣେ ଯୁବକ ଧରାପଡ଼ିଛନ୍ତି। ଯୁବକଙ୍କୁ ଗ୍ରାମବାସୀମାନେ ଅଟକରଖି ପୁଲିସ ଜିମା ଦେଇଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ ରାବେରା ପଞ୍ଚାୟତ ଗୋଠବଣ ଗ୍ରାମର ଦେବାଶିଷ ପାଣିଗ୍ରାହୀ ଦଣ୍ଡୋର ଗ୍ରାମରେ ପହଞ୍ଚି ଫାଇନାନ୍ସ କମ୍ପାନୀରୁ ଆସିଥିବା କହି ଲୋକଙ୍କ ଠାରୁ ଟଙ୍କା ଆଦାୟ କରିବାକୁ ଚେଷ୍ଟା କରିଥିଲେ। ଲୋକମାନେ ଏହି ବ୍ୟକ୍ତିର ଆବଭାବରୁ ଜଣେ ଠକବୋଲି ଜାଣିବା ପରେ ମେଳିହୋଇ ଦେବାଶିଷଙ୍କୁ ଗାଁରେ ଅଟକ ରଖିଥିଲେ। କେଉଁ ଫାଇନାନ୍ସରୁ ଆସିଛ କିଏ ପଠାଇଛି ବୋଲି ଲୋକେ ପଚାରିଥିଲେ ମଧ୍ୟ କିଛି ଉତ୍ତରଦେଇ ପାରିନଥିଲେ। ଫଳରେ ଯୁବକକୁ ଅଟକ ରଖିବାପରେ ପୁଲିସ ଜିମା ଦେଇଥିବା ଜଣାପଡିଛି। ଖବରପାଇ ପୁଲିସ ପହଞ୍ଚି ଦେବାଶିଷଙ୍କୁ ଥାନାକୁ ଆଣି ଲିଖିତ ଭାବେ ଚୁକ୍ତିପତ୍ର ଲେଖି ଛାଡିଥିବା ଥାନା ପକ୍ଷରୁ ଜଣାପଡିଛି।

## ଘରୋଇ ଶିକ୍ଷାନୁଷ୍ଠାନରେ ପାଠପଢ଼ା ଠପ୍, ବଢୁଛି ଶୋଷଣ

**ନୟାହାଟ,୨।୨/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଘରୋଇ ଶିକ୍ଷା ଅନୁଷ୍ଠାନ ଛତୁ ଫୁଟିବା ଭଳି ସ୍ଥାପିତ ହେଉଥିବା ବେଳେ ଏଥିରେ କିଛି ଦଲାଲ ପଦ ପଦବୀରେ ରହି ଦଲାଲି କରୁଥିବା ଅଭିଯୋଗ ହେଉଛି। ସରକାରୀ ସ୍କୁଲରେ ମାଗଣା ବହି ପୋଷାକ ଖାଦ୍ୟ, ଜୋତା ସରକାରଙ୍କ ତରଫରୁ ମାଗଣା ଦିଆଯାଉଥିବା ବେଳେ ଛାତ୍ରଛାତ୍ରୀମାନେ ସରକାରୀ ସ୍କୁଲରେ ଉପସ୍ଥାନ ବଢୁଥିବା ବେଳେ ବେସରକାରୀ ସ୍କୁଲରେ ଉପସ୍ଥାନ କମିବାରେ ଲାଗିଛି। କାରଣ ବେସରକାରୀ ସ୍କୁଲରେ ରାଜନୀତି ବେଶୀ ପାଠପଢ଼ା କମ୍। ବେସରକାରୀ ସ୍କୁଲରେ ଗୁରୁଜୀ ଓ ଗରୁମାମାନେ ଅଣତାଲିମ ପ୍ରାପ୍ତ ହୋଇଥିବା ବେଳେ ସରକାରୀ ସ୍କୁଲରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଲିମପ୍ରାପ୍ତ ହୋଇଥିଲେ ମଧ୍ୟ ସେଠାରେ ପାଠ ପଢା ବେସରକାରୀ ଶିକ୍ଷାନୁଷ୍ଠାନ ଅପେକ୍ଷା ଉନ୍ନତ ଧରଣର। କୋମଳମତୀ ପିଲାମାନଙ୍କୁ ଗୁରୁଜୀ ଗୁରୁମାମାନେ ଗାଁ ମାନଙ୍କୁରୁ ଆଣି ସତ ମିଛ କହି ଜାଲରେ ପକାଇବା ପରେ ଶୋଷଣ କରିଥାନ୍ତି। କେତେକ ଅଭିଭାବକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ପ୍ରତି ମାସରେ ଦରମା ଓ ଗାଡ଼ି ବାବଦ ହଜାର ହଜାର ଟଙ୍କା ଗଣୁଛୁ, ସରକାରୀ ସ୍କୁଲରେ ତାହା ନାହିଁ। ଗତ କିଛିଦିନ ତଳେ ଗୋଟେ ବେସରକାରୀ ଶିକ୍ଷାନୁଷ୍ଠାନରେ ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ସେଥିରେ ବ୍ୟାପକ ଅବ୍ୟବସ୍ଥା ହେବା ପରିଲକ୍ଷିତ ହୋଇଛି। ଅଣ ସାମ୍ବାଦିକଙ୍କୁ ଡ଼ାକିଥିବାରୁ ସାମ୍ବାଦିକଙ୍କ ମହଲରେ ଅସନ୍ତୁଷ୍ଟ ପରିଲକ୍ଷିତ ହୋଇଥିଲା। ବେସରକାରୀ ଶିକ୍ଷାନୁଷ୍ଠାନ ବିଭିନ୍ନ ସମୟରେ ଅଭିଭାବକମାନଙ୍କୁ ଶୋଷଣ କରୁଥିବାରୁ କିଛି ଅଭିଭାବକ ଅତିଷ୍ଠ ହୋଇ କହିଥିଲେ ଯେ ପିଲାମାନଙ୍କୁ କଅଁଳ କଥା କହି ଆମ ଠାରୁ ନେଲା ପରେ ଚାରି ହଜାରରୁ ପାଞ୍ଚହଜାର ଟଙ୍କା ନିଅନ୍ତି। ଯାହା ସରକାରୀ ସ୍କୁଲ୍‌ରେ କୌଣସି ଟଙ୍କା ନିଅନ୍ତି ନାହିଁ। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ବେସରକାରୀ ସ୍କୁଲକୁ ବ୍ୟାନ କରିବା ପାଇଁ ଦାବି ହେଉଛି।

## ନୟାହାଟରେ ୨୯ତମ ତ୍ରିନାଥ ମେଳା



**ନୟାହାଟ,୨।୨/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନାୟାହାଟ ବାରିହାଟ ମଧ୍ୟରେ ପାନ ବ୍ୟବସାୟୀ ଓ ଚାଷୀ ଦ୍ୱାରା ସୋମବାର ରାତିରେ ୨୯ ତମ ତ୍ରିନାଥ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ପରିଚାଳନା ରମେଶ ମହାନ୍ତି କରିବା ସହିତ ସମାଜସେବୀ ଅଭିମନ୍ୟୁ ସିଂହ, ବିଚିତ୍ରା ନନ୍ଦ ପାତ୍ର, ଆଲୋକ ରାୟ, ପ୍ରଣୟ କୁମାର ସାହୁ, ଦେବେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସାହାଯ୍ୟ ଓ ସହଯୋଗରେ ୨୯ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି।

## ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକ



**ଅସ୍ତରଙ୍ଗ,୨।୨/ଏନ୍ଏନ୍ଏସ୍:** କାକଟପୁର ବ୍ଲକ ହରିଦାସପୁର ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ସ୍ୱାଇଁ(୪୯) ତଥା ବାବୁ ସାରଙ୍କ ଅକାଳ ବିୟୋଗରେ କାକଟପୁର ବ୍ଲକ୍‌ର ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବାବୁ ସାର କିଛି ଦିନ ହେବ ଅସୁସ୍ଥତା ହେତୁ ଚିକିତ୍ସିତ ହେଉଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ କାକଟପୁର ଶିକ୍ଷକ ଭବନ, ନିଜ ବିଦ୍ୟାଳୟ ହରିଦାସପୁର, ସାଡେଇଁବିଦ୍ୟାଳୟ ଓ ନିଜ ଗ୍ରାମ ପାଟପୁରରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏହି ଅକାଳ ବିୟୋଗରେ ପୂର୍ବତନ ଆଦର୍ଶ ଶିକ୍ଷକ ତଥା ତାଙ୍କ ପିତା ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଦାଦା ତୁଷାରକାନ୍ତ, ଭାଇ ଭୁପେଶ, ହିମାଂଶୁ, ଜ୍ଞାନ ରଞ୍ଜନ, ମହେଶ୍ୱର, ଶିକ୍ଷକ ନେତା ଡ଼ଃ ହୃଦାନନ୍ଦ ସାସମଲ, ସୁନୀଲ ମହାନ୍ତି, ବିଷ୍ଣୁ ଚରଣ ମହାନ୍ତି, ବିଶ୍ୱଜିତ ସ୍ୱାଇଁ, ଅକ୍ଷୟ ଖୁଣ୍ଟିଆ, ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, ବିଷ୍ଣୁପ୍ରିୟା ମହାପାତ୍ର, ଶିବପ୍ରସାଦ ସାହୁ, ସୁଶୀଲ ଖୁଣ୍ଟିଆ ଓ ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସାଙ୍ଗ ସାଥି ବନ୍ଧୁବର୍ଗ, ପରିବାର, ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନମାନେ ଗଭୀର ମର୍ମାହତ ହୋଇପଡ଼ିଛନ୍ତି। ତାଙ୍କ ମୃତ୍ୟୁ ନିକଟରେ ପୁତ୍ର, କନ୍ୟା ଓ ପତ୍ନୀ, ଭଉଣୀ, ଭିଣୋଇ ଉପସ୍ଥିତ ଥିଲେ।

## ଅଦ୍ୱୈତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଫୁଲନଖରା,୨।୨/ଏନ୍ଏନ୍ଏସ୍:** ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିଃ.ର ଅବସରପ୍ରାପ୍ତ ଅଧିକାରୀ ଅଦ୍ୱୈତ ପ୍ରସାଦ ମହାପାତ୍ରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ବାଲିସାହିଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ଲେଖକ ତଥା ଶିକ୍ଷାବିତ ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉଷାରାଣୀ ମହାପାତ୍ର, ସଚ୍ଚିକାନ୍ତ ମହାପାତ୍ର, କୁଞ୍ଜକାନ୍ତ ତ୍ରିପାଠୀ, ବିଭୂତିଭୂଷଣ ମହାପାତ୍ର, ବିଶ୍ୱଭୂଷଣ ମହାପାତ୍ର, ମୋନାଲିସା ମହାପାତ୍ର, ସ୍ନିଗ୍ଧା ମହାପାତ୍ର, ନୀଳିମା ବେହେରା, ପ୍ରଦୀପକୁମାର ବେହେରା ପ୍ରମୁଖ ଯୋଗଦେଇ 'ଟୋଚିତ୍ରରେ ମାଲ୍ୟାର୍ପଣ ସହିତ ସ୍ମୃତିଚାରଣ କରିଥିଲେ। ଅକ୍ଷୟ ଦାସ ଓ ଅରୂପ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋଲଗଡ଼ ବିଡିଓଙ୍କ ସପକ୍ଷରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଖୋର୍ଦ୍ଧା,୨।୨/ଏନ୍ଏନ୍ଏସ୍:** ବୋଲଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଟୁଙ୍କ ଜନହିତକାରୀ କାର୍ଯ୍ୟ, ସୁଦକ୍ଷ ପ୍ରଶାସନ, ଜନହିତକାରୀ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଫଳତାର ସହିତ ସମ୍ପାଦନ କରି ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରୁଛନ୍ତି। ସରକାରଙ୍କର ବିଭିନ୍ନ ଯୋଜନା ଗୁଡିକ ଯଥା ଖାଉଟି କାର୍ଡ, ଭତ୍ତା ଆବାସ ଯୋଜନାଗୁଡିକ ଯୋଗ୍ୟ ହିତାଧୀକାରୀ ମାନଙ୍କୁ ପ୍ରଦାନ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ତାଙ୍କ ଦ୍ୱାରା ପୂର୍ବରୁ ଚାଲୁଥିବା ଅନିୟମିତତା ଓ ଅନ୍ୟାୟ ପ୍ରଥାକୁ ସଫଳତାର ସହିତ ରୋକାଯାଇଛି, ଯାହା ଜନସାଧାରଣଙ୍କ ହିତରେ ଅତ୍ୟନ୍ତ ପ୍ରଶଂସନୀୟ। ପ୍ରଶଂସନୀୟ କିଛି କୁତ୍ସିତ ଓ ସୁବିଧାବାଦୀ ନେତାଙ୍କ ସ୍ୱାର୍ଥ ହାସଲରେ ବାଧା ଉପୁଜିବା ଯୋଗୁଁ ବିଡିଓଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ବଦନାମ ବେଆଇନ କାମ କରିବାକୁ ବାଧ କରୁଛନ୍ତି। ପୂର୍ବରୁ ବିଡ଼ିଓଙ୍କ ନିକଟକୁ ଜନସାଧାରଣ କୌଣସି ଅଭିଯୋଗ ନେଇ ଯାଇପାରୁନଥିବାବେଳେ ବର୍ତ୍ତମାନ ବିଡ଼ିଓ ସିଧାସଳଖ ଜନ ସାଧାରଣ ପାଖରେ ପହଞ୍ଚିବାରୁ କିଛି କୁଚକ୍ରୀଗୋଷ୍ଠୀଙ୍କ ମନ୍ଦ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ବିଡିଓ ସୁମନ ସୁଧା କୁଣ୍ଟୁ ସିଧାସଳଖ ଭାବେ ଜନସାଧାରଣଙ୍କ ସହ ଯୋଗାଯୋଗ ରଖି ସେମାନଙ୍କ ସମସ୍ୟା ବୁଝି ତତ୍କାଳ ସମାଧାନ କରୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଆଶା, ଭରଷା ସୃଷ୍ଟି ହୋଇଛି। ବିଡ଼ିଓ ସମସ୍ତ ଜନସାଧାରଣଙ୍କୁ ଦେଖା କରିବା ସହ ସିଧାସଳଖ ସେମାନଙ୍କ କଥା ବୁଝୁଛନ୍ତି। ଏଣୁ ବିଡିଓ ସୁମନ ସୁଧା କୁଣ୍ଟୁଙ୍କ ବିରୋଧରେ ହୋଇଥିବା ମିଥ୍ୟା ଅଭିଯୋଗକୁ ଗୁରୁତ୍ୱ ନଦେଇ, ତାଙ୍କୁ ଉତ୍ସାହିତ କଲେ ସରକାରଙ୍କ ଉଦ୍ଦେଶ୍ୟ ଓ ଜନସାଧାରଣଙ୍କ ଆଶା ନିଶ୍ଚୟ ଭାବେ ସାକାର ହେବବୋଲି ଆଜି ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣୀ ଶିବିରରେ ବୋଲଗଡ ପାଞ୍ଚଗଡ଼ ମଣ୍ଡଳ ପକ୍ଷରୁ ଶତାଧିକ ବ୍ୟକ୍ତି ପୃଥକ୍ ପୃଥକ୍ ଭାବେ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ପଲ୍ଲୀରେ ପ୍ରଶାସନ, ୧୬୪ ଅଭିଯୋଗର ତତ୍କାଳ ସମାଧାନ



**ବୋଲଗଡ଼,୨।୨/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ସଦର ପଂଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସ୍ଥାନୀୟ ମିନି ଷ୍ଟାଡିୟମ୍ ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା ଆହୂତ ବିଭିନ୍ନ କଲ୍ୟାଣ ଯୋଜନା ସବୁର କାର୍ଯ୍ୟକାରିତା ଓ ସଚେତନତା ସହ ଆବେଦନ ଓ ଅଭିଯୋଗଶୁଣାଣୀ ନେଇ ଆୟୋଜନ ହୋଇଥିଲା।ବିଡ଼ିଓ ସୁମନ ସୁଧା କୁଣ୍ଟୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନପାଇଁ ବିଭାଗିୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ବିଜୟ କୁମାର ସେଠୀଙ୍କ ସହ ବ୍ଲକର ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା ଓଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ।ଏହି ଅବସରରେ ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୨୧୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ବେଳେ ତନ୍ମଧ୍ୟରୁ ୧୬୪ ଅଭିଯୋଗର ତତକାଳ ସମାଧାନ ହୋଇଥିଲା। ବଳକା ୫୫ ଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସେଚନ, ଶିକ୍ଷା,ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ,କୃଷି, ଉଦ୍ୟାନ, ପଶୁ ଚିକିତ୍ସା, କୌଶଳ ବିକାଶ, ସାମାଜିକ ସୁରକ୍ଷା,ମତ୍ସ୍ୟ ଓ ପଶୁପାଳନ, ମିଶନ ଶକ୍ତି ଆଦି ବିଭାଗ ଅଂଶଗ୍ରହଣ କରିଥିଲେ।ଏବିଡ଼ିଓ ଡଃ ରତିକାନ୍ତ ମିଶ୍ର,ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ,ପିଇଓ କରୁଣାକର ସୁବୁଦ୍ଧି,ୱାର୍ଡ ମେମ୍ବର ଓ ପଞ୍ଚାୟତ କର୍ମଚାରୀମାନେ ଲୋକଙ୍କ ଅଭିଯୋଗ ପଞ୍ଜିକରଣ ସହ ଭୂମିହୀନଙ୍କୁ ପଟ୍ଟା, ଜାତି ପ୍ରମାଣପତ୍ର , ସ୍ଥାୟୀ ବାସିନ୍ଦା ଓ ଆୟ ପ୍ରମାଣପତ୍ର, ନିର୍ମାଣ ଶ୍ରମିକ ତଥା ଅଣ ସଂଗଠିତ ଶ୍ରମିକ କାର୍ଡ ପଞ୍ଜିକରଣ ଓ ନବୀକରଣ, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ଆବେଦନ, ରଣଭିତ୍ତିକ ଯୋଜନାରେ ଆବେଦନ ଗ୍ରହଣ ନେଇ ପ୍ରଶାସନ ଓ ଲୋକଙ୍କୁ ସହଯୋଗ କରିଥିଲେ। ବ୍ଲକ୍ ମୁଖ୍ୟକିରାଣୀ ଆଲୋକ ଜେନା ଓ ତହସିଲ ମୁଖ୍ୟ କିରାଣୀ ସସ୍ମିତା ଭୂୟାଁଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁମୁଡ଼ାହାଟ ମାର୍କେଟ୍ କମ୍ପ୍ଲେକ୍ସର ନୂତନ ଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ଅଭିଯୋଗ

**ମାହାଙ୍ଗା,୨।୨/ଏନ୍ଏନ୍ଏସ୍:** ହାଟ ଓ ବଜାରର ବିକାଶ ପାଇଁ ସରକାର ମାର୍କେଟ ଗୃହ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଯୋଗାଇ ଦେଉଥିବାବେଳେ ବ୍ଲକ ପ୍ରଶାସନ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ହୋଇ ବ୍ୟାପକ ଅନିୟମିତତା କରାଯିବା ସହ ସରକାରୀ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ଏପରିକି ନୂତନ ଗୃହ ନିର୍ମାଣ ସମୟରେ ମୂଳଦୁଆରେ ବାଲି ଭର୍ତ୍ତି କରିବାର ନିୟମ ଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଅଣଦେଖା ନୀତି ଯୋଗୁ ବାଲି ବଦଳରେ ମାଟି ଓ ଖତ ଆଦି ଭର୍ତ୍ତି କରାଯାଇ ଏହା ବାବଦ ଅର୍ଥ ଆତ୍ମସାତ କରାଯାଉଛି। ଏପରି ଘଟଣା ଦେଖିବାକୁ ମିଳିଛି କୁମୁଡାହାଟ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କାର୍ଯ୍ୟରେ। ସୂଚନା ଅନୁଯାୟୀ ଏବେ ମାହାଙ୍ଗା ପଞ୍ଚାୟତ ସମିତି ପକ୍ଷରୁ କୁହୁଣ୍ଡା ପଞ୍ଚାୟତ କୁମୁଡାହାଟ ଠାରେ ଏକ ନୂତନ ମାର୍କେଟ କମ୍ପଲେକ୍ସ ଗୃହ ନିର୍ମାଣ କରାଯାଉଥିଲେ ମଧ୍ୟ ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏବେ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ ସୂଚନା ଫଳକ ନାହିଁ। ଯାହା ଫଳରେ ଲୋକଙ୍କୁ ଭୁଆଁ ବୁଲାଇ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ମନମର୍ଜିରେ କାର୍ଯ୍ୟ କରାଯାଉଛି। ଏପରିକି ଗୃହ ନିର୍ମାଣ କାର୍ଯ୍ୟରେ ସଠିକ୍ ଭାଗ ମାପରେ ବାଲି, ଗୋଡି ଓ ସିମେଣ୍ଟର ମିଶ୍ରଣ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଏହି ଗୃହ କାର୍ଯ୍ୟ ଡିପିସ ପର୍ଯ୍ୟନ୍ତ କରାଯାଇଥିବାବେଳେ ଏହାର ଚତୁଃପାର୍ଶ୍ୱ ଓ ଗୃହ ଭିତରେ ଖତ ମିଶା ମାଟି ଭର୍ତ୍ତି କରାଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ମାହାଙ୍ଗା ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ଦାସଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନଥିଲା। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ବିଭାଗୀୟ ଅଧିକାରୀ ଓ ଏଥିରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

## ମା' ଜାଡମଲ୍ଲୀଙ୍କ ୧୯ତମ ବାର୍ଷିକ ଉତ୍ସବ

**ଟାଙ୍ଗିଛକ,୨।୨/ଏନ୍ଏନ୍ଏସ୍:** ଟାଙ୍ଗିଛକ ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତ ଗଡଇଙ୍ଗା ପୋଖରୀ ଗ୍ରାମର ଗ୍ରାମଦେବତୀ ମା' ଜାଡମଲ୍ଲୀଙ୍କ ୧୯ତମ ବିର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଅଧିବାସ,ଶୁକ୍ରବାର କଳସଯାତ୍ରା,ଶାଳା ପ୍ରବେଶ,ବ୍ରାହ୍ମଣ ବରଣ,ଅଗ୍ନିସ୍ଥାପନ,ସଂଧ୍ୟା ଆଳତୀ, ପୁଷ୍ପାଞ୍ଜଳି ଅର୍ପଣ, ଶନିବାର ସୂର୍ଯ୍ୟପୂଜା, ଘଟମଣ୍ଡଳାଦି ପୂଜା, ମା'ଙ୍କ ଷୋଡଷ ଉପଚାର, ପୂଜା,ଚଣ୍ଡୀ ହବନ, ସଂନ୍ଧ୍ୟା ଆଳତୀ ଓ ପୁଷ୍ପାଜଂଳୀ ଅର୍ପଣ, ରବିବାର ସୂର୍ଯ୍ୟପୂଜା,ଗୋପୂଜା, ଘଟମଣ୍ଡଳାଦି ପୂଜା,ଚରୁ ରନ୍ଧନ,ଗୀତା ହବନ, ସଂନ୍ଧ୍ୟା ଆଳତୀ, ପୁଷ୍ପାଜଂଳୀ, ପୂର୍ଣ୍ଣାହୂତୀ ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୂଜାକାର୍ଯ୍ୟରେ ଗ୍ରାମର ପବିତ୍ର ପାତ୍ର, ବାବୁରାମ ପାତ୍ର, ଅର୍ଜୁନ ପାତ୍ର, ବୈରାଗୀ ପାତ୍ର,ମାମୁଲି ପାତ୍ର, ଲିଲୁ ପାତ୍ର, ବିଜୟ ପାତ୍ର, ଦିଲ୍ଲିପ ଜେନା, କାଳନ୍ଦୀ ପାତ୍ର, ସୁକାନ୍ତ ପାତ୍ର, ଅରୁଣ ପାତ୍ର, ପ୍ରମୋଦ ପାତ୍ର, ରଶ୍ମୀରଜଂନ ପାତ୍ର,ଶ୍ରୀଧର ପାତ୍ରଙ୍କ ସମେତ ଗ୍ରାମବାସୀ ଯୋଗଦେଇ ମା'ଙ୍କ ଆଶ୍ରୀବାଦ ଭିକ୍ଷା କରିଥିଲେ।

### ଆରମ୍ଭ ହେଲା ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

## ପ୍ରଥମ ମ୍ୟାଚ୍‌ରେ ସୁଆର ମହାସୁଆର ନିଯୋଗ ବିଜୟୀ



**ପୁରୀ,୨।୨/ଏନ୍ଏନ୍ଏସ୍:** ଚଳିତ ବର୍ଷ ର ଶ୍ରୀମନ୍ଦିର ଟ୍ରଫି ସେବାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆଜି ଠାରୁ ଏକ ଭବ୍ୟ ପରିବେଶ ମଧ୍ୟରେ ଶୁଭାରମ୍ଭ ହୋଇଛି। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଓ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏହାକୁ ଉଦଘାଟନ କରିବା ସହ ପାରସ୍ପରିକ ସଦଭାବନା, ସହଯୋଗ ଓ ଭାଇଚାରା ଏହା ଦ୍ୱାରା ବୃଦ୍ଧି ପାଇବ ବୋଲି କହିବା ସହ ନିଜକୁ ସୁସ୍ଥ ରଖିବା ସହ ଶୃଙ୍ଖଳା ରକ୍ଷା ପାଇଁ କ୍ରୀଡ଼ା ଏକ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ଚଳିତ ସିଜିନରେ ଅଂଶ ଗ୍ରହଣ କରୁଥିବା ସର୍ବମୋଟ ୨୨ଟି ଟିମକୁ ୮ ଟି ଗ୍ରୁପରେ ବିଭକ୍ତ କରା ଯାଇଛି। ୮ ଦିନ ଧରି ଚାଲିବାକୁ ଥିବା ଏହି ଦିବା ରାତ୍ର ଟୁର୍ଣ୍ଣାମେଣ୍ଟ ରେ ୨୮ ଟି ମ୍ୟାଚ ଖେଳାଯିବ। ଏଥିରେ ମୋଟ ୩୫୨ ଜଣ ଖେଳାଳୀ ଅଂଶ ଗ୍ରହଣ କରୁଛନ୍ତି। ଗ୍ରୁପ ଏ ରେ ସୁଆର ମହାସୁଆର ନିଯୋଗ, ହଡପ ନାୟକ ନିଯୋଗ ଓ ଦୟଣାମାଳି ସେବା ନିଯୋଗ,ଗ୍ରୁପ ବି ରେ ଦର୍ପଣିଆ ନିଯୋଗ, ବଡୁସୁଆର ନିଯୋଗ, ସାବୁତ ନିଯୋଗ, ଗ୍ରୁପ ସି ରେ ବିମାନ ବଡୁ ନିଯୋଗ, ପାଳିଆ ମେକାପ ନିଯୋଗ, ଚୁନରା ଗରୁଡ ନିଯୋଗ, ଗ୍ରୁପ ଡି ରେ ମୁଦୁଲି ନିଯୋଗ, କୋଠଭୋଗ ପାଣିଆ ନିଯୋଗ, ପ୍ରତିହାରୀ ନିଯୋଗ, ଗ୍ରୁପ ଇ ରେ ପାଟରା ବିଶୋଇ ନିଯୋଗ, ଖୁଣ୍ଟିଆ ନିଯୋଗ, ସୁଆର ବଡୁ -ପତ୍ରିବଡୁ ନିଯୋଗ,ଗ୍ରୁପ ଏଫ ରେ ଦଇତାପତି ନିଯୋଗ, ଶୁଦ୍ଧ ସୁଆର ନିଯୋଗ, ପୂଜା ପଣ୍ଡା ନିଯୋଗ, ଗ୍ରୁପ ଜି ରେ ବଲ୍ଲଭ ଯୋଗାଣିଆ ନିଯୋଗ, ପୁଷ୍ପାଳକ ନିଯୋଗ, ଗ୍ରୁପ ଏଚ ରେ ଗରାବଡୁ ନିଯୋଗ ଓ ପୁରୀ ଘଂଟୁଆ ନିଯୋଗ ରହିଛନ୍ତି। ଆଜି ପ୍ରଥମ ମ୍ୟାଚ ସୁଆର ମହାସୁଆର ନିଯୋଗ ଓ ହଡପ ନାୟକ ନିଯୋଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଆର ମହାସୁଆର ନିଯୋଗ ୧୫ ଓଭରରେ ୫ ୱିକେଟ ହରାଇ ୧୬୯ ରନ କରିଥିବା ବେଳେ ହଡପ ନାୟକ ନିଯୋଗ ୧୫ ଓଭରରେ ୮ ୱିକେଟ ହରାଇ ୮୯ ରନ କରି ପରାଜିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ଦର୍ପଣିଆ ନିଯୋଗ ଓ ବଡୁସୁଆର ନିଯୋଗ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି ଉଦଘାଟନ କାର୍ଯ୍ୟକ୍ରମ ରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଉପ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ସଂସଦ ର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ଅନନ୍ତ ତିଆଡି, କେଦାର ନାଥ ଖୁଣ୍ଟିଆ, ମାଧବ ପୂଜାପଣ୍ଡା, ନାରାୟଣ ଗୋଛିକାର ପ୍ରମୁଖ ଉପସ୍ଥିତ ଥିଲେ।

**ନିତି ଭାରତୀ**



ଈଶ୍ୱରଙ୍କୁ ଯଦି ଆମେ ନିଜର ହୃଦୟ ଭିତରେ ବା ଲୋକମାନଙ୍କ ଭିତରେ ଦେଖିବାକୁ ପାଉନାହେଁ, ତା'ହେଲେ ତାଙ୍କୁ ଖୋଜିବାକୁ ଆଉ କେଉଁଠିକୁ ଯାଇ ପାରିବା ? - **ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN

ମଙ୍ଗଳବାର, ୩ ଫେବୃଆରୀ ୨୦୨୬

# ମଣିଷକୁ ଆଉ ବାଣ୍ଟ ନାହିଁ



**ପବିତ୍ର ସୁବୁଦ୍ଧି**

ଗୋଟିଏ ପୁରୁଣା ଦେଉଳର ଚୂଡ଼ାରେ ଦଳେ ପାରା ରହୁଥିଲେ। ଦେଉଳର ବାର୍ଷିକ ମରାମତି ବେଳେ ପାରା ଦଳଟି ପାଖରେ ଥିବା ଏକ ଗୀର୍ଜା ଉପରକୁ ଉଡ଼ିଗଲେ। ସେଠି ଆଗରୁ ଥିବା ପାରାମାନେ ଏହି ନୂଆ ପାରା ଦଳକୁ ଆନନ୍ଦରେ ସ୍ୱାଗତ କଲେ ଓ ନିଜ ଦଳରେ ମିଶେଇ ଦେଲେ। ଯେବେ ଖ୍ରୀଷ୍ଟମାସର ସମୟ ଆସିଲା, ଗୀର୍ଜାଘରର ସାଜସଜ୍ଜା ଆରମ୍ଭ ହେଲା, ସେତେବେଳେ ପାରାମାନଙ୍କୁ ଆଉ ଗୋଟେ ନୂଆ ସ୍ଥାନ ଖୋଜିବାକୁ ପଡ଼ିଲା। ନିକଟରେ ଗୋଟେ ମସ୍‌ଜିଦ୍ ଥିଲା। ପାରାମାନେ ସେହି ମସ୍‌ଜିଦ୍ ଉପରକୁ ଉଡ଼ିଗଲେ ଓ ସେଠାରେ ରହିବାର ସୁଯୋଗ ପାଇଲେ। ମସ୍‌ଜିଦ୍‌ରେ ପୂର୍ବରୁ ରହୁଥିବା ପାରାମାନେ ଏମାନଙ୍କ ସହ ଖୁସିରେ ମିଶିକି ରହିଲେ। କିଛିଦିନ ପରେ ରମ୍‌ଜାନ୍‌ର ସମୟ ଆସିଲା ଓ ମସ୍‌ଜିଦ୍‌ରେ ରଙ୍ଗବୋଳା ଆରମ୍ଭ ହେଲା। ଏବେ ସବୁ ପାରା ଉଡ଼ି ଉଡ଼ି ପୁରୁଣା ଦେଉଳକୁ ଫେରି ଆସିଲେ।

ହଠାତ୍ ଦିନେ ପାରାମାନେ ମନ୍ଦିର ଉପରୁ ଦେଖିଲେ ଯେ ତଳେ ବଜାର ଛକ ପାଖରେ ସାଂପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇ ଯାଇଛି। ଛୁଆ ପାରାଟିଏ ତା' ମାଆକୁ ପଚାରିଲା- ମାଆ ! ଏମାନେ କିଏ ? ମାଆ ପାରା ଉତ୍ତର ଦେଲା- ଏମାନେ ମଣିଷ। ଛୁଆ ପାରାଟି କୌତୁହଳରେ ପଚାରିଲା- ଏମାନେ ନିଜ ନିଜ ଭିତରେ ଏମିତି କଳି କରୁଛନ୍ତି କାହିଁକି ? ମାଆ ପାରାଟି ଉତ୍ତର ଦେଲା- ଏମାନଙ୍କ ମଧ୍ୟରୁ ଯେଉଁ ମଣିଷମାନେ ମନ୍ଦିରକୁ ଯାଆନ୍ତି, ସେମାନେ ନିଜକୁ ହିନ୍ଦୁ ବୋଲି କୁହନ୍ତି, ଯେଉଁମାନେ ଗୀର୍ଜାକୁ ଯାଆନ୍ତି, ସେମାନେ ନିଜକୁ ଖ୍ରୀଷ୍ଟିଆନ୍ କୁହନ୍ତି। ଆଉ ଯେଉଁମାନେ ମସ୍‌ଜିଦ୍‌କୁ ଯାଆନ୍ତି, ସେମାନେ ନିଜକୁ ମୁସଲମାନ ବୋଲି କୁହନ୍ତି। ସେହିମାନେ ହିଁ ନିଜ ନିଜ ଧର୍ମକୁ ନେଇ ଏଭଳି କଳି କରୁଛନ୍ତି। ଛୁଆ ପାରାଟି ଆଶ୍ଚର୍ଯ୍ୟ ହୋଇ ପଚାରିଲା- କିନ୍ତୁ ଏମିତି କାହିଁକି ? ଆମେ ମନ୍ଦିର କି ମସ୍‌ଜିଦ୍, ଗୀର୍ଜା କି ଗୁରୁଦ୍ୱାର, ଯେଉଁଠି ରହିଲେ ବି ଆମକୁ ସମସ୍ତେ ତ ପାରା ବୋଲି ହିଁ କୁହନ୍ତି ! ସେମିତି ଏମାନେ ସମସ୍ତେ ନିଜକୁ 'ମଣିଷ' ବୋଲି କହିବା କଥା ନୁହେଁ କି ? ମାଆ ପାରା ଟିକିଏ ଗମ୍ଭୀର ହୋଇ ଉତ୍ତର ଦେଲା- ତୁ, ମୁଁ, ଆଉ ଆମ ସହ ରହୁଥିବା ସବୁ ପାରାମାନେ ଭଗବାନଙ୍କ ପରିଚୟ ପାଇଛେ। ସେଥିପାଇଁ ଆମେ ମଣିଷଙ୍କଠାରୁ ଉଚ୍ଚରେ ରହୁଛେ ଓ ଖୁବ୍ ଶାନ୍ତିରେ ଅଛେ। ତଳେ ଥିବା ଏଇ ମଣିଷମାନେ କିନ୍ତୁ ଏଯାଏଁ ଭଗବାନଙ୍କ ପରିଚୟ ପାଇ ନାହାନ୍ତି, ସେଥିପାଇଁ ନିଜ ନିଜ ଧର୍ମକୁ ନେଇ ପରସ୍ପର ସହ କଳି ତକରାଳ କରୁଛନ୍ତି। ଛୁଆ ପାରାଟି ମାଆ ପାରାର ଏ ଉତ୍ତର ଶୁଣି ପୁଣିଥରେ ତଳେ ସଂଘର୍ଷରତ ମଣିଷମାନଙ୍କୁ ଚାହିଁ କହିଲା- 'ହାୟ, ନିର୍ବୋଧ ମଣିଷ !'

ପାଠକେ ! ମାଆ ପାରାର ଏ ଉତ୍ତର ଶୁଣି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ବୋଲାଉ ଥିବା ଯେ କୌଣସି ମଣିଷ ଲଜ୍ଜିତ ହେବା ଉଚିତ୍। ଆତ୍ମସମୀକ୍ଷା କରିବା ଉଚିତ୍ ଯେ ଧର୍ମ ମଣିଷକୁ ତିଆରି କରିଛି ନା ମଣିଷ ଧର୍ମକୁ ତିଆରି କରିଛି ? ଭଗବାନ ମଣିଷକୁ ସୃଷ୍ଟି କରିଛନ୍ତି ନା ମଣିଷ ଭଗବାନଙ୍କୁ ସୃଷ୍ଟି କରିଛି ? କେହି ଜଣେ ବିଦ୍ୱାନ ଏକଦା କହିଥିଲେ- 'ଯେତେବେଳେ ମଣିଷମାନେ ଈଶ୍ୱରଙ୍କୁ ଗଢ଼ିବା ଆରମ୍ଭ କଲେ, ସେତେବେଳେ ଈଶ୍ୱର ଅନ୍ତର୍ଦ୍ଧାନ ହୋଇଗଲେ।' ବାସ୍ତବରେ କେଉଁଠି ଅଛନ୍ତି ଭଗବାନ ?



ଭଗବାନ ସର୍ବତ୍ର ଥାଆନ୍ତି, ମାତ୍ର ମନ୍ଦିର, ମସ୍‌ଜିଦ୍, ଗୀର୍ଜା କି ଗୁରୁଦ୍ୱାରରେ ତ ଆଦୌ ନଥାନ୍ତି। ମନ୍ଦିରରେ ଘଣ୍ଟିର ଉଚ୍ଚ ଧ୍ୱନି, ମସ୍‌ଜିଦ୍‌ରେ ନମାଜ୍‌ର ଧ୍ୱନି, ଗୀର୍ଜାଘରେ ପ୍ରାର୍ଥନାର ଧ୍ୱନି ମଣିଷଙ୍କ ଦ୍ୱାରା ଶୁଣାଯାଏ, ପରମେଶ୍ୱରଙ୍କ ଦ୍ୱାରା ନୁହେଁ। ପରମେଶ୍ୱର କେବଳ ନିରବତାର ସ୍ୱର ଶୁଣି ପାରନ୍ତି ଯାହା ହୃଦୟର ଅନ୍ତର୍ଭାଗରୁ ବାହାରେ। ଏଣୁ ଈଶ୍ୱରଙ୍କୁ ବାହାରେ ନୁହେଁ, ନିଜ ହୃଦୟ ଭିତରେ ଅନୁଭବ କରିବାର ପ୍ରକ୍ରିୟାରୁ ହିଁ ଈଶ୍ୱରଙ୍କୁ ପାଇ ହୁଏ ବୋଲି ଏ ସତ୍ୟଟି କାହିଁ କେତେ ଶତାବ୍ଦୀ ଧରି ଆମକୁ ବୁଝାଇ ଆସିଛନ୍ତି କେତେ ସନ୍ଥ ଓ ମହାପୁରୁଷ। ତେବେ ସ୍ଥୂଳ ଜୀବନରେ ମଣିଷ ସ୍ଥୂଳ ଅବଲମ୍ବନଟିଏ ଲୋଡ଼ିଥାଏ। ସେଥି ପାଇଁ ସେ ମନ୍ଦିର, ମସ୍‌ଜିଦ୍ ଗୀର୍ଜା କି ଗୁରୁଦ୍ୱାର ଯାଏ। ଯାହାକୁ ଯେଉଁଠି ଶାନ୍ତି ମିଳିଛି, ସେଇଠି ସିଏ ଆଶ୍ରୟ ନେଇଛି। ଯଦି ସବୁ ଦେବତା ମଣିଷ କଳ୍ପନାର ଖିଆଲ୍, ତେବେ ସେ ଏକେଶ୍ୱର ହୁଅନ୍ତୁ ଅବା ତ୍ରିମୂର୍ତ୍ତି ହୁଅନ୍ତୁ, ଆଲ୍ଲା ହୁଅନ୍ତୁ କି ଯୀଶୁ ହୁଅନ୍ତୁ, ଯିଏ ବା ଯେଉଁମାନେ ମଣିଷକୁ ଶାନ୍ତି ଦେଇ ପାରିଲେ, ତାଙ୍କରି ଉଦ୍ଦେଶ୍ୟରେ ମଣିଷର ସବୁ ଉପାସନା। ତାହା ଆଶା ବାଡ଼ିଟିଏ ହେଉ ବା କ୍ରୁଶ୍ କାଠଟିଏ ହେଉ, ତା' ପାଇଁ ସବୁ ସତ୍ୟ। କିନ୍ତୁ ଯେଉଁ ଧର୍ମାନ୍ଧମାନେ ଆମ ଆଶା ବାଡ଼ିଟି ସତ, ଆଉ ସବୁ ମିଛ, କିମ୍ୱା କ୍ରୁଶ୍ କାଠଟି ସତ, ଆଉ ସବୁ ମିଛ, ଅଥବା ଆମର ପୋଥି ସତ, ତମର ପୁରାଣ ମିଛ ବୋଲି କୁହନ୍ତି- ତାହା ସବୁ ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ ଭାକ୍ତିକ ମିଥ୍ୟା।


ଧର୍ମର ଅର୍ଥ କୌଣସି ଜାତି ନୁହେଁ କି ସଂପ୍ରଦାୟ ନୁହେଁ କିମ୍ୱା କୌଣସି ବିଶେଷ ଈଶ୍ୱରଙ୍କ (Designated God) ପାଇଁ ନିର୍ଦ୍ଧାରିତ ପୂଜା ପଦ୍ଧତି ବି ନୁହେଁ। ଧର୍ମ କହିଲେ ପ୍ରତ୍ୟେକ ପ୍ରାଣୀର କର୍ମକୁ ହିଁ ବୁଝାଏ। ମଣିଷର ସୀମାବଦ୍ଧ ମନକୁ ଉର୍ଦ୍ଧ୍ୱକୁ ତୋଳି ନେବା ନିମନ୍ତେ ଧର୍ମର ଜନ୍ମ ହୋଇଥିଲା। କିନ୍ତୁ ବିଡ଼ମ୍ୱନା ଏହା ଯେ ଏବେ ସବୁ ଧର୍ମକୁ ଆନୁଷ୍ଠାନିକ ଭାବେ ମାଡ଼ି ବସିଛି ଆସୁରିକ ଅହଙ୍କାର। ଅସୀମର ସ୍ପର୍ଶ ଦେବା ତ ଦୂରର କଥା, ଆନୁଷ୍ଠାନିକ ଭାବରେ ମଣିଷକୁ ଯେତେଦୂର ସୀମାବଦ୍ଧ କରାଯାଇପାରେ, ଧର୍ମ ତାହା ହିଁ କରୁଛି। ଧର୍ମ ନାଁରେ ମଣିଷକୁ ଏବେ ଖଣ୍ଡ ଖଣ୍ଡ କରି ବଣ୍ଟା ଚାଲିଛି। ସବୁଠି ଖଣ୍ଡା ଖର୍ପରର ଖେଳ। ଧର୍ମ, ସଂପ୍ରଦାୟ, ଜାତି, ଭାଷା ଓ ଆଞ୍ଚଳିକ ଅସ୍ମିତାର ଦ୍ୱାହି ଦେଇ ବିଦ୍ୱେଷର ବିଷାକ୍ତ ବୋମା ଏବେ ଧ୍ୱଂସ କରି ଚାଲିଛି ଏ ସୁନ୍ଦର ପୃଥିବୀକୁ। ଧର୍ମ ମଣିଷ ସମାଜରେ ସଂହତି ପରିବର୍ତ୍ତେ ସଂଘର୍ଷର ବାତାବରଣ ସୃଷ୍ଟି କରିବାରେ ଲାଗିଛି। କ୍ରୁଶ୍, ବୁର୍ଖା, କୃପାଣ, ପଗଡ଼ି, ଚୁଟି ଓ ତିଳକକୁ ନେଇ ଧାର୍ମିକ ଉତ୍ତେଜନା ବଢ଼ି ବଢ଼ି ଚାଲିଛି। ଏପରି ଧାର୍ମିକ ଉତ୍ତେଜନା, ବିଭକ୍ତି ଓ ବିଭାଜନକୁ ନିରୀକ୍ଷଣ କରି 'ଧର୍ମ'କୁ ସର୍ବସାଧାରଣଙ୍କ 'ଅଫିମ' (Opium of the masses) ବୋଲି କାର୍ଲ ମାର୍କ୍ସ ଆଖ୍ୟାୟିତ କରିଛନ୍ତି। କାରଣ ଧର୍ମର ପ୍ରକୃତ ଆତ୍ମା ରାଜନୀତି ଏବଂ ରିଚୁଆଲ୍ (Ritual)ର ମୋଟା ଚାଦର ତଳେ ଅଣନିଃଶ୍ୱାସୀ ହୋଇ ଯାଇଛି। ସେଇଥିପାଇଁ ସେଦିନ ମାର୍କ୍ସ କହିଥିଲେ- 'ମଣିଷ ଧର୍ମ ତିଆରି କରୁଛି, ମାତ୍ର ଧର୍ମ ମଣିଷ ତିଆରି କରୁନାହିଁ।'

ଧର୍ମ କେବଳ ମଣିଷକୁ ନୁହେଁ, ପଶୁ, ପକ୍ଷୀ, ଫୁଲ, ଫଳ ଓ ରଙ୍ଗକୁ ବି ବାଣ୍ଟି ଚାଲିଛି। ଗୋମାତା ହୋଇ ଯାଇଛି ହିନ୍ଦୁର ତ ଛେଳି ହୋଇଯାଇଛି ମୁସଲମାନର। ନଡ଼ିଆ ହୋଇ ଯାଇଛି ହିନ୍ଦୁର ତ ଖଜୁର୍ ହୋଇ ଯାଇଛି ମୁସଲମାନର। ମନ୍ଦାର ଫୁଲ ହୋଇ ଯାଇଛି ହିନ୍ଦୁର ତ ମଲ୍ଲୀ ଫୁଲ ହୋଇ ଯାଇଛି ମୁସଲମାନର। ଗୈରିକ ରଙ୍ଗ ହୋଇ ଯାଇଛି ହିନ୍ଦୁର ତ ସବୁଜ ରଙ୍ଗ ହୋଇ ଯାଇଛି ମୁସଲମାନର। ଆକାଶର ଜହ୍ନକୁ ବି ଛାଡ଼ିନି ଧର୍ମ। ଜହ୍ନ ଉଇଁଲେ କିଏ ଉପବାସ ଆରମ୍ଭ କରୁଛି ତ କିଏ ଉପବାସ ଭଙ୍ଗ କରୁଛି। ଆପଣ କୁହନ୍ତୁ ତ ଜହ୍ନ କେଉଁ ଧର୍ମର ? ଏସବୁକୁ ଲକ୍ଷ୍ୟ କଲାବେଳେ ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ କବି ବିନୟ ମହାଜନଙ୍କ ରଚିତ କାଳଜୟୀ। କବିତାର କିଛି ଧାଡ଼ି ମନେ ପଡୁଛି- 'ମନ୍ଦିର ମସ୍‌ଜିଦ୍ ଗୀର୍ଜାଘର୍‌ନେ ବାଣ୍ଟଲିଆ ଭଗବାନ୍‌କୋ/ ଧର୍‌ତୀ ବାଣ୍ଟି, ସାଗର୍ ବାଣ୍ଟା/ ମତ୍ ବାଣ୍ଟୋ ଇନ୍‌ସାନ୍ କୋ', ଯାହାର ଓଡ଼ିଆ ଅନୁବାଦ ହେଲା- ମନ୍ଦିର, ମସ୍‌ଜିଦ୍, ଗୀର୍ଜାଘର ଗଢ଼ି ଭଗବାନଙ୍କୁ ବାଣ୍ଟି ନେଲ। ଜାତି, ଧର୍ମ, ରୂପ, ରଙ୍ଗ, ଆକାର, ପ୍ରକାର, କ୍ଷେତ୍ର, ସ୍ଥାନ ଆଧାରରେ ଇଏ ତମ ଦେଶ, ଇଏ ମୋ ଦେଶ କହି ଏ ଧାତ୍ରୀ ଧରିତ୍ରୀ କି ବି ବାଣ୍ଟି ଦେଲ। ଇଏ ତମ ସୀମା, ଇଏ ମୋ ସୀମା କହି ଅସୀମ ସାଗରକୁ ବି ବାଣ୍ଟି ଦେଲ। ହେଲେ ହେ ଧର୍ମାନ୍ଧମାନେ ! ଏବେ ଆଉ ମଣିଷକୁ ବାଣ୍ଟ ନାହିଁ। ମଣିଷ ଭିତରେ ପ୍ରାଚୀର ସୃଷ୍ଟି କରନାହିଁ। ମଣିଷକୁ ମଣିଷ ହୋଇ ରହିବାକୁ ଦିଅ। ମଣିଷର ଧର୍ମ ହେଉ କରୁଣା, ନୀତି ହେଉ ପ୍ରେମ। ମଣିଷପଣିଆର ଆଲୋକ, ଧର୍ମର କରୁଣା ଓ ପ୍ରେମର ନୀତିରେ ବାଟ ଚାଲୁ ମଣିଷ। ଦୟାକରି ମଣିଷକୁ ଆଉ ବାଣ୍ଟ ନାହିଁ। ବାଣ୍ଟିବ ତ ସ୍ନେହ, ପ୍ରେମ, ଦୟା ଓ କରୁଣା ହିଁ ବାଣ୍ଟି ଚାଲ। ସେଇଥିରେ ହିଁ ଏ ପୃଥିବୀର ମଙ୍ଗଳ ତ୍ୱରାନ୍ୱିତ ହେବ।

ଏହି ଚେତନା ମାନବ ଜାତିକୁ ଅମୃତାୟିତ କରୁ- ଏତିକି ପ୍ରାର୍ଥନା।■

**ସାଇ ମହଲ,**
**ହ୍ୱାଇଟ୍ ଫିଲ୍ଡ, ବେଙ୍ଗାଲୁରୁ**
**ମୋ: ୬୩୭୦୬୪୫୭୮୯**

# ସାର୍ଥକ ହୁଅନ୍ତୁ ସ୍ରଷ୍ଟା ଓ ସୃଷ୍ଟି



**ସୁକାନ୍ତ କୁମାର ମହାନ୍ତି**

ଭଗବାନଙ୍କୁ ସୃଷ୍ଟିକର୍ତ୍ତା କୁହାଯାଏ। ସୃଷ୍ଟି ଶବ୍ଦ 'ସୃଜ୍' ଧାତୁରୁ ଜାତ। 'ସୃଜ୍' ଧାତୁର ଅର୍ଥ ହେଲା ଛାଡ଼ିବା- ତିଆରି କରିବା ନୁହେଁ। ଭଗବାନ ମହାପ୍ରଳୟ କାଳରେ ଏହି ସୃଷ୍ଟିକୁ ନିଜ ଭିତରକୁ ନେଇ ଯାଆନ୍ତି; ପ୍ରଳୟ ଶେଷରେ, ସୃଷ୍ଟି ସମୟରେ ତାକୁ ବାହାରକୁ ଛାଡ଼ି ଦିଅନ୍ତି। ଏହିପରି ନେବା ଓ ଛାଡ଼ିବା କାର୍ଯ୍ୟ ଅନନ୍ତ କାଳରୁ ଚାଲିଛି। ସ୍ରଷ୍ଟା ଓ ସୃଷ୍ଟି ପ୍ରତ୍ୟେକଙ୍କ ପାଇଁ ଏକ ଅମୂଲ୍ୟ ବରଦାନ। ସ୍ରଷ୍ଟା ଥାଇ ସୃଷ୍ଟି ନଥିଲେ ଯେପରି ଅପ୍ରାସଙ୍ଗିକ, ସେହିପରି ସୃଷ୍ଟି ସ୍ରଷ୍ଟାଙ୍କୁ ଅସ୍ୱୀକାର କଲେ ମହାପ୍ରଳୟକୁ ବାଟ ଫିଟିଯାଏ। ସ୍ରଷ୍ଟା କହିଲେ, ଆମେ କେବଳ ଈଶ୍ୱରଙ୍କୁ ବୁଝିଥାଉ। ହେଲେ ପ୍ରତ୍ୟେକ ନାଗରିକ ଜଣେ ଜଣେ ସ୍ରଷ୍ଟା ଭାବେ ପ୍ରତୀୟମାନ। ପରିବାର ମୁଣ୍ଡ ଟେକି ଉଠିଛି କେବଳ ସ୍ରଷ୍ଟାଙ୍କ ଯୋଗୁଁ। କର୍ମକ୍ଷେତ୍ରରେ ମଧ୍ୟ ସ୍ରଷ୍ଟାଙ୍କୁ ଦେଖିବାକୁ ମିଳେ। ଅନୁଷ୍ଠାନ ଗଢ଼ିବାରେ, ସମାଜକୁ ବଞ୍ଚାଇବାରେ, ରାଜନୀତି କ୍ଷେତ୍ରରେ ନୂତନ ଚିନ୍ତନ, ବିଚାରଧାରାକୁ ନେଇ, ଯାହା ସାମୂହିକ ମଙ୍ଗଳ ପାଇଁ ଉଦ୍ଦିଷ୍ଟ, ସେହି ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସ୍ରଷ୍ଟା ଆଖ୍ୟା ଦିଆଯାଇପାରେ। ଏଣୁ ସ୍ରଷ୍ଟା ସର୍ବଦା ସମ୍ମାନନୀୟ।

ପରିବର୍ତ୍ତନଶୀଳ ଦୃଷ୍ଟିରେ ଆଜି ସ୍ରଷ୍ଟା ଅସମ୍ମାନିତ ଓ ନିର୍ଯାତିତ, ଯାହାକୁ ଦେଖି ସୃଷ୍ଟିକର୍ତ୍ତା ଚିନ୍ତିତ ଓ ବିଷାଦଗ୍ରସ୍ତ। ସେହି ନିର୍ଯାତିତ ସୃଷ୍ଟିମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ପ୍ରମୁଖ ସ୍ଥାନରେ ଅଛନ୍ତି। ଏହି ନାଗରିକଙ୍କ ରକ୍ତରୁ ଜନ୍ମ ନେଇଥିବା ପରିବାରବର୍ଗ ଆଜି ସ୍ରଷ୍ଟାଙ୍କୁ ଅବହେଳିତ କରୁଛନ୍ତି। ପୁଅ, ଭାଇ, ପତ୍ନୀ ଓ ଶେଷରେ ଆସିବେ ଝିଅ ଓ ସମ୍ପର୍କୀୟମାନେ। ଏକଦା ଏକ ପରିବାରରେ ଦୁଇ ପୁଅ ଖୁବ୍ ଶିକ୍ଷିତ, ଧନବାନ୍ ଓ ନିଜ ନିଜ କର୍ମକ୍ଷେତ୍ରରେ ଉଚ୍ଚ ପଦବୀଯୁକ୍ତ। ପରିବାରଠାରୁ ଦୂରରେ ଥାଇ ବୃତ୍ତି କରନ୍ତି। ଫଳରେ ବାପା ମାଆଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ଅସମ୍ଭବ ଥିଲା। ମନସ୍ତାପରେ ବାପାଙ୍କ କାଳ ହୋଇଗଲା। ମାଆଙ୍କ ଦାୟିତ୍ୱ ନେବାକୁ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ଦେଖା ଦେଲା। ଶେଷରେ ମାସକରେ ପ୍ରତ୍ୟେକ ପନ୍ଦର ଦିନ ପାଳି କରି ବାଣ୍ଟି ନେଲେ। ଦିନେ ବୁଢ଼ୀମାଆ ବାଡ଼ିଟିଏ ଧରି ଅସହାୟ ଅବସ୍ଥାରେ ଘର ଘର ବୁଲି ଭିକ ମାଗୁଥିବା ବେଳେ କେତେ ଜଣ ପରିଚିତ ବ୍ୟକ୍ତିଙ୍କ ନଜରକୁ ଆସିଲା। ଏ ସମ୍ପର୍କରେ ବୁଢ଼ୀଙ୍କୁ ପଚାରନ୍ତେ, ବୃଦ୍ଧାଟିର ଉତ୍ତର ଥିଲା ଅତ୍ୟନ୍ତ ହୃଦୟ ବିଦାରକ। ଯେଉଁ ମାସଟି ୩୧ ଦିନ, ସେହି ଶେଷ ଦିନ କେହି ପୁଅ ମାଆକୁ ଖାଇବାକୁ ନ ଦେବାରୁ ମାସରେ ଗୋଟିଏ ଦିନ ଏହିପରି ଭିକ ମାଗି ଚଳେ ବୋଲି ଜଣା ପଡ଼ିଲା। ଏହି ହେଉଛି ସ୍ରଷ୍ଟା ମାଆଙ୍କଠାରୁ ସୃଷ୍ଟିଙ୍କ କର୍ତ୍ତବ୍ୟ ପରାୟଣତା ! ସେହି ମାଆଙ୍କୁ ମୃତ୍ୟୁ ଦିନ ମଧ୍ୟ ପୁଅମାନଙ୍କର ଅବିବେକିତାର ଆଉ ଏକ ପ୍ରମାଣ ଦେଖିବାକୁ ମିଳିଲା। ଶବ ପଡ଼ିଛି, ଜଣେ ପୁଅ ସଂସ୍କାର ପାଇଁ ଆସିବାକୁ ଅନିଚ୍ଛା ପ୍ରକାଶ କରନ୍ତେ ଅପର ସନ୍ତାନ ସମସ୍ତ ଖର୍ଚ୍ଚ କରିବାକୁ ଅମଙ୍ଗ ହେଲେ। ଶେଷରେ, କେତେକ ସହୃଦୟ ବ୍ୟକ୍ତି ଶବ ସଂସ୍କାର ପାଇଁ ପ୍ରସ୍ତୁତି କରନ୍ତେ ଜଣେ କରଜଦାତା ଶବ ଅଟକାଇଲେ। ତାଙ୍କଠାରୁ ଋଣ ନେଇଥିବା ବାପା ମାଆଙ୍କଠାରୁ ୧୦ ଲକ୍ଷ ଟଙ୍କା ଆଦାୟ ନହେଲେ ଶବ ନ ଛାଡ଼ିବାକୁ ଅଡ଼ି ବସିଲେ। ହେଲେ ପୁଅ ନିରବ। ଏହି ସମୟରେ ସେହି ପରିବାରର ଝିଅ ଋଣ ପରିଶୋଧ କରିବାକୁ ରାଜିନାମା କରିବାରୁ ଶବ ବାହାରିଲା। ଶେଷରେ ବାସ୍ତବ ସତ୍ୟ ପ୍ରକାଶ କରି ସେହି କରଜଦାତା ୧୦ଲକ୍ଷ ଟଙ୍କା ନିଜେ ଝିଅକୁ ଦେଇ କହିଥିଲେ ଯେ ସେହି ସ୍ରଷ୍ଟା ବାପା ମାଆ ଋଣ କରି ନଥିଲେ, ମାତ୍ର ନିଜେ କରଜଦାତା ନେଇଥିବା ଋଣ ପରିଶୋଧ କରିବାକୁ ଉପଯୁକ୍ତ ଦାୟାଦକୁ ଚିହ୍ନିବା ପାଇଁ ଏପରି ଅଭିନୟ କରିଥିଲେ।



କେବଳ ପୁଅ ନୁହେଁ, ତା' ସହିତ ଥାଏ ବୋହୂ ମଧ୍ୟ। ଯଦିଓ ବୋହୂ ସହିତ ବାପା ମାଆ (ଶାଶୂ ଶ୍ୱଶୁର)ଙ୍କ ରକ୍ତ ସମ୍ପର୍କ ନାହିଁ, ଏ କ୍ଷେତ୍ରରେ ବୋହୂ ଆଣିବା ଆବଶ୍ୟକତା ଜରୁରୀ ଥାଏ ପରିବାର ଓ ସମାଜକୁ ଗଢ଼ିବା ନିମନ୍ତେ। ଯେଉଁ ମହିଳା ପରିବାରର ବୋଝ ସମ୍ଭାଳିବା ପରିବର୍ତ୍ତେ ଆଜିର ବୋହୂ ପରିବାର, ବିଶେଷକରି ବରିଷ୍ଠ ଶାଶୂ ଶ୍ୱଶୁରଙ୍କ ପ୍ରତି ବୋଝ ହୋଇ ଥାଆନ୍ତି। 'ଏମିତି ଭାଇ ଜଗତେ ନାହିଁ'- ଏ ଆଦର୍ଶ ଭାବନା ଆଜି ଧୂଳିସାତ୍। ଇତିହାସ ପୁରାଣର ବହୁ ତଥ୍ୟ ଅନୁସାରେ କାଳେ କାଳେ ଏକ ମାଆ ପେଟରୁ ଶତ୍ରୁ ଜନ୍ମ ହେବା ଉଦାହରଣ ବହୁତ। ସମ୍ପୂର୍ଣ୍ଣ ମହାଭାରତର କଥାବସ୍ତୁ କେବଳ ଭାଇ ଭାଗକୁ କେନ୍ଦ୍ର କରି। ଫଳରେ କୌରବ ବଂଶ ଲୋପ ପାଇଗଲା। ରାମାୟଣ କିନ୍ତୁ ଏହାର ବିପରୀତ ଭୂମିକା ନେଇ ଭ୍ରାତୃପ୍ରେମର ଉଦାହରଣ ଦେଇ ଯାଇଛି। ଆଜି ଯେ ବରିଷ୍ଠ ବୃଦ୍ଧା, କାଲି ସେ ଥିଲା ଯୁବା ପତ୍ନୀ। ଯେ ପତନରୁ ଉଦ୍ଧାର କରେ, ସେ ପତ୍ନୀ ପଦବାଚ୍ୟ। ଦେଖାଯାଏ, ପତନକୁ ଠେଲି ଦେଇ ପରିବାରକୁ ଧ୍ୱଂସ କରିବାରେ ମଧ୍ୟ ଆଜିକାର ପତ୍ନୀମାନଙ୍କର ହାତ ଥାଏ। ମହାଭାରତ ଯୁଦ୍ଧ ପରେ ଦ୍ରୌପଦୀ ଓ ଶ୍ରୀକୃଷ୍ଣଙ୍କ କଥୋପକଥନ ଖୁବ୍ ଶିକ୍ଷଣୀୟ ଓ ଆଜିର ବରିଷ୍ଠମାନଙ୍କ ପ୍ରତି ଗ୍ରହଣୀୟ ମଧ୍ୟ। ୧୮ ଦିନ ଯୁଦ୍ଧ ପରେ ଦ୍ରୌପଦୀଙ୍କ ବୟସ ୮୦ ବର୍ଷ ପରି ଲାଗୁଥିଲା। ବଂଶ ଲୋପ ହେଲା। ହସ୍ତିନାର ଚାରିଆଡ଼େ ବିଧବାମାନଙ୍କର କ୍ରନ୍ଦନ ଓ ଶ୍ୱାନ ଶୃଗାଳମାନଙ୍କର ବିକଟାଳ ରଡ଼ି ଦ୍ରୌପଦୀଙ୍କୁ ମର୍ମାହତ କରିଥିଲା। ସବୁଆଡ଼େ ପୁରୁଷ ଶୂନ୍ୟ। ଶ୍ରୀକୃଷ୍ଣ ଆସି ପହଞ୍ଚିବାରୁ ଦ୍ରୌପଦୀ କାନ୍ଦି ଉଠିଲେ। 'ତୁମେ ପ୍ରତିଶୋଧ ନେବାକୁ ଇଚ୍ଛା କଲ; ଏଣୁ କୌରବ ବଂଶ ଧ୍ୱଂସ ହୋଇଗଲା। ତୁମେ ଖୁସି ହେବା କଥା।' ଦ୍ରୌପଦୀ କହିଲେ, 'ଏ ସମସ୍ତ କାର୍ଯ୍ୟ ପାଇଁ କ'ଣ ମୁଁ ଦାୟୀ ?' ଶ୍ରୀକୃଷ୍ଣ ତାଙ୍କୁ ତିନୋଟି କାର୍ଯ୍ୟରେ ଦୋଷ ଦେଇଥିଲେ- ୧) କୁନ୍ତୀଙ୍କ ପରାମର୍ଶ ଅନୁସାରେ ପାଞ୍ଚ ପତିଙ୍କର ପତ୍ନୀ ହେବା ପାଇଁ ଦ୍ରୌପଦୀ ପ୍ରତ୍ୟାଖ୍ୟାନ କରିବା ଉଚିତ୍ ଥିଲା, ୨) ସ୍ୱୟମ୍ୱର ବେଳେ କର୍ଣ୍ଣଙ୍କୁ ଅପମାନିତ କରିବା, ୩) ଦୁର୍ଯ୍ୟୋଧନଙ୍କୁ ଅନ୍ଧର ପୁତ୍ର ଅନ୍ଧ ବୋଲି କହି ଉତ୍ତେଜିତ କରିବା ଦ୍ୱାରା ମହାଭାରତ ଯୁଦ୍ଧ ହେବା ଓ ଏକ ବଂଶ ନିପାତ ହେବା ଘଟିଲା ବୋଲି ଶ୍ରୀକୃଷ୍ଣ ବୁଝାଇ ଦେଇଥିଲେ। ଆମକୁ ପରାମର୍ଶ ମିଳିଛି ଯେ ସଂସାରରେ ମଣିଷର ବିଷ ଦାନ୍ତରେ ନଥାଏ, ଥାଏ ଜିଭରେ। ଫଳରେ ଗୋଟିଏ ଶବ୍ଦ ପ୍ରୟୋଗ ଭାବିଚିନ୍ତି କରିଥିଲେ କର୍ଣ୍ଣ ଓ ଦୁର୍ଯ୍ୟୋଧନଙ୍କୁ ଏ ପ୍ରକାର ଦୁରବସ୍ଥା ଭୋଗିବାକୁ ପଡ଼ି ନଥାନ୍ତା। କାହାରିକୁ ପ୍ରତିହିଂସା ପରାୟଣ ହେଲା ପରି ଶବ୍ଦ ପ୍ରୟୋଗ କରିବା ଅନୁଚିତ୍। ଏଣୁ ମହାଭାରତ ଆମ ଭିତରେ ଲୁଚି କରି ଅଛି କେବଳ କଟୁ ଶବ୍ଦକୁ ଅପେକ୍ଷା କରି। ବରିଷ୍ଠ ହେଲା ପରେ ଆମେ ଅଯଥା ଏପରି ଶବ୍ଦ ପ୍ରୟୋଗଠାରୁ ଦୂରେଇ ରହିବା ବିଧେୟ। କ୍ରୋଧ, ଅହଙ୍କାର ତ୍ୟାଗ କରିବା ଆବଶ୍ୟକ।

ଆମେ ଜାଣୁ, ମଣିଷ ଜୀବନରେ ୩ଟି ବୃଦ୍ଧି ସ୍ୱତଃ ଆସିଥାଏ ଏବଂ ମୃତ୍ୟୁ ସମୟୋପଯୋଗୀ ଆସିଥାଏ। ବୟସ, ମୁଣ୍ଡର କେଶ ଓ ହାତ ଗୋଡ଼ର ନଖ ବୃଦ୍ଧି ନିମନ୍ତେ କାହାକୁ ଅପେକ୍ଷା କରନ୍ତି ନାହିଁ। ଏହାକୁ କେହି ରୋକି ପାରିବେ ନାହିଁ। ବୟସ ବୃଦ୍ଧି ହେଲେ ବରିଷ୍ଠତା ଓ ବାର୍ଦ୍ଧକ୍ୟ ଆସିଥାଏ। ଜନ୍ମ ବେଳେ ମଣିଷ ସହିତ ବାର୍ଦ୍ଧକ୍ୟ ଓ ମୃତ୍ୟୁ ଆସି ଥାଆନ୍ତି। ବର୍ତ୍ତମାନର ପାରିବାରିକ କ୍ଷେତ୍ର ଓ ସାମାଜିକ କ୍ଷେତ୍ରରେ ବରିଷ୍ଠ ନାଗରିକ ହନ୍ତସନ୍ତ ହେବା ସହିତ ବିବାହିତ ଯୁବା ଯୁଗଳଙ୍କ କ୍ଷେତ୍ରରେ ମଧ୍ୟ ଦେଖା ଦେଉଥିବା ବିବାଦରେ ଛନ୍ଦି ହୁଅନ୍ତି ସରଳ ବାପା ମାଆ। ଅନେକ ସମୟରେ ଏହି ପରିକା ତିକ୍ତ ପରିବେଶରେ ଆତ୍ମହତ୍ୟା ଓ ମୃତ୍ୟୁକୁ ଆଦରି ନିଅନ୍ତି ବରିଷ୍ଠ, ଅସହାୟ ନାଗରିକଗଣ। ଏପରି ଭାବନା ବରିଷ୍ଠମାନଙ୍କୁ ଅତିଷ୍ଠ କରିଥାଏ ସିନା ବଳିଷ୍ଠ କରି ନଥାଏ। ମୃତ୍ୟୁ ଆମ ହାତରେ ନାହିଁ, ତେଣୁ ମରଣକୁ ବାରଣ କରିବା ଅନୁଚିତ୍। ଆମ ଆଗରେ ଶିଶୁ, ଯୁବକ, ପ୍ରୌଢ଼ ଓ ସମବୟସ୍କଙ୍କ ମୃତ୍ୟୁ ହେଉଥିଲେ ହେଁ ଆମେ ବଞ୍ଚିଛୁ କାହିଁକି ? ଏହାର ଉତ୍ତରରେ କୁହାଯାଇପାରେ, ଆମେ ସଂସାର ପାଇଁ ଆବଶ୍ୟକ, ଆମ ଦ୍ୱାରା କାହାରି କିଛି ଉପକାର ହୋଇପାରେ। ଏଣୁ ଆମେ ମୃତ୍ୟୁକୁ ଅପେକ୍ଷା ନ କରି ସ୍ରଷ୍ଟାଙ୍କ ଲକ୍ଷ୍ୟ ପୂରଣ ନିମନ୍ତେ ନିଜକୁ କର୍ମଠ ରଖିବା ସର୍ବାଦୌ କର୍ତ୍ତବ୍ୟ।

ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ- 'Expansion is life, Contraction is death.' ଏକ ବିସ୍ତାରିତ ଜୀବନ ବିତାଇବାରେ ସଂଘର୍ଷ ଓ ସମସ୍ୟା ଆବଶ୍ୟକ। ସମସ୍ୟାର ପରୋକ୍ଷ ଅର୍ଥ ସମାଧାନ। ସମାଧାନର ପନ୍ଥା ପାଇବା ପର୍ଯ୍ୟନ୍ତ ଆମକୁ ସଂଘର୍ଷ କରିବାକୁ ହେବ। ପରିବାରବର୍ଗଙ୍କ ଦୟାର ପାତ୍ର ଭାବେ ନିଜକୁ ବିକ୍ରି କରନ୍ତୁ ନାହିଁ, ସମାଜର ଅବକ୍ଷୟରେ ଭାଙ୍ଗି ନ ପଡ଼ି ଏହାକୁ ବଦଳାଇବାରେ ଦୃଢ଼ ହୁଅନ୍ତୁ। ଦେଖାଯାଏ, କରିବାର ଶକ୍ତି ଥାଇ ମଧ୍ୟ ଆମେ ସମୟ ଅପଚୟ କରିଥାଉ। ବୁଦ୍ଧଦେବଙ୍କ ଉକ୍ତି- 'Life is one time offer.' ଯେ କର୍ମକାର, ତାକୁ ସର୍ବଦା କାର୍ଯ୍ୟ ମିଳିଥାଏ। ଶରୀର ଦୁର୍ବଳ ହେବା ପର୍ଯ୍ୟନ୍ତ, ମନ ଅବକ୍ଷୟ ହେବା ପର୍ଯ୍ୟନ୍ତ କାମ କରାଯାଇପାରେ। ଦେଖାଯାଏ, କଥାରେ, ପରାମର୍ଶ ଦେବା ଓ ନେବାରେ ମଧ୍ୟ ବ୍ୟକ୍ତିକୁ ସହଯୋଗ କରାଯାଇପାରେ। ପ୍ରାୟତଃ ଆମ ନିଜ ପେଟର ଭାଇ ଶତ୍ରୁ ହୋଇଯାଏ। ଏହା ହୋଇଥାଏ ଆତ୍ମବଡ଼ିମା, ଧନ ପଦବୀ ଯୋଗୁଁ। ବନ୍ଧୁତାକୁ ଆମେ ଭଲ ନ ପାଇ କୌଣସି ସଂଗଠନ ଓ ଅନୁଷ୍ଠାନରେ ସାମିଲ ହୋଇ ନଥାଉ। ଦେଖାଯାଇଛି, ଯେଉଁଠି ପରିବାର, ଆତ୍ମୀୟସ୍ୱଜନ ତତ୍କ୍ଷଣାତ୍ ସହଯୋଗ ଦେଉ ନଥାନ୍ତି, ସେଠାରେ ବନ୍ଧୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଆଗେଇ ଆସିଥାଏ- ଯେଉଁ ଉଦ୍ଦେଶ୍ୟରେ ସରକାରୀ ପ୍ରୋତ୍ସାହନରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ଗଢ଼ାଯାଇ ସମସ୍ୟା ଟାଳିବାରେ ବିଜୟୀ ହୋଇଛି।

ସମ୍ମାନ ଦେଲେ ସମ୍ମାନ ମିଳେ। ପ୍ରଶଂସା କରନ୍ତୁ, କିନ୍ତୁ ପ୍ରଶଂସିତ ହେବାକୁ ଉଦ୍ୟମ ନ କରିବା ବୁଦ୍ଧିମାନର ପରିଚାୟକ। ସ୍ରଷ୍ଟା ଈଶ୍ୱର ହୁଅନ୍ତୁ ଅବା ଏକ ସଂଗଠନ- କାଳେ କାଳେ ସମ୍ମାନିତ।■

**ଚଉଦ୍ୱାର, କଟକ**

# ବଜେଟ୍: ସୁଯୋଗ ଓ ସମ୍ଭାବନା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ରବିବାର ଦିନ ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି, ଯାହା ଅନେକ ଦୃଷ୍ଟିରୁ ନିରୁତ୍ସାହିତ କରିବା ଭଳି ହୋଇଛି, ଯଦ୍ୟପି ଓଡ଼ିଶା ପାଇଁ ଏଥିରେ କେନ୍ଦ୍ର ସରକାରଙ୍କର ଢେର୍ ଅଧିକ ଗୁରୁତ୍ୱ ରହିଥିବା କଥା କୁହାଯାଉଛି। ଓଡ଼ିଶାରେ ଅବଶ୍ୟ ତାଳଚେର-ଅନୁଗୁଳ ଏବଂ କଳିଙ୍ଗନଗରରେ ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା କରାଯିବା, ଜାତୀୟ ଜଳମାର୍ଗ-୫ ନିର୍ମାଣ କରାଯିବା, ପ୍ରମୁଖ ବନ୍ଦରଗୁଡ଼ିକୁ ଯୋଡ଼ିବା ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଭଳି କେତେକ ନୂତନ ପ୍ରସ୍ତାବ ରହିଛି। ତେବେ ୨୦୨୫ର ବଜେଟ୍ ଅଧିକତଃ ଆୟକର ଏବଂ ଏହାର ସ୍ଲାବ୍‌ରେ କିଛି କୋହଳ ନୀତି ଅବଲମ୍ବନର ପ୍ରାଧାନ୍ୟ ଦ୍ୱାରା ଆଚ୍ଛାଦିତ ହୋଇଥିବା ବେଳେ ୨୦୨୬ ବଜେଟ୍ ସେଭଳି କିଛି ବଡ଼ ଧରଣର ପଦକ୍ଷେପକୁ ସମ୍ମୁଖକୁ ଆଣିନାହିଁ। ତେଣୁ ଏହାକୁ ଅତି ବେଶୀରେ ପ୍ରଗତି ପଥରେ ରହିଥିବା କାମର ନୀତି ଭାବରେ ଗ୍ରହଣ କରାଯାଇପାରେ, ଯାହାକି ଅଭୂତପୂର୍ବ ବୈଶ୍ୱିକ ଅର୍ଥନୀତିକ ଅନିଶ୍ଚିତତାର ମଧ୍ୟରେ ଏକ ଦେଶର ଦୃଢ଼ ନିଷ୍ପତ୍ତିକୁ ପ୍ରଦର୍ଶିତ କରି ପାରି ନଥିବା ଦଲିଲଟିଏ ଭାବରେ ବିବେଚନା କରିବା ବରଂ ଅଧିକ ଶ୍ରେୟସ୍କର। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ନିଷ୍ପତ୍ତି ଅପେକ୍ଷା ସାବଧାନତା ଦ୍ୱାରା ମାର୍ଗଦର୍ଶିତ ହେଉଥିବା ମନେହୁଏ, ଆଉ ତା'ର ଫଳ ସ୍ୱରୂପ ଏହା କଷ୍ଟକର ସଂସ୍କାରଗୁଡ଼ିକ, ବିଶେଷକରି ଗ୍ରାମାଞ୍ଚଳରେ ସଂସ୍କାରଗୁଡ଼ିକ ଆଣିବା ପାଇଁ ଦେଶକୁ ଆଗେଇ ନେବାର ଏକ ସୁଯୋଗକୁ ହରାଇଛନ୍ତି। ଶ୍ରୀମତୀ ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷରେ ୪.୪ ପ୍ରତିଶତ ରହିଥିବା ଆର୍ଥିକ ନିଅଣ୍ଟକୁ ୨୦୨୬-୨୭ରେ ୪.୩ ପ୍ରତିଶତକୁ କମାଇ ଆର୍ଥିକ ନିଅଣ୍ଟର ପରିଚାଳନାକୁ ବଜାୟ ରଖିଛନ୍ତି। ସେହିଭଳି ସେ ଲୋକପ୍ରିୟ ନୀତିଗୁଡ଼ିକ ଉପରେ ହେଉ କି ଅଭିବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ପୁଞ୍ଜି ବ୍ୟୟଗୁଡ଼ିକୁ ଅଧିକ ବୃଦ୍ଧି କରିବାକୁ ଆଗେଇ ଆସି ନାହାନ୍ତି। ଅପରେସନ୍ ସିନ୍ଦୂର ସତ୍ତ୍ୱେ ପୁଞ୍ଜି ବ୍ୟୟ ସାମାନ୍ୟ ୧୧.୧୧ ଲକ୍ଷ କୋଟି ଟଙ୍କାରୁ ୨୦୨୬ ଆର୍ଥିକ ବର୍ଷରେ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ଧରଣର ଆର୍ଥିକ ଶୃଙ୍ଖଳାକୁ ବୈଶ୍ୱିକ ନିବେଶକ ଏବଂ କ୍ରେଡିଟ୍ ରେଟିଂ ଏଜେନ୍ସିମାନେ ସରକାରଗୁଡ଼ିକ ଅନୁସରଣ କରିବା ପସନ୍ଦ କରିଥାନ୍ତି। ତେବେ ଏଥରର ବଜେଟ୍‌ରେ ଏକ ବଡ଼ ଧରଣର ତ୍ରୁଟି ରହିଛି- ଚିରାଚରିତ ରୀତିରେ ପ୍ରସ୍ତୁତ ଏବଂ ଉପସ୍ଥାପନ କରାଯିବା ଭଳି ଏହାର ଆଭିମୁଖ୍ୟ। ସୁରକ୍ଷାବାଦ ଯେତେବେଳେ ବଢ଼ି ଚାଲିଛି ଏବଂ ବଡ଼ ବଡ଼ ଶକ୍ତିମାନେ ମଧ୍ୟମ ଧରଣର କ୍ଷମତାଗୁଡ଼ିକୁ କୌଣସି ପକ୍ଷକୁ ଗ୍ରହଣ କରିବାକୁ ବାଧ୍ୟ କରୁଛନ୍ତି, ଭାରତ ସେତେବେଳେ ସମୟ କିଣି ପାରିବ ନାହିଁ; ଏହା ନିଜର ଘରକୁ ସଜାଡ଼ିବା ଏବଂ ନିବେଶକମାନଙ୍କ ପାଇଁ ଏହା ନିଜକୁ ଆକର୍ଷଣୀୟ କରିବା ଉଚିତ।

ବିଦେଶୀ ନିବେଶକମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଡାଟା ସେଣ୍ଟର ବା ତଥ୍ୟ କେନ୍ଦ୍ରଗୁଡ଼ିକୁ ଏକ ଟିକସ ଛୁଟି ଦେବା ବ୍ୟତୀତ ପ୍ରୋତ୍ସାହନ ପ୍ରଦାନ ହେଉ କି ସଂସ୍କାର ଦୃଷ୍ଟିରୁ ବଜେଟ୍‌ରେ ସେପରି କିଛି ଉଲ୍ଲେଖଯୋଗ୍ୟ ବ୍ୟବସ୍ଥା ନାହିଁ। ଅର୍ଥମନ୍ତ୍ରୀ ସରକାରୀ ରାଜକୋଷରୁ କିଛି ବ୍ୟୟ ନ କରି କମ୍ପାନୀମାନଙ୍କର ପରିଚାଳନାଗତ ଦକ୍ଷତାକୁ ଉନ୍ନତ କରିବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନେଇ ପାରିଥାନ୍ତେ। ଉଦାହରଣ ସ୍ୱରୂପ, ଚୁକ୍ତିଗୁଡ଼ିକର ଦ୍ରୁତ ଆଇନଗତ ପ୍ରବର୍ତ୍ତନ ଭାରତର ବ୍ୟବସାୟକୁ ସୁଗମ କରିବା ମାପଦଣ୍ଡଗୁଡ଼ିକୁ ପ୍ରଭୂତ ପରିମାଣରେ ଉନ୍ନତ କରି ପାରିଥାନ୍ତା। ଗେଟ୍ କିପର ବା ଜଗୁଆଳୀ ଏବଂ ଭଡ଼ା ଚାହୁଁଥିବା ବ୍ୟକ୍ତି ବା ରେଣ୍ଟ ସିକରମାନଙ୍କ, ଯେଉଁମାନେ କି ଭାରତରେ ଉତ୍ପାଦନର ମୂଲ୍ୟ ବୃଦ୍ଧି କରୁଛନ୍ତି, ସେଗୁଡ଼ିକୁ ହ୍ରାସ କରିବା ନିମନ୍ତେ କୌଣସି ପ୍ରକାରର ପଦକ୍ଷେପ ନିଆଯାଇ ନାହିଁ। ସେହିଭଳି ପ୍ରାଚୀନ କୃଷିଜାତ ଦ୍ରବ୍ୟର ବଣ୍ଟନ ବ୍ୟବସ୍ଥାରେ ସଂସ୍କାର ଅଣାଯିବା କୃଷକମାନଙ୍କ ପାଇଁ ହଜାର ହଜାର କୋଟି ଟଙ୍କା ଆୟ କରିବାର ସମ୍ଭାବନା ସୃଷ୍ଟି କରି ପାରିଥାନ୍ତା। ୨,୨୭,୪୨୯ କୋଟି ଟଙ୍କା ସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବଜେଟ୍‌ରେ ସର୍ବାଧିକ ଆବଣ୍ଟନ ଲାଭ କରିଛି, ଯାହାକି ଋଣ ସେବା ପରେ ହିଁ ଦ୍ୱିତୀୟ। ଏହି ଯୋଜନା ଆର୍ଥିକ ଦୃଷ୍ଟିରୁ ଗରିବ ପୃଷ୍ଠଭୂମି ରହିଥିବା ଲୋକମାନଙ୍କୁ ମାଗଣାରେ ୫ କିଲୋଗ୍ରାମ୍ ଖାଦ୍ୟଶସ୍ୟ ପ୍ରଦାନ କରିବାର ଉଦ୍ଦେଶ୍ୟ ବହନ କରୁଛି। ତଥାପି, ୮୦ କୋଟି ଲୋକ- ମୋଟ ଜନସଂଖ୍ୟାର ୫୦ ପ୍ରତିଶତ ପ୍ରତିନିଧିତ୍ୱ କରୁଥିବା ଲୋକମାନେ- ଏହାକୁ ଲାଭ କରୁଛନ୍ତି। ଏଭଳି ମାଗଣା ଉପହାର ଗୁଡ଼ିକର କଠୋର କାର୍ଯ୍ୟାନ୍ୱୟନ- ଲୋକମାନଙ୍କୁ ହେଉ କି କମ୍ପାନୀମାନଙ୍କୁ ଦିଆଯିବା- ସରକାରଙ୍କୁ ଏ ବାବଦରେ ହେଉଥିବା ଖର୍ଚ୍ଚର ଟଙ୍କାକୁ ବିଜ୍ଞ ଭାବରେ ଅନ୍ୟ କେଉଁ କାର୍ଯ୍ୟରେ ବ୍ୟୟ କରିବାର ସୁଯୋଗ ପ୍ରଦାନ କରି ପାରିଥାନ୍ତା।

ଶିକ୍ଷା ଏବଂ ଲୋକଙ୍କୁ କୁଶଳୀ କରିବାର ଦିଗ କ୍ଷେତ୍ରରେ ମନ୍ତ୍ରୀ ମହାଶୟା ଅନୁମାନର ଅଭାବକୁ ଦର୍ଶାଇଛନ୍ତି। ଯୁବ ବର୍ଗଙ୍କୁ କର୍ମନିଯୁକ୍ତିଯୋଗ୍ୟ କରିବା ପାଇଁ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପରିବର୍ତ୍ତେ ସେ ୧୫ ହଜାର କଣ୍ଟେଣ୍ଟ (ବିଷୟବସ୍ତୁ) ସୃଷ୍ଟି କରିବା ଅନୁଷ୍ଠାନ ପ୍ରତିଷ୍ଠା କରିବା ଦିଗରେ ଆଗେଇ ଆସିଛନ୍ତି, ଯାହା ଅର୍ଥନୀତିକ ସର୍ଭେ ଆକଳନର ବିପରୀତ, ଯାହା ଉଲ୍ଲେଖ କରିଛି ଯେ ମୋବାଇଲର ଅଧିକ ସମୟ ବ୍ୟବହାର ଯୁବ ପିଢ଼ିଙ୍କର କ୍ୟାରିଅର ସମ୍ଭାବନାକୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି। ସରକାର ମଧ୍ୟ ଅଣ-ଜୀବାଶ୍ମ ଜାଳେଣିଭିତ୍ତିକ ଯାନଗୁଡ଼ିକର ଅଧିକ ବ୍ୟବହାର ପାଇଁ ପ୍ରୋତ୍ସାହନ ପ୍ରଦାନ କରିବା କ୍ଷେତ୍ରରେ ଧିମା ହୋଇ ଯାଇଥିବା ମନେହୁଏ, କାରଣ ପିଏମ୍ ଇ-ଯାନ ଅଧୀନରେ ରହିଥିବା ଆର୍ଥିକ ସହାୟତା ରାଶିକୁ ହ୍ରାସ କରିଛନ୍ତି, ଯେତେବେଳେ କି ସାଧାରଣ ବର୍ଗର ଅଟୋମୋବାଇଲଗୁଡ଼ିକ ପାଇଁ ଉତ୍ପାଦନ-ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍‌ଆଇ)କୁ ବୃଦ୍ଧି କରିଛନ୍ତି। ଯେ ପର୍ଯ୍ୟନ୍ତ ଭାରତ ବିଦେଶୀ ତୈଳ ଉପରେ ଏହାର ନିର୍ଭରଶୀଳତାକୁ କମାଇ ନାହିଁ, ସେ ପର୍ଯ୍ୟନ୍ତ ଏହା ବିଶ୍ୱ ଶକ୍ତିର ମର୍ଯ୍ୟାଦା ହାସଲ କରିବା କଷ୍ଟକର ହେବ। ଭାରତ ବିଶ୍ୱଗୁରୁ ହେବାର ଆକାଂକ୍ଷା ପୋଷଣ କରିବା କେବଳ ଯଥେଷ୍ଟ ନୁହେଁ; ସେହି ମର୍ଯାଦାକୁ ହାସଲ କରିବା ପାଇଁ ଏକ ବଳିଷ୍ଠ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ତାକୁ ଅନୁସରଣ କରିବା ଅପରିହାର୍ଯ୍ୟ। ସମୟ କାହା ପାଇଁ ଅପେକ୍ଷା କରେନାହିଁ; ସମୟ ଉପଗତ ହୋଇଛି, ବିଜେପି- ନେତୃତ୍ୱାଧୀନ ସରକାର ଏହା ଶିକ୍ଷା କରିବା ଉଚିତ।■

# ଶ୍ରେଷ୍ଠବିଦ୍ୟା ପାଇଁ ତ୍ୟାଗ

ଅଭିମାନ ଥିବା ପର୍ଯ୍ୟନ୍ତ ମଣିଷ ବିଦ୍ୟା ଗ୍ରହଣ କରି ପାରେନା। କେବେ ଧନ, ପଦ, ପ୍ରତିଷ୍ଠା, କ୍ଷମତାକୁ ନେଇ ମଣିଷ ଭିତରେ ଅଭିମାନ ବସା ବାନ୍ଧିଥାଏ। ଏଇ ଅଭିମାନ ଶିକ୍ଷା ଗ୍ରହଣ କରିବାର ଦ୍ୱାରକୁ ରୁଦ୍ଧ କରିଦିଏ। ମଣିଷ ନିଜକୁ ଯେତିକି ଅଜ୍ଞାନ ବିଚାର କରେ, ସେ ସେତିକି ବିଦ୍ୟା ଗ୍ରହଣ କରିପାରେ। ନିଜ ଆଖି ଆଗରେ ହାତ ବା କିଛି ଆବରଣ ଦେଇଦେଲେ ଅନ୍ୟ ଦୃଶ୍ୟ ସବୁ ଦେଖି ହୁଏନା। ଠିକ୍ ସେମିତି ମଣିଷ ମନରେ ଅଭିମାନ ରୂପକ ଆବରଣଟିଏ ପଡ଼ିଗଲେ ଅନ୍ୟର ଜ୍ଞାନ, ବୁଦ୍ଧି, ପ୍ରଶଂସା ସହଜରେ ଗ୍ରହଣ କରି ହୁଏନା। ଅଭିମାନ ସବୁବେଳେ ନିଜକୁ ବଡ଼ କରି ରଖିବାକୁ ଚେଷ୍ଟାକରେ। ପ୍ରଶଂସା ଯୋଗାଡ଼ କରେ। ମନେ ରଖିବାକୁ ହେବ, ଅଭିମାନ ଥିବା ଯାଏଁ ଜ୍ଞାନଲାଭ ସହଜରେ ହୁଏନା। ଯେଉଁ ଜ୍ଞାନଲାଭ ହୁଏ, ତାହା କ୍ରିୟାଶୀଳ ହୁଏନା। ଜ୍ଞାନ ଗ୍ରହୀତା ଯେତେ ସରଳ ଓ ନିରଭିମାନ ହେବେ, ବିଦ୍ୟା ଗ୍ରହଣ ସେତେ ପ୍ରାଞ୍ଜଳ ହୋଇ ପାରିବ। ଏ ନେଇ ସନ୍ଥ ଛାନ୍ଦୋଗ୍ୟ ଉପନିଷଦରୁ କଥାଟିଏ କହିଲେ-

ଜାନଶ୍ରୁତି ନାମରେ ଜଣେ ରାଜା ଥିଲେ। ସେ ଖୁବ୍ ଉଦାର, ଦାନୀ, ଧାର୍ମିକ ଓ ସୁଶାସକ ଥିଲେ। ରାଜା ଜାନଶ୍ରୁତି ବ୍ରହ୍ମଜ୍ଞାନ ପ୍ରଭାବରେ ତେଜସ୍ୱୀ ଦେଖା ଯାଉଥାନ୍ତି। ଦିନେ ପୂର୍ଣ୍ଣିମା ରାତିରେ ରାଜା ଦୁଇ ଜଣ ପରିବ୍ରାଜକ ସନ୍ନ୍ୟାସୀଙ୍କଠାରୁ ଶୁଣିବାକୁ ପାଇଲେ ଜଣେ ଶଗଡ଼ିଆ ଅଛନ୍ତି। ସେ ରାଜାଙ୍କଠାରୁ ବଡ଼ ସାଧକ। ତାଙ୍କ ନାଁ ରୈକ୍ୱ। ପରଦିନ ସକାଳେ ରାଜା ଜାନଶ୍ରୁତି ସେବକକୁ ଡକାଇ ଶଗଡ଼ିଆ ମହାତ୍ମା ରୈକ୍ୱଙ୍କ ସମ୍ବନ୍ଧରେ ଅନୁସନ୍ଧାନ କରିବାକୁ ଆଦେଶ ଦେଲେ।

ପଦାରବିନ୍ଦ

ସେବକ ରାଜାଙ୍କ ଆଜ୍ଞା ପାଳନ କରି ମହାତ୍ମା ରୈକ୍ୱଙ୍କୁ ଅନେକ ସ୍ଥାନରେ ଖୋଜିଲେ। ବହୁତ ସ୍ଥାନ ଖୋଜିବା ପରେ ଦେଖିଲେ ଗୋଟିଏ ବଳଦ ଗାଡ଼ି ତଳେ ଉଦାସୀନ ହୋଇ ଜଣେ ମଣିଷ ବସିଥିଲେ। ବୋଧହୁଏ ତାଙ୍କୁ କୌଣସି ଚର୍ମରୋଗ ହୋଇଥିଲା। ତେଣୁ ଦେହ କୁଣ୍ଡାଇ ହେଉଥିଲେ। ସେବକଟି ପ୍ରଣାମ କରି ତାଙ୍କୁ ପଚାରିଲା- 'ଆପଣ ଗାଡ଼ିବାଲା ରୈକ୍ୱ କି ?' ସେ ହଁ ଭରିଲେ। ରୈକ୍ୱଙ୍କର ମୁଖମଣ୍ଡଳରେ ଅସାଧାରଣ ସନ୍ତୋଷର ଚିହ୍ନ ଫୁଟିଉଠୁଥିଲା। ବ୍ରହ୍ମ ବିଦ୍ୟାର ତେଜରେ ସେ ଜାଜ୍ୱଲ୍ୟମାନ ଦିଶୁଥିଲେ। ସେବକ ଫେରିଆସି ରାଜାଙ୍କୁ ସମସ୍ତ ସୂଚନା ଦେଲା।

ରାଜା ଜାନଶ୍ରୁତି ଛଅ ଶହ ଗାଈ, ଗୋଟିଏ ସୁନା ହାର ଏବଂ ଅଶ୍ୱଚାଳିତ ରଥ ନେଇ ମହାତ୍ମା ରୈକ୍ୱଙ୍କୁ ସାକ୍ଷାତ କରିବାକୁ ଗଲେ। ରାଜା କହିଲେ- 'ମହାତ୍ମା ! ଆପଣ ଯେଉଁ ଦେବତାଙ୍କ ଆରାଧନା କରନ୍ତି, ମୋତେ ସେହି ଉପଦେଶ ଦିଅନ୍ତୁ।' ରୈକ୍ୱ ରାଜାଙ୍କୁ ବିଦ୍ୟା ଦେଲେନାହିଁ। ଏସବୁ ଉପହାର ସ୍ୱୀକାର କଲେନାହିଁ। ପୁଣି କିଛି ଦିନ ପରେ ରାଜା ଜାନଶ୍ରୁତି ଏକ ହଜାର ଗାଈ, ଅଶ୍ୱଖଚିତ ରଥ, ବହୁମୂଲ୍ୟ ଅଳଙ୍କାର ଏବଂ ନିଜର ଯୁବତୀ କନ୍ୟାକୁ ନେଇ ପହଞ୍ଚିଲେ ଧର୍ମାତ୍ମା ରୈକ୍ୱଙ୍କ ନିକଟରେ। ସମସ୍ତ ପଦାର୍ଥ ରୈକ୍ୱଙ୍କୁ ପ୍ରଦାନ କଲେ। ନିଜର ସୁଶୀଳା କନ୍ୟାକୁ ବିବାହ କରିବା ପାଇଁ ରୈକ୍ୱଙ୍କୁ ନିବେଦନ କଲେ। ରୈକ୍ୱ ଏସବୁ ଉପହାର ଗ୍ରହଣ କଲା ପରେ ରାଜା ତାଙ୍କୁ ସେହି ଅଧ୍ୟାତ୍ମ ବିଦ୍ୟା ବିଷୟରେ ପଚାରିଲେ। ରୈକ୍ୱ ଜାଣିଲେ ରାଜା ନିଜର କନ୍ୟାକୁ ଜଣେ ଗାଡ଼ିବାଲା ପାଖରେ ସମର୍ପଣ କରିଛନ୍ତି। ଏହା ଭିତରେ ରାଜା ଓ ଗାଡ଼ିବାଲା ମଧ୍ୟରେ ଥିବା ମାନସିକ ଭେଦ ରାଜାଙ୍କ ଭିତରୁ ଚାଲି ଯାଇଛି। ରାଜାର ଅଭିମାନ ତାଙ୍କ ପାଖରେ ନାହିଁ। ଅଧ୍ୟାତ୍ମ ଜ୍ଞାନ ପ୍ରାପ୍ତ ହେବା ପାଇଁ ରାଜାଙ୍କ ଏକାନ୍ତ ନିଷ୍ଠା ଓ ଉତ୍କଣ୍ଠା ଦେଖି ରୈକ୍ୱ ରାଜାଙ୍କୁ ଶ୍ରେଷ୍ଠବିଦ୍ୟା ପ୍ରଦାନ କଲେ। ସେତେବେଳେ ରାଜାଙ୍କ ଭିତରୁ ସମସ୍ତ ଅଭିମାନ ଚାଲି ଯାଇଥିଲା। ଜାତି, କର୍ମ, ଗୁଣ ଭେଦଭାବ କିଛି ହିଁ ନଥିଲା। ରାଜା ମଧ୍ୟ ବୁଝିଥିଲେ ଅଭିମାନ ଥିବା ପର୍ଯ୍ୟନ୍ତ ବିଦ୍ୟା ସହଜରେ ମିଳେନାହିଁ।■

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

### ବିନାୟକ ଇଂରାଜୀ ମିଡିୟମ୍ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

# ‘ଛାତ୍ରଛାତ୍ରୀଙ୍କ ଉତ୍ସାହ ବୃଦ୍ଧି କରେ ପ୍ରତିଯୋଗିତା’

**ଗୋପ,୨।୨/ଏନ୍ଏନ୍ଏସ୍:** ଗୋପ ବ୍ଲକ ଅଧିନ ଦଳନଈ ସ୍ଥିତ ବିନାୟକ ଇଂରାଜୀ ମିଡ଼ିଅମ ସ୍କୁଲ, ଓ ନାଗପୁର ସ୍କୁଲ ମିଳିତ ଉଦ୍ୟମରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ସ୍କୁଲ ପରିସର, ଦଳନଈ ଠାରେ ଦିନ ୧୦ ଘଣ୍ଟା ଠାରୁ ଆରମ୍ଭ ହୋଇ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଚାଲିଥିଲା। ସଭାରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ସମାଜସେବୀ ମିନାକ୍ଷୀ ପୃଷ୍ଟି ଯୋଗ ଦେଇ ଶୁଭ ଉଦଘାଟନ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସର୍ବଶ୍ରୀ ସୁବୋଧ କୁମାର ସିହ୍ନା, ବିଶିଷ୍ଟ ଶିକ୍ଷାବିତ, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ବିଶିଷ୍ଟ ସମାଜ ସେବୀ ବୈଦେହୀ ପ୍ରିୟା ଚାନ୍ଦ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କବି, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ ଯୋଗଦେଇ ଶିଶୁମନଙ୍କର ବିକାଶ ଦିଗରେ ପିତାମାତା, ଶିକ୍ଷକ/ଶିକ୍ଷୟିତ୍ରୀ ଓ ପରିବାରର ଗୁରୁଜନ ମାନଙ୍କର ଭୂମିକା ବିଷୟରେ ଆଲୋକପାତ କରି ସମବେତ ଅଭିଭାବକ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁଷ୍ଠାନ ତରଫରୁ ପ୍ରତିବର୍ଷ ପରି ଚଳିତବର୍ଷ ‘ଗୁରୁ ଗୌରବ’ ସମ୍ମାନରେ ସୁବୋଧ କୁମାର ସିହ୍ନା, ବିଶିଷ୍ଟ ଶିକ୍ଷାବିତ, ଭାରତୀୟ ଡାକବିଭାଗର କର୍ମଚାରୀ, ବନ୍ତଲୀଗ୍ରାମ ପୁରୀ ଓ ‘ମାତୃ ଗୌରବ’ ବିଶିଷ୍ଟ ସମାଜସେବୀ ମିନାକ୍ଷୀ ପୃଷ୍ଟି, ଗୋପ, ପୁରୀଙ୍କୁ ସମ୍ମାନ ସନନ୍ଦ, ପୁଷ୍ପ ଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ଅନୁଷ୍ଠାନର ସଭାପତି ସମ୍ମାନିତ କରିଥିଲେ। ଅନୁଷ୍ଠାନର ସଭାପତି ଉମାକାନ୍ତ ମହାପାତ୍ର ମଞ୍ଚ ପରିଚାଳନା ସହିତ ସ୍ୱର୍ଗତ ମନୋରମା ମହାପାତ୍ର ଏବଂ ସାବିତ୍ରୀ ମହାପାତ୍ର, ବଳିଆପଣ୍ଡା, ପୁରୀଙ୍କ ସ୍ମୃତିରେ ବିନାୟକ ଇଂରାଜୀ ମିଡିୟମ ସ୍କୁଲର କୃତି ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ଶିକ୍ଷା ଜ୍ୟୋତି ଭାବେ ପ୍ରିୟଙ୍କା ସ୍ୱାଇଁ(ଷଷ୍ଠଶ୍ରେଣୀ) ଭାଷାଜ୍ୟୋତି ଭାବେ ରାଜଲକ୍ଷ୍ମୀ ଭୋଇ(ଷଷ୍ଠ ଶ୍ରେଣୀ) କଳାଜ୍ୟୋତି ଭାବେ ସ୍ୱପ୍ନା ପ୍ରିୟଦର୍ଶିନୀ ଦାଶ (ପଞ୍ଚମ ଶ୍ରେଣୀ) ଓ ସର୍ବୋତ୍ତମ ଛାତ୍ରୀ (ସ୍ନେହାଞ୍ଜଳି ଭୋଇ) ଏବଂ ବିନାୟକ ସ୍କୁଲ, ନାଗପୁରର ଭାଷାଜ୍ୟୋତି ପ୍ରିତୀମୟ ପୃଷ୍ଟି (ତୃତୀୟ ଶ୍ରେଣୀ) ଶିକ୍ଷା ଜ୍ୟୋତି ଭାବେ ସୌମ୍ୟାଶ୍ରୀ ସାହୁ (ତୃତୀୟ ଶ୍ରେଣୀ), କଳାଜ୍ୟୋତି ଭାବେ ରୋନକ ଗୋଛାୟତ (ପଞ୍ଚମ ଶ୍ରେଣୀ) ଓ ସର୍ବୋତ୍ତମ ଛାତ୍ର ରୂପେ ଜ୍ୟୋତି ପ୍ରକାଶ ପରିଡା (ଚତୁର୍ଥ ଶ୍ରେଣୀ)ଙ୍କୁ ସମସ୍ତ ଅତିଥିମାନଙ୍କ ଦ୍ୱାରା ପ୍ରଦାନକରିଥିଲେ। ପରିଶେଷରେ ବିଦ୍ୟାଳୟର ଅଧକ୍ଷା ସୁଜାତା ସିହ୍ନା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଗୌରାଙ୍ଗ ଚରଣ ଦାସ, ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା। ବିନାୟକ ସ୍କୁଲ, ନାଗପୁର, ପୁରୀର ଅଧକ୍ଷା ସୁନିତା ଖାଡେଙ୍ଗା ଏବଂ ଶିକ୍ଷକ ବିନାୟକ ଦାସ, ଶିକ୍ଷୟିତ୍ରୀ ଅନସୂୟା ପଣ୍ଡା, ଶୁଭଶ୍ରୀ ସାହୁ, ସାଇଶ୍ରୀ ସାହୁ, ସୋନି ଭୋଇ ଓ ବିନାୟକ ଇଂରାଜୀ ମିଡିୟମ ସ୍କୁଲର ମୋହିନୀ ସାହୁ, ଜ୍ୟୋତିର୍ମୟୀ ବରାଳ, ବବିତା ପ୍ରଧାନ, ଇତିଶ୍ରୀ ମୁରୁଡି, ରିତାଞ୍ଜଳୀ ପ୍ରଧାନ, ମଧୁସ୍ମିତା ସ୍ୱାଇଁ, ସିଲି ପ୍ରଧାନ, ଦେବଯାନୀ ସ୍ୱାଇଁ ଓ ସହକାରୀ କର୍ମଚାରୀ ରୀନା ଦାସ, ଶୈଳ ପାଣ୍ଡୀ ସହଯୋଗ କରି ସଫଳ କରିଥିଲେ।




## ସୋମେଶ୍ୱର ମନ୍ଦିରରେ ବିଶାଳ ହିନ୍ଦୁ ସମାବେଶ



**ଅସ୍ତରଙ୍ଗ,୨।୨/ଏନ୍ଏନ୍ଏସ୍:** ବିଶ୍ୱହିନ୍ଦୁପରିଷଦ ଓ ସମଗ୍ର ହିନ୍ଦୁ ସମାଜ ଆନୁକୂଲ୍ୟରେ ସୋମେଶ୍ୱର ମନ୍ଦିର ପରିସର ରେ ବିଶାଳ ହିନ୍ଦୁ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମା ମଙ୍ଗଳା ମନ୍ଦିର ରେ ଦ୍ୱୀପ ଜାଳି ନଡ଼ିଆ ବାଡେଇ ଶୁଭ ଅନୁକୂଳ କରି ଶତାଧିକ ହିନ୍ଦୁ ସମାଜ ପ୍ରେମୀ ଏକ ବିରାଟ ଶୋଭାଯାତ୍ରା ରେ ଯାଇ ସୋମେଶ୍ୱର ମନ୍ଦିର ରେ (୧୦୮) ହନୁମାନ ଚାଳିଶା ପାଠ କରାଯାଇଥିଲା। ହିନ୍ଦୁ ଜାଗରଣର ଦିଗକୁ ନୂତନ ଶକ୍ତି ଏବଂ ଚେତନା ପ୍ରଦାନ କରିବା ପାଇଁ ସମଗ୍ର ହିନ୍ଦୁ ସମାଜ ସାରା ସନାତନ ସଂସ୍କୃତି ଓ ସାମାଜିକ ଏକତାର ପ୍ରତିକ ଭାବେ ଏହି ହିନ୍ଦୁ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଆୟୋଜିତ ସମାବେଶରେ ବିଶ୍ୱ ହିନ୍ଦୁ ପରିଷଦ ର ପୂର୍ବ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ପୁରୀଜିଲ୍ଲା ସଭାପତି ରଘୁନାଥ ମହାପାତ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ବିଭାଗ ଅଧିକାରୀ ବାବାଜୀ ଚରଣ ସାହୁ, ପୁରୀଜିଲ୍ଲା ଗୋ ରକ୍ଷା ପ୍ରମୁଖ ମିହିର ରଞ୍ଜନ ଦୀକ୍ଷିତ, କାକଟପୁର ପ୍ରଖଣ୍ଡ ସଭାପତି କାବୁଲା ବିଶ୍ୱାଳ, ସମ୍ପାଦକ ପଦ୍ମଲୋଚନ ସ୍ୱାଇଁ, ଅଭିମନ୍ୟୁ ରାଉତ, ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡ଼ା, କାକଟପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ସହ ପ୍ରଧାନଆଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ, ଆଚାର୍ଯ୍ୟ ସୁବର୍ଣ୍ଣ ଚାନ୍ଦ, ଅନ୍ନଦା ବେହେରା, ଲକ୍ଷ୍ମୀଧର ମହାପାତ୍ର, ପ୍ରକାଶ ଷଡ଼ଙ୍ଗୀ, ପ୍ରଦୀପ ପ୍ରଧାନ, ଶିଶିର ସାହୁ, ପ୍ରଦୀପ ମିଶ୍ର, ଅକ୍ଷୟ ସାହୁ, ପ୍ରମିଳା ମହାରଣା, ବ୍ରହ୍ମତ୍ରୀ ମନ୍ଥନ,ଲକ୍ଷ୍ମୀପ୍ରିୟା, ସନ୍ଧ୍ୟା, ଦିବ୍ୟରୁପା, ସରୋଜିନୀ, ବନଜା ନାୟକ ପ୍ରମୁଖ ଗୁରୁଜୀ ଗୁରୁମା ମାନେ ଯୋଗଦେଇଥିଲେ।

## ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ

**ବୟାଳିଶମୌଜା,୨।୨/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ ମୌଜା ସ୍ଥିତ ଶ୍ରୀରାମ, ଦଧିବାମନପୁର ସ୍ଥିତ ଶ୍ରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ’ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ’ ପାଳିତ ହୋଇଥିଲା। ଉକ୍ତ ଦିବସରେ ବିଦ୍ୟାଳୟର ସଂପାଦକ ଶ୍ରୀଯୁକ୍ତ ରବିନ୍ଦ୍ର ଦେବତା, ସହ ସଂପାଦିକା ସୁମିତା ଦେବତା, ପ୍ରଧାନ ଆଚାର୍ଯ୍ୟ ବିଶ୍ୱରଂଜନ ତ୍ରିପାଠୀ ଗାନ୍ଧିଜୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧିଜୀଙ୍କ ଦେଶପ୍ରେମ ଓ ତ୍ୟାଗ ବଳିଦାନ ବିଷୟରେ କହିଥିଲେ। ଏହି ସହିଦ ଦିବସରେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀ ମାନେ ଶପଥ ନେଇଥିଲେ। ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା।

## ଆମ ଅଧିକାର ସଂଗଠନ ପକ୍ଷରୁ ମେଗା ରକ୍ତଦାନ ଶିବିର



**କଣ୍ଟାପଡ଼ା,୨।୨/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ବାଟୀଗ୍ରାମପଞ୍ଚାୟତ ଅଧିନ ବଡ଼ବିଲସ୍ଥ ରବିନାରାୟଣ ନଗରସ୍ଥିତ ଆମ ଅଧିକାର ସଂଗଠନ ପରିସରସ୍ଥ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ କଟକ ରେଡ଼କ୍ରସର ଡ଼ାକ୍ତରୀ ଟିମ ଦ୍ୱାରା ଶିବିରରେ ଉପସ୍ଥିତ ଥିବା ୬୭ ଜଣ ବ୍ୟକ୍ତିଙ୍କଠାରୁ ୬୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ରକ୍ତଦାନ ଶିବିର ଉପଲକ୍ଷେ ଆମ ଅଧିକାର ସଂଗଠନ ତରଫରୁ ବ୍ରାହ୍ମଣବାଟୀ ସରପଞ୍ଚ ତଥା ସରପଞ୍ଚ ସଂଘ ସଭାପତି ସଂଜୟ କୁମାର ରାଉତରାୟ ସମିତି ସଭ୍ୟ ବୃନ୍ଦନାଥ ବେହେରା ଅଗ୍ରଣୀ ସାମାଜିକ ଅନୁଷ୍ଠାନର ସମାଜସେବୀ ସଂଜୟ କୁମାର ପାତ୍ର ଓଡିଶାର ସୁନାମଧନ୍ୟ ସଙ୍ଗୀତଜ୍ଞ ଗୀତିକାର ଓ ଯାତ୍ରା ଜଗତର କଳାକାର ଯାତ୍ରାପାର୍ଟିର ମାଲିକମାନଙ୍କ ସମେତ ବହୁ ଶିକ୍ଷକ ଶିକ୍ଷିକା ଓ ଲବଧି ପ୍ରତିଷ୍ଠ କଣ୍ଠଶିଳ୍ପୀ ଉପସ୍ଥିତ ଥିଲେ। ରକ୍ତଦାତାଙ୍କ ମନୋରଂଜନାର୍ଥେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା। ଆମ ଅଧିକାରର ପ୍ରତିଷ୍ଠାତା ସଭ୍ୟ ପ୍ରଦୀପ କୁମାର ନାୟକଙ୍କ ସ୍ମୃତିରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ତାଙ୍କର ଜ୍ୟେଷ୍ଠଭ୍ରାତା ପ୍ରମୋଦ କୁମାରନାୟକ ଓ ତାଙ୍କ ସହଧର୍ମୀଣୀ ପରିଚାଳନା କରିଥିଲେ।

## ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ



**ବେଗୁନିଆ,୨।୨/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣତୀର ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି। ଗଡମାଣତୀର ଉଚ୍ଚ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଜୟ କୁମାର ସୁନ୍ଦରାୟ, ମୁଖ୍ୟ ବକ୍ତା ବଳରାମ ରଣସିଂହ, ସମ୍ମାନିତ ଅତିଥି ଦାଶରଥି ରାଉତରାୟ,ଦାଶରଥି ମହାପାତ୍ର,ସରପଞ୍ଚ କରୁଣାକର ଦଳସିଂହାର,ସମିତି ସଭ୍ୟ ସଦାଶିବ ସୁନ୍ଦରାୟ, ଏସ.ଏମ.ସି ଚେୟାରମ୍ୟାନ ନିବାସ ଚନ୍ଦ୍ର ପାଇକରାୟ,ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଭୋଳ, ଶିକ୍ଷୟିତ୍ରୀ ରୋଜାଲିନୀ ଯତୀ, ସଂଯୁକ୍ତା ସାହୁ, ଭଗବାନ ପ୍ରଧାନ, ସିଦ୍ଧେଶ୍ୱର ବେହେରା, ସୁମିତ୍ରା ସୁନ୍ଦରାୟ ଯୋଗ ଦେଇଥିଲେ। ଅତିଥି ମାନେ ତାଙ୍କ ବକ୍ତବ୍ୟ ରେ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଉପଦେଶ ଦେଇଥିଲେ। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ଯୁବ-ଛାତ୍ର ବିଜେଡି ପକ୍ଷରୁ ଜାତିର ଜନକଙ୍କ ତିରୋଧାନ ଦିବସ



**ଆଠଗଡ଼,୨।୨/ଏନ୍ଏନ୍ଏସ୍:** ଆଠଗଡ଼ ଯୁବ-ଛାତ୍ର ବିଜେଡି ପକ୍ଷରୁ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ତଥା ସହିଦ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ଆଠଗଡ, ତିଗିରିଆ ଅଞ୍ଚଳ ରେ ରାମଧୂନ ଓ ଗାନ୍ଧିଜୀଙ୍କ ପ୍ରିୟଭଜନ ମାନ ପରିବେଷଣ କରାଯାଇଥିଲା। ପରେ ଦଳୀୟ କାର୍ଯ୍ୟାଳୟ ସୂର୍ଯ୍ୟଭବନ ଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସହର ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ,ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ବିଭିନ୍ନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅନ୍ତେବାସୀ ଙ୍କୁ ଫଳ ମୂଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ରେ ଆଠଗଡ ସହର ଉପକଣ୍ଠ ଶ୍ରୀ ଅଟ୍ଟାଳୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ରଥଗଡା ଛକଠାରୁ ଏକ ମୌନ ଶୋଭାଯାତ୍ରା ବାହାରି ସହର ମୁଖ୍ୟ ରାସ୍ତା ଦେଇ ସ୍ୱପ୍ନେଶ୍ୱର୍ ଜାର ସଭାସ୍ଥଳରେ ପହଞ୍ଚିଥିଲେ। ଏଠାରେ ଆଠଗଡ ଏନ୍ଏସି ଛାତ୍ର ବିଜେଡ଼ି ସଭାପତି ମହମ୍ମଦ ଖାଲିଦଙ୍କ ସଭାପତିତ୍ୱରେ ଏକ ପ୍ରଥପ୍ରାନ୍ତ ସ୍ତୁତିଚାରଣ ଓ ପାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଧ୍ୟାପକ ଡଃ ନାରାୟଣ ପଣ୍ଡା ଯୋଗ ଦେଇ ତିନୋଟି ଗୁଳି ଦ୍ୱାରା ଗାନ୍ଧୀ ହତ୍ୟା କରିପାରିଥିଲା ମାତ୍ର ଗାନ୍ଧିଜୀ, ରାଜନୈତିକ ସାମାଜିକ, ଅର୍ଥନୈତିକ ଦର୍ଶନ ସମଗ୍ର ବିଶ୍ୱ ଓ ଆର୍ନ୍ତଜାତୀୟ ସ୍ତର ରେ ସର୍ବଶ୍ରେଷ୍ଠ ପ୍ରତିପାଦନ କରିଛି ବୋଲି କହିଛନ୍ତି।ଏହି ପ୍ରରୀପ୍ରେକ୍ଷୀର ଦେଶରେ ସଂପ୍ରତି ନାରୀ ନିର୍ଯାତନା ସାମ୍ପ୍ରଦାୟିକ ଉତ୍ପିଡନ, ଘୃଣା ଜାତିଆଣ ଆକ୍ଷେପ, ବିଦ୍ୱେଷ ବଢ଼ିଚାଲିଛି ଓ ମୌଳବାଦୀ ଶକ୍ତିର ଅଭ୍ୟୁଦୟ ହୋଇଥିବା ବେଳେ ଗାନ୍ଧୀବାଦର ପ୍ରାସଙ୍ଗିକତାକୁ ଯୁବକ ମାନେ ଆପଣେଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଛାତ୍ରନେତା ରିଙ୍କୁ ପତ୍ରୀ, ଗିରିଜା ପ୍ରସାଦ ପରିଜା, ଦିନେଶ ପ୍ରଧାନ, ଜନ୍ମେଜୟ ଦାସ, ଶଶିକାନ୍ତ ସାହୁ, ଯୁବ ବିଜେଡି ସଭାପତି ବିନୋଦ ମାଝି ତୋଫାନ ସାମଲ, ମନୋଜ ଦଳେଇ, ହିମାଂଶୁ ଶେଖର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## କନକଦୁର୍ଗା ମନ୍ଦିରରେ ବିଶାଳ ହିନ୍ଦୁ ସମ୍ମିଳନୀ




**ଚାରିଛକ,୨।୨/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁର ପଂଚାୟତ ତୁଳସୀପୁର ଗ୍ରାମର ମା କନକଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ନିମାପଡା ଖଣ୍ଡ ତୁଳସୀପୁର ଓ ବାହାରଣା ମଣ୍ଡଳର ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଓ ୧୦୮ ହନୁମାନ ଚାଳିଶା ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ ଆଦିତ୍ୟ ଶଙ୍କର କରଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଅତିଥିଭାବେ ପୁରୀଜିଲ୍ଲା ଗୋଶାଳା କମିଟିର ମୁଖ୍ୟ ପ୍ରଭାତ କୁମାର ମହାପାତ୍ର,ସୁଶାନ୍ତ କୁମାର ପରିଡା,ବନ ବିହାରୀ ଦାଶ,ଅନିରୁଦ୍ଧ ତ୍ରିପାଠୀ,ପଣ୍ଡିତ ଅମୂଲ୍ୟ କୁମାର ନନ୍ଦ,ଅତୁଳନନ୍ଦ ଗିରି,ପ୍ରେମାନନ୍ଦ ପାତ୍ର ପ୍ରମୁଖ ଯୋଗଦେଇ ସମସ୍ତ ହିନ୍ଦୁମାନେ ସଂଗଠିତ ହେବାକୁ ଆହ୍ୱାନ ଦେବାସହ ସ୍ୱଦେଶ ସାମଗ୍ରୀ ବ୍ୟବହାର କରିବା ଓ ବିଦେଶୀ ସାମଗ୍ରୀ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସମାଜସେବା ପାଇଁ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସାମ୍ବାଦିକ ପ୍ରଫୁଲ କୁମାର କର, ସ୍ତମ୍ଭକାର ସନ୍ତୋଷ କୁମାର ଦାଶ, ସମାଜସେବୀ ଶଙ୍କର ରାଉତ, ପ୍ରକାଶ ଚନ୍ଦ୍ର ସାହୁ, ଅରକ୍ଷିତ ଭୋଇ, ଦିଲ୍ଲୀପ ଦାସ, ଦ୍ୱିଜବର ସାହୁ, ଗୋକୁଳାନନ୍ଦ ବେହେରା, ଭାଗୀରଥି ଓଝା, ଅଜୟ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣ କାର୍ଯ୍ୟକ୍ରମ ବ୍ୟବସ୍ଥା ପ୍ରମୁଖ ଗୌରୀ ପ୍ରସାଦ ତ୍ରିପାଠୀ, ରଜନୀକାନ୍ତ ତ୍ରିପାଠୀ, ଶଶିଭୂଷଣ ସାହୁ, ପ୍ରସନ୍ନ କର, ତୋଫାନ ପାତ୍ର, ସୁଶାନ୍ତ କୁମାର ସାହୁ, ବିଜୟ ବେହେରା ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

## ମା’ ଭାନୁମତୀ ଦେବୀଙ୍କ ପ୍ରତିଷ୍ଠା ଦିବସ



**କଣ୍ଟିଲୋ,୨।୨/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ବଡ ବାଣପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘଣାଶାଳିଆ ଗ୍ରାମର ପ୍ରତ୍ୟେକ୍ଷ ଦେବୀ ‘ମା ଭାନୁମତି‘ ଙ୍କ ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ଉତ୍ସବ ଆରମ୍ଭ ହୋଇଛି।ଏହି ଅବସରରେ ଗତକାଲି ଘଣାଶାଳିଆ ତଥା ଏହାର ଆଖ ପାଖ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଭକ୍ତ ମାନେ ନିକଟସ୍ତ ମହାନଦୀ ରୁ ପୂର୍ଣ୍ଣ କୁମ୍ଭ କଳସୀ ଜଳ ସହିତ ଗ୍ରାମ ପରିକ୍ରମା କରି ‘ମାଙ୍କ’ ଯଜ୍ଞ ସ୍ଥଳରେ ପହଞ୍ଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବା ସହିତ ପ୍ରତିଷ୍ଠା ଦିବସ ପାଇଁ ପୂଜା ବିଧି ଆରମ୍ଭ ହୋଇଥିଲା। ଆଜି ପ୍ରତ୍ୟେକ ନୀତି କାନ୍ତି ପୂଜାର୍ଚ୍ଚନା ସରିବାପରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇ ସରିବା ପରେ ପ୍ରତିଷ୍ଠା ଦିବସ ଉଦଯାପିତ ହୋଇଥିବା ବିଷୟ ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।

## ପେଟାଲ୍ସ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ଫୁଲନଖରା,୨।୨/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ପେଟାଲ୍ସ ଇଣ୍ଟରନ୍ୟାସନାଲ ସ୍କୁଲର ୭ମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଅଧକ୍ଷା କାତ୍ୟାୟିନୀ କାନୀତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର ପ୍ରାକ୍ତନ ଅଧକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଡଃ.କୁମାରବର ଦାସ, ଇଂ.ପର୍ଶୁରାମ ପାଣିଗ୍ରାହୀ, ଚେୟାରମ୍ୟାନ ଡଃ. ପ୍ରିୟଦର୍ଶିର୍ନୀ ରଥ, ପରିଚାଳନା କମିଟି ସଭ୍ୟ ପରେଶଚନ୍ଦ୍ର ରଥ, ବିଦ୍ୟାଳୟ ଉପାଧକ୍ଷ ସ୍ୱପ୍ନିଲ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପାଠ ପଢ଼ାରେ ନମ୍ବର ପଛରେ ନଗୋଡ଼ାଇ ନମ୍ର ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାମୂଳକ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ ହୋଇଥିଲା। ମେହେକ ମିଶ୍ର ସଭାକାର୍ଯ୍ୟ ସଞ୍ଚାଳନ କରିଥିଲାବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରୁବିନା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଚାରିଛକ,୨।୨/ଏନ୍ଏନ୍ଏସ୍:** ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ପଂଚାୟତ ପଥରପଦା ଗ୍ରାମର ମା’ ବୃଢୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ଚାରିଦିନ ଧରି ଚାଲିଥିବା ବେଳେ ପୂଜକ ସନାତନ ଦାଶ, ରସାନନ୍ଦ ଦାଶ, ମନୋଜ କୁମାର ଦାଶ ପ୍ରମୁଖ ଯଥା ରୀତି ନୀତି ଅନୁସାରେ ପୂଜାକାର୍ଯ୍ୟ କରିଥିବା ବେଳେ ମୁଖ୍ୟ କର୍ତ୍ତାଭାବେ ନୀରଜଂନ ଦାଶ, ନବଘନ ସ୍ୱାଇଁ, ଗଗନ ଦାଶ, ରଂଜନ ତ୍ରିପାଠୀ, ମୁଖ୍ୟ କର୍ତିଭାବେ ନିର୍ମଳା ଦାଶ, ପ୍ରତିମା ସ୍ୱାଇଁ, ରଂଜିତା ରାଣୀ ଦାଶ, ସୀମା ଦାଶ, ପ୍ରିୟଙ୍କା ତ୍ରିପାଠୀ ପୂଜା କାର୍ଯ୍ୟରେ ଯୋଗଦେଇଥିଲେ। ୪ ଦିନ ଧରି ମା’ଙ୍କ ପୀଠରେ ନାମ ସଂକୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହାଯଜ୍ଞରେ ପଣ୍ଡିତ ଅଜୟ ଆଚାର୍ଯ୍ୟ, ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ,ପଣ୍ଡିତ ସତ୍ୟଶ୍ରୀ ରଥ, ପଣ୍ଡିତ ଦେବଦତ୍ତ ପାଢୀ, ପଣ୍ଡିତ କାହ୍ନୁ ଚରଣ ପାଢୀ, ପଣ୍ଡିତ ବିକ୍ରମ ପାଢୀ ପ୍ରମୁଖ ଯୋଗଦେଇ ଯଜ୍ଞର ପୂର୍ଣ୍ଣାହୁତୀ କରିଥିଲେ। ନୂତନ ମନ୍ଦିର ପ୍ରତିଷ୍ଠା ପରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ଅଂଚଳରୁ ହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁ ଓ ଭକ୍ତମାନେ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ଗ୍ରାମର ହିମାଂଶୁ ଭୂଷଣ ଦାଶ, ମାନସ ରଂଜନ ଦାଶ, ନନ୍ଦକିଶୋର ପୋଲେଇ, ଆର୍ତ୍ତତ୍ରାଣ ଭୋଇ, ମନୋରଂଜନ ବାରିକଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ସାକ୍ଷୀଗୋପାଳ କଲେଜ ଅଧକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସାକ୍ଷୀଗୋପାଳ,୨।୨/ଏନ୍ଏନ୍ଏସ୍:** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ଆଜି ଅଧକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ସଂସ୍କୃତ ବିଭାଗର ମୁଖ୍ୟା ଡ. କଳ୍ପନା କୁମାରୀ ମହାପାତ୍ର ବେଦ ପାଠ କରିଥିଲେ। କଲେଜର ନୂତନ କାର୍ଯ୍ୟନିର୍ବାହୀ ଅଧକ୍ଷ ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ନିଜ ବକ୍ତବ୍ୟରେ ଶ୍ରୀମତୀ ପଟ୍ଟନାୟକଙ୍କ ଶିକ୍ଷାଦାନ ଶୈଳୀ ଓ ଛାତ୍ରବତ୍ସଳତାକୁ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ବିଦାୟୀ ଅଧକ୍ଷା ନିଜ ଅଭିଭାଷଣରେ ଏହି ଅନୁଷ୍ଠାନ ତାଙ୍କ ପାଇଁ କେବଳ ଏକ କର୍ମକ୍ଷେତ୍ର ନୁହେଁ, ବରଂ ଏକ ପରିବାର ଓ ଛାତ୍ରଛାତ୍ରୀଙ୍କ ସଫଳତା ହିଁ ତାଙ୍କ ପାଇଁ ସର୍ବଶ୍ରେଷ୍ଠ ଉପହାର ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ, ରାଜଶ୍ରୀ ଶତପଥୀ, ସସ୍ମିତା ପ୍ରଧାନ, ସ୍ୱର୍ଣ୍ଣଲତା ମାହାରୀ, ଶୁଭ୍ରଦୀପ୍ତା ପଟ୍ଟନାୟକ, ଅବସର ପ୍ରାପ୍ତି କିରାଣୀ ରାଜକିଶୋର ପତି, ମୁଖ୍ୟ କିରାଣୀ ସୀତାଂଶୁ ମହାପାତ୍ର, ମହେଶ୍ୱର ମିଶ୍ର ପ୍ରମୁଖ ଶ୍ରୀମତୀ ପଟ୍ଟନାୟକଙ୍କ ସହ ବିତାଇଥିବା ପୁରୁଣା ସ୍ମୃତି ଚାରଣ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଏତତ ବ୍ୟତୀତ ଅନୁଷ୍ଠାନ ପ୍ରାକ୍ତନ ଅଧକ୍ଷ ସତ୍ୟଶିବସୁନ୍ଦର ମିଶ୍ର ଶ୍ରୀମତୀ ପଟ୍ଟନାୟକଙ୍କ ଆତ୍ମୀୟ ନଗେନ୍ଦ୍ର ଦତ୍ତ, ପ୍ରାଧ୍ୟାପକ ବ୍ରଜକିଶୋର ନାୟକ, ଡ. ନାରାୟଣ ରାଉତ, ନିରଞ୍ଜନ ସାହୁ, ଓ ଡ. ଶ୍ୱାସତୀ ପଟ୍ଟନାୟକ ପ୍ରମୁଖ ମଧ ଶ୍ରୀମତୀ ପଟ୍ଟନାୟକଙ୍କର ବ୍ୟକ୍ତିତ୍ୱ ର ପ୍ରଶଂସା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ତରଫରୁ ତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ତଥା ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା ଛାତ୍ର ଓମ ସ୍ୱନିର୍ମିତ ପ୍ରଭୁ ପତିତପାବନଙ୍କ ପ୍ରତିମା ଉପହାର ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ପରିଡ଼ା ପରିଚାଳନା କରିଥିଲା ବେଳେ ଶେଷରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ମହାନଦୀରେ ଗଙ୍ଗା ଆଳତି ଉତ୍ସବ



**କଣ୍ଟିଲୋ,୨।୨/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମାଘ ପୂର୍ଣ୍ଣମୀ ତିଥିରେ ପ୍ରଭୁ ଶ୍ରୀନୀଳମାଧବ ଜିଉଙ୍କ ଆଜ୍ଞାମାଳ ଓ ସନ୍ଧ୍ୟା ଦୀପ ଆଣିବା ପରେ, ଗଙ୍ଗାମାତାଙ୍କ ମନ୍ଦୀର ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସମେତ ଶହଶହ ପୁରୁଷ ଓ ମହିଳା ଭକ୍ତ ମାନେ ହାତରେ ପ୍ରଜ୍ୱଳିତ ଦୀପ ଧରି କଣ୍ଟିଲୋ ଚଉରାସିଂହ ନିକଟସ୍ଥ ମହାନଦୀ ତଟରେ 'ମା ଗଙ୍ଗା ଆଳତି' ସମ୍ପନ୍ନ କରିଥିଲେ। ଏହି ଦୃଶ୍ୟ ଉପଭୋଗ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି 'ଜୟ ଗଙ୍ଗା ମାତା କି ଜୟ' ଉଚ୍ଚାରଣ କରିଥିଲେ।

# ମା' ମଙ୍ଗଳାଙ୍କ ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ

**କଣ୍ଟିଲୋ,୨।୨/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଧୀନ କୃଷ୍ଣଚନ୍ଦ୍ରପୁରପାଟଣା (ମରେଇକଣ) ସାହିସ୍ଥ ମା' ଦକ୍ଷିଣଚଣ୍ଡୀ ମନ୍ଦିର ସନ୍ନିକଟ ତିଅର ସମାଜ ଦ୍ୱାରା ନିର୍ମିତ ମା' ମଙ୍ଗଳା ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ଆଜି ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ପ୍ରତିଷ୍ଠା ଦିବସ ଉପଲକ୍ଷେ, ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ନରନାରୀ ଶ୍ରଦ୍ଧାଳୁ କଣ୍ଟିଲୋ ମହାନଦୀ ଘାଟରୁ ପବିତ୍ର ଜଳକୁ କଳସରେ ଧାରଣ କରି ହରିବୋଲ, ହୁଳହୁଳି ସହ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ସହ ଆନନ୍ଦ ଉଲ୍ଲାସ ମନରେ ଢୋଲ ବାଜା ଓ ଡି ଯେ ବାଦ୍ୟର ତାଳେ ତାଳେ ନାଚିନାଚି ନଗର ପରିକ୍ରମା କରିଥିଲେ। କଳସ ଶୋଭାଯାତ୍ରା ମନ୍ଦିର ନିକଟରେ ପହଞ୍ଚିବା ପରେ ପୁରୋଧାଙ୍କ ଦ୍ୱାରା ନୀତି ନିୟମ ଓ ବିଧି ବ୍ୟବସ୍ଥା ମଧ୍ୟରେ ପୂଜାର୍ଚ୍ଚନା ସହ ଘୃତଯଜ୍ଞ ଓ ହୋମ କାର୍ଯ୍ୟଆରମ୍ଭ ହୋଇଥିଲା। ଏହି ଦୃଶ୍ୟ ଉପଭୋଗ କରିବା ପାଇଁ ହଜାର ହଜାର ଭକ୍ତମାନଙ୍କ ସମାଗମ ହୋଇଥିଲା। ପ୍ରତିବର୍ଷ ଏହିଭଳି ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଖୁବ୍ ଜାକଜମକ ତଥା ମହାସମାରୋହରେ ପାଳନ କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି।

# ତ୍ରିନାଥ ଦେବଙ୍କ ପଞ୍ଚମ ବାର୍ଷିକ ଉତ୍ସବ

**କଣ୍ଟିଲୋ,୨।୨/ଏନ୍‌ଏନ୍‌ଏସ୍:** ପୂର୍ବବର୍ଷ ର ପରମ୍ପରା, ନୀତିକାନ୍ତି ଓ ବିଧି ବିଧାନ ଅନୁସାରେ ଚଳିତ ବର୍ଷ ମାଘ ପୂର୍ଣ୍ଣମୀ ଅବସରରେ କଣ୍ଟିଲୋ ଫକିର ଅତବୁଧି ପାଟଣାସ୍ଥ ବରୁଣ ଦେବଙ୍କ ମନ୍ଦିର ସନ୍ନିକଟ ପ୍ରଭୁ ତ୍ରିନାଥ ଠାକୁରଙ୍କ ପଞ୍ଚମ ବାର୍ଷିକ ଉତ୍ସବ ଖୁବ୍ ଧୁମ୍ ଧାମରେ ପାଳନ ହୋଇ ଯାଇଛି। ସୂଚନା ଅନୁସାରେ ଜଣାପଡିଛି ଯେ, ମାଘ ପୂର୍ଣ୍ଣମୀର ପ୍ରାତଃ ସମୟରୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ନିକଟସ୍ଥ ମହାନଦୀରୁ ଜଳ କୁମ୍ଭ କଳସୀ ମୁଣ୍ଡରେ ଧରି ପରିକ୍ରମା କରିବା ପରେ ମନ୍ଦିର ନିକଟରେ ଜଳ କଳସୀ ସ୍ଥାପନ କରିଥିଲେ। ପରେ ପୁରୋଧା ପ୍ରଦୀପ କୁମାର କର ବାର୍ଷିକ ଉତ୍ସବ ର ପ୍ରତ୍ୟେକ କାର୍ଯ୍ୟ ବିଧି ବିଧାନ ଅନୁସାରେ ଆରମ୍ଭ କରି ଘୃତଯଜ୍ଞ ଓ ହୋମ କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଆଜିର ଏହି ବାର୍ଷିକ ଉତ୍ସବ ର କର୍ତ୍ତା ଭାବେ ଚନ୍ଦ୍ରମଣି ଦଳେଇ ପ୍ରତ୍ୟେକ କାର୍ଯ୍ୟ ତୁଲାଇଥିଲା ବେଳେ ଅପରାହ୍ନ ସାଢ଼େ ଚାରି ଘଣ୍ଟା ସମୟେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା।

# ୨୦୦୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ବୋଲଗଡ଼,୨।୨/ଏନ୍‌ଏନ୍‌ଏସ୍:** ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଟାଙ୍ଗିସାହିସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ବିଜୟ କୁମାର ସାହୁଙ୍କ ଆବାହକତ୍ୱରେ ୨୦୦୩ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ରବିବାର ପଞ୍ଚୁକୋଟସ୍ଥ ମା' ରାମଚଣ୍ଡୀ ଶକ୍ତି ପୀଠ ଯାତ୍ରାପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୁରାତନ ସ୍ୱର୍ଗତ ଛାତ୍ରଛାତ୍ରୀ ମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଉତ୍ସବରେ ପୁରାତନ ଛାତ୍ରଛାତ୍ରୀ ଓ ସେମାନଙ୍କର ପରିବାର ବର୍ଗ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରି ଅତୀତ ର ଅଭୁଲା ସ୍ମୃତିକୁ ମନେପକାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଚିତ୍ତରଞ୍ଜନ ସାହୁ, ନିରଞ୍ଜନ ପରିଡ଼ା ଓ ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ସଂଯୋଜନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରଭାତ କୁମାର ପାଇଁଶାଣୀ, ସ୍ନେହଲତା ପରମଗୁରୁ, ରାଧାକାନ୍ତ ସେନାପତି, ଅଶୋକ କୁମାର ଉତ୍ତରକବାଟ, ସନ୍ତୋଷ କୁମାର ସେନାପତି, ସଦାନନ୍ଦ ମହାରଣା, ଅନ୍ନପୂର୍ଣ୍ଣା ସାହୁ, ଅଞ୍ଜଳି ମୁଦୁଲି, ଲିଙ୍ଗରାଜ ଗୋଛି ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ଚିନ୍ମୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଢ଼ୀ ମଙ୍ଗଳାଙ୍କ ୩୬ତମ ବାର୍ଷିକ ଉତ୍ସବ

**ବୟାଳିଶମୌଜା,୨।୨/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ବହଳପଡା ସ୍ଥିତ ଡିହସାହି ମା' ବୁଢ଼ୀ ମଙ୍ଗଳାଙ୍କ ୩୬ତମ ବାର୍ଷିକ ଉତ୍ସବ ଦୁଇଦିନ ଧରି ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ କଳସ ଯାତ୍ରା ଓ ବିଶ୍ୱ ଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜା କର୍ମରେ ପଣ୍ଡିତ କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ପଣ୍ଡିତ ଗଗନ ପତି ଓ ମନ୍ଦିର ପୂଜକ ବଂଶୀଧର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ୩ଗୋଟି ଆଧାତ୍ମିକ ତତ୍ତ୍ୱ ବିଶାରଦ ଗ୍ରୁପ ଓଡ଼ିଶାର ସୁନାମଧନ୍ୟ ଭାଗବତ ଜ୍ଞାନ ତତ୍ତ୍ୱ ଆଲୋଚକ ଗାୟକ ସନ୍ତୋଷ କୁମାର ଦାସ, ଗାୟକ ବିଚିତ୍ର ନନ୍ଦ ବେହେରା ଓ ଗାୟକ ବିଜୟ କୁମାର ଦାସଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଭାଗବତ ଜ୍ଞାନ ଚର୍ଚ୍ଚା ପରିବେଷଣ ହୋଇଥିଲା। ବିଚାରକ ଭାବେ ଅନାଦି ଚରଣ ରାଉତ, ସୁକାନ୍ତ ଦାସ ଓ ପୀତବାସ ଦାସ ଉପସ୍ଥିତ ଥିଲେ। ସାହି ମୁରବିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସାହି ଯୁବକ ମାନେ ପରିଚାଳନା କରିଥିବା ବେଳେ ସାହିର ପ୍ରତି ପରିବାର ସହଯୋଗ କରିଥିଲେ।

# ସାରସ୍ୱତ ନିଗମାନନ୍ଦ ଆଶ୍ରମରେ ହିନ୍ଦୁ ସମ୍ମିଳନୀ




**ପୁରୀ,୨।୨/ଏନ୍‌ଏନ୍‌ଏସ୍:** ହିନ୍ଦୁ ଜାଗରଣର ଦିଗକୁ ନୂତନ ଶକ୍ତି ଏବଂ ଚେତନା ପ୍ରଦାନ କରିବା ଲକ୍ଷ୍ୟ ନେଇ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସନାତନ ସଂସ୍କୃତି, ପରମ୍ପରା ଏବଂ ସାମାଜିକ ଏକତାର ପ୍ରତୀକ ସ୍ୱରୂପ ଏକ ହିନ୍ଦୁ ସମ୍ମିଳନୀ ଆଜି ସାରସ୍ୱତ ନିଗମାନନ୍ଦ ଆଶ୍ରମରେ ଅନୁଷ୍ଠିତ ହୋଇ ଯାଇଛି। ବେଦଧ୍ୱନି ଏବଂ ଗୀତା ପଞ୍ଚଦଶ ଅଧ୍ୟାୟ ପାଠ ସହିତ ଏହି ସମ୍ମିଳନୀ ଉଦଘାଟିତ ହୋଇ ଥିଲା। ସମ୍ମିଳନୀରେ ସାରସ୍ୱତ ନିଗମାନନ୍ଦ ଆଶ୍ରମର ଅଧକ୍ଷ୍ୟ ଡଃ ଶଙ୍କରାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ସ୍ୱାମୀ ଶାଶ୍ୱତାନନ୍ଦ ସରସ୍ୱତୀ ସମ୍ମାନିତ ଅତିଥି, ଦେଉଳ ପୁରୋହିତ ଶ୍ରୀ ସିଦ୍ଧେଶ୍ୱର ମହାପାତ୍ର, ମୁକ୍ତିମଣ୍ଡପ ପଣ୍ଡିତ ସଭାର ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ମଂଚାସୀନ ଥିଲେ। ଶିବ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ହିନ୍ଦୁ ସମ୍ମିଳନୀରେ ସମ୍ମାନିତ ଅତିଥିଭାବେ ସ୍ୱାମୀ ଶାଶ୍ୱତାନନ୍ଦ ସରସ୍ୱତୀ ତାଙ୍କ ବକ୍ତବ୍ୟରେ କହିଲେ ଯେ ଗୀତା ଶ୍ରବଣ, ମନନ ଓ ଚିନ୍ତନ ଘରେଘରେ ହେବା ଉଚିତ୍ ଯାହା ଦୁଃଖରୁ ନିବୃତ୍ତି ଓ ସୁଖପ୍ରାପ୍ତିରେ ସହାୟକ ହୋଇପାରିବ। ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ତାଙ୍କ ବକ୍ତବ୍ୟରେ କହିଥିଲେ ହିନ୍ଦୁଧର୍ମର ବୈଦିକ ଧର୍ମଧାରା ଭୁଶୁଡ଼ି ଗଲାଣି, ଜ୍ଞାନ ବିସ୍ମୃତ ହେଲାଣି। ପ୍ରାଚୀନ ମଠ ମନ୍ଦିରମାନ ଅବକ୍ଷୟମୁଖୀ ବୋଲି ସେ ଉଲ୍ଲେଖ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଶ୍ରୀ ଜଗନ୍ନାଥ ମନ୍ଦିର ଦେଉଳ ପୁରୋହିତ ଡଃ ସିଦ୍ଧେଶ୍ୱର ମହାପାତ୍ର ଶ୍ରୀଜଗନ୍ନାଥ ଧାମ ପୁରୀର ମହତ୍ତ୍ୱ ବର୍ଣ୍ଣନା କରି କହିଥିଲେ ଯେ ଏଠାରେ କଳହ ବି ସ୍ତୁତି, ସାମାନ୍ୟ ନିଦ୍ରା ଯୋଗନିଦ୍ରା, ଚାଲିବା ପରିକ୍ରମା, ଖାଦ୍ୟ ଅମୃତ, ସମସ୍ତ ତରୁ କଳ୍ପତରୁ। ଏଠି ମାଟି ପାଣି ପବନ ସବୁ ଜଗନ୍ନାଥମୟ। ସେ କହିଥିଲେ ଯେ ସବୁ ରଙ୍ଗର ଅସ୍ତକାଳୀନ ରଙ୍ଗ ଗୈରିକ ରଙ୍ଗ ଯାହା ଜ୍ଞାନ ଓ ବୈରାଗ୍ୟର ପ୍ରତୀକ। ମୁଖ୍ୟ ବକ୍ତା ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ରଙ୍କ ତାଙ୍କ ବକ୍ତବ୍ୟରେ ହିନ୍ଦୁ ସମ୍ମିଳନୀର ଆବଶ୍ୟକତା ଓ ପଞ୍ଚ ପରିବର୍ତ୍ତନ ଉପରେ କହିଥିଲେ। ଶେଷରେ ଦର୍ପେନ୍ଦ୍ର ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ହିନ୍ଦୁ ସମ୍ମିଳନୀର ସଂଚାଳନ ଦକ୍ଷିଣ କାଳୀ ବସତି, ଶ୍ୟାମାକାଳୀ ବସତି, ଓ ଲୋକନାଥ ବସତିର କାର୍ଯ୍ୟକର୍ତ୍ତା ପଦ୍ମଚରଣ ମହାପାତ୍ର, ଦିଲୀପ ମିଶ୍ର, ରାଜୁ ପଣ୍ଡା, ଦର୍ପେନ୍ଦ୍ର ଦାସ, ସୂର୍ଯ୍ୟ ନାରାୟଣ ପାଢ଼ୀ, ଦୀପକ ନାୟକ, ବଳଭଦ୍ର ମହାପାତ୍ର, କୃଷ୍ଣ ଚନ୍ଦ୍ର ପଣ୍ଡା, ବିଷ୍ଣୁଦତ୍ତ ଦାସ, ନିଗମାନନ୍ଦ ଆଶ୍ରମର ଗୁରୁକୁଳର ବିଦ୍ୟାର୍ଥୀମାନେ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର, ହରଚଣ୍ଡୀ ସାହିର ଗୁରୁମା, ଗୁରୁଜୀମାନେ ସହଯୋଗ କରିଥିଲେ।

## ନନ୍ଦିଘୋର ଚାମ୍ପିଅନ୍ ଟ୍ରଫି-୨୦୨୬

# ଶରଣକୁଳ ଓ ରଙ୍ଗଣିପାଟଣା ଦ୍ୱିତୀୟ କ୍ୱାର୍ଟରରେ

**ଓଡ଼ଗାଁ,୨।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ନନ୍ଦିଘୋର ସ୍ଥିତ ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ନନ୍ଦିଘୋର କ୍ରିକେଟ୍ କ୍ଲବ୍ ପକ୍ଷରୁ ଚାଲିଥିବା ନନ୍ଦିଘୋର ଚମ୍ପିୟନ ଟ୍ରଫି-୨୦୨୬ର ସୋମବାର ଦ୍ୱିତୀୟ ଦିବସର ତୃତୀୟ ଲିଗ୍ ମ୍ୟାଚରେ ମଦନଗାଡିଆ ସହିତ ଶରଣକୁଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମଦନଗାଡିଆ ଦଳ ଟସ୍ ଜିତି ବ୍ୟାଟିଂ ଆରମ୍ଭକରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୭ ରନ୍ ସଂଗ୍ରହ କରିଥିବାବେଳେ ବିପକ୍ଷରେ ଶରଣକୁଳ ଦଳ ୧୦ ଓଭରରେ ୧୦ ଉଇକେଟ ବିନିମୟରେ ୯୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ଶରଣକୁଳ ଦଳର କେ.ସି.୨୩ ବଲ୍ ରେ ସର୍ବାଧିକ ୬୦ ରନ୍ ସଂଗ୍ରହକରି ମ୍ୟାନଅଫ ଦି ମ୍ୟାଚ ଘୋଷିତହୋଇ ଅତିଥିଙ୍କ ଠାରୁ ଟ୍ରଫି ହାସଲ କରିଥିଲେ। ଚତୁର୍ଥ ଲିଗ୍ ମ୍ୟାଚ ରଙ୍ଗଣିପାଟଣା ସହିତ ଝାଡସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରଙ୍ଗଣିପାଟଣା ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ବିନିମୟରେ ୧୭୩ ରନ୍ ସଂଗ୍ରହ କରିଥିବାବେଳେ ବିପକ୍ଷରେ ଝାଡସାହି ଦଳ ଖେଳଆରମ୍ଭ କରିଥିଲେ ମଧ୍ୟ କୌଣସି କାରଣରୁ ଅସନ୍ତୋଷ ବ୍ୟକ୍ତ କରି ପଡିଆଛାଡ଼ି ଚାଲିଯାଇଥିବା ସୂଚନା ମିଳିଛି। ତେଣୁ ରଙ୍ଗଣିପାଟଣା ଦଳକୁ କମିଟି ପକ୍ଷରୁ ବିଜୟୀ ଘୋଷଣା କରାଯାଇଥିଲା। ଫଳରେ ଶରଣକୁଳ ଓ ରଙ୍ଗଣିପାଟଣା ଦଳ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳିବାକୁ ସୁଯୋଗ ହାସଲ କରିଛନ୍ତି। ଆଜିର ଖେଳକୁ ଆଶିଷ, ଲୁଲୁ ଓ ରାଜା ପରିଚାଳନା କରିଥିବାବେଳେ ଧାରା ବିବରଣୀ ପ୍ରଦାନ କରୁଥିଲେ ଗିରିଜା ଶଙ୍କର ପଢିଆରି। ଆସନ୍ତାକାଲି ମଙ୍ଗଳବାର ୫ମ ଲିଗ୍ ମ୍ୟାଚ ଇଟାମାଟି ସହିତ ଘଡ଼େଇବନ୍ଧ ଏବଂ ୬ଷ୍ଠ ଲିଗ୍ ମ୍ୟାଚ ବିଜ୍ଞାପିତ ଅଞ୍ଚଳ ପରିଷଦ ଓଡ଼ଗାଁ ସହିତ ଲକ୍ଷ୍ମୀପ୍ରସାଦ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ନନ୍ଦିଘୋର କ୍ରିକେଟ କ୍ଲବ୍ ପକ୍ଷରୁ ସୂଚନା ମିଳିଛି।

# ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରେ ବିଶ୍ୱଜଳାଭୂମି ଦିବସ

**ଓଡ଼ଗାଁ,୨।୨/ଏନ୍‌ଏନ୍‌ଏସ୍:** ବେଳକୁ ବେଳ ସମଗ୍ର ବିଶ୍ୱରେ ମଧୁରଜଳ ପରିମାଣ ହ୍ରାସ ପାଉଥିବାରୁ ସମଗ୍ର ବିଶ୍ୱ ଆଜି ଚକିତ।ତେଣୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟର ଶିକ୍ଷା ବିଭାଗ ନିଜନିଜ ବିଦ୍ୟାଳୟରେ ଷଷ୍ଠରୁ କଲେଜ ସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ ପିଲାଙ୍କୁ ବିଶ୍ୱ ଜଳାଭୂମି ଦିବସ ପାଳନକରି ଭୂଗର୍ଭ ଜଳପରିମାଣ ବୃଦ୍ଧି କରିବାପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନ ଜାଗରଣକରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ଏହାକୁ ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ଲୋକ ସଚେତନତା ପାଇଁ ଓଡଗାଁ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କରେ ସୋମବାର ବିଶ୍ୱଜଳାଭୂମି ଦିବସ ପାଳିତ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକଙ୍କ ତତ୍ତ୍ୱାବଧାନରେ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ସାହୁ ଓ ବିଜ୍ଞାନ ଶିକ୍ଷୟିତ୍ରୀ ଅବନ୍ତୀ ବେହେରା ଛାତ୍ରଛାତ୍ରୀ ପିଲାଙ୍କୁ ନେଇ 'ମୋ ଆଦର୍ଶ ଜଳାଶୟ' ଚିତ୍ରାଙ୍କନ ପ୍ରତିଯୋଗିତା ସାଙ୍ଗକୁ ନିଜେ ଜଣେ ଜଣେ ଆଦ୍ରଭୂମି ମିତ୍ରହେବାକୁ ଶପଥ କରାଇଥିଲେ। ଏହାପରେ ରୋହିବାଙ୍କ ବଡ଼ପୋଖରୀ ହିଡରେ ବୃକ୍ଷରୋପଣ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀ ସାହୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ଜଣାପଡ଼ିଛି।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର




**କଣ୍ଟାପଡ଼ା,୨।୨/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟାପଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ନିର୍ଦ୍ଧାରିତ ନିର୍ଦ୍ଦେଶ ଅନୁଯାୟୀ ଗ୍ରାମାଞ୍ଚଳରେ ରହୁଥିବା ଜନସାଧାରଣଙ୍କର ବିଭିନ୍ନ ପ୍ରକାରର ସମସ୍ୟା ଓ ସରକାରଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନାର ସୁଫଳ ଯେପରି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ ଓ ସେମାନେ ଯେପରି ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚି ସେମାନଙ୍କର ସମସ୍ୟାର ସମାଧାନ ହୋଇପାରିବ ସେହି ପୁରପଲ୍ଲୀରେ ରହୁଥିବା ଜନଗଣଙ୍କ ନିମିତ୍ତ ନୂଆ ନିର୍ଦ୍ଦେଶନାମା ସରକାର ଆଣିଛନ୍ତି 'ପଲ୍ଲୀରେ ପ୍ରଶାସନ'। ସେହିକ୍ରମରେ ଆଜି କଣ୍ଟାପଡ଼ା ବ୍ଲକରେ ପ୍ରଥମକରି କଣ୍ଟାପଡ଼ା ଗ୍ରାମପଞ୍ଚାୟତରେ ସରପଞ୍ଚ ନିର୍ମଳ କୁମାର ସାହୁଙ୍କ ଆବାହକତ୍ୱରେ ବ୍ଲକ୍ ପ୍ରଶାସନ ସାମିଲ ହୋଇ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଏଥିରେ ବ୍ଲକ୍‌ସ୍ତରୀୟ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତି ରହି ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ ଓ ଏହାର ତୁରନ୍ତ ସମାଧାନ ନିମିତ୍ତ ପ୍ରଶାସନିକ ଉଦ୍ୟମ କରି ହିତାଧିକାରୀଙ୍କୁ ସୁଫଳ ଦେବାକୁ କଣ୍ଟାପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଶିବିରର ନୋଡାଲ ଅଫିସର ସ୍ୱପ୍ନିତା ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୁବି ତପସ୍ୱିନୀ ଦାସ, ବ୍ଲକ ଶିକ୍ଷାଧିକାରୀ ରବିନାରାୟଣ ସାହୁ, ପ୍ରାଣୀ ସଂପଦ ଅଧିକାରୀ ମୃତ୍ୟୁଞ୍ଜୟ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୪୦ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୦ଟି ଅଭିଯୋଗ ଭତ୍ତା ସମ୍ବନ୍ଧୀୟ ହୋଇଥିଲାବେଳେ ଅବଶିଷ୍ଟ ଗୃହ ରାସ୍ତା ଓ ରାସନକାର୍ଡ ସମ୍ବନ୍ଧୀୟ ଥିଲା।

# ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ପ୍ରତିବାଦ ସଭା ଓ ବିକ୍ଷୋଭ




**ସାଲେପୁର,୨।୨/ଏନ୍‌ଏନ୍‌ଏସ୍:** ସାଲେପୁର ବିଦ୍ୟୁତ ଉପଭୋକ୍ତା ସଂଘର ଆଠଦଫା ଦାବିକୁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଅଣଦେଖା ପ୍ରତିବାଦରେ ଆଜି ସାଲେପୁର ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ସାଲେପୁର ବିଦ୍ୟୁତ ଡ଼ିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ସାଲେପୁର ବିଦ୍ୟୁତ ଡ଼ିଭିଜନ ଉପଭୋକ୍ତା ସଂଘର ସଭାପତି ନନ୍ଦକିଶୋର ଭୂୟାଙ୍କ ସଭାପତିତ୍ୱରେ ଓ ଡିଭିଜନ ଉପଭୋକ୍ତା ସଂଘର ସଂପାଦକ ଗଗନ ମିଶ୍ରଙ୍କ ପରିଚାଳନାରେ ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ଟିପିସିଓଡିଏଲ ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ଯେଉଁ ଭଳିଭାବେ ବିଭିନ୍ନ ଆଳଦେଖାଇ ଉପଭୋକ୍ତା ମାନଙ୍କୁ ଶୋଷଣ କରିଚାଲିଛି ଆଗାମୀ ଦିନରେ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ନେତା ଦୀଲିପ ଦାଶ, କଂଗ୍ରେସ ନେତା ହରିବନ୍ଧୁ ଶତପଥି, ବିଦ୍ୟୁତ ଡିଭିଜନ ଉପଭୋକ୍ତା ସଂଘ ଉପସଭାପତି ରମାକାନ୍ତ ବେହେରା, ମାହାଙ୍ଗା ବିଦ୍ୟୁତ କମିଟିର ସଭାପତି ପୂର୍ଣଚନ୍ଦ୍ର ମହାପାତ୍ର, ନିଶ୍ଚିନ୍ତକୋଇଲି ବିଦ୍ୟୁତ କମିଟିର ସଭାପତି ଭାସ୍କର ବେହେରା, ଉପଦେଷ୍ଟା କୁଞ୍ଜମୋହନ ସେଠୀ, ଦିଲ୍ଲୀପ କୁମାର ଦାଶ, ଅଖିଳେଶ ମହାନ୍ତି, ଭାବଗ୍ରାହୀ ରାଉତ, ସୁରେନ୍ଦ୍ର ମହାରଣା, ମାନସ କର,ପ୍ରତାପ ଚନ୍ଦ୍ର ଭୂୟାଁ, ସରପଞ୍ଚ ଶିବୁ ବେହେରା, ମସୁଦ ଅଲ୍ଲୀ, ଗୁଲରେଜ ଅଲ୍ଲୀ, ବେଣୁଧର ପ୍ରଧାନ, ମିଠୁ ମଲ୍ଲ, ଦିଲୁ ପଣ୍ଡା, ସମ୍ବିତ ଦାସ,ଙ୍କ ସମେତ ଶତାଧିକ ଉପଭୋକ୍ତା ମାନେ ସାମିଲ ହୋଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମଞ୍ଚ ନିକଟରେ ଏକ ଅଭିଯୋଗ ଗ୍ରହଣ କେନ୍ଦ୍ର ଖୋଲା ଯାଇଥିଲା। ଶେଷରେ ଉପଭୋକ୍ତା ପାଖରେ ସାଲେପୁର ଟିପିଓଡିଏଲ ଫାଇନାସ ମ୍ୟାନେଜର ସୁରେଶ ଚନ୍ଦ୍ର ନନ୍ଦ ଦାବିପତ୍ର ଗ୍ରହଣ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ପ୍ରତିଶ୍ରୁତି ଦେଲାପରେ ଧାରଣା ପ୍ରତ୍ୟାହାର କରାଯାଇଥିଲା।

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal,**
**Kamakhyanagar**
E-mail : rw.kamakhyanagar@yahoo.co.in

**e-procurement Notice No.**
**26/Road Work/2025-26**

| | | |
|---|---|---|
| 1. | Name of the work | : Road Work |
| 2. | Total No. of works | : 2 (Two) Nos |
| 3. | Tender Cost | : Rs.5.08 & 10.17 lakhs |
| 4. | Class Contractor | : D, C & B equivalent |
| 5. | Period of completion | : 1 calendar months |
| 6. | Availability of tender online for bidding | : 03.02.2026 at 11.00A.M to 10.02.2026 up to 5.00 P.M |
| 7. | Last date & time of seeking tender clarification | : 09.02.2026 up to 5.00 PM |
| 8. | Date & time of opening of bid | : 10.02.2026 at 5.30 PM |

Other details can be seen from the website http://tendersorissa.gov.in

Sd/- Superintending Engineer
Rural Works Division-II, Dkl
Kamakhyanagar

OIPR-25001/25094/1/25-26/0016

**ଆରିୟନ୍ ପବ୍ଲିକ୍ ସ୍କୁଲ**
କାଳକଣ୍ଡପୁର, ଆସିକା, ପିନ୍-୭୬୧୧୧୧
ଯୋଗାଯୋଗ : ୯୬୯୨୩୪୮୮୯୮

**RTE ନାମଲେଖା ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ଆମ ଅନୁଷ୍ଠାନରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନୂତନ ନାମ ଲେଖା ତା.୦୧.୦୩.୨୦୨୬ରିଖ ଠାରୁ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଅନ୍‌ଲାଇନ୍ ମାଧ୍ୟମରେ (www.rteparadarshi.odisha.gov.in) ରେ ଆବେଦନ କରିପାରିବେ। ସରକାରଙ୍କ ଶିକ୍ଷା ଅଧିକାର ୧୨-(୦୧)-(C) ୨୦୦୯ ଆଇନ୍ ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ସଂରକ୍ଷିତ ରହିଛି। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, HIV ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ନିମନ୍ତେ ସଂରକ୍ଷିତ ରହିଛି। ଏ ସଂପର୍କରେ ଅଧିକ ସୂଚନା ପାଇଁ ସରକାରୀ ପୋର୍ଟାଲ www.rteparadarshi.odisha.gov.in ମାଧ୍ୟମରେ କିମ୍ବା ଆମ୍ଭ ବିଦ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସା/- ଅଧ୍ୟକ୍ଷ

# ଗାଇଡାନ୍ସ ପବ୍ଲିକ୍ ସ୍କୁଲ୍‌ର ୧୪ତମ ବାର୍ଷିକ ଉତ୍ସବ




**ନୟାଗଡ଼,୨।୨/ଏନ୍‌ଏନ୍‌ଏସ୍:** ନୟାଗଡ଼ ସହର ବାରମାସୀ ଲେନ୍ ରେ ଅବସ୍ଥିତ ଗାଇଡ଼ାନ୍ସ ପବ୍ଲିକ୍ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ 'ମେମୋରିଆ' ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ମହା ସମାରୋହରେ ପାଳିତ ହେଇଯାଇଛି। ପ୍ରଥମ ପର୍ଯ୍ୟାୟ ଉଦଘାଟନ ଉତ୍ସବରେ ପ୍ରସନ୍ନ କୁମାର ବସନ୍ତିଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଞ୍ଜଳି ମଛଖଣ୍ଡ ବିଚାରପତି ତଥା ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୟାଗଡ଼ ଓ ସମ୍ମାନିତ ଅତିଥି ଭାବେ ନିମାଇଁ ଚରଣ ପ୍ରଧାନ ଅବସର ପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଯୋଗଦେଇଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଅବିନାଶ ସାହୁ ଓ ପ୍ରିନ୍ସିପାଲ ଆଲୋକ କୁମାର କର ମଞ୍ଚାସିନ ଥିଲେ ଏବଂ ଏକାଡେମୀକ ଇନ୍ଚାର୍ଜ ସାରଦା ପ୍ରସନ୍ନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ପୂର୍ବ ପ୍ରାଥମିକ ଶ୍ରେଣୀଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ବାର୍ଷିକ ପ୍ରତିଯୋଗିତା ଗୁଡ଼ିକର କୃତି ଛାତ୍ରଛାତ୍ରୀଙ୍କ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ସହିତ ନୟାଗଡ଼ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଦ୍ୱାରା 'ବାଲ୍ୟ ବିବାହ' ନିଷେଧ ଉପରେ ସଚତନତା କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ତଥା ସମାପନ ଉତ୍ସବରେ ବିଦ୍ୟାଳୟ ଚେୟାରମ୍ୟାନ ଅବିନାଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଇ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ଆଜିକା ଦିନରେ ଶିଶୁମାନଙ୍କୁ କେବଳ ଶିକ୍ଷା ନୁହେଁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଅଭିଭାବକଙ୍କ ଉଦ୍ଦେଶ୍ୟରେ ତାଙ୍କ ମତାମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଡ଼ ଜ୍ୟୋତି ରଞ୍ଜନ ସାମନ୍ତରାୟ ଯୋଗ ଦେଇ ପିଲାମାନଙ୍କୁ ଚାପଗ୍ରସ୍ତ ନ କରି ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେବାପାଇଁ ବକ୍ତବ୍ୟ ରଖିଥିଲେ ପରିଶେଷରେ ଏକାଡେମୀକ ଇନ୍ଚାର୍ଜ ସାରଦା ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଥମିକ ଶ୍ରେଣୀଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ବାର୍ଷିକ ପ୍ରତିଯୋଗିତା ଗୁଡ଼ିକର କୃତୀ ଛାତ୍ରଛାତ୍ରୀଙ୍କ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଭୟ ପର୍ଯ୍ୟାୟର ମୁଖ୍ୟ ଆକର୍ଷଣ ଥିଲା କୁନି କୁନି ପ୍ରତିଭା ଓ ଶିକ୍ଷକ ଅଶୋକ କୁମାର ରାଉତଙ୍କ ନିର୍ଦ୍ଦେଶିତ ନାଟକ 'ମା ଓ ମମତା' ଯାହାକି ଆଜିର ସମାଜ ପାଇଁ ଏକ ଦିଗଦର୍ଶନ ଥିଲା ଏବଂ ନୃତ୍ୟ ନାଟିକା 'ଚକୁଳିଆ ପଣ୍ଡା ଓ କାଳୀୟ ଦଳନ' ଦର୍ଶକଙ୍କ ହୃଦୟରେ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରେମ ଓ ଆଧାତ୍ମିକତା ଭରି ଦେଇଥିଲା। ବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ କଳ୍ପନା ଭଦ୍ର ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀଙ୍କ ସହଯୋଗ କରିଥିଲେ।

**AFFIDAVIT**

By virtue of an affidavit sworn before Notary Public, Balliguda dated 27.01.2026, I Akash Pradhan, Son of Juana Pradhan of Village/P.O-Demingia, P.S- Balliguda, Dist-Kandhamal, Odisha, PIN-762103 have changed the name of my minor son from "Gladdon Pradhan" to "Gladsen Pradhan", and henceforth he shall be known as "Gladsen Pradhan" for all purpose.

**OFFICE OF THE SUPERINTENDING ENGINEER**
**RURAL WATER SUPPLY AND SANITATION DIVISION, BHUBANESWAR**
**Plot No.-1214 (Part), Tapovan Road, Khandagiri, Bhubaneswar-30.**
**Short Quotation Call Notice No - 39 of 2025-26**

Sealed quotationers are invited from reputed Suppliers/ Authorized Firms/ Resellers of the State for the work "Supply & installation of Chair and Sofa for Addition, Alternation & Renoation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

| | |
|---|---|
| Last date of issue of Bid Document : | 05.02.2026 till 03:00 P.M. |
| Last date of submission of Bids : | 05.02.2026 by 04:00 P.M. |
| Opening of Bids : | 06.02.2026 at 11:30 A.M. |

The Quatation details with matrerials description can be collected from Office of the Superintending Enginner, RWS&S Division, Bhubaneswar. The superintending engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Sd/- Superintending Engineer
RWS & S Division, Bhubaneswar

OIPR-25001/25011/1/25-26/0016

## ପ୍ରଥମ ପୃଷ୍ଠାରୁ

### ଓଡ଼ିଶା ପାଇଁ ...

ଟ୍ରେନ୍ ଟ୍ରାକ୍ ବିଦ୍ୟୁତିକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି ରେଳମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ବେଶ୍ ଭଲ କାମ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ରାଜ୍ୟରେ ବିକାଶ କାମ ଜାରି ରହିଛି। ଆଗାମୀ ୫ବର୍ଷରେ ୧ ଲକ୍ଷ କୋଟି ଟଙ୍କାର ରେଳ ପ୍ରକଳ୍ପ କରାଯିବ। ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ସେହି ଆଧାରରେ କାମ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶ ଉପରେ ନଜର ରଖିଛନ୍ତି। ସେ କହିଥିଲେ ଯେ ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି, ବର୍ତ୍ତମାନ ୯୦,୬୫୯ କୋଟିରୁ ଅଧିକ ମୂଲ୍ୟର କାର୍ଯ୍ୟ ଜାରି ରହିଛି। ଏଥିରେ ନୂତନ ଲାଇନ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେସନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ। ଯାତ୍ରୀ କେନ୍ଦ୍ରିକ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ୨,୪୩୧ କୋଟି ଟଙ୍କାର ମୋଟ ବିନିଯୋଗରେ ଓଡ଼ିଶାର ୫୯ଟି ଷ୍ଟେସନକୁ ବ୍ୟାପକ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଳଗଡ଼, ପାରଳାଖେମୁଣ୍ଡି ଏବଂ ଜଳେଶ୍ୱରରେ ଭଳି ୬ଟି ଷ୍ଟେସନରେ କାର୍ଯ୍ୟ ସମାପ୍ତ ହୋଇସାରିଛି ଯାହା ଯାତ୍ରୀ ସୁବିଧା ଏବଂ ଷ୍ଟେସନ ସୌନ୍ଦର୍ଯ୍ୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ରେଳମନ୍ତ୍ରୀ ଆହୁରି ଉଲ୍ଲେଖ କରିଥିଲେ ଯେ ଆଧୁନିକ ଟ୍ରେନ୍ ସେବା ପ୍ରଚଳନ ସହିତ ରାଜ୍ୟରେ ରେଳ ସଂଯୋଗ ଏକ ଗୁଣାତ୍ମକ ପରିବର୍ତ୍ତନ ଦେଖିଛି। ରେଳମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ସହଯୋଗ କରୁଛନ୍ତି। ହାତୀ ମୃତ୍ୟୁ ନେଇ ରେଳ ବିଭାଗ ଅବଗତ ଅଛନ୍ତି।ଏହାକୁ ରୋକିବା ପାଇଁ ରାଜ୍ୟରେ ଅପ୍ଟିକାଲ ଫାଇବର ଟେକ୍ନୋଲୋଜି ଉପରେ କାମ କରାଯାଉଛି। ଏହା ଦ୍ୱାରା ଟ୍ରେନ୍‌ଲାଇନକଡ଼ରେ ହାତୀ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ। ବିଭିନ୍ନ ସ୍ଥାନରେ ଏଥିପାଇଁ ଥର୍ମାଲ କ୍ୟାମେରା ଖଞ୍ଜାଯିବ। ଆସନ୍ତା ୬ ମାସ ମଧ୍ୟରେ ଦେଶବ୍ୟାପି ଏହି କାମ ଆରମ୍ଭ ହୋଇଯିବ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଶ୍ରୀ ବୈଷ୍ଣବ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ନେଟୱର୍କ ସମ୍ପ୍ରସାରଣ ଏବେ ପ୍ରମୁଖ ଫୋକସ୍ କ୍ଷେତ୍ର ହୋଇ ରହିଛି। ୨୦୧୪ ମସିହାରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିଲୋମିଟର ନୂତନ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱର୍କ ଠାରୁ ଅଧିକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ୧୦୦ ପ୍ରତିଶତ ବିଦ୍ୟୁତୀକରଣ ହାସଲ କରିଛି, ଏହି ସମୟ ମଧ୍ୟରେ ୧,୫୫୯ କିଲୋମିଟର ରେଳ ଲାଇନ ବିଦ୍ୟୁତୀକରଣ ହୋଇଛି, ଯାହା ଶକ୍ତି ଦକ୍ଷତା ଏବଂ ଉନ୍ନତ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଛି। ଏହାବ୍ୟତୀତ, ସୁରକ୍ଷା ବୃଦ୍ଧି ଏବଂ ନିରବଚ୍ଛିନ୍ନ ସଡ଼କ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ୬୩୨ ଟି ସଡ଼କ ଓଭରବ୍ରିଜ୍ ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। କବଚ ଭଳି ଉନ୍ନତ ସୁରକ୍ଷା ବ୍ୟବସ୍ଥା ମଧ୍ୟ କ୍ରମାଗତ ଭାବରେ କାର୍ଯ୍ୟକାରୀ କରାଯାଉଛି, ଗୁରୁତ୍ୱପୂର୍ଣ୍ଣ ରୁଟ୍ କିଲୋମିଟର ଉପରେ କାର୍ଯ୍ୟ ଏବଂ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି, ଯାହା ଟ୍ରେନ୍ ପରିଚାଳନା ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ରେଳମନ୍ତ୍ରୀ କହିଛନ୍ତି ଯେ ଏହି ଐତିହାସିକ ପଦକ୍ଷେପଗୁଡ଼ିକ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି, ଉନ୍ନତ ଯାତ୍ରୀ ଅଭିଜ୍ଞତା ଏବଂ ବର୍ଦ୍ଧିତ ଲଜିଷ୍ଟିକ୍ କ୍ଷମତା ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ବିକାଶ ଇଞ୍ଜିନରେ ପରିଣତ କରିବା ପାଇଁ ରେଳବାଇର ଦୃଷ୍ଟିକୋଣକୁ ଲେଖାଙ୍କିତ କରୁଛି, ଯାହା ରାଜ୍ୟର ଦୀର୍ଘକାଳୀନ ସାମାଜିକ ଆର୍ଥିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଓଡ଼ିଶାର ପ୍ରଗତି ପଥକୁ ...

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ରେକର୍ଡସଂଖ୍ୟକ ଅନୁଦାନ ପାଇଁ ଶ୍ରୀ ପ୍ରଧାନ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ରେକର୍ଡସଂଖ୍ୟକ ଅନୁଦାନ 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବା ସହ 'ବିକଶିତ ଓଡ଼ିଶା' ଗଠନରେ ଏକ ଦୃଢ଼ ସ୍ତମ୍ଭ ସାଜିବ । ମୋଦୀ ସରକାରଙ୍କ ସମୟରେ ଓଡ଼ିଶାକୁ ମିଳିଥିବା ଏହି ଅନୁଦାନ ୨୦୦୯-୧୪ ମସିହା କଂଗ୍ରେସ ସରକାର ତୁଳନାରେ ହାରାହାରି ୧୩ ଗୁଣ ଅଧିକ। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୬୫୯ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଗତ ୧୧ ବର୍ଷରେ ରାଜ୍ୟରେ ୨,୨୦୦ କିମିର ନୂଆ ରେଳ ଟ୍ରାକ୍ ନିର୍ମାଣ ହୋଇସାରିଛି, ଯାହା ମାଲେସିଆ ଭଳି ଦେଶର ସମ୍ପୂର୍ଣ୍ଣ ରେଳ ନେଟୱାର୍କଠାରୁ ମଧ୍ୟ ଅଧିକ। ଏଥିସହିତ ଓଡ଼ିଶା ଏବେ ଶତପ୍ରତିଶତ ରେଳ ବିଦ୍ୟୁତୀକରଣର ଗୌରବ ହାସଲ କରିଛି, ଯାହା ମୋଦୀ ସରକାରଙ୍କ 'ସେବା ଓ ସୁଶାସନ'ର ଏକ ଜ୍ୱଳନ୍ତ ଉଦାହରଣ।

### ସମୃଦ୍ଧ ଓଡ଼ିଶା ଗଠନ ସଂକଳ୍ପ ...

କ୍ଷେତ୍ରରେ ମଧ୍ୟ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ରେଳ ପଥରେ ହାତୀ ମୃତ୍ୟୁ ରୋକିବା ପାଇଁ ଇଓ-ଭିତ୍ତିକ ଥର୍ମାଲ କ୍ୟାମେରା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ଏକ ଆଦର୍ଶ ସୃଷ୍ଟି କରିବ। ଏଥିଯୋଗୁଁ 'ସମୃଦ୍ଧ ଓଡ଼ିଶା' ଗଠନ ସଂକଳ୍ପକୁ ଆହୁରି ସୁଦୃଢ଼ ହୋଇପାରିବ। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିବଦ୍ଧ। ଆମର ଏହି ମିଳିତ ପ୍ରୟାସରେ ଓଡ଼ିଶା ନିଶ୍ଚିତ ଭାବେ ଏକ ପ୍ରଗତିଶୀଳ ଏବଂ ' ସମୃଦ୍ଧ ରାଜ୍ୟ'ରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

### ଓଡ଼ିଶାରେ ରାଷ୍ଟ୍ରପତି ...

୫ ତାରିଖ ଦିନ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରେ ଦର୍ଶନ ପରେ ଅପରାହ୍ଣରେ ସେ ଯଶୀପୁର ଦେଇ ପ୍ରକୃତିର ଶୋଭାରାଜି ଶିମିଳିପାଳ ଅଭୟାରଣ୍ୟକୁ ଯିବେ। ସେଠାରେ ରାତ୍ରୀଯାପନ କାର୍ଯ୍ୟକ୍ରମ ରହିଛି। ୬ ତାରିଖରେ ଶିମିଳିପାଳ ଅଞ୍ଚଳର ଆଦିବାସୀ ମହିଳା ଓ ଯୁବକଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

### ନୂଆ ରୂପ ପାଇବ ...

ସୁଧ ଭାର କମିଥିବାରୁ ସେମାନଙ୍କ ଆୟ ଓ ବ୍ୟବସାୟ ବୃଦ୍ଧି ପାଉଛି। ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତ କରି ଏହାର ସମ୍ପୂର୍ଣ୍ଣ ସୁଧ ରାଶି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଫେରସ୍ତ କରୁଛନ୍ତି। ଆଜିର କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ୨,୮୦,୫୮୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷ ରେ ବର୍ତ୍ତମାନ ସୁଦ୍ଧା ୫୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି। କେନ୍ଦ୍ର ସରକାର ବଜେଟରେ ଲକ୍ଷପତି ଦିଦି ଯୋଜନାର ସଂପ୍ରସାରଣ ଓ ସେଲ୍ଫ ହେଲ୍ପ ଏଣ୍ଟରପ୍ରାଇଜେସ୍ ଉପରେ ଗୁରୁତ୍ୱ ଦେଇ କ୍ଲଷ୍ଟର ଲେବଲରେ ମହିଳା ସଶକ୍ତିକରଣକୁ ଏକ ସୁଦୃଢ଼ ଓ ଶକ୍ତିଶାଳୀ କର୍ମଦକ୍ଷ ଭାବେ ରୂପାନ୍ତରିତ ହେବ ବୋଲି କରିଥିବା ଘୋଷଣାର ସେ ପୁନରାବୃତ୍ତି କରିଛନ୍ତି। ଆଜି ଏକ ଐତିହାସିକ ଘୋଷଣା କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ୪୬ ହଜାରରୁ ଊର୍ଦ୍ଧ୍ୱ ସିଆରପି ଭଉଣୀମାନଙ୍କୁ ସ୍ମାର୍ଟ ଫୋନ, ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନୂଆ ୟୁନିଫର୍ମ ଏବଂ ପରିଚୟ ମିଳିବ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଓ ସ୍ୱଂୟ ସହାୟକ ଗୋଷ୍ଠୀର ମା ମାନେ ଆଭାଷୀ ମାଧ୍ୟମରେ ଯୋଗ ଦେଇଥିଲେ।

### ନୂଆ ଏନ୍‌ଏସିରେ ନିର୍ବାଚନ ...

ହେଲେ ସହରାଞ୍ଚଳ ନିର୍ବାଚନ ପ୍ରକ୍ରିୟା ଠିକ୍ ଭାବେ ହୋଇପାରିବ। ତେବେ ଜିଲ୍ଲାପାଳଙ୍କୁ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ କରିବାକୁ କୁହାଯାଇଛି, ଯାହା ଦ୍ୱାରା ରାଜ୍ୟ ନିର୍ବାଚନ କମିଶନ ସାମ୍ବିଧାନିକ ୬ ମାସ ସମୟସୀମା ମଧ୍ୟରେ ନିର୍ବାଚନ କରିପାରିବେ। ଓଡ଼ିଶା ପୌର ଆଇନ, ୧୯୫୦ର ଧାରା ୧୧ ଏବଂ ୧୨ ଅନୁଯାୟୀ ବାଧ୍ୟତାମୂଳକ ଏହି ଅଭ୍ୟାସରେ ସମାନ ୱାର୍ଡ ବିଭାଜନ ଏବଂ ଅନୁସୂଚିତ ଜାତି, ଜନଜାତି, ମହିଳା ଏବଂ ଅନ୍ୟାନ୍ୟ ଯୋଗ୍ୟ ବର୍ଗ ପାଇଁ ସଂରକ୍ଷଣ ଅନ୍ତର୍ଭୁକ୍ତ ହେବ। ଡ୍ରାଫ୍ଟ ବିଜ୍ଞପ୍ତି ଫେବୃଆରୀ ୧୨ ତାରିଖରେ ଜାରି କରାଯିବ, ଫେବୃଆରୀ ୨୧ ପର୍ଯ୍ୟନ୍ତ ଆପତ୍ତି ଆମନ୍ତ୍ରିତ କରାଯିବ ଏବଂ ଆବେଦନ ଶୁଣାଣି ପରେ ମାର୍ଚ୍ଚ ୩୧ ସୁଦ୍ଧା ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ। ୧୮ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଅନୁମୋଦିତ କାର୍ଯ୍ୟସୂଚୀକୁ କଡ଼ାକଡ଼ି ପାଳନ କରିବାକୁ ଏବଂ ନିୟମିତ ଭାବରେ ଅଗ୍ରଗତି ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

---

**ଉପକୂଳ ସୁରକ୍ଷା ବାର୍ତ୍ତା ନେଇ କୋଲକାତାରୁ କୋଣାର୍କ-କନ୍ୟାକୁମାରୀ ଯାତ୍ରା**

# 'ବନ୍ଦେ ମାତରମ୍' ସାଇକ୍ଲୋଥନ୍ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ



**କୋଣାର୍କ,୨।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିଳ୍ପ ସୁରକ୍ଷା ବାହିନୀ(ସିଆଇଏସଏଫ) ପକ୍ଷରୁ ଭାରତର ଉପକୂଳ ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ଉପକୂଳ ଅଞ୍ଚଳର ଲୋକମାନଙ୍କୁ ଚୋରା ନିଶା କାରବାର, ଅଣପ୍ରବେଶକାରୀ, ଚୋରା ଅସ୍ତ୍ରଶସ୍ତ୍ର କାରବାର ପରି ଅନେକ ଦେଶଦ୍ରୋହୀ କାର୍ଯ୍ୟ ପାଇଁ ସଚେତନା କରାଇବା ଓ ଦେଶର ସୁରକ୍ଷା ପାଇଁ ଲୋକମାନଙ୍କ ଠାରୁ ସହଯୋଗ ପାଇଁ ଭାରତର ଗୁଜୁରାଟ କଛ ଓ କୋଲକତା ର ବଖାଲି ରୁ ଦୁଇଟି ୧୩୦ ଜଣ ସିଆଇଏସ୍‌ଏଫ୍‌ର 'ବନ୍ଦେ ମାତରମ' ଉପକୂଳ ସାଇକ୍ଲୋଥନ୍ ଦଳକୁ ଭାରତ ଗୃହମନ୍ତ୍ରାଳୟର ଗୃହରାଜ୍ୟମନ୍ତ୍ରୀ ନିତ୍ୟାନନ୍ଦ ରାୟ ନୂଆଦିଲ୍ଲୀ ଧ୍ୟାନଚାନ୍ଦ ଷ୍ଟାଡିୟମରୁ ଭର୍ଚୁଆଲରେ ଉଦଘାଟନ କରିଥିଲେ। ଦୀର୍ଘ ୨୫ ଦିନ ପରେ ଏହା କନ୍ୟାକୁମାରୀରେ ଶେଷ ହେବାକୁ ସ୍ଥିର ହୋଇଛି।

ଏ ନେଇ କୋଲକତା ବଖାଲିରୁ ସିଆଇଏସ୍‌ଏଫ୍‌ର ଇଷ୍ଟକୋଷ୍ଟ ଦଳର ୬୫ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସାଇକ୍ଲୋଥନ୍ ଉପକୂଳ ଅଞ୍ଚଳ ଦେଇ ବାହାରି ଓଡ଼ିଶାର ପାରାଦୀପ ଦେଇ କାକଟପୁର ରୁ କୋଣାର୍କ, କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ମଙ୍ଗଳବାର ଭୋର ୫ଟା ୩୦ମିନିଟ୍‌ରୁ ବାହାରି କୋଣାର୍କ-ପୁରୀ ବେଳାମାର୍ଗ ଦେଇ ପୁରୀ ପହଞ୍ଚିବା ପରେ ସେଠୁ ବାହାରି ସାତପଡ଼ା ଦେଇ ଗଞ୍ଜାମ ହୁମା, ଗୋପାଳପୁର ଦେଇ ସମୁଦାୟ ୯ଗୋଟି ଉପକୂଳ ରାଜ୍ୟ ଦେଇ ୬୫୫୩ କିମି ବୁଲି ଶେଷରେ ଫେବୃୟାରୀ ୨୨ ତାରିଖ ରେ କନ୍ୟାକୁମାରୀ ରେ ଏହି ସାଇକେଲଥୋନ କାର୍ଯ୍ୟକ୍ରମ ଶେଷ ହେବ ଉପକୂଳ ଅଞ୍ଚଳରେ ଥିବା ବଛା ବଛା ୫୦ ଗୋଟି ମତ୍ସ୍ୟଜୀବୀ ଗ୍ରାମ ଗୁଡିକରେ ଏହି ସାଇକ୍ଲୋଥନ୍ ଦଳ ରାତ୍ରିଯାପନ ସହ ବିଭିନ୍ନ ସଚେତନା କାର୍ଯ୍ୟକ୍ରମ କରିବେ। ବିଶେଷ ଭାବେ ସ୍ୱଚ୍ଛଭାରତ ପାଇଁ ସଫେଇ କରିବା ସହ ବିଭିନ୍ନ ସଂସ୍କୃତି କାର୍ଯ୍ୟକ୍ରମ ମାଧ୍ୟମରେ ଉପକୂଳ ଅଞ୍ଚଳର ଲୋକମାନଙ୍କୁ ସଚେତନା କରିବେ। ଏ ନେଇ ସୋମବାର ସନ୍ଧ୍ୟାରେ ୫.୩୦ ମିନିଟରେ କୋଣାର୍କ ସ୍ଥିତ ପର୍ଯ୍ୟଟନ ବିଭାଗ ର ମୁକ୍ତାକାଶ ରଙ୍ଗମଚ ନାଟ୍ୟମଣ୍ଡପରେ ଏହି ୬୫ ଜଣିକିଆ ସାଇକ୍ଲୋଥନ୍ ଦଳ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ଥିବା କୋଣାର୍କ ହାଇସ୍କୁଲ, କୋଣାର୍କ ଭଗବତୀ ମହାବିଦ୍ୟାଳୟ, ନୂଆ ଗାଁ ଆର୍ତ୍ତତ୍ରାଣ ବିଦ୍ୟାପୀଠ ର ଶତାଧିକ ଏନସିସିର ଛାତ୍ରଛାତ୍ରୀ ଜାତୀୟ ପତାକା ଧରି ପୁଷ୍ପ ବର୍ଷା କରି ଭବ୍ୟ ସ୍ୱାଗତ ଜଣାଇ ସେମାନଙ୍କୁ ପାଛୋଟି ନେଇଥିଲେ। ମୁକ୍ତାକାଶ ନାଟ୍ୟମଣ୍ଡପରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସିଆଇଏସଏଫ ଆଇଜି ଶିଖର ସାହାଏ, ଓଡିଶା କୋଷ୍ଟଗାର୍ଡ ର ଡିଆଇଜି ସତ୍ୟନାରାୟଣ ଦାସ, ସିଆଇଏସଏଫ ଡ଼ିଆଇଜି ସୁମନ୍ତ ସିଂ, ସିଆଇଏସ୍‌ଏଫ୍ ଭୁବନେଶ୍ୱରର କମାଣ୍ଡଟାଣ୍ଟ୍ ରାକେଶ ଚୌଧୁରି, ଓଡିଶା ଏନ୍ଡିଆର ଏଫକମାଣ୍ଡଟାଣ୍ଟ ବର୍ଷମାନ ମିଶ୍ର , ଆନ୍ତର୍ଜାତୀୟ ହକି ଖେଳାଳି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟନାୟକ, ନାଲୋକ ର ମୁଖ୍ୟ ବ୍ରିଜେନ୍ଦ୍ର ପ୍ରତାପ ସିଂ, ଇଣ୍ଡିଆନ ଅଏଲ ର ନିର୍ଦ୍ଦେଶକ ସଞ୍ଜୀବ ଗୋଗେଇ, କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ପିପିଲି ବିଧାୟକ ଆଶ୍ରିତ ପଟନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଉପସ୍ଥିତ ସିଆଇଏସ୍‌ଏଫ୍ ସାଇକ୍ଲୋଥନ୍‌ରେ ବାହାରିଥିବା ଯବାନମାନଙ୍କୁ ସ୍ୱାଗତ ଜଣାଇବା ସହିତ ସେମାନଙ୍କୁ ଏହି ସାଇକେଲ ଯାତ୍ରା ପାଇଁ ଶୁଭକାମନା ଦେବା ସହ ସେମାନଙ୍କର ଦେଶ ପାଇଁ ଅବଦାନକୁ ସ୍ମରଣ କରାଇଥିଲେ। ଆଜି କୋଣାର୍କରେ ରାତ୍ରିଯୋପନ ପରେ ମଙ୍ଗଳବାର ସକାଳ ୫ଟା ୩୦ମିନିଟ୍‌ରେ ବେଳାମାର୍ଗ ଦେଇ ପୁରୀ ଅଭିମୁଖେ ବାହାରିବେ।

---

## ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଡ୍ରୋନ୍ ଉଡ଼ିବା ଉପରେ କଟକଣା

**ପୁରୀ,୨।୨/ଏନ୍‌ଏନ୍‌ଏସ୍:** ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୩ ଓ ୪ ତାରିଖ ପୁରୀ ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ୩ ତାରିଖରେ ପହଞ୍ଚି ପୁରୀ ଲୋକ ଭବନରେ ରାତ୍ରି ଯାପନ କରିବେ ଓ ପରଦିନ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରି, ମହାପ୍ରଭୁଙ୍କ ଦର୍ଶନ କରି ଫେରି ଯିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଇଛି। ଏହାସହ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ 'ବ୍ଲୁ ବୁକ୍' ଅନୁଯାୟୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପୁରୀ ସହରର ୧୦ କିମି ପରିସୀମା ଅଞ୍ଚଳକୁ 'ନୋ ଫ୍ଲାଇଙ୍ଗ ଜୋନ' ବା 'ଡ୍ରୋନ ମୁକ୍ତ ଅଞ୍ଚଳ' ଘୋଷଣା କରିଛନ୍ତି। ଏସପି ଙ୍କ ସୁରକ୍ଷା ସମ୍ପର୍କିତ ପତ୍ର ଆଧାର ରେ ଜିଲ୍ଲାପାଳ ଏହି ପଦକ୍ଷେପ ନେଇଛନ୍ତି। ଭିଭିଆଇପିଙ୍କ ପାଇଁ ସୁରକ୍ଷା ନେଇ ୩ ଫେବୃଆରୀ ଦିବା ୧୨ ଘଟିକା ଠାରୁ ୪ ଫେବୃଆରୀ ଦିବା ୧୨ ଘଟିକା ଯାଏଁ ଡ୍ରୋନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଆଇଜିପିଙ୍କ ଅନ୍ତିମ ସୁରକ୍ଷା ସମୀକ୍ଷା

**ପୁରୀ,୨।୨/ଏନ୍‌ଏନ୍‌ଏସ୍:** ଆଇଜିପି, ସିଆର, ଓଡିଶା ଡକ୍ଟର ସତ୍ୟଜିତ୍ ନାୟକ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପୁରୀରେ ଅନ୍ତିମ ସୁରକ୍ଷା ସମୀକ୍ଷା କରିଛନ୍ତି। ଇନ୍ସପେକ୍ଟର ଜେନେରାଲ୍ ପୋଲିସ୍ (ଆଇଜିପି), ସେଣ୍ଟ୍ରାଲ୍ ରେଞ୍ଜ, ଓଡିଶା ଡକ୍ଟର ସତ୍ୟଜିତ୍ ନାୟକ ଆଜି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫେବୃଆରୀ ୩ ଏବଂ ୪, ୨୦୨୬ ପାଇଁ ସ୍ଥିର ହୋଇଥିବା ଗସ୍ତ ପୂର୍ବରୁ ପୁରୀରେ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥାର ଚୂଡ଼ାନ୍ତ, ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଦୃଢ଼ ନେତୃତ୍ୱ ଏବଂ ଘନିଷ୍ଠ କାର୍ଯ୍ୟକ୍ଷମ ତଦାରଖ ପ୍ରଦର୍ଶନ କରି, ଡକ୍ଟର ନାଏକ ସୁରକ୍ଷା ଏବଂ ଜନସାଧାରଣଙ୍କ ସୁବିଧାର ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ନିର୍ଦ୍ଦିଷ୍ଟ ଭିଭିଆଇପି ମୋଟରକାର୍ଡ ରୁଟ୍ ସମେତ ପ୍ରମୁଖ ସ୍ଥାନଗୁଡ଼ିକ ବ୍ୟକ୍ତିଗତ ଭାବରେ ଯାଞ୍ଚ କରିଥିଲେ। ତାଙ୍କ ସହିତ ପୁରୀ ଏସପି ପ୍ରତୀକ ସିଂହ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏକ ନିର୍ଦ୍ଦୋଷ ଏବଂ ବହୁସ୍ତରୀୟ ସୁରକ୍ଷା କବଚ ପ୍ରଦାନ କରିବା ପାଇଁ, ସାରା ସହରରେ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୁରକ୍ଷା ବ୍ୟବସ୍ଥାରେ ଏସପି ରାଙ୍କ୍‌ର ୬ଜଣ ଅଧିକାରୀଙ୍କ ଦ୍ୱାରା ତଦାରଖ କରାଯାଉଛି। ଅତିରିକ୍ତ ଏସପି, ଡ଼ିଏସପି, ଆଇଆଇସି, ଏସଆଇ ଏବଂ ଏଏସଆଇ ମାନଙ୍କର ଏକ ଦୃଢ଼ ପଦାନୁକ୍ରମ ଦ୍ୱାରା ସମର୍ଥିତ, ଏବଂ ହାଇ ଆଲର୍ଟରେ ରଖାଯାଇଥିବା ସ୍ୱତନ୍ତ୍ର ୟୁନିଟ୍‌ର ବ୍ୟବସ୍ଥା କରାଯାଇଛି। ଭୂମିସ୍ତରୀୟ ବ୍ୟବସ୍ଥା ସମୀକ୍ଷା କରିବା ସମୟରେ, ଆଇଜିପି, ପବିତ୍ର ସହରକୁ ଆସୁଥିବା ହଜାର ହଜାର ଭକ୍ତଙ୍କ ଅସୁବିଧାକୁ କମ କରିବା ସହିତ ଭିଭିଆଇପି ଗତିବିଧି ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିରରେ ବ୍ୟାପକ ଟ୍ରାଫିକ ଡାଇଭର୍ସନ ଯୋଜନା ଏବଂ ଅସ୍ଥାୟୀ ସାଧାରଣ ପ୍ରବେଶ କଟକଣା ଚୂଡ଼ାନ୍ତ ହୋଇଛି ଏବଂ ସମସ୍ତ ୟୁନିଟକୁ ମହାମହିମ ରାଷ୍ଟ୍ରପତିଙ୍କ ଦୁଇଦିନିଆ ଗସ୍ତ ସମୟରେ ସତର୍କ, ସମନ୍ୱିତ ଏବଂ ପ୍ରତିକ୍ରିୟାଶୀଳ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ ଟ୍ରାଫିକ ନିୟମ ଏବଂ ଡାଇଭର୍ସନ ଲାଗୁ କରାଯିବ। ସୁରକ୍ଷା ଏବଂ ଭିଭିଆଇପି ଗସ୍ତର ସୁପରିଚାଳନା ପାଇଁ ସୁରକ୍ଷା ଏବଂ ଟ୍ରାଫିକ ବ୍ୟବସ୍ଥାରେ ସହଯୋଗ କରିବା ଏବଂ ସମୟ ସମୟରେ ଜାରି ପରାମର୍ଶ ପାଳନ କରିବାକୁ ପୁରୀ ଜିଲ୍ଲା ପୁଲିସ ସାଧାରଣ ଲୋକଙ୍କୁ ନିବେଦନ କରିଛନ୍ତି।

## ଗୁଳିମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ




**ଖୋର୍ଦ୍ଧା,ପୁରୀ,୨।୨/ଏନ୍‌ଏନ୍‌ଏସ୍:** ବେଗୁନିଆ ଥାନା ଅନ୍ତର୍ଗତ ଦଲକ ରାସ୍ତାରେ ଗତ ୧୯ତାରିଖ ସନ୍ଧ୍ୟାରେ ଗୁଳିମାଡରେ ଖଣି ବ୍ୟବସାୟୀ ଜାମୁସାହିର ବାସୁଦେବ ପରିଡା ଓରଫ୍ ଟୁଟୁ ହତ୍ୟା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୪ଜଣଙ୍କୁ ଗିରଫ କରିଛି। ଗୁଳିମାଡର କାରଣ ଖଣି ବ୍ୟବସାୟିକ ଶତ୍ରୁତା ବୋଲି ପୁଲିସ କହିଛି। ପ୍ରକାଶ ଥାଉକି, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୧୯ ତାରିଖ ସକାଳେ କିଛି ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଧମକ ଦେଇଥିଲେ। ସେହି ଦିନ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ଅଭିଯୁକ୍ତମାନଙ୍କ ଦ୍ୱାରା ଦଲକ ରୋଡରେ ଟୁଟୁଙ୍କୁ ଗୁଳିକରି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମୃତକଙ୍କ ଦେହରେ ୩ ରାଉଣ୍ଡ ଗୁଳି ମାଡ଼ ହୋଇଥିଲା। ଘଟଣାସ୍ଥଳରୁ ଗୋଟିଏ ବୁଲେଟ୍ ମୋଟରସାଇକେଲ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ମୃତକଙ୍କ ସ୍ତ୍ରୀ ସଲିଲା ପରିଡାଙ୍କ ଅଭିଯୋଗ ଉପରେ ବେଗୁନିଆ ପୁଲିସ ୩୪/ ୨୬ ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ଏସ୍ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଟିମ୍ ଗଠନ କରି ବିଭିନ୍ନ ଅଂଚଳରେ ଚଢଉ କରିଥିଲେ। ଗୟାବନ୍ଧ ଜଙ୍ଗଲରେ ଲୁଚିଥିବା ସେହି ଗ୍ରାମର ଅଜୟ ଭୁଜବଳ (୩୪), ଜ୍ଞାନରଞ୍ଜନ ପ୍ରଧାନ (୩୪), ମାନସ ସୁବୁଦ୍ଧି (୩୩) ଏବଂ କାର୍ତ୍ତିକ ଭୁଜବଳ (୩୬) କୁ ପୁଲିସ ଗିରଫ କରିଛି। ସେମାନଙ୍କ ଠାରୁ ପୁଲିସ୍ ଦୁଇଟି ବାଇକ୍, ୨ଟି ଖୋକା ଏବଂ ମୃତଦେହରୁ ଦୁଇଟି ଗୁଳିକୁ ଜବତ କରିଛି। ଅଭିଯୁକ୍ତମାନେ ଏକ ଖଣି କାରବାରରେ ବ୍ୟବସାୟକୁ କେନ୍ଦ୍ର କରି ମୃତ ବାସୁଦେବ ପରିଡ଼ା ସହ ଶତ୍ରୁତା କରୁଥିଲେ। ପୂର୍ବରୁ ସେମାନଙ୍କର ମଧ୍ୟ ଶତୃତା ଲାଗି ରହିଥିଲା ବୋଲି ଖୋର୍ଦ୍ଧା ଏସ୍‌ପି ଶ୍ରୀ ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

---

### ଭାରତ ଉପରୁ ଟାରିଫ୍ ହ୍ରାସ ...

ସୁତରାଂ ଭାରତ ଏବେବି ସଂଶୋଧିତ ୧୮% ରେସିପ୍ରୋକାଲ ଶୁଳ୍କ ସହ ରୁଷ୍ ଠାରୁ ତୈଳ କିଣିବା ବାବଦ ୨୫% ଅତିରିକ୍ତ ଶୁଳ୍କ (୨୭ ଅଗଷ୍ଟରେ ଲାଗୁ) କୁ ମିଶାଇ ମୋଟ୍ ୪୩% ଆମେରିକୀୟ ଶୁଳ୍କର ବଶବର୍ତ୍ତୀ ରହିଛି। ମୋଟାମୋଟି ୨ଟି ପ୍ରକ୍ରିୟା ଅନ୍ତର୍ଗତ ଆମେରିକା ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଥିଲା ଯାହାକୁ ଏବେ ୪୩%କୁ ହ୍ରାସ କରିଛି।

ସୂଚନାଯୋଗ୍ୟ, ଯେବେ ଠାରୁ ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି ସେବେଠାରୁ ଭାରତ ସହ ସମ୍ପର୍କକୁ ସୁଧାରିବା ଦିଗରେ ଟ୍ରମ୍ପ ମାତ୍ରାଧିକ ବ୍ୟତିବ୍ୟସ୍ତ ହୋଇପଡୁଥିବା ଦେଖିବାକୁ ମିଳୁଛି। ଟ୍ରମ୍ପ୍ ଆଜି ପ୍ରଥମେ ଇଣ୍ଡିଆ ଗେଟ୍‌କୁ ପ୍ରଶଂସା କରିବା ପୂର୍ବକ ନିଜ ସୋସିଆଲ ହ୍ୟାଣ୍ଡେଲ୍‌ରେ ଏକ ପୋଷ୍ଟ କରିଥିଲେ। ଏହାପରେ ବିଳମ୍ବିତ ସନ୍ଧ୍ୟାରେ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହୋଇଥିଲେ। ଉଭୟ ନେତାଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଥିଲା ସେନେଇ ସେତେବେଳେ କୌଣସି ସୂଚନା ମିଳିନଥିଲେ ମଧ୍ୟ ଏବେ ଟ୍ରମ୍ପ୍ ନିଜେ ରେସିପ୍ରୋକାଲ୍ ଶୁଳ୍କରେ ୭% ହ୍ରାସ ସହ ଏହାକୁ ୧୮% କରିବା ନେଇ ନିଜେ ଘୋଷଣା କରିବା ପରେ ସବୁକିଛି ସ୍ପଷ୍ଟ ହୋଇଯାଇଛି।

### ଲଘୁ ଖଣିଜ ଉପରେ ...

ରାଜସ୍ୱ କ୍ଷୟକୁ ରୋକିବା ପାଇଁ ସରକାର ଟାର୍ଗେଟ୍ ରଖିଛନ୍ତି। ତେବେ ନୂଆ ଶୁଳ୍କ ଲାଗୁ ହେବା ପରେ ରାଜ୍ୟ କୋଷାଗାରକୁ ଅଧିକ ଅର୍ଥ ଆସିବ ବୋଲି ଜଣାଯାଇଛି।

### ଦଲାଇ ଲାମାଙ୍କୁ ...

ଗ୍ରାମୀ ଆୱାର୍ଡକୁ ସଂଗୀତ କ୍ଷେତ୍ରରେ ସବୁଠାରୁ ପ୍ରତିଷ୍ଠିତ ସମ୍ମାନ ଭାବେ ବିବେଚନା କରାଯାଇଥାଏ। ଆଜି ଦିନରେ ଲସ୍ ଆଞ୍ଜେଲ୍ସ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂଗୀତର ବିଭିନ୍ନ କ୍ଷେତ୍ରରେ ଅନେକ କଳାକାରଙ୍କୁ ଗ୍ରାମୀ ସମ୍ମାନରେ ସମ୍ମାନିତ କରାଯାଇଛି। ତେବେ ଅନେକ କଳାକାର ସମ୍ମାନ ଗ୍ରହଣ ପାଇଁ ବ୍ୟକ୍ତିଗତ ଭାବେ ଉପସ୍ଥିତ ଥିବା ବେଳେ ଅନେକ ଅନୁପସ୍ଥିତ ରହିଥିଲେ। ଅନୁପସ୍ଥିତଙ୍କ ମଧ୍ୟରେ ଦଲାଇ ଲାମା ମଧ୍ୟ ସାମିଲ ଅଛନ୍ତି। ତେବେ ଆୟୋଜକ ମଣ୍ଡଳୀ ଏମାନଙ୍କ ନାମ ଘୋଷଣା କରିବା ସହ ଏମାନଙ୍କ ନିକଟକୁ ସମ୍ମାନ ବାବଦ ଟ୍ରଫି, ଆର୍ଥିକ ପୁରସ୍କାର ଏବଂ ମାନପତ୍ର ପଠାଇବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଚୀନ୍ କିନ୍ତୁ ଦଲାଇ ଲାମାଙ୍କୁ ଗ୍ରାମୀ ପୁରସ୍କାର ମିଳିବା ନେଇ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛି। ଚୀନ୍ କହିଛି, ବୌଦ୍ଧ ଧର୍ମ ଆଳରେ ଚୀନ୍ ବିରୋଧୀ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପରେ ସେ ଲିପ୍ତ ଅଛନ୍ତି। ଚୀନ୍ ତାଙ୍କୁ ଦଲାଇ ଲାମା ଉପାଧି ଦିଆଯିବାକୁ ନେଇ ମଧ୍ୟ ବିରୋଧ କରିଆସୁଛି। ପ୍ରକାଶ, ୧୯୫୯ରେ ଚୀନ୍ ଛାଡି ଭାରତ ଚାଲିଆସିଥିବା ଦଲାଇ ଲାମା ସମ୍ପ୍ରତି ଭାରତର ଧର୍ମଶାଳାରେ ବସବାସ କରିଆସୁଛନ୍ତି। ଏଠାକୁ ତିବ୍ବତ୍ ତଥା ଚୀନ୍‌ର ଅନ୍ୟ ପ୍ରାନ୍ତରୁ ଅନେକ ବୌଦ୍ଧ ଧର୍ମାବଲମ୍ବୀ ତାଙ୍କ ପାଖକୁ ଆସିଥାନ୍ତି। ୧୯୮୯ ମସିହାରେ, ତିବ୍ବତୀୟ ଉଦ୍ଦେଶ୍ୟର ଶାନ୍ତିପୂର୍ଣ୍ଣ ସମର୍ଥନ ଏବଂ ଅହିଂସାର ବାର୍ତ୍ତା ପ୍ରସାର ପାଇଁ ଦଲାଇ ଲାମାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।

## ପ୍ରାଚୀ ପରିକ୍ରମା ପାଇଁ ପ୍ରାଚୀତଟ ଚଳଚଞ୍ଚଳ

**ଗଡ଼ିଛକ,୨।୨/ଏନ୍‌ଏନ୍‌ଏସ୍:** ଚଳିତମାସ ୭ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ପୁରାଣ ବର୍ଣ୍ଣିତ ପ୍ରାଚୀନଦୀ ପରିକ୍ରମାରେ ସାମିଲ ହେବେ ଦେଶ ବିଦେଶର ବହୁ ସାଧୁ ସନ୍ଥ ସନ୍ୟାସୀ ଶ୍ରଦ୍ଧାଳୁ ଓ ସଂକୀର୍ତନ ପ୍ରେମୀ। ଏହି ସପ୍ତଦିବସୀୟ ପରିକ୍ରମାର ଗନ୍ତବ୍ୟ ପଥରେ ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ ପ୍ରାଚୀ ଆରତୀ ସଂପନ୍ନ ହେବ। ପ୍ରତ୍ୟେକ ଦିବସ ରାତ୍ର ରହଣୀ ସ୍ଥଳରେ ମହାନ ସନ୍ଥମାନଙ୍କ ଠାରୁ ଶ୍ରୀ ଜଗନ୍ନାଥ ମହାତ୍ମ୍ୟ,ପ୍ରାଚୀନଦୀ ମହାତ୍ମ୍ୟ, ପ୍ରାଚୀତୀର୍ଥ ମହାତ୍ମ୍ୟ, ଗୋ ମହାତ୍ମ୍ୟ, ଗୀତା ମହାତ୍ମ୍ୟ ଶ୍ରବଣର ସୁଯୋଗ ଭକ୍ତମାନଙ୍କୁ ମିଳିବ। ବିଶ୍ୱ କ୍ରୀୟା ଯୋଗର ସର୍ବମାନ୍ୟ ସନ୍ଥ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ନିଜେ ସନ୍ଥମାନଙ୍କ ସହ ନାମ ସଂକୀର୍ତନ କରି ପ୍ରାଚୀ ପରିକ୍ରମାକୁ ପରିଚାଳନା କରିବେ। ଏଥି ପାଇଁ ପ୍ରାଚୀତଟ ଚଳଚଞ୍ଚଳ ହୋଇଉଠିଛି। ପ୍ରତ୍ୟେକ ପୀଠ, ନଦୀଘାଟ,ଦେବସ୍ଥଳୀ ସଜାଇବାରେ ସମସ୍ତେ ଲାଗିପଡିଛନ୍ତି। ଭକ୍ତ ଜୟଦେବଙ୍କ ବଂଶଦ ତଥା ପରିକ୍ରମାର ପ୍ରମୁଖ ମାର୍ଗଦର୍ଶକ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର କୁହନ୍ତି ଲୁପ୍ତ ପ୍ରାୟ ପବିତ୍ର ପ୍ରାଚୀନଦୀ, ପ୍ରାଚୀତଟ, ଦେବସ୍ଥଳୀ, ବ୍ରହ୍ମଦାରୁ, ପ୍ରାପ୍ତସ୍ଥଳୀ ପ୍ରାଚୀବନାନୀକୁ ବିଳୟ ସ୍ଥିତିରୁ ଫେରାଇ ଆଣିବା ପ୍ରାଚୀ ପରିକ୍ରମାର ମୂଳଲକ୍ଷ୍ୟ।

### ୬୦୦ କୋଟିର ୧୦୯ ପ୍ରକଳ୍ପ ...

ମେଡିକାଲ କଲେଜ୍ ସ୍ଥାପନ ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଅଛି ବୋଲି କହିଥିଲେ। ଉପସ୍ଥିତ ନାରୀ ଶକ୍ତିଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାୟଗଡ଼ା ଜିଲ୍ଲା ଆଜି ସାରା ରାଜ୍ୟ ପାଇଁ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଦାହରଣ ପାଲଟିଛି। ଏହି ଜିଲ୍ଲାରେ ୧୨,୭୮୩ଟି ଏସ୍‌ଏଚ୍‌ଜି ଜରିଆରେ ୧.୫୨ ଲକ୍ଷରୁ ଅଧିକ ମାଆ ଓ ଭଉଣୀମାନେ ସଂଗଠିତ ହୋଇ ନିଜପାଇଁ ସୁନ୍ଦର ଭବିଷ୍ୟତ ଗଢୁଛନ୍ତି। ପୂର୍ବରୁ ଯେଉଁଠି ସୁଯୋଗର ଅଭାବ ଥିଲା, ମହିଳା ମାନଙ୍କ ସକ୍ରିୟ ଯୋଗଦାନ ଫଳରେ ଆଜି ସେଠି ସମ୍ଭାବନାର ନୂଆ ଦ୍ୱାର ଖୋଲିଛି। ରାୟଗଡ଼ା ଜିଲ୍ଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୨୧୭ଟି ଏସ୍‌ଏଚ୍‌ଜିକୁ ପାଖାପାଖି ୨୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜିଲ୍ଲାରେ ୯,୩୩୫ ଏସ୍‌ଏଚଜି ପାଇଁ ୧୪ କୋଟି ଟଙ୍କାର ରିଭଲ୍ ଭିଙ୍ଗ ଫଣ୍ଡ ଯୋଗାଇଦିଆଯାଇଛି, ୧୬୪ଟି ଜିପିଏଲ୍‌ଏଫ୍‌କୁ ୫୩.୧୪ କୋଟି ଟଙ୍କାର କମ୍ୟୁନିଟି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ (ସିଆଇଏଫ) ପ୍ରଦାନ ଏବଂ ୪୧୯୫ଟି ଏସ୍‌ଏଚଜିକୁ ଜୀବନ ଜୀବିକା କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ୍। ମହିଳା ଓ ଶିଶୁଙ୍କ ପାଇଁ ଏଥିରେ ୫ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ତୃଣମୂଳସ୍ତରରେ ମହିଳା ମାନଙ୍କ ଆର୍ଥିକ ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ ସ୍ୱୟଂ ସହାୟକ ଉଦ୍ୟୋଗୀ ମାର୍ଟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି। ୨୦ ମାସର ଆମ ସରକାର ରାଜ୍ୟର ସବୁ ବର୍ଗଙ୍କ ପାଇଁ ଉନ୍ନତି ମୂଳକ କାର୍ଯ୍ୟ କରୁଛନ୍ତି। ଆମ ରାଜ୍ୟର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି। ଜନଜାତି ଭାଇ, ଭଉଣୀଙ୍କୁ ବିକାଶର ମୁଖ୍ୟଧାରାରେ ସାମିଲ କରିବା ପାଇଁ ଚଳିତ ବର୍ଷ ବଜେଟ୍‌ରେ ୬୮,୮୮୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସୁରକ୍ଷା ଓ ଜଙ୍ଗଲ ଅଧିକାର ପାଇଁ ଏହି ଟଙ୍କା ଖର୍ଚ୍ଚ କରାଯାଉଛି। ଖଣି ଖାଦାନ ଭରା ରାୟଗଡ଼ା ମାଟିରେ ଉତ୍କଳ ଆଲୁମିନା, ଆଦିତ୍ୟ ଆଲୁମିନା, ଇମ୍ଫା, ଜେକେ ପେପର ମିଲ୍ ଭଳି ଶିଳ୍ପାନୁଷ୍ଠାନ ରହିଛି। ସୁଦୃଢ଼ ରେଳ ଭିତ୍ତିଭୂମି ଯୋଗୁ ରାୟଗଡା ଅଞ୍ଚଳ ଖୁବଶୀଘ୍ର ଏକ ଆଧୁନିକ ଶିଳ୍ପାଞ୍ଚଳରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜିଲ୍ଲାବାସୀଙ୍କୁ ସେ ପୁଣି କହିଥିଲେ, ଆଗାମୀ ଦିନରେ ହିଣ୍ଡାଲ୍‌କୋ ୧୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏହାର ସମ୍ପ୍ରସାରଣ କରିବାକୁ ଯାଉଛି। ୨୫ ହଜାର କୋଟି ଟଙ୍କା ନିବେଶରେ ବେଦାନ୍ତ ଆଲୁମିନା ରିଫାଇନାରୀ, ୭୬୫୩ କୋଟି ଟଙ୍କା ବିନିଯୋଗରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସ୍‌ନାଲ ଭଳି ଅନେକ ପ୍ରକଳ୍ପ ରାୟଗଡା ଜିଲ୍ଲାରେ ପ୍ରତିଷ୍ଠା ପାଇବାକୁ ଯାଉଛି। ଏଥି ସହିତ ଅନ୍ୟାନ୍ୟ ସେକ୍ଟରରେ ମଧ୍ୟ ଆହୁରି ଶିଳ୍ପାନୁଷ୍ଠାନ ରାୟଗଡ଼ା ଜିଲ୍ଲାରେ ପ୍ରତିଷ୍ଠା ପାଇବାକୁ ଯାଉଛି। ଏସବୁ ଶିଳ୍ପାନୁଷ୍ଠାନ ମାଧ୍ୟମରେ ରାୟଗଡା ଜିଲ୍ଲାରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହି ସମସ୍ତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଶିଳ୍ପ ଗୁଡିକ ହେଉଛି ସମୃଦ୍ଧିର ସ୍ତମ୍ଭ। ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି ମିଳିଲେ ହିଁ, ସମୃଦ୍ଧିର ମାର୍ଗ ପ୍ରସ୍ତୁତ ହେବ। ଯେଉଁଠାରେ ଖଣି, ପାଣି, ମାନବସମ୍ବଳ ଓ ଶିଳ୍ପ ଭିତ୍ତିଭୂମି ରହିଛି, ସେଠାରେ ଯଦି ସ୍ଥାନୀୟ ଯୁବକ ନିଯୁକ୍ତି ନପାଇବେ, ତାହେଲେ ଆଉ ପାଇବ କିଏ ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ, ବିଷମ-କଟକ ବିଧାୟକ ନୀଳମାଧବ ହିକ୍କା, ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଭାବକୁ ପ୍ରଶଂସା କରି କରିବା ସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାୟଗଡା ଜିଲ୍ଲାର ଆହୁରି ବିକାଶ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଧନ୍ୟବାଦ୍ ଦେଇଥିଲେ।

## ଆଜିର ଇତିହାସ

- ୧୫୭୫-ବାଦଶାହ ଆକବର ବଙ୍ଗାଳୀ ସେନାକୁ ତୁକରାଇ ଯୁଦ୍ଧରେ ପରାସ୍ତ କରିଥିଲେ।
- ୧୭୧୬-ରାଜା ରାଓ ନନ୍ଦଲାଲ୍ ମଣ୍ଡଲୋଇ ଇନ୍ଦୋର ସହରର ସ୍ଥାପନା କରିଥିଲେ।
- ୧୯୩୯- ଗାନ୍ଧିଜୀ ସବିନୟ ଅବଜ୍ଞା ଆନ୍ଦୋଳନ ଆରମ୍ଭ କରିଥିଲେ।
- ୧୯୮୩-ନୂଆଦିଲ୍ଲୀରେ ସପ୍ତମ ଗୁଟନିରପେକ୍ଷ ସମ୍ମିଳନୀ ସମ୍ପନ୍ନ ହୋଇଥିଲା।
- ୧୮୩୯-ଟାଟା ସମୂହର ସଂସ୍ଥାପକ ଜାମ୍‌ସେଦଜୀ ଟାଟା ଜନ୍ମଗ୍ରହଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଅଧ୍ୟୟନ ଓ ଅଧ୍ୟାପନରେ ସମୟ ଅତିବାହିତ ହେବ। ଜ୍ଞାନ-ବିଜ୍ଞାନ ବୃଦ୍ଧି ହେବ। ସଜ୍ଜନଙ୍କ ସାଥ୍ ମିଳିବ। କିଛି କାର୍ଯ୍ୟସିଦ୍ଧି ହେବ। ପ୍ରିୟଜନଙ୍କ ସହିତ ସମାଗମର ଅବସର ମିଳିବ।

**ବୃଷ** - ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ପାଇଁ କାମ କରିବେ। କୋଷରେ ଅଭାବ ଓ ବ୍ୟୟ ଅଧିକତା ରହିବ। ବାଦବିବାଦ ସମ୍ଭବ। କାର୍ଯ୍ୟଭାର ବୃଦ୍ଧି ହେବ। ସ୍ୱାଭାବିକ କାର୍ଯ୍ୟ କରିବେ। କାର୍ଯ୍ୟକ୍ଷେତ୍ରରେ ଚାପ ରହିବ।

**ମିଥୁନ** - ପରିଶ୍ରମ ପ୍ରୟାସ ଦ୍ୱାରା କାମ ଲାଭ ମିଳିବ। ପ୍ରପଞ୍ଚରେ ନପଡ଼ିଲେ ଭଲ। ନେଣ-ଦେଣ ଅସ୍ୱଷ୍ଟତା ଠିକ୍ ନୁହେଁ। ସ୍ୱାସ୍ଥ୍ୟ ଲାଭରେ ସମୟ ଓ ଧନ ବ୍ୟୟ ହେବ। କର୍ମପ୍ରଧାନ ବିଚାରଧାରା ବଜାୟ ରହିବ।

**କର୍କଟ** - ସାମାଜିକ ମାନ-ସମ୍ମାନ ବଢ଼ିବ। ଭଲ କାର୍ଯ୍ୟ ପାଇଁ ରାସ୍ତା ଖୋଲିବ। ଅର୍ଥର ସୁବିଧା ରହିବ ନାହିଁ। ଯାତ୍ରା ପ୍ରବାସ ସାର୍ଥକ ପରିଣାମ ଦେବ। ମନୋବଳ ଉଚ୍ଚ ରହିବ। କାମରେ ବ୍ୟସ୍ତ ରୁହନ୍ତୁ।

**ସିଂହ** - କାମରେ ସୁବିଧା ପାଇଲେ ପ୍ରଗତି ହେବ। ନୂଆ ଦାୟିତ୍ୱ ବଢ଼ିବ। ଯାତ୍ରା ଶୁଭ ରହିବ। ନିଜ କାମକୁ ପ୍ରାଥମିକତା ସହିତ କରିବେ। ଆଗକୁ ବଢ଼ିବାର ଅବସର ଲାଭକାରୀ ହେବ।

**କନ୍ୟା** - ପୂର୍ବ ସଂକଟ ଏବେ ମୁଣ୍ଡ ଉଠେଇବେ। ଅଭୀଷ୍ଟ କାର୍ଯ୍ୟ ସିଦ୍ଧ ହେବ। ନିକଟଜନଙ୍କ ଅର୍ଥବ୍ୟବସ୍ଥା ସହିତ ଯୋଡ଼ିହେବେ। ଖରାପ ସଂଗତିରୁ ଦୂରରେ ରୁହନ୍ତୁ। ସୁବିଧାରେ ବାଧା ଉତ୍ପନ୍ନ ହେବ।

**ତୁଳା** - ପୂର୍ବ କାମଗୁଡ଼ିକରୁ ଲାଭ ପାଇବେ। ମାନସିକ ଓ ଶାରୀରିକ ଶିଥିଳତା ସୃଷ୍ଟି ହେବ। ହିତୈଷୀ ପିଠି ପଛରେ କ୍ଷତି କରିବେ। ଅନ୍ୟର କାମ ସହଯୋଗରେ କରିବେ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ।

**ବିଛା** - ଦାମ୍ପତ୍ୟ ଜୀବନରେ ମଧୁରତା ବଜାୟ ରହିବ। କାମକାର୍ଯ୍ୟରେ ଆସୁଥିବା ବାଧା ଦୂର ହେବ। ବାହାରୁ ଓ ଭିତରୁ ସହଯୋଗ ପାଇବେ। ନେଣ-ଦେଣର ବାଧା ଦୂର ହେବ। ସ୍ୱାସ୍ଥ୍ୟ ମଧ୍ୟମ ରହିବ।


**ଧନୁ** - ସନ୍ତୋଷ ରଖିବାରେ ସଫଳତା ମିଳିବ। ଚାକିରି ସ୍ଥିତି ସାମାନ୍ୟ ରହିବ। ଶୈକ୍ଷଣିକ ସ୍ଥିତିରେ ଉଦାସୀନତା ରହିବ। ଜୀବନସାଥିଙ୍କ ପରାମର୍ଶ ଲାଭଦାୟକ ରହିବ। ବାଧାବିଘ୍ନ ଦୂର ହେବ।

**ମକର** - ମନୋରଥ ସିଦ୍ଧ ହେବ। ମନୋଯୋଗ ସହିତ କାମ ପୂରା ହେବ। ପ୍ରପଞ୍ଚରେ ନ ପଡ଼ିଲେ ଭଲ। ନେଣ-ଦେଣ ବାଧା ଦୂର ହେବ। ଧାର୍ମିକ କାର୍ଯ୍ୟରେ ସମୟ ଓ ଧନ ବ୍ୟୟ ହେବ।

**କୁମ୍ଭ** - ସ୍ୱାସ୍ଥ୍ୟରେ ସତେଜତା ରହିବ। ନୂଆ ଉର୍ଜାର ସଂଚାର ହେବ। ସନ୍ତୋଷ ରଖିଲେ ସଫଳତା ପାଇବେ। ଚାକିରି ସ୍ଥିତି ସାମାନ୍ୟ ରହିବ। ଜୀବନସାଥିଙ୍କ ପରାମର୍ଶ ଲାଭଦାୟକ ରହିବ।

**ମୀନ** - ସୁନିୟୋଜିତ ଉପାୟରେ କାମ ଆରମ୍ଭ କରିବେ। ସଫଳ ମଧ ହେବେ। ଲାଭ ମିଳିବ ଓ ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ସମ୍ଭବ। ଧର୍ମ-କର୍ମ ପ୍ରତି ରୁଚି ଜାଗ୍ରତ ହେବ। ସହାନୁଭୂତି ରହିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



**କୈର୍ଲିଙ୍ଗୈସ୍ତ୍ରୀନ୍ ଗୁଣାନେତାନତୀତୋ ଭବତି ପ୍ରଭୋ।
କିମାଚାରଃ କଥଂ ଚୈତାଂସ୍ତ୍ରୀନ୍ ଗୁଣାନତିବର୍ତ୍ତତେ। (୧୪/୨୧)**

ଅର୍ଜୁନ କହିଲେ -ହେ ପ୍ରଭୁ ! କେଉଁ କେଉଁ ଲକ୍ଷଣରୁ ଜଣାଯାଏ ଯେ ଜୀବାତ୍ମା ଏହି ତିନିଗୁଣ ଅତିକ୍ରମ କରିଛନ୍ତି ? ସେ କିପରି ଆଚରଣ କରନ୍ତି ? କି ପ୍ରକାରେ ଏହି ତିନିଗୁଣକୁ ଅତିକ୍ରମ କରାଯାଏ ?

# ଭାରତର ବିଶ୍ୱରୂପମ୍



ବର୍ତ୍ତମାନ ସମୟରେ ଆମ ଦେଶ ବିଜ୍ଞାନ ଓ କଳା କ୍ଷେତ୍ରରେ ନୂଆ ଶିଖରକୁ ଛୁଇଁସାରିଛି। ଏହାର ଏକ ଉଦାହରଣ ହେଉଛନ୍ତି ଶୁଭାଂଶୁ ଶୁକ୍ଲା ଯିଏ ଗତ ବର୍ଷ ଅନ୍ତରୀକ୍ଷ ସ୍ପେସ୍ ଷ୍ଟେସନର ଯାତ୍ରା ପୂରା କରିସାରିଛନ୍ତି। କିନ୍ତୁ ସେ ସମୟର ରୋଚକପୂର୍ଣ୍ଣ କାହାଣୀ ଏବେ ଦେଖିବାକୁ ମିଳୁଛି। ଏକ ନୂଆ ଭିଡିଓ ସିରିଜରେ ବହୁତ ଖାସ୍ ଜିନିଷ ଦେଖାଇଛନ୍ତି ଶୁଭାଂଶୁ ଯେତେବେଳେ ସେ ଅନ୍ତରୀକ୍ଷରେ ଘଣ୍ଟା ପ୍ରତି ୨୮,୦୦୦ କି.ମି ବେଗରେ ଦ୍ରୁତଗତିରେ ଚକ୍କର ଲଗଉଥିଲେ। ସେ ସମୟରେ ତାଙ୍କ ପାଖରେ ଥିଲା ପୁରୁଣା ବିରାସତ ଓ ମାଟି ସହିତ ଜଡ଼ିତ ଜିନିଷ। ସେ ନିଜ ସହିତ ନେଇଯାଇଥିଲେ ଏକ ବିଶେଷ ପ୍ରକାରର କଳାକୃତି ଯାହାର ନାମ ଥିଲା 'ବିଶ୍ୱରୂପମ୍'। ଏହା କେବଳ ଏକ ବସ୍ତୁ ନଥିଲା, ଥିଲା ଦୁନିଆ ସମ୍ମୁଖରେ ଦେଶର ବୃଦ୍ଧି ପାଉଥିବା ତାକତ ଓ କଳାର ଏକ ଶାନ୍‌ଦାର ନମୁନା। ତେବେ ଏହି ଐତିହାସିକ ମିଶନରେ ତାଙ୍କର ବାହାଦୁରୀ ପାଇଁ ଶୁଭାଂଶୁଙ୍କୁ ସମ୍ମାନିତ କରାଯାଇଥିଲା ସବୁଠାରୁ ବଡ଼ ଶାନ୍ତିକାଳୀନ ସୈନ୍ୟ ସମ୍ମାନ ଅଶୋକ ଚକ୍ରରେ।

ବିଶ୍ୱରୂପମ୍-କୋହ୍ଲାପୁରର କାରୀଗରମାନେ ରୁପାକୁ ଆକାର ଦେଇ ପୁରୁଣା ଓ ପାରମ୍ପରିକ ଟେକ୍‌ନିକ୍ ସିଟ୍ ଏମ୍ବସିଙ୍ଗ୍ ବ୍ୟବହାର କରିଥିଲେ। ଧାତୁ ଉପରେ ସେମାନେ ସୂକ୍ଷ୍ମ କାମ କରିଛନ୍ତି। ଏହି କଳାକୃତି ଆମମାନଙ୍କୁ ମନେ ପକାଇଦିଏ ଯେ ଦେଶକୁ ଆଗକୁ ବଢ଼େଇବା ପାଇଁ ଅନୁଶାସନ ଓ ପରିଶ୍ରମର ଆବଶ୍ୟକତା ରହିଛି। 'ବିଶ୍ୱରୂପମ୍'କୁ ଆଜିର ସବୁଠାରୁ ନୂଆ ୩ଡି ପ୍ରିଣ୍ଟିଂ ଟେକ୍‌ନିକ୍ ଦ୍ୱାରା ତିଆରି କରାଯାଇଛି ଯେଉଁଥିରେ ଭାରତୀୟ ରଙ୍ଗକୁ ସୁନେଲି ରଙ୍ଗ ଦେଇ ଚମକେଇ ଦିଆଯାଇଛି। ଏଥିରେ ଗୋଟିଏ ପାଖରେ ରୁପାର ଚମକ ଥିବାବେଳେ ଅନ୍ୟ ପାଖରେ କାଠର ଫିନିସିଂ ରହିଛି। ତେବେ ଏହା କେବଳ ୨୦ ଗ୍ରାମର ଏକ ଛୋଟ ଡ଼ବା ନୁହେଁ ଏହା ଭିତରେ ରହିଛି ଭାରତର ଆତ୍ମା। ଡ଼ବାରେ ପ୍ରସିଦ୍ଧ ଜାମଦାନୀ, ଇକତ ଓ କଲମକାରୀ କପଡ଼ାର ଛୋଟ ଛୋଟ କଟ୍ସ ଥିଲା। ପୃଥିବୀପୃଷ୍ଠରୁ ୪୦୦ କି.ମି ଉପରେ ଯେଉଁଠାରେ ସବୁଆଡ଼େ ଶୂନ୍ୟତା ରହିଥିଲା ସେଠାରେ ଏହି କପଡ଼ାକୁ ଛୁଇଁ ଶୁଭାଂଶୁ ନିଜ ଦେଶକୁ ମନେପକଉଥିଲେ।


# ମହିଳାଙ୍କ ଗୁପ୍ତ ସଂସାର



ଜାଣିଛନ୍ତି କି ମହିଳାମାନଙ୍କର ରହିଛି ଏକ ଗୁପ୍ତ ସଂସାର ଯେଉଁଠାରେ ନା ପୁରୁଷମାନଙ୍କର କାନୁନ ଚାଲେ ନା ସେମାନଙ୍କର ଉପସ୍ଥିତି ପାଇଁ ଅନୁମତି ରହିଛି। ଆମେରିକାର ଓରେଗନ ରାଜ୍ୟର ଘନ ଜଙ୍ଗଲରେ ଓ ଦୁର୍ଗମ ପାହାଡ଼ ମଧ୍ୟରେ ରହିଛି ଏହି ଗୁପ୍ତ ସଂସାର ଯାହାକୁ 'ୱିମେନ୍ସ ଲ୍ୟାଣ୍ଡ୍' ବୋଲି କୁହାଯାଏ। ତେବେ ଏହା କୌଣସି ଫିଲ୍ମର କାହାଣୀ ନୁହେଁ, ୧୯୭୦ ଦଶକରୁ ଚାଲି ଆସୁଥିବା ଏହା ଏପରି ଏକ କ୍ରାନ୍ତିକାରୀ ପ୍ରୟୋଗ ଯେଉଁଠାରେ ମହିଳାମାନେ ସମାଜର ପ୍ରତିବନ୍ଧକୁ ଅତିକ୍ରମ କରି ପ୍ରକୃତିର କୋଳରେ ନିଜର ଏକ ଅଲଗା ଦୁନିଆ ବସାଇଛନ୍ତି। ସେଠାରେ ନା ରହିଛି ବିଜୁଳିର ସଂଯୋଗ ନା ସହରର ଭିଡ଼ ନା ଆଧୁନିକ ଦୁନିଆର ଦ୍ରୁତ ଜୀବନଶୈଳୀ। ସେଠାରେ ଚାଲେ କେବଳ ସିଷ୍ଟରହୁଡ୍ ଓ ଆତ୍ମନିର୍ଭରତାର ଶାସନ। ଏହି ବସ୍ତିଗୁଡ଼ିକରେ ରହୁଥିବା ମହିଳାମାନେ ନିଜର ସୁରକ୍ଷାକୁ ନେଇ ଘର ତିଆରି କରିବାର କାମ ନିଜେ କରନ୍ତି। ଏହି 'ୱିମେନ୍ସ ଲ୍ୟାଣ୍ଡ୍' ଆନ୍ଦୋଳନ ନାରୀବାଦୀ ଅଲଗାଓବାଦୀର ଏପରି ଏକ ଉଦାହରଣ ଯେଉଁଠାରେ ମହିଳାମାନେ ପିତୃସତ୍ତାତ୍ମକ ସମାଜକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରିଛନ୍ତି। ୧୯୭୦-୮୦ ଦଶକରେ ଯେତେବେଳେ ଦୁନିଆରେ ପରିବର୍ତ୍ତନ ହେଉଥିଲା ଶହ ଶହ ମହିଳା ଓରେଗନର ଶସ୍ତା ଓ ଏକାନ୍ତ ଜମିରେ ନିଜର ଭିନ୍ନ ଏକ ଦୁନିଆ ବସାଇବାକୁ ସ୍ଥିର କରିଥିଲେ। ମହିଳାମାନେ ସେଠାରେ ପୁରୁଷମାନଙ୍କର କାମ ଯଥା- କାଠ କାଟିବା, ହଳ ଚଲେଇବା ଆଦି କରି ଦୁନିଆକୁ ଦେଖେଇ ଦେଇଛନ୍ତି ଯେ ମହିଳାମାନେ ନା କେବଳ ପୁରୁଷମାନଙ୍କ ବିନା ଜୀବିତ ରହିପାରିବେ ପୂରା ସଭ୍ୟତାକୁ ନିଜ ଦମ୍‌ରେ ମଧ ଚଲେଇପାରିବେ। ଆଜି ବି ଓରେଗନର ଏହି ପାହାଡ଼ଗୁଡ଼ିକ ରୁଟ୍ ୱର୍କସ୍ ଓ ଭି-ୱିମେନ୍ ପରି ସମୁଦାୟର ସେହି ମହିଳାମାନଙ୍କ ପାଇଁ ଆଧ୍ୟାତ୍ମିକ ଶରଣସ୍ଥଳୀ ହୋଇଛି ଯାହା ପୂରା ଦୁନିଆର ଭିଡ଼ ଠାରୁ ଅଲଗା ରହି ନିଜର ଅସଲ ପରିଚୟ ଖୋଜିବୁଲୁଛି।

# ମାନସିକ ରୋଗ: ଏକ ଅଦୃଶ୍ୟ ସଂକଟ


ଆମ ଦେଶରେ ଲୋକମାନଙ୍କର ବିଶେଷ କରି ଯୁବପିଢ଼ିଙ୍କର ମାନସିକ ସ୍ୱାସ୍ଥ୍ୟ ଦ୍ରୁତଗତିରେ ବିଗିଡ଼ି ଚାଲିଛି। ଏକ ଆକଳନ ଅନୁସାରେ ୬୦ ପ୍ରତିଶତ ମାମଲା କେବଳ ୩୫ ବର୍ଷରୁ କମ୍ ବୟସର ଯୁବପିଢ଼ିଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। ଆୟୁ ବର୍ଗର ୭.୩ ପ୍ରତିଶତ ଭାରତୀୟ ଯୁବପିଢ଼ି ମାନସିକ ସମସ୍ୟା ସହିତ ସଂଘର୍ଷ କରୁଥିଲେ ମଧ ଉପଚାର ପର୍ଯ୍ୟନ୍ତ ପହଞ୍ଚି ପାରୁଛନ୍ତି ମାତ୍ର ଏକ ପ୍ରତିଶତ। ବୃଦ୍ଧି ପାଉଥିବା ଚାପ, ପ୍ରତିସ୍ପର୍ଦ୍ଧା ଓ ବେରୋଜଗାରୀ ପରି କାରକଗୁଡ଼ିକ କାରଣରୁ ଅବସାଦ ଓ ଆଙ୍ଗ୍‌ଜାଇଟି ପରି ସମସ୍ୟା ଅଧିକ ବୃଦ୍ଧି ପାଉଛି। କିନ୍ତୁ ଏହାର ଉପଚାର ପର୍ଯ୍ୟନ୍ତ କମ୍ ଲୋକ ପହଞ୍ଚି ପାରୁଥିବାରୁ ମାନସିକ ରୋଗ ଏକ ଗମ୍ଭୀର ଅଦୃଶ୍ୟ ସଂକଟ ହୋଇସାରିଲାଣି।



ଦେଶ ଚୁପ୍‌ଚାପ୍ ଏପରି ସଂକଟ ଆଡ଼କୁ ବଢୁଛି ଓ ଏହା ସହିତ ସଂଘର୍ଷ କରୁଛି କିନ୍ତୁ ଏହା ନା ସଡ଼କ ଉପରେ ଦେଖିବାକୁ ମିଳେ ନା ହସ୍‌ପିଟାଲ୍‌ର କାଗଜରେ। ଏହି କାରଣରୁ ମାନସିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବେମାରୀଗୁଡ଼ିକ ଦେଶର ବଡ଼ ସାର୍ବଜନିକ ସ୍ୱାସ୍ଥ୍ୟ ଆହ୍ୱାନ ହୋଇଗଲାଣି। ବିଶେଷଜ୍ଞମାନେ ସ୍ୱଷ୍ଟ ଚେତାବନୀ ଦେଇଛନ୍ତି ଯେ ଯଦି ସମୟ ଅନୁସାରେ କିଛି ଠୋସ୍ ପଦକ୍ଷେପ ନ ଉଠାଯାଏ ଏହି ଅଦୃଶ୍ୟ ସଂକଟ ଦେଶର ସାମାଜିକ ଓ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଇବ। କାରଣ ଦେଶର ଏକ ବଡ଼ ଭାଗ ମାନସିକ ଚାପ, ଅବସାଦ ଓ ଚିନ୍ତା ବିକାରଗୁଡ଼ିକ ସହିତ ଲଢୁଛି।

**ଉପଚାର**-ମାନସିକ ଚାପର ଉପଚାର ପାଇଁ ଥେରାପି, ଔଷଧର ସାହାଯ୍ୟ ନେଇପାରିବେ। ଏଥିପାଇଁ ଜୀବନଶୈଳୀରେ ପରିବର୍ତ୍ତନ କରି ଏହାର ପ୍ରତିକାର ସମ୍ଭବ ହୋଇପାରିବ। ଏହା ଚିନ୍ତା, ଚାପ ଓ ଅବସାଦକୁ କମ୍ କରେ। ପ୍ରମୁଖ ଉପାୟ ମଧ୍ୟରେ ସଂଜ୍ଞାନାତ୍ମକ ବ୍ୟବହାର ଚିକିତ୍ସା, ମନୋଚିକିତ୍ସକଙ୍କ ସହିତ ପରାମର୍ଶ, ନିୟମିତ ବ୍ୟାୟାମ, ସନ୍ତୁଳିତ ଆହାର ଓ ପର୍ଯ୍ୟାପ୍ତ ନିଦ ସାମିଲ ଅଛି। ବିଶେଷଜ୍ଞଙ୍କ ପାରାମର୍ଶ ଦ୍ୱାରା ଔଷଧ ଓ ଥେରାପି ଏକା ସହିତ ପ୍ରଭାବୀ ହୋଇପାରିବ।

# ଏକ ସୁନ୍ଦର କବରସ୍ଥାନ




କବରସ୍ଥାନର ନାମ ଶୁଣିବା ମାତ୍ରେ ମଣିଷ ମନରେ ଭୟ ଜାତ ହୁଏ ଓ ସେଠାରେ ରାତିରେ ଯାଇ ରହିବା କଥା ତ କେହି କେବେ ଚିନ୍ତା ମଧ କରିପାରନ୍ତି ନାହିଁ। କିନ୍ତୁ ସ୍ୱିଜରଲ୍ୟାଣ୍ଡରେ ରହିଛି ଏପରି ଏକ କବରସ୍ଥାନ ଯାହା ଦେଖିବାକୁ ଏତେ ସୁନ୍ଦର ଯେ ଲୋକମାନେ ସେଠାକୁ ବୁଲିବାକୁ ଯାଆନ୍ତି, ଫଟୋ ଉଠାନ୍ତି ଏପରିକି ରାତିରେ ରହିବାକୁ ମଧ ପସନ୍ଦ କରନ୍ତି। ସେ ସ୍ଥାନଟି ମୃତ୍ୟୁକୁ ବି ସୁନ୍ଦରତା ସହିତ ଯୋଡ଼ିଥାଏ। ଏହା ହେଉଛି ସ୍ୱିସ୍ କବରସ୍ଥାନ ଯାହା ଭରି ରହିଛି ବିଭିନ୍ନ ପ୍ରକାରର ଫୁଲ ଗଛରେ, ସବୁଜିମାମୟ ପରିବେଶରେ ଓ ଯାହାର କଳାତ୍ମକ ସାଜସଜ୍ଜା ଦେଖିବାଯୋଗ୍ୟ ହୋଇଥାଏ। ସବୁଠାରୁ ଆଶ୍ଚର୍ଯ୍ୟ କରିବା ପରି କଥା ହେଉଛି ଲୋକମାନେ ସେଠାକୁ ଯାଇ ଫଟୋ ଉଠାଇଥାନ୍ତି। ସେ କବରସ୍ଥାନରେ ରହିଛି ଗୋଲାପ, ଟ୍ୟୁଲିପ୍, ଲାଭେଣ୍ଡର ଓ ଅନ୍ୟ କେତେ ପ୍ରକାରର ଫୁଲ। ସେଠାରେ ପାର୍କ ପରି ବେଞ୍ଚ ରହିଛି, ପାଣିର ଫୁଆରା ଓ ଗଛବୃଛ ରହିଛି। ପରିବାରର ଲୋକମାନେ କବରକୁ ଘର ପରି ଆକାର ଦେଇ ଫୁଲ ଗଛ ଲଗାନ୍ତି ଓ ଛୋଟ ଗାର୍ଡେନ୍ କରି ନିୟମିତ ପରିଷ୍କାର କରନ୍ତି। ଏହି ପରମ୍ପରା ଶହ ଶହ ବର୍ଷ ହେଲାଣି ଚାଲିଆସୁଛି। ତେବେ ସ୍ୱିସ୍ ସଂସ୍କୃତିରେ ମୃତ୍ୟୁକୁ ଜୀବନର ଏକ ଅଂଶବିଶେଷ ଭାବରେ ଗ୍ରହଣ କରାଯାଉଥିବାରୁ କବରସ୍ଥାନକୁ ଉଦାସ ନୁହେଁ ଶାନ୍ତ ଓ ସୁନ୍ଦର ସ୍ଥାନ ଭାବରେ ଗ୍ରହଣ କରାଯାଏ। ସ୍ୱିସ୍ କବରସ୍ଥାନରେ ଭୂତମାନଙ୍କର କାହାଣୀ କମ୍ ଶୁଣିବାକୁ ମିଳେ କାରଣ ରାତିରେ ଶାନ୍ତି ଓ ସୁନ୍ଦରତା ଦ୍ୱାରା ଲୋକମାନେ ରୋମାଞ୍ଚିତ ହୁଅନ୍ତି। ସ୍ୱିଜରଲ୍ୟାଣ୍ଡର ଥଣ୍ଡା ଜଳବାୟୁ ପାଇଁ ଫୁଲଗୁଡ଼ିକ ସହଜରେ ଫୁଟିଯାଆନ୍ତି। କବରସ୍ଥାନରେ ଥିବା ଛୋଟ ଛୋଟ ମେମୋରିଆଲ ଗାର୍ଡେନ୍ ପରିବାର ପାଇଁ ପିକ୍‌ନିକ୍ କରିବା ପରି ପରିବେଶ ସୃଷ୍ଟି କରାଇଥାଏ। ସେଠାରେ ମୃତ୍ୟୁର ଭୟ କମ୍ ଓ ଜୀବନର ସୁନ୍ଦରତାକୁ ଏହା ଅଧିକ ମନେପକାଇଦିଏ।

# 'ମର୍ଦ୍ଦାନୀ-୩'ର ଆତ୍ମା ଚରିତ୍ର



ବକ୍ସ ଅଫିସ୍‌ରେ ଏ ସମୟରେ 'ମର୍ଦ୍ଦାନୀ-୩'ର ବୋଲ୍‌ବାଲା ଜାରି ରହିଛି। 'ମର୍ଦ୍ଦାନୀ' ଫ୍ରାଞ୍ଚାଇଜ ସବୁବେଳେ ଏପରି ମୁଦ୍ଦାଗୁଡ଼ିକୁ ନେଇ ଫିଲ୍ମର ନିର୍ମାଣ କରିଥାଏ ଯେଉଁ ବିଷୟବସ୍ତୁଗୁଡ଼ିକୁ ସାଧାରଣ ଲୋକମାନେ ଛୁଇଁ ପାରନ୍ତି ନାହିଁ। ତେବେ ଫିଲ୍ମଟିକୁ ଦର୍ଶକମାନେ ଖୁବ୍ ପସନ୍ଦ କରୁଥିବା ବେଳେ ଖଳନାୟିକା ଚରିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ ମଲ୍ଲିକା ପ୍ରସାଦ ଏହା ଉପରେ ନିଜର ରାୟ ଦେଇ କହିଛନ୍ତି- 'ଆମ ସମାଜ ନିଜେ ନିଜର ଶତ୍ରୁ ଗଢ଼ିଥାଏ।' ଏହା ବ୍ୟତୀତ ସେ ନିଜର ଚରିତ୍ର ବିଷୟରେ ମନଖୋଲି କହିଛନ୍ତି ଯେ ଆମ୍ମାକୁ କେବଳ ଖରାପ କହି ବୁଝିଲେ ସହଜ ହେବ ନାହିଁ ତାଙ୍କୁ ବୁଝିବା ବହୁତ କଷ୍ଟକର। ଆମ୍ମା ନିଜେ ଜନ୍ମ ହୋଇଥିବା କୌଣସି ଶୈତାନ ଶକ୍ତି ନୁହେଁ ସେ ହେଉଛନ୍ତି ସେହି ସମାଜର ଫଳାଫଳ ଯେଉଁଠାରେ ଲଗାତର ଅନ୍ୟାୟ, ଭ୍ରଷ୍ଟାଚାର ଓ ଶୋଷଣ ଦେଖିବାକୁ ମିଳେ। ଯେତେବେଳେ କୌଣସି ମଣିଷର ଅଧିକାରକୁ ବାରମ୍ବାର ଛଡ଼ାଇ ନିଆଯାଏ ଓ ତାକୁ ନ୍ୟାୟ ମିଳେନାହିଁ, ସେହି ସିଷ୍ଟମ୍ ଧୀରେ ଧୀରେ ତାକୁ କଠୋର ଓ ବିପଦଜନକ କରିଦିଏ। ଏହିପରି ସିଷ୍ଟମ୍ ଭିତରେ ରହି ଆମ୍ମା କାମ କରିଛନ୍ତି ଯେଉଁ ସିଷ୍ଟମ୍ ତାଙ୍କୁ ନ୍ୟାୟ ଦେଇପାରୁ ନାହିଁ। ତେବେ ଆମ୍ମା ହେଉଛନ୍ତି ଏହି ଭାଙ୍ଗିଯାଇଥିବା ଭରସା ଓ ଛଡ଼ାଇ ନିଆଯାଇଥିବା ନ୍ୟାୟର ସେହି ଚେହେରା। କିନ୍ତୁ ଏହି ଚରିତ୍ରକୁ ମଲ୍ଲିକା ପ୍ରସାଦ ଏକ ନେଗେଟିଭ୍ ଚରିତ୍ର ଭାବରେ ଦେଖିନଥିଲେ କିନ୍ତୁ ଜଣେ ମଣିଷ ଭାବରେ ବୁଝିବାକୁ ଚେଷ୍ଟା କରିଛନ୍ତି। ବଡ଼ ଓ ପ୍ରଭାବୀ ଖଳନାୟକ ବା ନାୟିକାମାନଙ୍କୁ ସବୁବେଳେ ଦର୍ଶକମାନେ ମନେରଖନ୍ତି ବୋଲି କହନ୍ତି ମଲ୍ଲିକା ପ୍ରସାଦ।



ୱର୍କଫ୍ରଣ୍ଟ ଦୃଷ୍ଟିରୁ ୧୯୯୯ରେ କନ୍ନଡ଼ ଫିଲ୍ମ 'କନୁରୁ ହେଗ୍ଗଦିଥି' ଜରିଆରେ ସେ ଅଭିନୟ ଜଗତରେ ପ୍ରବେଶ କରିଥିଲେ। ଏହାପରେ ସେ କନ୍ନଡ଼ ସିନେମାରେ ହାସଲ କରିଥିଲେ ଲୋକପ୍ରିୟତା। ତାଙ୍କର କିଛି ପ୍ରମୁଖ ଫିଲ୍ମଗୁଡ଼ିକ ମଧ୍ୟରୁ ଅନ୍ୟତମ ମୁସଞ୍ଜୟା କଥା ପ୍ରସଙ୍ଗା, ଗରଭା ଓ ମାଘା ମୟୂରୀ। ହିନ୍ଦୀ ଦର୍ଶକମାନଙ୍କ ପାଇଁ ରହିଛି ନେଟ୍‌ଫ୍ଲିକ୍ସର ସିରିଜ 'ଦି କିଲର ସୁପ୍' ଓ ଅନୁରାଗ କଶ୍ୟପଙ୍କ ଫିଲ୍ମ 'ଅଲ୍‌ମୋଷ୍ଟ ପ୍ୟାର୍ ୱିଥ୍ ଡିଜେ ମୋହବ୍ବତ'। ଏକ କ୍ଷୁଦ୍ରଫିଲ୍ମ 'ଫର୍ ମାଇଁ ଏଲା'ର ନିର୍ଦ୍ଦେଶନା ମଧ ଦେଇଛନ୍ତି ମଲ୍ଲିକା।

# ପୂଜା ପାଆନ୍ତି ଚେଙ୍ଗିଜ୍ ଖାନ



ଆମ ଦେଶର ଲୋକମାନେ ଚେଙ୍ଗିଜ୍ ଖାନଙ୍କୁ ଜଣେ କ୍ରୁର ଶାସକ ଭାବରେ ଜାଣନ୍ତି। ସେହିପରି ମଙ୍ଗୋଲିଆରେ ତାଙ୍କୁ ଲୋକମାନେ ଭଗବାନ ବୋଲି ଭାବନ୍ତି। ସେ ଦେଶର ଲୋକମାନେ ତାଙ୍କୁ ପୂଜା କରିବା ସହିତ ତାଙ୍କ ପୁନର୍ଜନ୍ମର କାମନା କରନ୍ତି। ଚେଙ୍ଗିଜ ଖାନ ଜଣେ କ୍ରୁର, ଆକ୍ରମକ ଶାସକ ଥିଲେ ଯିଏ ଲକ୍ଷାଧିକ ଲୋକଙ୍କର ଜୀବନ ନେଇ ନିଜ ସାମ୍ରାଜ୍ୟର ବିସ୍ତାର କରିଥିଲେ। କିନ୍ତୁ ମଙ୍ଗୋଲିଆରେ ଚେଙ୍ଗିଜ ଖାନଙ୍କୁ ଲୋକମାନେ ଭଗବାନ ଭାବରେ ପୂଜା କରିବା ସହିତ ତାଙ୍କୁ ରାଷ୍ଟ୍ରପିତା, ଏକଜୁଟ୍ କରିଥିବା ସବୁଠାରୁ ବଡ଼ ସାମ୍ରାଜ୍ୟର ନାୟକ ଭାବରେ ଦେଖନ୍ତି। ମଙ୍ଗୋଲିଆର ଲୋକମାନଙ୍କ ଅନୁସାରେ ଆଜି ବି ତାଙ୍କ ଆତ୍ମା ସେହି ଦେଶର ରକ୍ଷା କରୁଛି ଓ ପୁଣି ଥରେ ତାଙ୍କର ପୁନର୍ଜନ୍ମର ଆଶା ନେଇ ଲୋକମାନେ ବଞ୍ଚିଛନ୍ତି। ଏହି ବିଶ୍ୱାସ କାରଣରୁ ମନ୍ଦିରରେ, ଘରମାନଙ୍କରେ ଓ ସାର୍ବଜନିକ ସ୍ଥାନମାନଙ୍କରେ ଚେଙ୍ଗିଜ୍ ଖାନଙ୍କର ପୂଜା ହୋଇଥାଏ। ମଙ୍ଗୋଲିଆର ରାଜଧାନୀ ଉଲାନବଟାରରେ ଚେଙ୍ଗିଜ ଖାନଙ୍କର ସବୁଠାରୁ ବଡ଼ ଘୋଡ଼ା ଉପରେ ସବାର ହୋଇଥିବା ମୂର୍ତ୍ତି ରହିଛି ଯାହାର ଉଚ୍ଚତା ୪୦ ମିଟରରୁ ଅଧିକ ହେବ। ଆଜି ବି ମଙ୍ଗୋଲ ପରିବାରରେ ତାଙ୍କର ଫଟୋ ପୂଜା ସ୍ଥଳରେ ରଖାଯାଇ ତାଙ୍କୁ ଧୂପ-ଦୀପ ଦିଆଯାଏ। ଏହି ପୂଜା କେବଳ ଐତିହାସିକ ନୁହେଁ ଏକ ଗଭୀର ଆଧ୍ୟାତ୍ମିକ ଶ୍ରଦ୍ଧା ଅଟେ। ମଙ୍ଗୋଲ ଶାମେନିଜ୍ମ ଓ ବୌଦ୍ଧ ଧର୍ମରେ ଚେଙ୍ଗିଜ ଖାନଙ୍କୁ ଜଣେ ସଂରକ୍ଷକ ଆତ୍ମା ଭାବରେ ଗ୍ରହଣ କରାଯାଇଛି। ଆଜି ସେ ମଙ୍ଗୋଲିଆ ସୀମାଗୁଡ଼ିକୁ ରକ୍ଷା କରୁଛନ୍ତି, ପାଣିପାଗକୁ ନିୟନ୍ତ୍ରିତ କରୁଛନ୍ତି ଓ ରାଷ୍ଟ୍ରକୁ ମଜଭୁତ କରି ରଖିଛନ୍ତି ବୋଲି ମଙ୍ଗୋଲିଆବାସୀ ବିଶ୍ୱାସ କରନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**କଟକ,୨।୨/ଏନ୍ଏନ୍ଏସ୍:** ତିଗିରିଆ ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଏହି ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶିବିରରେ ୯୦ଟି ଅଭିଯୋଗ ହସ୍ତଗତ ହୋଇଥିଲା। ୨୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶିବିରରେ ପୁଲିସ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଆସନ୍ତା ୯ ତାରିଖରେ ନିଶ୍ଚିନ୍ତ କୋଇଲି ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।



## କଏଦୀ ମୃତ୍ୟୁ ଘଟଣାକୁ ଆତ୍ମହତ୍ୟା କହିଲେ ଡିସିପି

**କଟକ,୨।୨/ଏନ୍ଏନ୍ଏସ୍:** ଚୌଦ୍ୱାର ଜେଲରେ ବିଚାରାଧୀନ କଏଦୀ ମୃତ୍ୟୁ ଘଟଣାକୁ ଆତ୍ମହତ୍ୟା ବୋଲି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଡିସିପି କହିଛନ୍ତି ଯେ ଘଟଣାର ସିସିଟିଭି ଫୁଟେଜ ଜବତ ହୋଇଛି। ଏହା ଏକ ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଜେଲ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ ତଦନ୍ତ ଚାଲିଛି ବୋଲି ଡିସିପି କହିଛନ୍ତି। ସୂଚନାନୁସାରେ, ଚୌଦ୍ୱାର ମଣ୍ଡଳ କାରାଗାର ଭିତରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ରବିବାର ଘଟିଥିଲା। ରବିବାର ସନ୍ଧ୍ୟାରେ ଜେଲ କର୍ମଚାରୀମାନେ ୱାର୍ଡ ଯାଞ୍ଚ କରୁଥିଲେ। ଏତିକିବେଳେ ସେମାନେ ବିଚାରାଧୀନ ବନ୍ଦୀ କଟକ ହାତୀ ପୋଖରୀ ଅଞ୍ଚଳର ମହମ୍ମଦ କଲିମ (୩୨) ନିଜ କୋଠରୀରେ ବେକରେ ଗାମୁଛା ଫାଶି ଝୁଲୁଥିବା ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ତୁରନ୍ତ ତାଙ୍କୁ ତଳକୁ ଆଣି ଚିକିତ୍ସା ପାଇଁ ଏସ୍ସିବି ମେଡିକାଲକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କଏଦୀଙ୍କ ପରିବାର ଏହି ଘଟଣାକୁ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ପରେ ଡିସିପି ଏହାକୁ ଖଣ୍ଡନ କରି ଏହା ଆତ୍ମହତ୍ୟା ବୋଲି ସୂଚନା ଦେଇଛନ୍ତି।

## ଖଣିଜ ପ୍ରତିଷ୍ଠାନର ସାନି ଟ୍ରଷ୍ଟ୍ ବୋର୍ଡ ଗଠନ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୨।୨/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ବୋର୍ଡ ଗଠନ ବିଜ୍ଞପ୍ତିକୁ ଆଂଶିକ ଭାବେ ରଦ୍ଦ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ଟ୍ରଷ୍ଟ ବୋର୍ଡର ୩ ସରପଞ୍ଚଙ୍କୁ ବାଦ୍ ଦେଇ ସାନି ବୋର୍ଡ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଟ୍ରଷ୍ଟ ବୋର୍ଡରୁ ପିଙ୍ଗୁଡ଼ିଆ, ହରିପୁର ଏବଂ ଧୂଳିପଡ଼ ପଞ୍ଚାୟତର ସରପଞ୍ଚଙ୍କ ସଦସ୍ୟତାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଥିସହ ୪ ସପ୍ତାହ ମଧ୍ୟରେ ନୂଆ ବୋର୍ଡ ଗଠନ କରିବାକୁ ଉନ୍ନୟନ କମିଶନରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅଣ-ଖଣି ଅଞ୍ଚଳର ସରପଞ୍ଚଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇପାରିବ ନାହିଁ। କେବଳ ପ୍ରକୃତ ଖଣି ଅଞ୍ଚଳର ପ୍ରତିନିଧି ହିଁ ଟ୍ରଷ୍ଟ ବୋର୍ଡରେ ସଦସ୍ୟ ରହିପାରିବେ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

## 'ସକ୍ଷମ-୨୦୨୬' ଅଭିଯାନର ଶୁଭାରମ୍ଭ



**ଭୁବନେଶ୍ୱର,୨।୨/ଏନ୍ଏନ୍ଏସ୍:** ଇନ୍ଧନ ସଂରକ୍ଷଣ ଏବଂ ସବୁଜ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜଧାନୀସ୍ଥିତ ସୂଚନା ଭବନଠାରେ 'ସକ୍ଷମ-୨୦୨୬' ଅଭିଯାନର ଏକ ଭବ୍ୟ ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ତୈଳ ଓ ଗ୍ୟାସ୍ ବଞ୍ଚାଅ, ସବୁଜ ଶକ୍ତି ଆପଣାଅ' ଶୀର୍ଷକ ସ୍ଲୋଗାନ ସହ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବରିଷ୍ଠ ଅତିଥିମାନେ ଯୋଗ ଦେଇଥିଲେ।

ଏହି ଉତ୍ସବରେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସମେତ ମଞ୍ଚରେ କମଲ ଶୀଲ (ଏସ୍ଏଲ୍ସି, ଓଡ଼ିଶା), ପି.ଏସ.ଭି. ସୁବାରାଓ ଏବଂ ମାଇନକ ମୁଖାର୍ଜୀଙ୍କ ଭଳି ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ଇନ୍ଧନ ସଂରକ୍ଷଣ ପାଇଁ ଶପଥ ପାଠ କରାଇଥିଲେ। ଏହି ଅଭିଯାନ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୧୫ ଦିନ ମଧ୍ୟରେ ସାଧାରଣ ଲୋକଙ୍କୁ ପ୍ରାକୃତିକ ସମ୍ପଦର ସୁବିନିଯୋଗ ଏବଂ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ସଚେତନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଶକ୍ତି ସଂରକ୍ଷଣ ଦ୍ୱାରା ଦେଶର ଅର୍ଥନୀତି ସୁଦୃଢ଼ ହେବା ସହ ଆଗାମୀ ପିଢ଼ି ପାଇଁ ଏକ ସୁରକ୍ଷିତ ପରିବେଶ ଗଠନ କରିହେବ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ମତ ରଖିଥିଲେ।

## ଅନନ୍ତପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

**ବାଲିଅନ୍ତା,୨।୨/ଏନ୍ଏନ୍ଏସ୍:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତିଷ୍ଠା ଶତବାର୍ଷିକୀ ଅବସରରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ବାଲିଅନ୍ତା ବ୍ଲକ ଅନନ୍ତପୁରସ୍ଥ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଭୁବନେଶ୍ୱର ମହାନଗର ସହ କାର୍ଯ୍ୟବାହ ଶ୍ରୀନିବାସ କର, ଗାୟକ ସୁଧାକର ଯୁଧିଷ୍ଠିର ପରିଜା, କଟକ ପ୍ରଚାର ବିଭାଗ ମୁଖ୍ୟ ଅକ୍ଷୟପ୍ରସାଦ ବିଶ୍ୱାଳ, ଲକ୍ଷେଶ୍ୱର ନଗରର ସହ ସଂଘ ଚାଳକ କେଦାରନାଥ ବେହେରା, ବରିଷ୍ଠ ନାଗରିକ ବଳରାମ ନାଥ ପ୍ରମୁଖ ଅତିଥିରୂପେ ଯୋଗଦେଇ ସାମାଜିକ ସମରସତା, ପରିବେଶ, କୁଟୁମ୍ବ ପ୍ରବୋଧନ, ସ୍ୱବୋଧ ଓ ନାଗରିକ କର୍ତ୍ତବ୍ୟ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ହନୁମାନ ଚାଳିଶା, ମହା ମୃତ୍ୟୁଞ୍ଜୟ ମନ୍ତ୍ର ଓ ଗାୟତ୍ରୀ ମନ୍ତ୍ରପାଠରେ ଭାଗବତ ନାୟକ, ପଦ୍ମନାଭ ପରିଜା, ଯୁଗଳକିଶୋର ପଣ୍ଡା, ବିପିନବିହାରୀ ପଣ୍ଡା, ଶରତଚନ୍ଦ୍ର ଷଡ଼ଙ୍ଗୀ, ରତିକାନ୍ତ ମିଶ୍ର, ବିଷ୍ଣୁଚରଣ ସାହୁ, ମାଗୁଣି ସାହୁ, ଭୂପେଶ ବରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ହୋମଯଜ୍ଞ ପାଇଁ ମହିଳାମାନଙ୍କଦ୍ୱାରା କଳସ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ସୁଜିତ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ସୁରେନ୍ଦ୍ର ମହାନ୍ତି ଅତିଥି ପରିଚୟ ଦେଇଥିଲେ। ଜଗନ୍ନାଥପୁର, ଜନ୍ମେଜୟପୁର, ଅନନ୍ତପୁର, ଜୋହଳ, ନଖରା ଓ ଭୀମପୁର ଗ୍ରାମର ମୁରବିଙ୍କୁ ଭଗବଦ ଗୀତା ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ରାଣାପ୍ରତାପ ରାୟ, ପ୍ରମୋଦ ପାତ୍ର, ଧିରେନ୍ଦ୍ର ପାଗଳ, କୃପାସିନ୍ଧୁ ଜେନା, ଅଶୋକ ବେହେରା, ସୁଦାମ ପାଣି ଓ ଦୀନେଶ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜନ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଲୋକାଭିମୁଖୀ ବଜେଟ୍: ଉପମୁଖ୍ୟମନ୍ତ୍ରୀ

**କଟକ,୨।୨/ଏନ୍ଏନ୍ଏସ୍:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ରବିବାର ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବଜେଟ୍ ଆଗତ କରିଛନ୍ତି। ବଜେଟ ସମ୍ପର୍କରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କଟକରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ରଖିଛନ୍ତି। ବିଶେଷ ଭାବରେ ଓଡ଼ିଶା ଏହି ବଜେଟରେ କିଭଳି ଲାଭବାନ ହୋଇଛି ବା ରାଜ୍ୟକୁ କେତେ ଗୁରୁତ୍ୱ ଦିଆଯାଇଛି, ସେ ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆଜି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ୨୦୧୪ରୁ ମୋଦୀ ସରକାର ଆସିବା ପରଠୁ ପ୍ରତିଟି ଘୋଷଣାକୁ କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶା ସମେତ କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁକୁ ଏହି ବଜେଟରେ ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ୱାଟର ୱେଜକୁ ନେଇ ଓଡ଼ିଶା ପାଇଁ ବଜେଟରେ ବଡ଼ ଯୋଜନା ପ୍ରସ୍ତୁତ କରାଯାଇଛି, ଯାହା ଫଳରେ ରାଜ୍ୟକୁ ଅନେକ ଲାଭ ମିଳିବ ଏବଂ ରାଜ୍ୟର ଅର୍ଥନୀତି ଆହୁରି ସୁଦୃଢ଼ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ରାଜ୍ୟରେ ଖଣିଜ ସମ୍ପଦ ଓ ଶିଳ୍ପର ବିକାଶ ପାଇଁ ୪୦ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହା ଏକ ଲୋକାଭିମୁଖୀ ବଜେଟ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ କେନ୍ଦ୍ର ବଜେଟ୍‌ରେ ଓଡ଼ିଶା ପାଇଁ ନାସନାଲ୍ ୱାଟର୍ ୱେଜ୍‌କୁ ନେଇ କରାଯାଇଥିବା ଘୋଷଣା ଉପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଟୁଇଟ୍‌କୁ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଖଣ୍ଡନ କରିଥିଲେ। ବିରୋଧୀ ଦଳ ନେତା ହେବା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ଥିଲେ। କେବଳ ସେତିକି ନୁହେଁ, ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ନବୀନ ଦୀର୍ଘ ୧୮ ବର୍ଷ ଥିଲେ। ସେ ତାଙ୍କ ସମୟରେ କି ପଦକ୍ଷେପ ନେଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରଶ୍ନ କରିଛନ୍ତି।

## ୬ କୋଟି ଟଙ୍କା ସାଇବର୍ ଠକେଇ ମାମଲାରେ ଜଣେ ଗିରଫ

**କଟକ,୨।୨/ଏନ୍ଏନ୍ଏସ୍:** ଓଡ଼ିଶା କ୍ରାଇମବ୍ରାଞ୍ଚର ସାଇବର ପୁଲିସ ୟୁନିଟ ଠକେଇ ମାମଲାରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ଗୁଣ୍ଟୁର ଜିଲ୍ଲାର ଭେଦଗିରି ଶ୍ରୀନିବାସ ରାଓ (୩୯)। ତା' ନିକଟରୁ ମୋବାଇଲ ଫୋନ, ସିମକାର୍ଡ଼ ଓ ବିଭିନ୍ନ ଅପରାଧମୂଳକ ସାମଗ୍ରୀ ପୁଲିସ ଜବତ କରିଛି। ଭେଦଗିରି ସୋସିଆଲ ମିଡ଼ିଆ ମାଧ୍ୟମରେ ପୀଡ଼ିତଙ୍କ ସହ ଯୋଗାଯୋଗ କରି ୱାଟସ୍ଆପ୍ ଗ୍ରୁପ୍‌ରେ ଯୋଡ଼ିଥିଲା। ପୀଡ଼ିତଙ୍କୁ ଏକ ଅନଲାଇନ ଟ୍ରେଡ଼ିଂ ପ୍ଲାଟଫର୍ମରେ ନିବେଶ କରିବାକୁ ପ୍ରଲୋଭିତ କରି ଉଚ୍ଚ ଓ ନିଶ୍ଚିତ ରିର୍ଟନର ପ୍ରତିଶ୍ରୁତି ଦେଇଥିଲା। ଠକର କଥାରେ ବିଶ୍ୱାସ କରି ପୀଡ଼ିତ ତାଙ୍କ ବିଭିନ୍ନ ଆକାଉଣ୍ଟ୍‌ରେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର କରିଥିଲେ। ପରେ ଟଙ୍କା ଫେରି ନପାଇବାରୁ ସେ ଓଡ଼ିଶା କ୍ରାଇମବ୍ରାଞ୍ଚ୍ ସାଇବର ଶାଖାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ଭୁବନେଶ୍ୱରରୁ ଅଭିଯୁକ୍ତ ଶ୍ରୀନିବାସ ରାଓକୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲା। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।



## ଗୋପାଳପୁରରେ ମଦ ଦୋକାନ ନ ଖୋଲିବାକୁ ଦାବି

**କଟକ,୨।୨/ଏନ୍ଏନ୍ଏସ୍:** ମଦ ଦୋକାନ ନ ଖୋଲିବା ପାଇଁବିଭିନ୍ନ ସଂଗଠନ ଓ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଉଥିଲା ବେଳେ ଏ ସଂକ୍ରାନ୍ତ ଅଭିଯୋଗ ଚାପିଦେବାକୁ ଉଦ୍ୟମ କରିବା ସହିତ ମଦ ଦୋକାନକୁ ଖୋଲିବା ନିମନ୍ତେ ଚକ୍ରାନ୍ତ କରାଯାଉଛି ବୋଲି ଅଭିଯୋଗ ହେଉଛି। ଆଜି ଆମ୍ବେଦକର ସ୍ମୃତି ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀ, କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ ସିଏମ୍ସି ୫୬/୫୭ ନଂ ୱାର୍ଡ ଅନ୍ତର୍ଗତ ସଦର ଥାନା ଅଧୀନ ବାଲିକୁଦା ଜନଗହଳିପୂର୍ଣ୍ଣ ଛକ ଏବଂ ଜାତୀୟ ରାଜପଥ ୧୬ ପାର୍ଶ୍ୱକୁ ଲାଗି ଏକ ମଦ ଦୋକାନ ଖୋଲିବା ଷଡ଼ଯନ୍ତ୍ର ଚାଲିଛି। ସ୍କୁଲ ଏବଂ କଲେଜ, ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡ଼ିବା ସହିତ ଏହି ଅଞ୍ଚଳରେ ବିଭିନ୍ନ ଅପରାଧ ବୃଦ୍ଧି ପାଇବ। ମଦଦୋକାନ ଖୋଲିବାକୁ ବିରୋଧ କରି ପରିଷଦ ଓ ବାଲିକୁଦା ଗ୍ରାମବାସୀ ପକ୍ଷରୁ ଜିଲ୍ଲାପାଳ ଏବଂ ଅବକାରୀ ବିଭାଗ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିବାରୁ ମଦ ଦୋକାନ ଖୋଲାକୁ ସ୍ଥଗିତ ରଖାଯାଇଥିଲା। ତେବେ ଏହାକୁ ଖୋଲିବା ପାଇଁ ଚକ୍ରାନ୍ତ କରାଯାଉଛି। ଉକ୍ତ ମଦ ଦୋକାନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାକୁ ପରିଷଦ ଦାବି କରିଛି।



## ସଂଗ୍ରାମୀ ପାଣ୍ଠି ଅଭିଯାନ

**କଟକ,୨।୨/ଏନ୍ଏନ୍ଏସ୍:** ଜନଗଣଙ୍କ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଦରଦାମ୍ ଆକାଶଛୁଆଁ। ରାଜ୍ୟ ସରକାରଙ୍କ ନିର୍ବାଚନ ପ୍ରତିଶ୍ରୁତି ଅନୁସାରେ ଧାନ କ୍ୱିଣ୍ଟାଲ୍ ୩୧୦୦ ଟଙ୍କା ଚାଷୀଙ୍କୁ ପ୍ରଦାନ କରିବା, ପ୍ରଦୂଷଣ ଆଳରେ ଫାଇନ ଆଦାୟ ଓ ଚାଲାଣ କାଟିବା ବନ୍ଦ କରିବା, ଟାଟା ପାୱାର ଦ୍ୱାରା ବାଧ୍ୟତାମୂଳକ ସ୍ମାର୍ଟମିଟର ବସାଇବା ନାମରେ ଗ୍ରାହକ ଶୋଷଣ ବନ୍ଦ କରି ୩୦୦ୟୁନିଟ ଛାଡ଼ କରିବା, ଭୋଟର୍ ତାଲିକା ସଂଶୋଧନ ଆଳରେ ଯୋଗ୍ୟ ଭୋଟରଙ୍କୁ ବାଦ୍ ଦେବା ବନ୍ଦ କରିବା, ଶ୍ରମିକ ବିରୋଧୀ ୪ ଶ୍ରମ କୋର୍ଡ ବାତିଲ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟ କୁ ଘରୋଇକରଣ ବନ୍ଦ କରିବା ଆଦି ଜନ ଦାବି ନେଇ ସିପିଆଇ କଟକ ନଗର ପକ୍ଷରୁ ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର ନେତୃତ୍ୱରେ କଟକ କେନ୍ଦ୍ରସ୍ଥଳୀ ବାଦାମବାଡ଼ିଠାରେ ସଂଗ୍ରାମୀ ପାଣ୍ଠି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ନେତୃତ୍ୱ ଅମରେନ୍ଦୁ ମହାନ୍ତି, ଇପ୍ଟା ରାଜ୍ୟ ସମ୍ପାଦକ ସୁଶାନ୍ତ ମହାପାତ୍ର, ଜିଲ୍ଲା ସମ୍ପାଦକ ବିନୋଦ କୁମାର ବେହେରା, ଇସ୍କଫ୍ ରାଜ୍ୟ ସମ୍ପାଦକ ସଞ୍ଜୟ ପରିଜା, ଯୁବ କବି ଅଭୟ ପଟ୍ଟନାୟକ, ଉଠାଦୋକାନୀ ସଂଘ ସମ୍ପାଦକ ଛବି ଖୁଣ୍ଟିଆ ଓ ନେନା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ ଉପଦେଷ୍ଟାଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ,୨।୨/ଏନ୍ଏନ୍ଏସ୍:** କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ ଉପଦେଷ୍ଟା ସ୍ୱର୍ଗତ କେଦାରନାଥ ବେହେରାଙ୍କ ପ୍ରତି ମହାମଣ୍ଡଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆଜି ସାହେବଜାଦା ବଜାରଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମହାମଣ୍ଡଳର ପଦାଧିକାରୀମାନେ ଉପସ୍ଥିତ ରହି ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧା-ସୁମନ ଅର୍ପଣ କରିଥିଲେ। ଏଥିରେ ସର୍ବମହନ୍ତ ଭିକାରୀ ଦାସ, ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ ଏବଂ ବରିଷ୍ଠ ପଦାଧିକାରୀ ସନ୍ତୋଷ କୁମାର ସାହୁ, ରଘୁନାଥପ୍ରସାଦ ଭଗତ, ସୁଦୀପ୍ତକୁମାର ସ୍ୱାଇଁ, ରାକେଶ କୁମାର ବେହେରା, ସମୀର ଦାସ ଓ ସ୍ଥାନୀୟ ଲଣ୍ଡାଦେଉଳ ସଂକୀର୍ତ୍ତନ ମଣ୍ଡଳୀର ମହନ୍ତ ହରେକୃଷ୍ଣ ବେହେରାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ତୁଳସୀ ଦାସ ଆଶ୍ରମରେ ବାର୍ଷିକ ଗୀତା ଯଜ୍ଞ



**କଟକ,୨।୨/ଏନ୍ଏନ୍ଏସ୍:** ଜଗତପୁର ଅନ୍ତର୍ଗତ ସୁନାଖଳାସ୍ଥିତ ସନ୍ଥ ତୁଳସୀ ଦାସ ଆଶ୍ରମରେ ୯୧ତମ ବାର୍ଷିକ ଗୀତା ପାରାୟଣ ଓ ଯଜ୍ଞର ଶୁଭାରମ୍ଭ ହୋଇଛି। ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଆଧ୍ୟାତ୍ମିକ ମହୋତ୍ସବ ମାଘ ପୂର୍ଣ୍ଣମୀ ତିଥିରେ ଅଙ୍କୁରାରୋପଣ, ସୋମବାରଠାରୁ ପ୍ରଭାତରେ ମଙ୍ଗଳଆଳତୀ, ବେଦପାଠ, ଗୁରୁପୂଜନ, ସୂର୍ଯ୍ୟପୂଜା, ଗୋପୂଜା, ଗୀତା ପାରାୟଣ, ପ୍ରବଚନ, ଘୃତଯଜ୍ଞ ପ୍ରାର୍ଥନା ଓ ସତ୍‌ସଂଗ ଆୟୋଜିତ ହୋଇଛି। ବ୍ରହ୍ମଚାରୀ ସତ୍ୟଚୈତନ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଯୋଗଦେଇ ଶ୍ରୀନାରାୟଣ, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଗୋସ୍ୱାମୀ ତୁଳସୀ ଦାସ, ବୀରନାରାୟଣ ଦାସ ଓ ସତ୍ୟନାରାୟଣ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ପରମ ନାରାୟଣ ଦାସ, ତୁଳସୀ ଦାସ ଆଶ୍ରମ ଟ୍ରଷ୍ଟର ଅଧ୍ୟକ୍ଷ ଶିଳ୍ପଦ୍ୟୋଗୀ ପ୍ରଶାନ୍ତ ଚନ୍ଦ୍ର ରଥ,ଜଗନ୍ନାଥ ଜେନା, ପର୍ଶୁରାମ ରାଉତ, ଶରତ କୁମାର ରାଉତ, କେଦାର ନାଥ ମହାଳୀ, ସୁଭାଷ ଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁନାଖଳା ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା। ଆସନ୍ତା ୪ ତାରିଖରେ ପୂର୍ଣ୍ଣାହୂତି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ଟ୍ରକ୍‌କୁ ଧକ୍କାଦେଲା ବାଇକ୍: ୨ ଗୁରୁତର

**ଦଶପଲ୍ଲା,୨।୨/ଏନ୍ଏନ୍ଏସ୍:** ଦଶପଲ୍ଲା ଥାନା ରଙ୍ଗମାଟିଆ ନିକଟ ରାଜପୁତ ଢ଼ାବା ସମ୍ମୁଖ ଜାତୀୟ ରାଜପଥ ଉପରେ ବାଲିରେ ସ୍ଲିପ ହୋଇ ଏକ ବାଇକ ରାସ୍ତା କଡରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେବାରୁ ବାଇକ୍‌ରେ ଯାଉଥିବା ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଦୁଇଜଣଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଉଭୟ ଗୁରୁତର ଥିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତ ଦୁଇ ଯୁବକଙ୍କ ନାମ ସୌମ୍ୟ ରଞ୍ଜନ ବିଶ୍ୱାଳ(୩୦) ଓ ଜଗନ୍ନାଥ ଦେହୁରୀ(୩୨) ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଉଭୟ ଘର କନ୍ଧମାଳ ଜିଲ୍ଲା ଫୁଲବାଣୀ ଆମଲାପଡା ଗ୍ରାମରେ। ଉଭୟ ଭୁବନେଶ୍ୱରରେ ଚାକିର କରନ୍ତି। ସୋମବାର ଅପରାହ୍ନ ସମୟରେ ଉଭୟ ଏକ ସୁଜୁକି ବାଇକ ରେ ନିଜ ଘରୁ ବାହାରି ଭୁବନେଶ୍ୱର ଯାଉଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁକରି ବାଇକକୁ ଜବତ କରିଥିବା ବେଳେ ଘଟଣାର ତଦନ୍ତ ଜାରି ରଖିଛି।

## ମହୁରା ଜାଭିଅର୍ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ମୁଣ୍ଡମୁହାଣ,୨।୨/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ୍ ମହୁରା ଠାରେ ଅବସ୍ଥିତ ଜାଭିଅର୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଏବଂ ମୁଖ୍ୟବକ୍ତା ଭାବେ ପ୍ରଭାତ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ଦାସ, ପଞ୍ଚପଲ୍ଲୀ ସରପଞ୍ଚ ବନଜା ଜେନା, ମୁଖ୍ୟ ସଂଯୋଜକ ରମା ବଲ୍ଲଭ ପରିଡା ଯୋଗ ଦେଇଥିଲେ, ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ପରେ ୧୫୭ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହିତ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ସେହିପରି ୧୭ ଜଣ ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ମଞ୍ଚ ପରିଚାଳନା କରିଥିଲେ ତ ପସ୍ୱିନୀ ପଟ୍ଟନାୟକ, ସଭା କାର୍ଯ୍ୟ ଶେଷରେ ଅଜୟ ମହାରଣା ଧନ୍ୟବାଦ ଦେଇଥିଲେ।

## ସହଜରେ ବ୍ୟବସାୟ ପାଇଁ ସରଳୀକରଣ ବ୍ୟବସ୍ଥା ଲାଗୁ

**କଟକ,୨।୨/ଏନ୍ଏନ୍ଏସ୍:** ସହଜରେ ବ୍ୟବସାୟ କରିବା (ଇଜ ଅଫ ଡୁଇଙ୍ଗ ବିଜନେସ) ଉଦ୍ୟମକୁ ଅଧିକ ସହଜ ଓ ସୁଗମ କରିବା ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାଧାରା ସରଳୀକରଣ ବ୍ୟବସ୍ଥା ଲାଗୁ କରାଯାଇଛି। ଏହି ନୂତନ ବ୍ୟବସ୍ଥା ମାଧ୍ୟମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଏହା ସଂଲଗ୍ନ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରେ ଫାଇଲ ଆଦାନପ୍ରଦାନ ପ୍ରକ୍ରିୟାକୁ ସରଳ ଓ ଦ୍ରୁତ କରାଯାଇପାରିବ। ଏ ନେଇ ଫାଇଲ୍ ଓ କେସ ରେକର୍ଡ ଚଳାଚଳ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରାଯାଇଛି। ନୂତନ ନିର୍ଦ୍ଦେଶ ଅନୁଯାୟୀ ପ୍ରସ୍ତାବ, ଅନୁମୋଦନ, ନିଷ୍ପତ୍ତି ଓ ବିଭିନ୍ନ ପ୍ରକାରର ରେକର୍ଡ ଯାହା ପାଇଁ ଅନୁପାଳନ, ସ୍ପଷ୍ଟୀକରଣ କିମ୍ବା ଅତିରିକ୍ତ ଦସ୍ତାବିଜ ଆବଶ୍ୟକ, ସେଗୁଡ଼ିକୁ ଆଉ ପୁନର୍ବାର ଅଧୀନସ୍ଥ କାର୍ଯ୍ୟାଳୟକୁ ଫେରାଇ ଦିଆଯିବ ନାହିଁ। ଏହା ପରିବର୍ତ୍ତେ ଔପଚାରିକ ଚିଠି କିମ୍ବା ଅଧୀକୃତ ଇମେଲ ମାଧ୍ୟମରେ ଏଗୁଡ଼ିକ ମଗାଯାଇପାରିବ। ଫାଇଲ୍ ଓ କେସ୍ ରେକର୍ଡ଼ ନିଷ୍ପାଦନ ସହିତ ସମ୍ପୃକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ ସହିତ ଜିଲ୍ଲାର ସମସ୍ତ ସଂଲଗ୍ନ କାର୍ଯ୍ୟାଳୟଗୁଡ଼ିକୁ ଏହି ନୂତନ ପ୍ରଣାଳୀ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି କ୍ଷେତ୍ରରେ ଅତିରିକ୍ତ ସୂଚନା, ସ୍ପଷ୍ଟୀକରଣ ଆବଶ୍ୟକ ହେଲେ, ସେଥିପାଇଁ ସମ୍ପର୍କିତ ଅଧୀନସ୍ଥ କାର୍ଯ୍ୟାଳୟକୁ ଚିଠି କିମ୍ବା ଇମେଲ ମାଧ୍ୟମରେ ସୂଚିତ କରାଯିବ। ଉକ୍ତ କାର୍ଯ୍ୟାଳୟଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ ଦସ୍ତାବିଜ ଦାଖଲ କରିବାକୁ ବାଧ୍ୟ ରହିବେ। ଏହି ବ୍ୟବସ୍ଥା ଫଳରେ ଅନାବଶ୍ୟକ ଫାଇଲ ଚଳାଚଳ ହ୍ରାସ ପାଇବ ଓ କାର୍ଯ୍ୟ ସମୟ ହ୍ରାସ ପାଇବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହା ନିୟମ ଅନୁକୂଳ ପ୍ରଣାଳୀକୁ ସରଳ କରିବ। ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, ଏହି ଆଦେଶ ତୁରନ୍ତ ପ୍ରଭାବୀ ହେବ ଓ ସମସ୍ତ ସମ୍ପୃକ୍ତ କାର୍ଯ୍ୟାଳୟ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ନିର୍ଦ୍ଦେଶ ଅମାନ୍ୟ ହେଲେ ତାହାକୁ ଗରୁତ୍ୱ ସହ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକ

**ସାଲେପୁର,୨।୨/ଏନ୍ଏନ୍ଏସ୍:** ଗୋପୀନାଥପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ବିରଞ୍ଚିନାରାୟଣ ଦାଶଙ୍କ ଆଜି ସକାଳ ୬ଘଟିକା ସମୟରେ ପରଲୋକ ହୋଇଛି। ଆଜି ଭୋର ୫ଘଟିକା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଟାଙ୍ଗୀ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେବା ସମୟରେ ତାଙ୍କର ବିୟୋଗ ଘଟିଛି। ସ୍ୱର୍ଗତ ଦାଶ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ସହ ଗୋପୀନାଥପୁର ଅଞ୍ଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡିତ ଥିଲେ। ତାଙ୍କ ବିୟୋଗରେ ଗୋପୀନାଥପୁରର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା, ଶ୍ରୀଜଗନ୍ନାଥ ଭକ୍ତ ସମାଜର କର୍ମକର୍ତ୍ତା, ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ କର୍ମକର୍ତ୍ତା ସହ ଗୋପୀନାଥପୁର ଗ୍ରାମବାସୀ ବୃନ୍ଦ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ଗୋପୀନାଥପୁର ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।


# ଅନାହତ ସ୍କ୍ୱାଶ୍ ଅନ୍ ଫାୟାର୍ ଓପନ୍ ଚାମ୍ପିଅନ୍



**ନୂଆଦିଲ୍ଲୀ,୨।୨/ଏଜେନ୍ସି:** ଭାରତୀୟ ଯୁବ ସ୍କ୍ୱାଶ୍ ଖେଳାଳି ଅନାହତ ସିଂହ ରବିବାର ୱାଶିଂଟନ୍‌ରେ ସ୍କ୍ୱାଶ୍ ଅନ୍ ଫାୟାର୍ ଓପନ୍ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇ କ୍ୟାରିୟର୍‌ର ପ୍ରଥମ ପିଏସ୍‌ଏ ବ୍ରୋଞ୍ଜ୍ ଲେଭଲ୍ ଟାଇଟଲ୍ ହାସଲ କରିଛନ୍ତି। ବିଶ୍ୱ ନମ୍ବର-୩୧ ଅନାହତ ୨୬ ମିନିଟ୍‌ର ଫାଇନାଲ୍‌ରେ ଶୀର୍ଷ ସିଡ୍ ତଥା ବିଶ୍ୱର ୧୦ ନମ୍ବର ଖେଳାଳି ଜର୍ଜିନା କେନେଡିଙ୍କୁ ୧୨-୧୦, ୧୧-୫, ୧୧-୭ରେ ମାତ୍ ଦେଇ ନିଜର ପ୍ରଥମ ବିଶ୍ୱ ଇଭେଣ୍ଟ ଟାଇଟଲ୍ ହାସଲ କରିଛନ୍ତି। ଏହା ୧୭ ବର୍ଷୀୟା ଅନାହତ୍‌ଙ୍କ କ୍ୟାରିୟର୍‌ର ସବୁଠାରୁ ବଡ଼ ଏବଂ ପିଏସ୍‌ଏ ଟୁର୍‌ର ୨୬ ଟୁର୍ଣ୍ଣାମେଣ୍ଟରେ ସାମଗ୍ରିକ ଭାବେ ୧୫ଶ ଟାଇଟଲ୍। ଏହା ପୂର୍ବରୁ ଅନାହତ ଏକମାତ୍ର ମ୍ୟାଚ୍‌ରେ ଜର୍ଜିନାଙ୍କଠାରୁ ପରାଜିତ ହୋଇଥିଲେ। କିନ୍ତୁ ଫାଇନାଲ୍‌ରେ ସପ୍ତମ ସିଡ୍ ଭାରତୀୟ ଖେଳାଳି ଅଦ୍ଭୁତ ସଂଯମ ପ୍ରଦର୍ଶନ କରି ୮-୧୦ରେ ପଛୁଆ ଥିବା ସତ୍ତ୍ୱେ ଲଗାତାର ଚାରି ପଏଣ୍ଟ ଜିତି ପ୍ରଥମ ଗେମ୍ ନିଜ ନାମରେ କରିଥିଲେ। ଏହାପରେ ସେ ମ୍ୟାଚ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରି ବିଜୟୀ ହୋଇଥିଲେ। ସେ ନିକଟରେ ଐତିହାସିକ ସ୍କ୍ୱାଶ୍ ବିଶକପ୍ ଟାଇଟଲ୍ ଜିତିଥିବା ଭାରତୀୟ ଟିମ୍‌ର ଅଂଶବିଶେଷ ଥିଲେ। ବର୍ତ୍ତମାନ ଜାତୀୟ ଚାମ୍ପିଅନ୍ ଥିବା ଅନାହତ ଅନ୍ତର୍ଜାତୀୟ ସର୍କିଟ୍‌ରେ ମଧ୍ୟ ଏକ ସ୍ଥିର ଉପସ୍ଥିତି ରଖିଛନ୍ତି।

ସ୍କ୍ୱାଶ୍ ଅନ୍ ଫାୟାର୍ ଓପନ୍‌ର ପୁରୁଷ ଫାଇନାଲ୍‌ରେ ଇଂଲଣ୍ଡର ମହମ୍ମଦ ଏଲ୍‌ଶୋରବାଗି ସାଥୀ ଖେଳାଳି ଡେକ୍ଲାନ୍ ଜେମ୍ସଙ୍କୁ ୧୧-୪, ୧୧-୬, ୧୧-୮ରେ ହରାଇ ୫୨ତମ ପିଏସ୍‌ଏ ଟୁର୍ ଟାଇଟଲ୍ ଜିତିଛନ୍ତି।

# ସିନ୍ଧୁ-ସାଇନାଙ୍କ ଏଲିଟ୍ କ୍ଲବ୍‌ରେ ଦେବିକା



**ନୂଆଦିଲ୍ଲୀ,୨।୨/ଏଜେନ୍ସି:** ଭାରତର ୨୦ ବର୍ଷୀୟା ଉଦୀୟମାନ ଶଟ୍‌ଲର୍ ଦେବିକା ସିହାଗ୍ ରବିବାର ଥାଇଲାଣ୍ଡ ମାଷ୍ଟର୍ସ ୨୦୨୬ରେ ଇତିହାସ ରଚିଛନ୍ତି। ବ୍ୟାଙ୍କକ୍‌ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ସେ ମାଲେସିଆର ଗୋ ଜିନ୍ ୱେଇଙ୍କୁ ହରାଇ କ୍ୟାରିୟର୍‌ର ପ୍ରଥମ ବିଡବ୍ଲୁଏଫ୍ ବିଶ୍ୱ ଟୁର୍ ସୁପର୍ ୩୦୦ ଟାଇଟଲ୍ ଜିତିଛନ୍ତି। ଦେବିକା ପ୍ରଥମ ଗେମ୍ ୨୦-୮ର ବଡ଼ ବ୍ୟବଧାନରେ ଜିତିଥିଲେ। ଏହାପରେ ଦ୍ୱିତୀୟ ଗେମ୍‌ରେ ୬-୩ରେ ଆଗୁଆ ଥିବାବେଳେ ମାଲେସିଆ ଖେଳାଳି ଆଘାତ କାରଣରୁ ରିଟାୟର୍ ହେବାରୁ ଦେବିକାଙ୍କୁ ବିଜେତା ଘୋଷିତ କରାଯାଇଛି। ଦେବିକା ପୂରା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ଗେମ୍ ନହାରି ପ୍ରତ୍ୟେକ ମ୍ୟାଚ୍ ସିଧା ଗେମ୍‌ରେ ଜିତିଥିଲେ। କ୍ୱାର୍ଟର୍ ଫାଇନାଲ୍‌ରେ ସେ ଶୀର୍ଷ ସିଡ୍ ସୁପନିଦାଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏହି ବିଜୟ ସହିତ ଦେବିକା ସୁପର୍ ୩୦୦ ଟାଇଟଲ୍ ଜିତିବାରେ ଭାରତର ତୃତୀୟ ମହିଳା ଖେଳାଳି ହୋଇଛନ୍ତି। ଏହା ପୂର୍ବରୁ ଏହି ଉପଲବ୍ଧି କେବଳ ପିଭି ସିନ୍ଧୁ ଓ ସାଇନା ନେହ୍ୱାଲ୍‌ଙ୍କ ନାମରେ ଥିଲା।

## ପାକିସ୍ତାନକୁ ମହଙ୍ଗା ପଡ଼ିବ ଡ୍ରାମାବାଜି

# କଠୋର କାର୍ଯ୍ୟାନୁଷ୍ଠାନ ପ୍ରସ୍ତୁତିରେ ଆଇସିସି

- ପିଏସ୍‌ଏଲ୍‌ରେ ବିଦେଶୀ ଖେଳାଳିଙ୍କ ଭାଗିଦାରୀରେ ଲାଗିପାରେ ରୋକ୍
- ଆଇସିସି ରାଜସ୍ୱ ପୁଲ୍‌ରେ ହୋଇପାରେ ହ୍ରାସ
- ବ୍ରଡ୍‌କାଷ୍ଟର୍‌ଙ୍କୁ ଦେବାକୁ ପଡ଼ିବ କ୍ଷତିପୂରଣ



**ନୂଆଦିଲ୍ଲୀ,୨।୨/ଏଜେନ୍ସି:** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ରେ ଭାରତ ସହିତ ଖେଳିବାକୁ ମନା କରିବା ଏବେ ପାକିସ୍ତାନକୁ ମହଙ୍ଗା ପଡ଼ିପାରେ। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏବେ ଏହି ମାମଲାରେ ଏକ ବୈଠକ ଡାକିବାକୁ ପ୍ରସ୍ତୁତି ଚଳାଇଛି। ଏକ ସୂତ୍ର ଅନୁସାରେ ଆଇସିସି ବୋର୍ଡ ମଙ୍ଗଳବାର କିମ୍ବା ବୁଧବାର ବୈଠକ କରି ଏହି ପ୍ରସଙ୍ଗ ଉପରେ ଆଲୋଚନା ସହିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ଥିର କରିବ। ଯଦିଓ ପାକିସ୍ତାନ ସରକାର ରବିବାର ସୋସିଆଲ୍ ମିଡିଆ ଜରିଆରେ ଭାରତ ବିପକ୍ଷରେ ନଖେଳିବାକୁ ଘୋଷଣା କରିଛନ୍ତି, କିନ୍ତୁ ଆଇସିସି ସୂତ୍ର ଅନୁସାରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ଏ ସମ୍ବନ୍ଧରେ ବର୍ତ୍ତମାନ ସୁଦ୍ଧା କୌଣସି ଆଧିକାରିକ ପତ୍ର କିମ୍ବା ସୂଚନା ମିଳିନାହିଁ। ରବିବାର ସରକାରଙ୍କ ନିଷ୍ପତ୍ତି ସାର୍ବଜନୀନ ହେବାର କିଛି ଘଣ୍ଟା ପରେ ପାକିସ୍ତାନ କ୍ରିକେଟ୍ ଟିମ୍ କ୍ୟାପ୍ଟେନ୍ ସଲମାନ ଅଲୀ ଆଗା କହିଛନ୍ତି, ସିନିୟର୍ ଜାତୀୟ ଟିମ୍ ସରକାରଙ୍କ ନିଷ୍ପତ୍ତି ପାଳନ କରିବ। ସେ ଏହା ମଧ୍ୟ କହିଛନ୍ତି, ଏହି ମାମଲା କ୍ରିକେଟ୍ ବୋର୍ଡର ଅଧିକାର କ୍ଷେତ୍ରରେ ଆସୁନାହିଁ।

ଅନ୍ୟପକ୍ଷରେ ପିସିବି ଅଧ୍ୟକ୍ଷ ଏବଂ ପାକିସ୍ତାନର ଗୃହ ମନ୍ତ୍ରୀ ମୋହସିନ୍ ନକ୍‌ଭୀ ଏହି ପ୍ରସଙ୍ଗରେ ଏବେ ସୁଦ୍ଧା ମୁହଁ ବନ୍ଦ ରଖିଛନ୍ତି। ତେବେ ଏହା ପୂର୍ବରୁ ସେ ପୂରା ଟୁର୍ଣ୍ଣାମେଣ୍ଟ ବହିଷ୍କାର କରିବା କଥା କହିଥିଲେ, ଯାହା ଏବେ ବାଂଲାଦେଶ ସମର୍ଥନରେ କେବଳ ଭାରତ ବିପକ୍ଷ ମ୍ୟାଚ୍ ବୟକଟ୍‌ରେ ସୀମିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ବାଂଲାଦେଶ ସୁରକ୍ଷା କାରଣର ଦୁହାଇ ଦେଇ ଭାରତ ଯାତ୍ରାକୁ ମନା କରିଥିଲା। ଏହାପରେ ତାକୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ଦିଆଯାଇ ସ୍କଟ୍‌ଲାଣ୍ଡକୁ ସାମିଲ କରାଯାଇଛି।

ସୂତ୍ର ଅନୁସାରେ ଯଦି ପାକିସ୍ତାନ ଫେବୃଆରୀ ୧୫ରେ ଭାରତ ବିପକ୍ଷ ମ୍ୟାଚ୍ ନଖେଳେ, ତେବେ ଆଇସିସି କଡ଼ା ପ୍ରତିବନ୍ଧ ଲଗାଇପାରେ। ପଡ଼ିଆରେ ପାକିସ୍ତାନକୁ ଏହି ମ୍ୟାଚ୍ ପାଇଁ ୱାକ୍‌ଓଭର୍ ଦେବାକୁ ହେବ। ଫଳରେ ଟିମ୍‌କୁ ଦୁଇ ପଏଣ୍ଟ ହରାଇବାକୁ ପଡ଼ିବ ଏବଂ ତା'ର ନେଟ୍ ରନ୍‌ରେଟ୍ ମଧ୍ୟ ପ୍ରଭାବିତ ହେବ। ଅନ୍ୟପକ୍ଷରେ ପଡ଼ିଆ ବାହାରେ ଆଇସିସିର ପ୍ରତିବନ୍ଧ ପାକିସ୍ତାନ କ୍ରିକେଟ୍‌ର ଭବିଷ୍ୟତ ପାଇଁ ଗୁରୁତର ସଙ୍କଟ ସୃଷ୍ଟି କରିପାରେ। ପ୍ରଥମତଃ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ରେ ବିଦେଶୀ ଖେଳାଳିଙ୍କ ଅଂଶଗ୍ରହଣ ଉପରେ ରୋକ୍ ଲାଗିପାରେ।ଏହା ସହିତ ଲିଗ୍‌ର ଅନ୍ତର୍ଜାତୀୟ ମାନ୍ୟତା ଏବଂ ବ୍ୟବସାୟିକ ସମର୍ଥନ ମଧ୍ୟ ପ୍ରତ୍ୟାହୃତ ହୋଇପାରେ। ସେହିପରି ବହୁ ପରିମାଣରେ ପିସିବିର ଆର୍ଥିକ ନିର୍ଭରତା ଥିବା ଆଇସିସିର ରାଜସ୍ୱ ପୁଲ୍‌ରୁ ପାକିସ୍ତାନକୁ ମିଳିବାକୁ ଥିବା ଅର୍ଥରାଶିରେ ବହୁ ହ୍ରାସ ପାଇବ। ଏହା ବ୍ୟତୀତ ଭାରତ-ପାକିସ୍ତାନ ମ୍ୟାଚ୍ ନହେଲେ ଭାରୀ ରାଜସ୍ୱ କ୍ଷତିର ଭରଣା ପାଇଁ ବ୍ରଡ୍‌କାଷ୍ଟର୍‌ଙ୍କୁ କ୍ଷତିପୂରଣ ଦେବା ପାଇଁ ଆଇସିସି ନିର୍ଦ୍ଦେଶ ଦେବ। ଏସିଆ କପ୍‌ରୁ ବାଦ୍ ଦିଆଯିବା ସହିତ ପାକିସ୍ତାନ ସହିତ ଜଡ଼ିତ ସମସ୍ତ ଦ୍ୱିପାକ୍ଷିକ ସିରିଜ୍ ଉପରେ ରୋକ୍ ଲାଗିପାରେ।

ଏକ ଆଧିକାରିକ ବୟାନ୍‌ରେ ଆଇସିସି ପାକିସ୍ତାନକୁ ଏହି ସମ୍ଭାବିତ ପରିଣାମ ପ୍ରତି ସତର୍କ କରିବା ସହିତ ଅନ୍ତିମ ନିଷ୍ପତ୍ତି ନେବା ପୂର୍ବରୁ ଦୀର୍ଘକାଳୀନ ପ୍ରଭାବ ଉପରେ ବିଚାର କରିବାକୁ ପିସିବିକୁ ଅପିଲ୍ କରିଛି।

# ଇତିହାସ ରଚିଲେ ଜୋସ୍ ବଟ୍‌ଲର

## ୪୦୨ତମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବଡ଼ ଉପଲବ୍ଧି

**ପାଲ୍ଲେକେଲେ,୨।୨/ଏଜେନ୍ସି:** ଇଂଲଣ୍ଡର ଷ୍ଟାର୍ ୱିକେଟ୍‌କିପର୍ ବ୍ୟାଟର୍ ଜୋସ୍ ବଟ୍‌ଲର୍ ଇତିହାସ ରଚିଛନ୍ତି। ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍‌ର ଟି-୨୦ ଅନ୍ତର୍ଜାତୀୟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେରବିବାର ସେ କେବଳ ଏକ ପ୍ରମୁଖ ଇନିଂସ୍ ଖେଳିନାହାନ୍ତି, ବରଂ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଚତୁର୍ଥ ସର୍ବାଧିକ ରନ୍ ହାସଲକାରୀ ବ୍ୟାଟର୍ ମଧ୍ୟ ହୋଇଛନ୍ତି। ଏହି ମ୍ୟାଚ୍ ବଟ୍‌ଲର୍‌ଙ୍କ କ୍ୟାରିୟର୍‌ର ୪୦୨ତମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା ଏବଂ ଏହା ସହିତ ସେ ଇଂଲଣ୍ଡ କ୍ରିକେଟ୍‌ରେ ଆଉ ଏକ ବଡ଼ କୀର୍ତ୍ତିମାନ ନିଜ ନାମରେ କରିଛନ୍ତି।



ଦ୍ୱିତୀୟ ମ୍ୟାଚ୍‌ରେ ବଟ୍‌ଲର୍ ୨୯ ବଲ୍‌ରେ ୩୯ ରନ୍‌ର ଇନିଂସ୍ ଖେଳିଥିଲେ। ତାଙ୍କର ଏହି ଇନିଂସ୍ ବଳରେ ଇଂଲଣ୍ଡ ୬ ୱିକେଟ୍‌ରେ ଶ୍ରୀଲଙ୍କାକୁ ହରାଇ ସିରିଜ୍‌ରେ ୨-୦ ଅଜେୟ ଅଗ୍ରଣୀ ହାସଲ କରିଛି। ଏହି ମ୍ୟାଚ୍ ପରେ ଜୋସ୍ ବଟ୍‌ଲର୍‌ଙ୍କ ନାମରେ ଏବେ ୧୪୬ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୩୫.୩୬ ହାରାହାରିରେ ୩୯୨୫ ରନ୍ ହୋଇଛି। ଏହା ମଧ୍ୟରେ ଗୋଟିଏ ଶତକ ଏବଂ ୨୮ ଅର୍ଦ୍ଧଶତକ ସାମିଲ। ଏହା ସହିତ ସେ ବିଶ୍ୱର ଚତୁର୍ଥ ସର୍ବାଧିକ ରନ୍ ହାସଲକାରୀ ଟି-୨୦ ଅନ୍ତର୍ଜାତୀୟ ବ୍ୟାଟର୍ ହୋଇଛନ୍ତି। ପ୍ରଥମରୁ ହିଁ ବଟ୍‌ଲର୍ ଇଂଲଣ୍ଡର ସର୍ବାଧିକ ଟି-୨୦ ରନ୍ ହାସଲକାରୀ ବ୍ୟାଟର୍ ରହିଛନ୍ତି। ତାଙ୍କ ପରେ ପୂର୍ବତନ କ୍ୟାପ୍ଟେନ୍ ଇୟୋନ୍ ମୋର୍ଗାନ୍ ରହିଛନ୍ତି। ୧୧୫ ଟି-୨୦ ଅନ୍ତର୍ଜାତୀୟରେ ମୋର୍ଗାନ୍‌ଙ୍କ ନାମରେ ୨୪୫୮ରନ୍ ରହିଛି। ସେହିପରି ୩୫ ବର୍ଷୀୟ ବଟ୍‌ଲର୍ ଏହି ମ୍ୟାଚ୍ ସହିତ ଇଂଲଣ୍ଡ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା କ୍ରିକେଟ୍‌ର ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି। ଏହି ମାମଲାରେ ସେ ମହାନ୍ ଫାଷ୍ଟ ବୋଲର୍ ଜେମ୍ସ ଆଣ୍ଡରସନ୍ (୪୦୧)ଙ୍କୁ ପଛରେ ପକାଇ ଦେଇଛନ୍ତି। ଏବେ ଜୋସ୍ ବଟ୍‌ଲର୍‌ଙ୍କ ନାମରେ ଇଂଲଣ୍ଡ ପାଇଁ ୪୦୨ ଅନ୍ତର୍ଜାତୀୟ ରେକର୍ଡ ହୋଇଛି।

## ୱାର୍ମଅପ୍ ମ୍ୟାଚ୍‌ରେ ହାରିଲା ଆମେରିକା

# ଭାରତ-ଏ' ୩୮ ରନ୍‌ରେ ବିଜୟୀ

**ମୁମ୍ବାଇ,୨।୨/ଏଜେନ୍ସି:** ଆଇସିସି ଟି-୨୦ ବିଶ୍ୱକପ୍ ପୂର୍ବରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହୋଇଛି। ଆଜି ଖେଳାଯାଇଥିବା ୱାର୍ମଅପ୍ ମ୍ୟାଚ୍‌ରେ ଭାରତ-ଏ' ୩୮ ରନ୍‌ରେ ଆମେରିକାକୁ ହରାଇ ଦେଇଛି। ନଭି ମୁମ୍ବାଇର ଡିୱାଇ ପାଟିଲ୍ ସ୍ପୋର୍ଟ୍ସ ଏକାଡେମୀରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ-ଏ' ପ୍ରଥମେ ୩ ୱିକେଟ୍ ବିନିମୟରେ ୨୩୮ ରନ୍ କରିଥିଲା। ଜବାବରେ ଆମେରିକା ୧୯.୪ ଓଭର୍‌ରେ ୨୦୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।



ଲକ୍ଷ୍ୟର ପିଛା କରୁଥିବା ଆମେରିକା ପକ୍ଷରୁ ଆଣ୍ଡ୍ରିଜ୍ ଗୌସ୍ ଓ କ୍ୟାପ୍ଟେନ୍ ମୋନାଙ୍କ ପଟେଲ୍ ପ୍ରଥମ ୱିକେଟ୍ ପାଇଁ ୩୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ମାତ୍ର ମୋନାଙ୍କ ଆଉଟ୍ ପରେ ଟିମ୍ ଛୋଟ ଛୋଟ ପାର୍ଟନରଶିପ୍ କରିଥିଲେ ମଧ୍ୟ ନିୟମିତ ବ୍ୟବଦାନରେ ୱିକେଟ୍ ହରାଇଥିଲା। ଟିମ୍ ପକ୍ଷରୁ ଓପ୍ନର୍ ଆଣ୍ଡ୍ରିଜ୍ ଗୌସ୍ ସର୍ବାଧିକ ୪୪ ରନ୍ କରିଥିଲେ। ଏହା ବ୍ୟତୀତ ସଞ୍ଜୟ କୃଷ୍ଣମୂର୍ତ୍ତି ୧୮ ବଲ୍‌ରେ ୪୧ ରନ୍, ଶୁଭମ୍ ରଞ୍ଜନେ ୧୭ ବଲ୍‌ରେ ୨୮, ହରମିତ୍ ସିଂହ ୨୫ ଏବଂ ମହମ୍ମଦ ମୋହସିନ୍ ୨୧ ରନ୍ କରିଥିଲେ। ଭାରତ-ଏ' ପକ୍ଷରୁ ରବି ବିଷ୍ଣୋଇ ୩ଟି ୱିକେଟ୍ ନେଇଥିଲେ। ଖଲିଲ୍ ଅହମଦ ଓ ନମନ ଧୀରଙ୍କୁ ଦୁଇଟି ଲେଖାଏଁ ସଫଳତା ମିଳିଥିଲା।

ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ-ଏ' ୫୪ ରନ୍‌ର ସ୍କୋର୍‌ରେ ଓପ୍ନର୍ ପ୍ରିୟାଂଶ ଆର୍ଯ୍ୟା (୨୮)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଏନ୍. ଜଗଦୀଶନ୍ ତୃତୀୟ ନମ୍ବରରେ ବ୍ୟାଟିଂ ପାଇଁ ଆସିଥିବା ତିଳକ ବର୍ମାଙ୍କ ସହ ମିଶି ଦ୍ୱିତୀୟ ୱିକେଟ୍ ପାଇଁ ୫୫ ବଲ୍‌ରେ ୧୧୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ତିଳକ ବର୍ମା ୨୪ ବଲ୍‌ରେ ୩ ଚୌକା ଓ ୨ ଛକା ସହାୟତାରେ ୩୮ ରନ୍ କରି କ୍ୟାଚ୍ ଆଉଟ୍ ହୋଇଥିଲେ। ଏନ୍. ଜଗଦୀଶନ୍ ୫୫ ବଲ୍‌ରେ ୧୧ ଚୌକା ଓ ୪ ଛକା ସହାୟତାରେ ବିସ୍ଫୋରକ ୧୦୪ ରନ୍‌ର ଇନିଂସ୍ ଖେଳି ବିଦାୟ ନେଇଥିଲେ। ଏହାପରେ କ୍ୟାପ୍ଟେନ୍ ଆୟୁଷ ବଡ଼ୋନୀ ୨୬ ବଲ୍‌ରେ ୬ ଚୌକା ଓ ୪ ଛକା ସହାୟତାରେ ଦ୍ରୁତ ୬୦ ରନ୍ କରି ଟିମ୍‌ର ସ୍କୋର୍ ୨୩୮ ରନ୍‌ରେ ପହଞ୍ଚାଇଥିଲେ। ରିୟାନ୍ ପରାଗ ୨ ବଲ୍‌ରେ ୨ ରନ୍ କରି ବଡ଼ୋନୀଙ୍କ ସହ ଅପରାଜିତ ରହିଥିଲେ।

# ହରିଆଣା ଥଣ୍ଡର୍ସ ପ୍ରୋ ରେସ୍‌ଲିଂ ଲିଗ୍ ଚାମ୍ପିଅନ୍

**ନୋଏଡ଼ା,୨।୨/ଏଜେନ୍ସି:** ହରିଆଣା ଥଣ୍ଡର୍ସ ରୋମାଞ୍ଚକର ଫାଇନାଲ୍‌ରେ ଦିଲ୍ଲୀ ଦଙ୍ଗଲ୍ ୱାରିୟର୍ସକୁ ହରାଇ ପ୍ରୋ ରେସ୍‌ଲିଂ ଲିଗ୍ (ପିଡବ୍ଲ୍ୟୁଏଲ୍) ୨୦୨୬ ଟାଇଟଲ୍ ନିଜ ନାମରେ କରିଛି। ରବିବାର ନୋଏଡାର ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମହାମୁକାବିଲାର ନିଷ୍ପତ୍ତି ଅନ୍ତିମ ବାଉଟ୍ ପର୍ଯ୍ୟନ୍ତ ଯାଇଥିଲା ଏବଂ ହରିଆଣା ଥଣ୍ଡର୍ସ ୫-୪ରେ ବିଜୟ ହାସଲ କରିଥିଲା। ଫାଇନାଲ୍‌ର ୮ ମୁକାବିଲା ପରେ ଦୁଇ ଟିମ୍ ୪-୪ର ସମାନ ସ୍ଥିତିରେ ଥିଲେ। ଟାଇଟଲ୍‌ର ନିଷ୍ପତ୍ତି ମହିଳା ୬୨ କେଜି ବର୍ଗର ନିର୍ଣ୍ଣାୟକ ମୁକାବିଲାରେ ହୋଇଥିଲା। ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଇରିନା କୋଲିୟାର୍ଡେଙ୍କୋ ଚମତ୍କାର ପ୍ରଦର୍ଶନ କରି ହରିଆଣା ଥଣ୍ଡର୍ସକୁ ୫-୪ରେ ଚାମ୍ପିଅନ୍ କରାଇଥିଲେ। ଚାମ୍ପିଅନ୍ ହରିଆଣା ଥଣ୍ଡର୍ସକୁ ପିଡବ୍ଲ୍ୟୁଏଲ୍୨୦୨୬ ଟ୍ରଫି ସହିତ୧.୫ କୋଟି ଟଙ୍କା ପୁରସ୍କାର ରାଶି ମିଳିଛି। ଅନ୍ୟପକ୍ଷରେ ଉପବିଜେତା ଦିଲ୍ଲୀ ଦଙ୍ଗଲ୍ ୱାରିୟର୍ସକୁ ୭୫ ଲକ୍ଷ ଟଙ୍କାରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।




## ଟି-୨୦ ବିଶ୍ୱକପ୍ ପାଇଁ ଶ୍ରୀଲଙ୍କାର ଚୂଡ଼ାନ୍ତ ଟିମ୍

# ଫେରିଲେ କାମିନ୍ଦୁ, ଧନଞ୍ଜୟ ବାଦ୍

**କଲମ୍ବୋ,୨।୨/ଏଜେନ୍ସି:** ଶ୍ରୀଲଙ୍କା ଟି-୨୦ ବିଶ୍ୱକପ୍ ପାଇଁ ଚୂଡ଼ାନ୍ତ ସ୍କ୍ୱାଡ୍ ଜାରି କରିଛି। ଇଂଲଣ୍ଡ ବିପକ୍ଷରେ ଟି-୨୦ ଖେଳୁଥିବା ଧନଞ୍ଜୟ ଡି ସିଲ୍‌ଭାଙ୍କୁ ବାଦ୍ ଦେଇ କାମିନ୍ଦୁ ମେଣ୍ଡିସ୍‌ଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ରବିବାର ଇଂଲଣ୍ଡ ବିପକ୍ଷରେ ମ୍ୟାଚ୍ ବେଳେ ଆହତ ହୋଇଥିବା ଫାଷ୍ଟ ବୋଲର୍ ଈଶାନ୍ ମାଲିଙ୍ଗା ମଧ୍ୟ ଟିମ୍‌ରେ ଅଛନ୍ତି। ଅଲ୍‌ରାଉଣ୍ଡର୍ ଦାସନ୍ ଶନାକା ଟିମ୍‌ର ନେତୃତ୍ୱ କରିବେ। ଟୁର୍ଣ୍ଣାମେଣ୍ଟ ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବ। କାମିନ୍ଦୁ ମେଣ୍ଡିସ୍ ଇଂଲଣ୍ଡ ଓ ପାକିସ୍ତାନ ବିପକ୍ଷ ଗତ ଟି-୨୦ ସିରିଜ୍‌ର ଅଂଶବିଶେଷ ନଥିଲେ। ୨୦୨୫ରେ ତାଙ୍କ ଫର୍ମ ବହୁତ ଖରାପ ଥିଲା। ଖାସ୍ ବିଷୟ ହେଉଛି ସେ ଦୁଇ ହାତରେ ସ୍ପିନର୍ ବୋଲିଂ କରିପାରନ୍ତି। ସେହିପରି ଧନଞ୍ଜୟ ଡି ସିଲ୍‌ଭାଙ୍କୁ ବାହାର କରାଯିବା ପରେ ଏବେ ୨୩ ବର୍ଷୀୟ ବାମହାତୀ ସ୍ପିନ୍ ଅଲ୍‌ରାଉଣ୍ଡର୍ ଦୁନିଥ୍ ୱେଲ୍ଲାଲାଗେଙ୍କୁ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇପାରେ। ଦିନିକିଆ ଟିମ୍‌ରେ ସେ ନିୟମିତ ସଦସ୍ୟ ଥିଲେ ମଧ୍ୟ ଟି-୨୦ରେ ନିଜ ସ୍ଥାନ ସୁନିଶ୍ଚିତ କରିପାରି ନଥିଲେ। ଅବଶ୍ୟ ଫ୍ରାଞ୍ଚାଇଜି ଲିଗ୍‌ରେ ତାଙ୍କର ଟି-୨୦ ଖେଳିବା ଅନୁଭବ ରହିଛି। ସେ ଏମର୍ଜିଂ ଏସିଆ କପ୍‌ରେ ଶ୍ରୀଲଙ୍କା-ଏ' ଟିମ୍‌ର ନେତୃତ୍ୱ କରିଥିଲେ। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ଶତକ ହାସଲ କରିଥିବା ପବନ ରତ୍ନାୟକେଙ୍କୁ ମଧ୍ୟ ବିଶ୍ୱକପ୍ ଟିମ୍‌ରେ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଫାଷ୍ଟ ବୋଲର୍ ପ୍ରମୋଦ ମଦୁସନ୍‌ଙ୍କୁ ବାହାର କରିଦିଆଯାଇଛି। ଶ୍ରୀଲଙ୍କା ଫେବୃଆରୀ ୮ରେ ଆୟର୍ଲାଣ୍ଡ ବିପକ୍ଷରୁ ବିଶ୍ୱକପ୍ ଅଭିଯାନ କରିବ। ଟିମ୍ ଘରୋଇ ପଡ଼ିଆରେ ବିଶ୍ୱକପ୍‌ରେ ନିଜର ସମସ୍ତ ମ୍ୟାଚ୍ ଖେଳିବ।



**ଶ୍ରୀଲଙ୍କା ସ୍କ୍ୱାଡ୍:** ଦାସୁନ୍ ଶନାକା (କ୍ୟାପ୍ଟେନ୍), ପାଥମ ନିସଙ୍କା, କମିଲ ମିଶାରା, କୁସଲ ମେଣ୍ଡିସ୍, କୁସଲ ପରେରା, ଚରିଥ୍ ଅସଲଙ୍କା, କାମିନ୍ଦୁ ମେଣ୍ଡିସ୍, ଜାନିଥ୍ ଲାୟାନାଗେ, ପବନ ରତ୍ନାୟକେ, ସୁନିଥ୍ ୱେଲ୍ଲାଲାଗେ, ୱାନିନ୍ଦୁ ହସରଙ୍ଗା, ମହୀଶ ତୀକ୍ଷ୍ଣା, ଦୁଷ୍ମନ୍ତ ଚମିରା, ମଥିଶ ପାଥିରାନା ଓ ଈଶାନ୍ ମାଲିଙ୍ଗା।

## ୧୩ ବର୍ଷରୁ କମ୍ ଅସ୍ମିତା ଜୋନାଲ୍ ଫୁଟ୍‌ବଲ୍

# ଶେଷ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**କଟକ,୨।୨/ଏନ୍‌ଏନ୍‌ଏସ୍:** ୧୩ ବର୍ଷରୁ କମ୍ ଅସ୍ମିତା ଜୋନାଲ୍ ଫୁଟ୍‌ବଲ୍ ଲିଗ୍‌ର ଶେଷ ମ୍ୟାଚ୍‌ରେ ଓଡ଼ିଶା ବାଳିକା ଟିମ୍ ପରାଜିତ ହୋଇଛି। ଗୁଜରାଟର ଏମ୍‌କେ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ୍ ପଡ଼ିଆରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଝାଡ଼ଖଣ୍ଡ ୧-୦ ଗୋଲ୍‌ରେ ଓଡ଼ିଶାକୁ ହରାଇ ଦେଇଛି। ମ୍ୟାଚ୍‌ର ନିର୍ଣ୍ଣାୟକ ଗୋଲ୍‌ଟି ଝାଡ଼ଖଣ୍ଡ କ୍ୟାପ୍ଟେନ୍ ଶିବାନୀ କୁମାର ୮ମ ମିନିଟ୍‌ରେ ସ୍କୋର୍ କରିଥିଲେ। ଓଡ଼ିଶା ଖେଳାଳିମାନେ ଶୃଙ୍ଖଳାଗତ ଭାବେ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ ମଧ୍ୟ ଟିମ୍‌କୁ ପରାଜୟରୁ ବର୍ତ୍ତିପାରି ନଥିଲେ। ଏହି ଲିଗ୍‌ରୁ ଲାଭ କରିଥିବା ଶିକ୍ଷା ଆଗାମୀ ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶା ଖେଳାଳିଙ୍କୁ ଉନ୍ନତ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିବ।

## ଟି-୨୦ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍ କାର୍ଯ୍ୟସୂଚୀ ଘୋଷିତ

# ସାଉଥ୍ ଆଫ୍ରିକା ସହ ଖେଳିବ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ,୨।୨/ଏଜେନ୍ସି:** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ୱାର୍ମଅପ୍ ମ୍ୟାଚ୍ କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଏହି ମ୍ୟାଚ୍ ଫେବୃଆରୀ ୨ରୁ ୬ ତାରିଖ ମଧ୍ୟରେ ୭ ଭିନ୍ନ ଭିନ୍ନ ପଡ଼ିଆରେ ଖେଳାଯିବ। ଇଂଲଣ୍ଡ ଟିମ୍

### ଇଣ୍ଡିଆ-ଏ' ଟିମ୍‌ରେ ତିଳକ ବର୍ମା

ୱାର୍ମଅପ୍ ମ୍ୟାଚ୍‌ରେ ଭାଗ ନେବନାହିଁ। ତେବେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ସାଉଥ୍ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ୍ ପରି ଟିମ୍ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଭାରତୀୟ ଟିମ୍ ମଧ୍ୟ ଗୋଟିଏ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଫେବୃଆରୀ ୪ ତାରିଖରେ ସାଉଥ୍ ଆଫ୍ରିକା ବିପକ୍ଷରେ ମୁମ୍ବାଇର ଡିୱାଇଁ ପାଟିଲ୍ ଷ୍ଟାଡିୟମ୍‌ରେ ଖେଳାଯିବ। ଶେଷ ଦୁଇଟି ୱାର୍ମଅପ୍ ମ୍ୟାଚ୍‌ରେ ଇଣ୍ଡିଆ-ଏ' ଟିମ୍ ଅଂଶଗ୍ରହଣ କରିବ।



ୱାର୍ମଅପ୍ ମ୍ୟାଚ୍ ପାଇଁ ବିସିସିଆଇ ଇଣ୍ଡିଆ-ଏ' ଟିମ୍‌ର ଘୋଷଣା ମଧ୍ୟ କରିଛି। ଏହାର ନେତୃତ୍ୱରେ ଆୟୁଷ ବଡ଼ୋନୀ କରିବେ। ତିଳକ ବର୍ମା ମଧ୍ୟ ଏହି ଟିମ୍‌ର ସଦସ୍ୟ ଅଛନ୍ତି। ସେ ଅତିକମ୍‌ରେ ଗୋଟିଏ ମ୍ୟାଚ୍ ଖେଳି ନିଜ ଫିଟ୍‌ନେସ୍ ସାବ୍ୟସ୍ତ କରିବେ। ତିଳକ ବର୍ମା ବିଜୟ ହଜାରେ ଟ୍ରଫି ଅବସରରେ ଆହତ ହୋଇଥିଲେ।

ୱାର୍ମଅପ୍ ମ୍ୟାଚ୍‌ର ଆରମ୍ଭ ଆଫଗାନିସ୍ତାନ ଓ ସ୍କଟ୍‌ଲାଣ୍ଡ ମ୍ୟାଚ୍ ସହ ହେବ। ଏହି ମ୍ୟାଚ୍ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସର ଗ୍ରାଉଣ୍ଡ-୧ରେ ଖେଳାଯିବ। ଅନ୍ୟପକ୍ଷରେ ମୁମ୍ବାଇର ଡିୱାଇ ପାଟିଲ୍ ଷ୍ଟାଡିୟମ୍‌ରେ ଇଣ୍ଡର-ଏ' ଟିମ୍ ଆମେରିକା ସହ ଖେଳିବ। ପ୍ରଥମ ଦିନ କାନାଡା ଓ ଇଟାଲୀ ମ୍ୟାଚ୍ ଚେନ୍ନାଇରେ ଖେଳାଯିବ। ସମସ୍ତ ୱାର୍ମଅପ୍ ମ୍ୟାଚ୍‌ର ଭିଡିଓ ହାଇଲାଇଟ୍ସ ଆଇସିସିର ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ। ଭାରତ ଓ ସାଉଥ୍ ଆଫ୍ରିକା ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଷ୍ଟାର୍ ସ୍ପୋର୍ଟ୍ସ ଏବଂ ଜିଓ ହଟ୍‌ଷ୍ଟାର୍‌ରେ ହେବ। ଏହା ବ୍ୟତୀତ ପ୍ରଶଂସକ ଏହିମ୍ୟାଚ୍ ଆଇସିସି ଟିଭିରେ ମାଗଣା ଦେଖିପାରିବେ।

**ଇଣ୍ଡିଆ-ଏ' ଟିମ୍:** ଆୟୁଷ ବଡ଼ୋନୀ (କ୍ୟାପ୍ଟେନ୍), ନମନ ଧୀର, ଆଶତୋଷ ଶର୍ମା, ପ୍ରିୟାଂଶ ଆର୍ଯ୍ୟ, ଏନ୍. ଜଗଦୀଶନ୍ (ୱିକେଟ୍‌କିପର୍), ତିଳକ ବର୍ମା, ରିୟାନ୍ ପରାଗ, ମାନବ ସୁଥାର, ଅଶୋକ ଶର୍ମା, ଉର୍ଭିଲ୍ ପଟେଲ୍ (ୱିକେଟ୍‌କିପର୍), ଗୁରଜପନୀତ୍ ସିଂହ, ବିପରାଜ ନିଗମ, ରବି ବିଷ୍ଣୋଇ, ଖଲିଲ୍ ଅହମଦ ଏବଂ ମୟଙ୍କ ଯାଦବ।

# ମୁମ୍ବାଇ ରଣଜୀ ଟିମ୍‌କୁ ଫେରିଲେ ଯଶସ୍ୱୀ, ଶାର୍ଦ୍ଦୁଳ

**ମୁମ୍ବାଇ,୨।୨/ଏଜେନ୍ସି:** କର୍ଣ୍ଣାଟକ ବିପକ୍ଷ ହାଇଭୋଲ୍‌ଟେଜ୍ କ୍ୱାର୍ଟର୍ ଫାଇନାଲ୍ ପୂର୍ବରୁ ଯଶସ୍ୱୀ ଜୟସ୍ୱାଲ୍ ଏବଂ କ୍ୟାପ୍ଟେନ୍ ଶାର୍ଦ୍ଦୁଳ ଠାକୁର ମୁମ୍ବାଇ ରଣଜୀ ଟିମ୍‌କୁ ଫେରିଛନ୍ତି। ଫେବୃଆରୀ ୬ରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ପାଇଁ ମୁମ୍ବାଇ ନିଜର ୧୬ ଜଣିଆ ଟିମ୍‌ରେ ଦୁଇଟି ପରିବର୍ତ୍ତନ କରିଛି। ଶାର୍ଦ୍ଦୁଳ ଠାକୁର ଆହତ କାରଣରୁ ସିଜନ୍‌ର ଲିଗ୍ ପର୍ଯ୍ୟାୟରେ କେତେକ ମ୍ୟାଚ୍ ଖେଳିପାରି ନଥିଲେ। ଏବେ ସେ ଟିମ୍‌ର ନେତୃତ୍ୱ ନେବେ। ଅନ୍ୟପକ୍ଷରେ ଯଶସ୍ୱୀ ଜୟସ୍ୱାଲ୍ କାହିଁକି ଟିମ୍‌ରୁ ବାହାରେ ଥିଲେ ଏହାର କୌଣସି ଆଧିକାରିକ ସୂଚନା ଜଣାପଡ଼ିନାହିଁ। ଅନ୍ତର୍ଜାତୀୟ ଦାୟିତ୍ୱରୁ ମୁକ୍ତ ଥିଲେ ମଧ୍ୟ ଯଶସ୍ୱୀ ଗତ କେତେକ ମ୍ୟାଚ୍ ଖେଳିନଥିବାରୁ ଏହାକୁ ନେଇ ଏମ୍‌ସିଏ ମଧ୍ୟ ଅସନ୍ତୁଷ୍ଟ ଥିଲା। ଚଳିତ ସିଜନ୍‌ରେ ସେ କେବଳ ଗୋଟିଏ ମ୍ୟାଚ୍ ଖେଳିଥିଲେ।



ରାଜସ୍ଥାନ ବିପକ୍ଷ ଏହି ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ସେ ମୋଟ ୨୨୩ ରନ୍ କରିଥିଲେ। ପ୍ରଥମ ଇନିଂସ୍‌ରେ ୬୭ ଏବଂ ଦ୍ୱିତୀୟ ଇନିଂସ୍‌ରେ ସେ ୧୫୬ ରନ୍ କରିଥିଲେ। ଏବେ ନକ୍‌ଆଉଟ୍ ମ୍ୟାଚ୍‌ରେ ଯଶସ୍ୱୀ ସେହି ପ୍ରକାର ପ୍ରଦର୍ଶନ କରିବାକୁ ଚାହିଁବେ। ସେ ମୁମ୍ବାଇ ପକ୍ଷରୁ ଗତ ରଣଜୀ ଟ୍ରଫି ମ୍ୟାଚ୍ ମଧ୍ୟ ଖେଳିନଥିଲେ। ସେ କେବଳ ସିଲେକ୍ଟିଭ୍ ମ୍ୟାଚ୍ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ନେଇ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ତାଙ୍କ ଉପରେ ଅସନ୍ତୁଷ୍ଟ ଥିଲା। ଅବଶ୍ୟ ସେ ସମ୍ପୂର୍ଣ୍ଣ ଫିଟ୍ ନଥିବା ଖବର ଶୁଣିବାକୁ ମିଳିଥିଲା ଏବଂ ଡାକ୍ତର ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇସାରିଛନ୍ତି ଏବଂ ମୁମ୍ବାଇ ଟିମ୍‌କୁ ମଧ୍ୟ ତାଙ୍କର ପ୍ରତ୍ୟାବର୍ତ୍ତନ ଘଟିଛି।

ମୁମ୍ବାଇ ରଣଜୀ ସ୍କ୍ୱାଡ୍: ଶାର୍ଦ୍ଦୁଳ ଠାକୁର (କ୍ୟାପ୍ଟେନ୍), ଯଶସ୍ୱୀ ଜୟସ୍ୱାଲ୍, ମୁଶୀର ଖାନ୍, ଅଖିଳ ହେରୱାଡ଼କର୍, ସିଦ୍ଧେଶ ଲାଡ୍, ସରଫରାଜ୍ ଖାନ୍, ଆକାଶ ଆନନ୍ଦ (ୱିକେଟ୍‌କିପର୍), ହାର୍ଦ୍ଦିକ ତାମୋରେ (ୱିକେଟ୍‌କିପର୍), ସାଇରାଜ ପାଟିଲ୍, ଶମ୍ସ ମୁଲାନୀ, ତନୁଷ କୋଟିୟାନ୍, ତୁଷାର ଦେଶପାଣ୍ଡେ, ମୋହିତ ଅବସ୍ଥି, ଓଁକାର ତରମାଲେ, ଦିବ୍ୟେଶ ସାକ୍ସେନା ଏବଂ ସୂର୍ଯ୍ୟାଂଶ ଶେଗଡେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra